cmyk cmyk cmyk

78th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ❑ ସଂଖ୍ୟା-୩୫୦ ● କଟକ ● ଶୁକ୍ରବାର ● ୨୫ ଜୁଲାଇ-୨୦୨୫ ● କର୍କଟ-୧୪ ● ସାଲ୍-୧୪୩୧
CUTTACK ● FRIDAY ● 25 JULY-2025 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା

# ଭାରତ-ବ୍ରିଟେନ ମୁକ୍ତ ବାଣିଜ୍ୟ ଚୁକ୍ତି

## ଲଣ୍ଡନରେ ମୋଦୀ ଓ ଷ୍ଟାର୍‌ମରଙ୍କ ସାକ୍ଷାତ

**ଲଣ୍ଡନ,(ଏଜେନ୍ସି):** ଭାରତ ଓ ବ୍ରିଟେନ ମଧ୍ୟରେ ହୋଇଛି ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତି। ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ବ୍ରିଟେନ ପ୍ରତିପକ୍ଷ କେର ଷ୍ଟାର୍‌ମରଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ମୁକ୍ତ ବାଣିଜ୍ୟ ଚୁକ୍ତି ବା ଏଫ୍‌ଟିଏ ଦ୍ୱାରା ଦ୍ୱିପାକ୍ଷିକ ବ୍ୟବସାୟ ବାର୍ଷିକ ୩୪ ବିଲିୟନ ଡଲାରକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ୨୦୩୦ ସୁଦ୍ଧା ଦୁଇଦେଶ ମଧ୍ୟରେ ବ୍ୟବସାୟିକ ସମ୍ପର୍କ ପୂର୍ବାପେକ୍ଷା ୨ଗୁଣା ବଢ଼ିବ। ୨୦୨୦ରେ ୟୁରୋପୀୟ ୟୁନିୟନ୍‌ରୁ ବାହାରିବା ପରେ ବ୍ରିଟେନ କୌଣସି ଦେଶ ସହ ଏତେ ବଡ଼ ଚୁକ୍ତି କରିଛି। ଏହି ଡିଲ୍‌ରେ ଭାରତର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲ ଓ ତାଙ୍କ ବ୍ରିଟେନ ପ୍ରତିପକ୍ଷ ଜୋନାଥନ ରେନୋଲ୍ଡ୍‌ସ ଦସ୍ତଖତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଓ ଷ୍ଟାର୍‌ମର ଲଣ୍ଡନରେ ଦ୍ୱିପାକ୍ଷିକ ଆଲୋଚନା କରିବା ପରେ ଦୁଇଦେଶ ମଧ୍ୟରେ ଏଫ୍‌ଟିଏ ହୋଇଛି। ଐତିହାସିକ ଚୁକ୍ତି ପରେ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଏଫ୍‌ଟିଏ ଭାରତ ଓ ବ୍ରିଟେନ ମଧ୍ୟରେ ଥିବା ସମୃଦ୍ଧିର ପରିଚୟ। ଏହି ଡିଲ୍ ଦ୍ୱିପାକ୍ଷିକ ବ୍ୟବସାୟକୁ ୩୪ ଅରବ ଆମେରିକୀୟ ଡଲାରକୁ ବୃଦ୍ଧି କରିବାର ଆଶାରହିଛି। ମୋଦୀ କହିଛନ୍ତି, "ଆଜି ଆମ ସମ୍ପର୍କରେ ଗୋଟିଏ ଐତିହାସିକ ଦିନ। ବହୁ ବର୍ଷର କଠିନ ପରିଶ୍ରମ ପରେ ଆଜି ଦୁଇ ଦେଶ ମଧ୍ୟରେ ବ୍ୟାପକ ଆର୍ଥିକ ଓ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବା ମୋତେ ଆନନ୍ଦିତ କରିଛି। ଗୋଟିଏ ପଟେ ଭାରତର କପଡ଼ା, ଜୋତା, ରତ୍ନ ଅଳଙ୍କାର, ସାମୁଦ୍ରିକ ଖାଦ୍ୟ ଓ ଇଞ୍ଜିନିୟରିଂ ସାମଗ୍ରୀ ଗୁଡ଼ିକୁ ବ୍ରିଟେନ ବଜାରରେ ପ୍ରବେଶ ପାଇଁ ଭଲ ସୁଯୋଗ



ମିଳିବ। ଭାରତର କୃଷି ଉତ୍ପାଦ ଓ ପ୍ରୋସେସ୍‌ଡ ଖାଦ୍ୟ ଶିଳ୍ପପାଇଁ ବ୍ରିଟେନ ମାର୍କେଟରେ ନୂଆ ସୁଯୋଗ ସୃଷ୍ଟିକରିବ। ଏହି ଚୁକ୍ତି ଭାରତୀୟ ଯୁବଗୋଷ୍ଠୀ, ଚାଷୀ, ମତ୍ସ୍ୟଜୀବୀ ଓ ଏମଏସ୍‌ଏମଇ କ୍ଷେତ୍ରକୁ ବିଶେଷ ରୂପରେ ଫାଇଦା ଦେବ।" ଭାରତର ସାଧାରଣ ଲୋକେ ଓ ଉଦ୍ୟୋଗଗୁଡ଼ିକ ବ୍ରିଟେନ ନିର୍ମିତ ସାମଗ୍ରୀଗୁଡ଼ିକୁ ସହଜରେ ପାଇପାରିବେ। ବିଶେଷ କରି ମେଡିକାଲ୍ ଡିଭାଇସ ଓ ଏରୋସ୍ପେଶ ଅଂଶବିଶେଷ ବେଶ୍ ଶସ୍ତାରେ ମିଳିପାରିବ ବୋଲି ମୋଦୀ କହିଛନ୍ତି। ଷ୍ଟାର୍‌ମର ମଧ୍ୟ ଏଫ୍‌ଟିଏ ଉଭୟ ଭାରତ ଓ ବ୍ରିଟେନକୁ ବଡ଼ ଧରଣର ଫାଇଦା ଦେବ ବୋଲି କହିଛନ୍ତି।



- ❑ ବାର୍ଷିକ ବାଣିଜ୍ୟ ୨୫.୫ ବିଲିଅନ୍ ପାଉଣ୍ଡକୁ ବୃଦ୍ଧି ହେବ
- ❑ ଭାରତର କପଡ଼ା ଓ ସି-ଫୁଡ୍‌କୁ ବ୍ରିଟେନ ମାର୍କେଟ୍‌ରେ ମିଳିବ ଗୁରୁତ୍ୱ
- ❑ ୟୁକେର ସାମଗ୍ରୀ ଭାରତରେ ଶସ୍ତାରେ ହେବ ଉପଲବ୍ଧ: ମୋଦୀ
- ❑ ବ୍ରିଟେନର ଦ୍ୱିତୀୟ ସର୍ବବୃହତ୍ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା

# ୧୩ ଆଇଏଏସ୍‌ଙ୍କୁ ମିଳିଲା ନୂଆ ଦାୟିତ୍ୱ

**ଭୁବନେଶ୍ୱର,(ପିପିଏସ୍):** ରାଜ୍ୟ ସରକାର ଗୁରୁବାର ପୁଣିଥରେ ଆଇଏଏସ୍ ଅଫିସରସ୍ତରରେ ଅଦଳବଦଳ କରିବା ସହ ୧୩ଜଣ ଆଇଏଏସଙ୍କୁ ନୂଆ ଦାୟିତ୍ୱ ଦେଇଛନ୍ତି। ଦୁଇଦିନ ତଳେ ଜାରି ହୋଇଥିବା ୪୭ଜଣିଆ ଆଇଏଏସ୍ ଅଫିସରଙ୍କ ବଦଳି ତାଲିକାର ଏହା ସଂଶୋଧିତ ସଂସ୍କରଣ ବୋଲି କୁହାଯାଉଛି । ପୂର୍ବ ବଦଳି ସମୟରେ ଯେଉଁ କିଛି ପ୍ରଶାସନିକ ତ୍ରୁଟି ରହିଥିଲା ତାକୁ ସୁଧାରି ରାଜ୍ୟ ସରକାର ଏହି ବଦଳି ତାଲିକା ଜାରି କରିଥିବା ଜଣାପଡ଼ିଛି। ୨୦୨୩ ବ୍ୟାଚ୍‌ର ୮ଜଣ ଆଇଏଏସ୍‌ଙ୍କୁ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି । ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରିହୋଇଛି। ରାଜେଶ ପ୍ରଭାକର ପାଟିଲ- ସମବାୟ ବିଭାଗ ସଚିବ ସହ ରାଜ୍ୟ ପଣ୍ୟାଗାର ନିଗମର ଅଧ୍ୟକ୍ଷ ଓ ଗୃହ-ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ (ଅତିରିକ୍ତ ଦାୟିତ୍ୱ) ତୁଲାଇବେ। ବିଜୟ କେତନ ଉପାଧ୍ୟାୟ - ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଦାୟିତ୍ୱରେ ରହିବେ। ସେ ଏବେ ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ସେହିଭଳି ସମର୍ଥ ବର୍ମା- ରାଜ୍ୟ କ୍ଷୁଦ୍ର ଖଣିଜ ନିର୍ଦ୍ଦେଶକ ସହ ଓଡ଼ିଶା ଫିଲ୍ମ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ନିର୍ଦ୍ଦେଶକ, କ୍ଷୁଦ୍ର ଖଣିଜ, ଭୁବନେଶ୍ୱର ଦୀପଙ୍କର ମହାପାତ୍ର- ଓଡ଼ିଶା ହକି ପ୍ରମୋସନ କାଉନସିଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ହୋଇଛନ୍ତି। ଟ୍ରେନିଂରୁ ଫେରିଥିବା ୨୦୨୩ ବ୍ୟାଚ୍‌ର ୮ଜଣ ଆଇଏଏସ୍ ଅଫିସରଙ୍କୁ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି। ଆଇଏଏସ୍ ପ୍ରେକ୍ଷା ଅଗ୍ରୱାଲଙ୍କୁ ଧର୍ମଗଡ଼ ଉପଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଆଇଏଏସ୍ ପ୍ରଣୀତା ଦାଶଙ୍କୁ ବାଲିଗୁଡ଼ା ଉପଜିଲ୍ଲାପାଳ, କସ୍ତୁରୀ ପଣ୍ଡାଙ୍କୁ ପଞ୍ଚପୀଢ଼-କରଞ୍ଜିଆ ଉପଜିଲ୍ଲାପାଳ, ଅଭିଷେକ ଦିଲୀପ ଦୁଧାଲଙ୍କୁ ଗୁଣୁପୁର ଉପଜିଲ୍ଲାପାଳ, ଆସ୍ମି ଏ ଏଲଙ୍କୁ ନବରଙ୍ଗପୁର ଉପଜିଲ୍ଲାପାଳ, ସି. ସରଭାନନ୍‌ଙ୍କୁ କୁଚିଣ୍ଡା ଉପଜିଲ୍ଲାପାଳ, ତେଜସ୍ୱିନୀ ବେହେରାଙ୍କୁ ସୁନ୍ଦରଗଡ଼ ଉପଜିଲ୍ଲାପାଳ, ଶିବ ମାଳବୀୟଙ୍କୁ ଆନନ୍ଦପୁର ଉପଜିଲ୍ଲାପାଳ, ଅବିନାଶ କୁମାରଙ୍କୁ ବ୍ରହ୍ମପୁର ଉପଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି।

## ପୁଣି ଅଦଳବଦଳ

# ସୃଷ୍ଟିହେଲା ଲଘୁଚାପ କ୍ଷେତ୍ର ଅତି ପ୍ରବଳ ବର୍ଷିବ


**ଭୁବନେଶ୍ୱର,(ପିପିଏସ୍):** ଉତ୍ତର ବଙ୍ଗୋପସାଗରରେ ଆଜି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟିହୋଇଛି। ଆସନ୍ତା ୨୪ଘଣ୍ଟାରେ ଏହା ଉତ୍ତରପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଉପକୂଳରେ ଏକ ସୁଦୃଶ୍ୟ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ୪୮ଘଣ୍ଟାରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ପଶ୍ଚିମବଙ୍ଗ ଓ ସଂଲଗ୍ନ ଉତ୍ତର ଓଡ଼ିଶା ଉପକୂଳକୁ ଗତି କରିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅପରାହ୍ନରେ ଜାରି କରାଯାଇଥିବା



ପ୍ରେସ୍ ରିଲିଜ୍‌ରେ ଉଲ୍ଲେଖ କରାଯାଇଛି। ଏହାର ପ୍ରଭାବରେ ଆସନ୍ତା ୨୮ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ, ପ୍ରବଳରୁ ଅତି ପ୍ରବଳ ଓ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ, ଅରେଞ୍ଜ ଓ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଜୁଲାଇ ୨୫ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଅତ୍ୟନ୍ତ ପ୍ରବଳ ବର୍ଷା ସହିତ ବଜ୍ରପାତ ଓ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ମଧ୍ୟ ରହିଛି। ଏହି ସମୟ ମଧ୍ୟରେ କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର, କଟକ, ଢେଙ୍କାନାଳ, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହିତ ବଜ୍ରପାତ ଓ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ହେବାର ସମ୍ଭାବନା ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ଦେବଗଡ଼, ଅନୁଗୋଳ, ସୁନ୍ଦରଗଡ଼, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ବୌଦ୍ଧ ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବଲାଙ୍ଗିର, କଳାହାଣ୍ଡି, ଝାରସୁଗୁଡ଼ା, ବରଗଡ଼, ସୋନପୁର, ନୂଆପଡ଼ା, ଗଞ୍ଜାମ, ଗଜପତି, ରାୟଗଡ଼ା ଓ ପୁରୀ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୫ ତାରିଖ ସକାଳ ସାଢ଼େ ୮ଟାରୁ ୨୬ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ସହିତ ବଜ୍ରପାତ ଓ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ହେବାର ସମ୍ଭାବନା ଥିବାରୁ ରେଡ୍ ୱାର୍ଣ୍ଣିଂ ଜାରିହୋଇଛି।

# କୋଟିପତି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଗିରଫ

**ଭୁବନେଶ୍ୱର,(ପିପିଏସ୍):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକଙ୍କୁ ଗିରଫ କରିଛି ଭିଜିଲାନ୍ସ। ସେ ତାଙ୍କ ଆୟଠାରୁ ୧୪୮% ଅଧିକ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ବୁଧବାର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକଙ୍କ ଭୁବନେଶ୍ୱରସ୍ଥିତ ବାସଭବନ



## ୧୪୮% ଅଧିକ ସମ୍ପତ୍ତି


ସମେତ ମୋଟ୍ ୪ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ତାଙ୍କର ପୁଳାପୁଳା ସମ୍ପତ୍ତି ଠାବ କରାଯାଇଥିଲା। ଭୁବନେଶ୍ୱରର ବଡ଼ଗଡ଼ରେ ତାଙ୍କର ଏକ ତିନି ମହଲା କୋଠା ଅଛି। ସେହିପରି ଗୁଣୁପୁରରେ ତାଙ୍କର ଦୁଇଟି ବହୁତଳ କୋଠା ରହିଛି। ତାଙ୍କର ୩ଟି ଦାମୀ ପ୍ଲଟ୍ଅଛି। ସେଥିରୁ ୨ଟି ଭୁବନେଶ୍ୱରର ବଡ଼ଗଡ଼ ଅଞ୍ଚଳରେ ଓ ଅନ୍ୟଟି ଖଣ୍ଡଗିରି ଅଞ୍ଚଳରେ ରହିଛି। ଭୁବନେଶ୍ୱର ନିକଟସ୍ଥ ବାଲିଅନ୍ତା ତହସିଲର ରଣପୁର ମୌଜାରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କର ୧ଏକର ୫୭ଡିସିମିଲ ଜାଗାରେ ଏକ ଫାର୍ମ ହାଉସ୍ ରହିଛି। ଏହି ଫାର୍ମ ହାଉସରେ ତାଙ୍କର ଦୁଇଟି ଘର ଅଛି। ସେଥିରୁ ଗୋଟିଏ ଦୁଇ ମହଲା ବିଶିଷ୍ଟ। ତା' ସହିତ ଏକ ମାଛ ପୋଖରୀ ଅଛି। ଏହି ଫାର୍ମ ହାଉସରେ ସେ ନଡ଼ିଆ, କଦଳୀ, ଡ୍ରାଗନ ଫ୍ରୁଟ୍, ପିଜୁଳି, ଲେମ୍ବୁ, ଆମ୍ବ, ବ୍ଲାକ୍‌ବେରୀ ଓ ରକ୍ତ ଚନ୍ଦନ ଭଳି ଗଛ ଲଗାଇଛନ୍ତି। ଏଠାରେ ଗୋଟିଏ କୁକୁଡ଼ା ଫାର୍ମ ମଧ୍ୟ ଅଛି।

## ସାଥୀ ଖୋଜୁଛି କଂଗ୍ରେସ

# ଅନାସ୍ଥାରେ 'ଆସ୍ଥା' କମ୍ !

**ଭୁବନେଶ୍ୱର,(ପିପିଏସ୍):** ପିସିସି ସଭାପତିଙ୍କ ଅନାସ୍ଥା ପ୍ରସ୍ତାବକୁ ନେଇ ରାଜନୀତି ସରଗରମ ରହିଛି। କଂଗ୍ରେସ ଓ ବିଜେଡି ମିଶି ମୋହନ ସରକାରଙ୍କ ବିରୋଧରେ ବିଧାନସଭାରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ। ଯାହାକୁ ନେଇ ଏବେ ବୟାନବାଜି ବଢ଼ିବାରେ ଲାଗିଛି। ଏହାକୁ ନେଇ ବିଜେଡି ନେତା ଭୂପିନ୍ଦର ସିଂ କହିଛନ୍ତି, ଦଳର ଆଭିମୁଖ୍ୟ କ'ଣ ରହିବ ସେନେଇ ଦଳର ମୁଖ୍ୟ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ। ଅନାସ୍ଥା ପ୍ରସ୍ତାବ ଆସିଲେ ସରକାରଙ୍କ ଉପରେ ଅଧିକ ଚାପ ପଡ଼ିବ। ଅନ୍ୟପଟେ ଅନାସ୍ଥା ଚର୍ଚ୍ଚା ଉପରେ ଜୟପୁର ବିଧାୟକ ତଥା କଂଗ୍ରେସର ବରିଷ୍ଠ ନେତା ତାରା ବାହିନୀପତି ଟେର୍ଚ୍ଛାବାଣ ମାରିଛନ୍ତି। ତାରା କହିଛନ୍ତି, ଅନାସ୍ଥା ଆଣିବା ପାଇଁ ଆମ ପାଖରେ ସଂଖ୍ୟା ରହିଛି। ଆମେ ୧୪ ବିଧାୟକ ଓ ଆମ ସହ ଜଣେ ସିପିଆଇ ବିଧାୟକ ବି ଅଛନ୍ତି। ବିଜେଡି ସମର୍ଥନ ନ କଲେ ବିଜେପି ସହ ଅଛି ବୋଲି ଜଣାପଡ଼ିବ। ଅନାସ୍ଥା କାଟ୍ ଖାଇବ ନାହିଁ। ଭୋଟିଂ ପରେ ଜଣାପଡ଼ିବ। ପ୍ରକାଶ ଥାଉକି, ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣାକୁ ନେଇ ରାଜ୍ୟ ରାଜନୀତିରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସ ଏକ ପ୍ରେସମିଟ୍‌ରେ ରାଜ୍ୟ ସରକାରଙ୍କ ବିରୋଧରେ ତୀବ୍ର ଆକ୍ରମଣ କରି ବିଜୁ ଜନତା ଦଳ (ବିଜେଡି) ଅନାସ୍ଥା ପ୍ରସ୍ତାବ ଆଣିଲେ କଂଗ୍ରେସ ସମର୍ଥନ ଦେବ ବୋଲି ଘୋଷଣା କରିଛନ୍ତି। ସେ କହିଛନ୍ତି, ଯଦି ବିଜେଡି ନାରୀ ନ୍ୟାୟ ପାଇଁ ଆନ୍ତରିକତା ସହ ଲଢୁଛି, ତେବେ ସେମାନେ ବିଧାନସଭାରେ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣନ୍ତୁ। ଆମେ ତାହାକୁ ସମର୍ଥନ ଦେବୁ। ନଚେତ୍, ଆମେ ନିଜେ ଅନାସ୍ଥା ପ୍ରସ୍ତାବ ଆଣିବୁ ଏବଂ ବିଜେଡି ତାହାକୁ ସମର୍ଥନ ଦେଉ। ଭକ୍ତ ଦାସ ବାଲେଶ୍ୱର ଘଟଣାକୁ ଅତ୍ୟନ୍ତ ଲଜ୍ଜାଜନକ ବୋଲି ବର୍ଣ୍ଣନା କରି କହିଛନ୍ତି, ଏହି ଘଟଣାକୁ ନେଇ ଆମେ ସମସ୍ତେ ଲଜ୍ଜିତ, କିନ୍ତୁ ଦୁଃଖର ବିଷୟ ଯେ ରାଜ୍ୟ ସରକାର ଏ ନେଇ ଲଜ୍ଜିତ ନୁହନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି ଯେ ସରକାର ଏପର୍ଯ୍ୟନ୍ତ ନୀରବ ଦ୍ରଷ୍ଟା ଭୂମିକାରେ ରହିଛନ୍ତି ଏବଂ ମହିଳା କମିଶନ ଗଠନ କରିବାରେ ବିଫଳ ହୋଇଛନ୍ତି। ଏହି ଘଟଣାରେ ନ୍ୟାୟ ପାଇଁ ସେ ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ଦାବି କରିଛନ୍ତି। ସେପଟେ ବିଜେପି କହିଛି, ରାଜ୍ୟରେ କଂଗ୍ରେସର ସ୍ଥିତି ନାହିଁ, ସେଥିପାଇଁ ଆଶାବାଡି ଖୋଜୁଛି। ଆଉ ଏଥିପାଇଁ ବିଜେଡିକୁ ସାଥୀ କରିଛି। ଅନାସ୍ଥାରେ 'ଆସ୍ଥା' କମ୍। ଏହାର କୌଣସି ପ୍ରାସଙ୍ଗିକତା ନାହିଁ ବୋଲି କହିଛନ୍ତି ବିଜେପି ବିଧାୟକ ସରୋଜ ପାଢ଼ୀ।







## କ୍ଷତାକ୍ତହେବେ ବିରୋଧୀ

**ଭୁବନେଶ୍ୱର,(ପିପିଏସ୍):** ବିଜେଡି ସହ ମିଶି ବିଜେପି ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପ୍ରସଙ୍ଗକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ମନ୍ତ୍ରୀ କହିଛନ୍ତି, ବିରୋଧୀ ଅନାସ୍ଥା ଆଣିଲେ ସରକାର ଆହତ ହେବେନି ନିଜେ କ୍ଷତାକ୍ତ ହେବେ। ବିରୋଧୀଙ୍କ ଅନାସ୍ଥା ପ୍ରସ୍ତାବ ସେମାନଙ୍କ ପାଇଁ ବୁମେରାଂ ହେବ। ସେ ଆହୁରି କହିଛନ୍ତି, ବିରୋଧୀଙ୍କ ଅଧିକାର ଅଛି ସେମାନେ ଅନାସ୍ଥା ଆଣି ପାରିବେ। କିନ୍ତୁ ଟିକେ ହୋମ୍ ୱାର୍କ କରିକି ଆସନ୍ତୁ। ବିଜେଡି କଂଗ୍ରେସ ୪୦ବର୍ଷର ହିସାବ ନେଇକି ଆସନ୍ତୁ । ଆମେ ଗୋଟିଏ ବର୍ଷର ହିସାବ ଦେବୁ। ସେମାନେ ଲମ୍ବା ସମୟ ଧରି କ'ଣ କରିଛନ୍ତି ଆମେ ବର୍ଷକରେ କ'ଣ କରିଛୁ ତାହା ଜଣାପଡ଼ିବ ବୋଲି କହିଛନ୍ତି ସୁରେଶ।



ପ୍ରଜାତନ୍ତ୍ର ପ୍ରଚାର ସମିତି
ଆନୁକୂଲ୍ୟରେ
ପ୍ରଜାତନ୍ତ୍ର ପାଠଚକ୍ର
ସମୟ : ୨୬।୦୭।୨୦୨୫ ଶନିବାର ସନ୍ଧ୍ୟା ୬ଟା
ସ୍ଥାନ : ପ୍ରଜାତନ୍ତ୍ର ସମ୍ମିଳନୀ କକ୍ଷ, ବିହାରୀବାଗ, କଟକ-୨
ବିଷୟ : ଭୋଟର କିଏ
ସଭାପତି : ଶ୍ରୀଯୁକ୍ତ ସୁଦର୍ଶନ ନାୟକ (ଆଇ.ଏ.ଏସ୍.) ଅବସରପ୍ରାପ୍ତ
ସମ୍ମାନିତ ବକ୍ତା : ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ କର (ବରିଷ୍ଠ ଅଧିବକ୍ତା, ଓଡ଼ିଶା ହାଇକୋର୍ଟ)
: ଶ୍ରୀଯୁକ୍ତ ସଞ୍ଜିତ୍ ମହାନ୍ତି (ବରିଷ୍ଠ ଅଧିବକ୍ତା, ଓଡ଼ିଶା ହାଇକୋର୍ଟ)
*ଆଗ୍ରହୀ ଶ୍ରୋତାଗଣ ବହୁସଂଖ୍ୟାରେ ଯୋଗଦେବାକୁ ଅନୁରୋଧ।*
ଆବାହକ :
ଡାକ୍ତର ରବିରଞ୍ଜନ ସାହୁ
ମୋ:୯୪୩୭୩-୧୦୧୭୧
ଶ୍ରୀ ସନ୍ତୋଷ କୁମାର ପତି
// ନିବେଦକ //
ଶ୍ରୀ ଭର୍ତ୍ତୃହରି ମହତାବ
ଅଧ୍ୟକ୍ଷ

## ସମ୍ପାଦକୀୟ

### ପଦତ୍ୟାଗର ମାନେ

## ବାଟେଘାଟେ



ବର୍ଷା ଦିନରେ କଟକ ସହରେ
ରାସ୍ତାରେ ଚାଲିଛି କାମ
ଠାଏ ଠାଏ ଖାଲି ପ୍ୟାଚ ପଡୁଛି
ପଥଚାରୀ ନେବ ନାମ
ମେୟରଟି ବଦନାମ
ପିଚୁ ଢାଳି ଦେଇ ବଜୁରି ପକାଇ
ବଟି ପାଇଁ ହମ ହମ
ଗୁଇନ୍ଦା ବିଭାଗ ନଜର ରଖିଛି
ଠିପି କରିଦେବ ଜାମ

-ରାହୀ

# ଅସ୍ତରଙ୍ଗରେ କୂଳଲଂଘୁଛି ସମୁଦ୍ର

**ଅସ୍ତରଙ୍ଗ,(ପିପିଏସ୍):** ବଙ୍ଗୋପସାଗରରେ ଲଘୁଚାପ ଯୋଗୁଁ ପୁରୀ ଜିଲ୍ଲା ଉପକୂଳବର୍ତ୍ତୀ ଅସ୍ତରଙ୍ଗ ଅଞ୍ଚଳରେ ସମୁଦ୍ର କୂଳ ଲଙ୍ଘିବାରେ ଲାଗିଛି। ଗୁରୁବାର ଚିତାଲାଗି ଅମାବାସ୍ୟା ଥିବାରୁ ବଙ୍ଗୋପସାଗର ଫୁଲିଉଠିଥିଲା। ଉତ୍ତାଳ ତରଙ୍ଗ, ସୁସୁ ଉଚ୍ଚଜୁଆର କୂଳକୁ ମାଡ଼ିଆସିଥିଲା। ଏଥିଯୋଗୁଁ ଝାଉଁ ଜଙ୍ଗଲ କ୍ଷୟହେବାରେ ଲାଗିଛି। ଅସ୍ତରଙ୍ଗ ଅଞ୍ଚଳରେ ଆଗକୁ ପ୍ରାୟ ୭ଶହ ମିଟର ଦୂରରେ ଥିବା ସମୁଦ୍ର ଏବେ ୪ଶହ ମିଟର ମାଡ଼ିଆସିଛି। ଛୁରିଆନା ପଞ୍ଚାୟତର ଡାଲୁଅକଣି ଗାଁ ନିକଟରେ ଝାଉଁବଣ ଆଡ଼କୁ ମାଡ଼ିଆସୁଛି ସମୁଦ୍ର। ଜୁଆର ମାଡ଼ରେ ବାଲି ଅତଡ଼ା ଖସୁଥିବାରୁ ଭୟଭୀତ ପାଖାଆଖର ଗାଁ ଲୋକ। ଲଘୁଚାପ, ଅମାବାସ୍ୟା ଓ ପୂର୍ଣ୍ଣିମା ଆସିଲେ ଅସ୍ତରଙ୍ଗ ନିକଟ ସମୁଦ୍ରରେ ଭୟଙ୍କର ରୂପ ଦେଖିବାକୁ ମିଳୁଛି। ସମୁଦ୍ର ନିକଟବର୍ତ୍ତୀ କେଲୁଣୀମୁହାଁଣ, ତଣ୍ଡାହାର, ଛେନୁ, ଉଦୟକଣି ଗାଁ ଲୋକେ ଅମାବାସ୍ୟାରେ ଉଚ୍ଚ ଜୁଆର ଉଠୁଥିବାରୁ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗୋଟିଏ ପଟେ ଜଙ୍ଗଲ ସୃଷ୍ଟି କିମ୍ବା ସୁଦୃଢ଼ପଥର ବନ୍ଧ ନିର୍ମାଣକୁ ଗୁରୁତ୍ୱ ଦେଉନି ଜିଲ୍ଲା ପ୍ରଶାସନ। ଅମାବାସ୍ୟା ସମୟରେ ଉଚ୍ଚଜୁଆର ତଣ୍ଡାହାର, ଛେନୁ ଅଞ୍ଚଳରେ ପ୍ରବେଶକରି ଏକର ଏକର ଚାଷ ଜମି କ୍ଷତିଗ୍ରସ୍ତ କରିପକାଉଛି। ଉପକୂଳ ଗ୍ରାମବାସୀଙ୍କ ଧନଜୀବନ ମଧ୍ୟ ବିପଦରେ ରହିଛି। ବାରମ୍ବାର ସମୁଦ୍ର କୂଳ ଲଂଘୁଛି ମୁକୁଳା ପଡ଼ିଥିବା ଏହି ବିସ୍ତୀର୍ଣ୍ଣ ଅଞ୍ଚଳରେ। ବିଶେଷ କରି ପୂର୍ବରୁ ହୋଇଥିବା ବାତ୍ୟା ଗୁଡ଼ିକରେ ଲକ୍ଷାଧିକ ଝାଉଁ ଗଛ ଭାଙ୍ଗିଯିବାରୁ ଜଙ୍ଗଲ ଧ୍ୱଂସ ପାଇଛି। ଉଚ୍ଚଜୁଆର ସିଧା ଉପକୂଳ ଅଞ୍ଚଳରେ ମାଡ଼ହେବା ସହିତ ସମୁଦ୍ର କୂଳ ଲଂଘୁଥିବାରୁ ଅନେକ ନୂତନ ଝାଉଁ ଜଙ୍ଗଲ କ୍ଷୟ ହେଉଛି। ଉପକୂଳ ବର୍ତ୍ତୀ ଅସ୍ତରଙ୍ଗ ଅଞ୍ଚଳର ଡାଲୁଅକଣି ଓ ତଣ୍ଡାହାର ଅଞ୍ଚଳରେ ତୁରନ୍ତ ପ୍ରଶାସନ ପଥରବନ୍ଧ ନିର୍ମାଣ ସହିତ ଜଙ୍ଗଲ ବିଭାଗ ସବୁଜ ସୁରକ୍ଷା ପ୍ରାଚୀର ନିର୍ମାଣ କରିବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି। ଲଘୁଚାପ, ଅମାବାସ୍ୟା ସମୟରେ



ଉଚ୍ଚଜୁଆର ପ୍ରତ୍ୟେକ ବର୍ଷ ଆସିଥାଏ। ଏ ସମୟରେ ବିଭାଗୀୟ ଅଧିକାରୀ, ରାଜନେତା ଗସ୍ତକରନ୍ତି, ପ୍ରତିଶ୍ରୁତି ପାହାଡ଼ ବର୍ଷାକରନ୍ତି, କିନ୍ତୁ ଯଥା ପୂର୍ବଂ ତଥା ପରଂ ଅବସ୍ଥା। ଧନଜୀବନ ବିପନ୍ନ ପୂର୍ବରୁ ଲୋକଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବାଲାଗି ଅଞ୍ଚଳବାସୀ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ପ୍ରତିବର୍ଷ ଆସୁଛି ଉଚ୍ଚ ଜୁଆର, ହେଉଛି ଜଙ୍ଗଲ କ୍ଷୟ

cmyk cmyk





ଟି ଟାଇମ୍
ପ୍ରଜାତନ୍ତ୍ର



୨୫.୭.୨୦୨୫

# ନାସପାତିର ଉପକାରିତା

ନାସପାତି ହେଉଛି ଏକ ମିଠା ଓ ସ୍ୱାଦିଷ୍ଟ ଫଳ । ଯାହାର ଅନେକ ଉପକାରୀ ଗୁଣ ରହିଛି । ବିଶେଷ କରି ଗରମ ସମୟରେ ନାସପାତି ଖାଇବା ଦ୍ୱାରା ଶରୀର ଥଣ୍ଡା ହୋଇଥାଏ । ଯଦି ଆପଣ ହେଲଦି ଡାଏଟ୍ ପାଇଁ କୌଣସି ଫଳ ସାମିଲ କରିବାକୁ ଚାହୁଁଥାନ୍ତି ତେବେ ନାସପାତି ସାମିଲ କରିପାରିବେ । କାରଣ ନାସପାତିରେ ରହିଛି ଫାଇବର, ପ୍ରୋଟିନ୍, ଭିଟାମିନ , ମିନେରାଲ୍ସ ଓ ଆଣ୍ଟିଅକ୍ସିଡାଣ୍ଟ । ଆସନ୍ତୁ ଜାଣିବା ନାସପାତି ଖାଇବା ଦ୍ୱାରା କେଉଁ ଉପକାରିତା ହୋଇଥାଏ ।

- ପାଚନ କ୍ରିୟା: ନାସପାତି ଫାଇବର ଭରପୂର ମାତ୍ରାରେ ରହିଛି । ଯେଉଁଥିପାଇଁ ପେଟ ସଫା ରହିଥାଏ । ନିୟମିତ ଖାଇବା ଦ୍ୱାରା ଶକ୍ତି ମିଳିଥାଏ ।
- ଓଜନ ହ୍ରାସ: ଯଦି ପ୍ରାକୃତିକ ଉପାୟରେ ଓଜନ କମ୍ କରିବାକୁ ଚାହୁଁଛନ୍ତି, ତେବେ ଆପଣ ନିଜ ଡାଏଟରେ ନାସପାତିକୁ ସାମିଲ କରିପାରିବେ ।
- ହୃତପିଣ୍ଡକୁ ସୁସ୍ଥ ରଖେ: ନାସପାତିରେ ପୋଟାସିୟମ ଓ ଆଣ୍ଟି ଅକ୍ସିଡେଣ୍ଟ ଥିବାରୁ ଏହା ରକ୍ତଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଫଳରେ ହୃତପିଣ୍ଡ ମଧ୍ୟ ସୁସ୍ଥ ରହେ । ଯାହାଦ୍ୱାରା ହୃଦରୋଗ ଆଦି ସମସ୍ୟା ସହଜରେ ଦେଖା ଦିଏନାହିଁ ।
- ରୋଗ ପ୍ରତିରୋଧକ ଶକ୍ତି: ନାସପାତିରେ ଭିଟାମିନ ଉ ଏବଂ ପୋଷକତତ୍ତ୍ୱ ଥିବା କାରଣରୁ ତାହା ଶରୀରରେ ବିଭିନ୍ନ ରୋଗ ସହ ଲଢିବାରେ ଶକ୍ତି ପ୍ରଦାନ କରେ । ଅର୍ଥାତ୍ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ।
- ତ୍ୱଚାରେ ଚମକ ପ୍ରଦାନ କରେ: ନାସପାତି ଖାଇବା ଦ୍ୱାରା ତ୍ୱଚାରେ ଚମକ ଆସିଥାଏ । ଚର୍ମରେ ଥିବା ଦାଗ ଲିଭିବାରେ ଏହା ସାହାଯ୍ୟ କରେ ।



# ବିଶ୍ୱର ସବୁଠାରୁ ଧନୀ ମହିଳା



ଧନୀମାନଙ୍କ ନାଁ ଯଦି ସାମ୍ନାକୁ ଆସେ ତେବେ ଏଲନ୍ ମସ୍କ, ଜେଫ୍ ବେଜୋସ, ମୁକେଶ ଅମ୍ବାନୀ, ରତନ ଟାଟାଙ୍କ ନାଁ ପ୍ରଥମେ ଆସେ। ମାତ୍ର ଆଶ୍ଚର୍ଯ୍ୟର କଥା ଜଣେ ମହିଳା ଅଛନ୍ତି, ଯିଏ କି ବିଶ୍ୱର ଏହି ବଡ଼ବଡ଼ ଧନୀଙ୍କୁ ପଛରେ ପକାଇ ଦେଇଛନ୍ତି।
ଟାଙ୍ଗ ରାଜବଂଶ ସମୟରେ ରାଜତ୍ୱ କରୁଥିବା ଏମ୍ପ୍ରେସ ୱୁ। ବିଶ୍ୱର ସବୁଠାରୁ ଧନୀ ମହିଳା ଭାବେ ପରିଗଣିତ ହୋଇଛନ୍ତି। ଯାହାଙ୍କ ସମ୍ପତ୍ତିର ମୂଲ୍ୟ ୧୬ ଲକ୍ଷ କୋଟି। ଏହି ସଂଖ୍ୟା ଆଜିର ଶ୍ରେଷ୍ଠ ଟ୍ରିଲିନେୟାରଙ୍କ ସମ୍ପତ୍ତିକୁ ଟପିଯାଇଛି। ଫଳରେ ମସ୍କ, ଅମ୍ବାନୀ, ବେଜୋସ, ଆଦାନୀ ଏବଂ ରତନ ଟାଟା ପଛରେ ପଡ଼ିଯାଇଛନ୍ତି। ତେବେ ମସ୍କଙ୍କ ସମ୍ପତ୍ତିର ମୂଲ୍ୟ ପ୍ରାୟ ୨୨୯ ବିଲିୟନ ଡଲାର, ବେଜୋସଙ୍କର ୧୭୪ ବିଲିୟିନ ଡଲାର ଏବଂ ଅମ୍ବାନୀ ୧୦୬.୨ ବିଲିୟନ ଡଲାରରେ ରହିଛି।
ଐତିହାସିକମାନେ ଏମ୍ପ୍ରେସ ୱୁଙ୍କୁ ଜଣେ ଚମତ୍କାରୀ ଏବଂ ଶକ୍ତିଶାଳୀ ଶାସକ ଭାବରେ ବର୍ଣ୍ଣନା କରିଥାନ୍ତି। ଯିଏକି ତାଙ୍କର ଆଧିପତ୍ୟ ବଜାୟ ରଖିବା ପାଇଁ ବିଭିନ୍ନ କୌଶଳ ପ୍ରୟୋଗ କରିଥିଲେ। ତାଙ୍କର ଶାସନ ପ୍ରାୟ ୧୫ ବର୍ଷ ଧରି ଚାଲିଥିଲା। ଚାଇନା ସାମ୍ରାଜ୍ୟ ମଧ୍ୟ ଏସିଆରେ ଯଥେଷ୍ଟ ପ୍ରଭାବ ବିସ୍ତାର କରିଥିଲା। ଚା' ଏବଂ ରେଶମ ବାଣିଜ୍ୟରେ ଯଥେଷ୍ଟ ଅଭିବୃଦ୍ଧି ସହିତ ତାଙ୍କ ନେତୃତ୍ୱରେ ଚାଇନାର ଅର୍ଥନୀତି ବୃଦ୍ଧି ପାଇଥିଲା। ତାଙ୍କ ଶାସନ କାଳରେ ଏହି ଅର୍ଥନୈତିକ ଅଭିବୃଦ୍ଧି ଭଲ ଭାବରେ ଦଲିଲ୍ଭୁକ୍ତ ହୋଇଛି, ଯାହା ଚାଇନାର ସମୃଦ୍ଧତା ଉପରେ ଏହାର ପ୍ରଭାବକୁ ଦର୍ଶାଉଛି।

# ସାପ କାହିଁକି ନେଉଳକୁ ଦେଖି ଡରିଯାଏ

ସାପ ନାଁ ଶୁଣିଲେ କିଏ ନ ଡରେ କହିଲେ? ମାତ୍ର ସମସ୍ତଙ୍କୁ ଭୟଭୀତ କରି ରଖିଥିବା ସାପ ସାମାନ୍ୟ ନେଉଳକୁ ଦେଖି ମଧ ଡରିଯାଏ । ସବୁବେଳେ ନେଉଳ ସହ ଲଢ଼େଇରେ ସାପ ହିଁ ହାରିଥାଏ । ଜାଣନ୍ତୁ ଏହା ପଛର ପ୍ରକୃତ କାରଣ...

ସାପ ଏବଂ ନେଉଳ ମଧ୍ୟରେ ଏପରି ଶତ୍ରୁତା ଅଛି ଯେ, ଉଭୟ ପରସ୍ପରକୁ ଦେଖି କ୍ରୋଧିତ ହୋଇଯାଆନ୍ତି। ସୋସିଆଲ ମିଡିଆରେ ସାପ ଏବଂ ନେଉଳ ଲଢ଼େଇର ଭିଡିଓ ପ୍ରାୟତଃ ଦେଖିବାକୁ ମିଳେ। ଉଭୟଙ୍କ ଲଢ଼େଇରେ କେତେବେଳେ ସାପ ଜିତିଥାଏ, ଆଉ କେତେବେଳେ ନେଉଳ ଜିତିଥାଏ। ନେଉଳ ନାଗ ପରି ସାପକୁ ମଧ ପରାସ୍ତ କରିଥାଏ, କାରଣ ସାପ ନେଉଳ ଆଗରେ ଅଧିକ ସମୟ ଠିଆ ହୋଇପାରେ ନାହିଁ। କିଛି ଲୋକ ବିଶ୍ୱାସ କରନ୍ତି ଯେ, ସାପ ଏବଂ ନେଉଳ ମଧ୍ୟରେ ଏକ ପ୍ରାକୃତିକ ଶତ୍ରୁତା ଅଛି। ସେଥିପାଇଁ ଉଭୟ ପରସ୍ପରକୁ ମାରିବାକୁ ଚାହାନ୍ତି ଯାହା ଦ୍ୱାରା ସେମାନେ ବଞ୍ଚି ରହିପାରିବେ। ପ୍ରକୃତରେ ଉଭୟଙ୍କ ମଧ୍ୟରେ ଶତ୍ରୁତା ଏହି କାରଣ ଯେ, ସାପ ସବୁବେଳେ ନେଉଳର ପିଲାମାନଙ୍କୁ ଶିକାର କରେ, କାରଣ ସେ ସେମାନଙ୍କୁ ଖାଦ୍ୟ ଭାବରେ ବହୁତ ପସନ୍ଦ କରେ। ଏହି କାରଣରୁ ନେଉଳ ତା'ର ପିଲାମାନଙ୍କୁ ସୁରକ୍ଷା ଦେବା ପାଇଁ ସାପକୁ ଦେଖିବା ମାତ୍ରେ ଆକ୍ରମଣ କରେ। ନେଉଳ ବହୁତ ଦ୍ରୁତ ଏବଂ ଚତୁର। ଆପଣ ସାପ ଏବଂ ନେଉଳ ମଧ୍ୟରେ ଲଢ଼େଇ ନିଶ୍ଚୟ ଦେଖିଥିବେ। ଆପଣ ଦେଖିଥିବେ ସାପ ନେଉଳଠାରୁ ଦୌଡ଼ି ପଳାଇବାକୁ ଚେଷ୍ଟା କରେ। କିନ୍ତୁ ଆପଣ କ'ଣ ଜାଣନ୍ତି ନେଉଳ ସାପ ସହିତ ଅଧିକାଂଶ ଲଢ଼େଇରେ କାହିଁକି ଜିତିଥାଏ? ଏକ ଭୁଲ ଧାରଣା ଅଛି ଯେ, ସାପର ବିଷ ଭାରତୀୟ ମାଟିଆ ନେଉଳ ଉପରେ କୌଣସି ପ୍ରଭାବ ପକାଏ ନାହିଁ। କିନ୍ତୁ ପ୍ରକୃତରେ ଏହା ସତ୍ୟ ନୁହେଁ। ଯଦି ସାପ ନେଉଳକୁ କାମୁଡ଼େ, ତେବେ କିଛି ସମୟ ପରେ ତା' ଉପରେ ବିଷର ପ୍ରଭାବ ଦେଖାଯାଏ। କାରଣ ନେଉଳ ଶରୀରରେ ଏକ ଆସେଟିଲକୋଲାଇନ୍ ରିଫ୍ଲେକ୍ସ ଥାଏ, ଯାହା ସାପର ବିଷରେ ଥିବା ନ୍ୟୁରୋଟକ୍ସିନ୍ ରୁ ତାକୁ ରକ୍ଷା କରେ। ତଥାପି ନେଉଳ ସାପ ଅପେକ୍ଷା ଅଧିକ ଚପଳ, ତେଣୁ ଏହା ସାପଠାରୁ ନିଜକୁ ରକ୍ଷା କରେ। ନେଉଳ ସାପ ସହିତ ଲଢ଼ିବା ପାଇଁ ଏକ ବିଶେଷ କୌଶଳ ବ୍ୟବହାର କରେ। ପ୍ରକୃତରେ କୋବ୍ରା ଭଳି ଏକ ବିପଦଜନକ ସାପଠାରୁ ରକ୍ଷା ପାଇବା ପାଇଁ, ନେଉଳ ବାରମ୍ବାର ଦ୍ରୁତ ଗତିରେ ଡେଇଁ ନିଜକୁ ବଞ୍ଚାଏ। ସବୁଠାରୁ ବିଶେଷ କଥା ହେଉଛି ନେଉଳ ସାପର ମୁଣ୍ଡକୁ ଧରିଥାଏ, ଯାହା ଯୋଗୁ ସାପ କିଛି କରିପାରେ ନାହିଁ। ନେଉଳ ଚତୁର ହୋଇଥିବାରୁ ଏହା ସାପ ସହିତ ଲଢ଼େଇରେ ଜିତିଥାଏ। ସାପ କାମୁଡ଼ିଲେ ମଧ ବିଷ ତାକୁ ତୁରନ୍ତ ପ୍ରଭାବିତ କରେ ନାହିଁ। ଯଦି କୋବ୍ରା ଏବଂ କ୍ରେଟ୍ ଭଳି ବିଷାକ୍ତ ସାପ ନେଉଳ କାମୁଡ଼ି ଦିଏ, ତେବେ ଏହା କିଛି ସମୟ ମଧ୍ୟରେ ମରିଯାଏ।



# ଆଜିର ରାଶିଫଳ

ମେଷ:-ଦୀର୍ଘ ଦିନରୁ ଲାଗି ରହିଥିବା ଅଶାନ୍ତି ସମାପ୍ତ ହେବ। ଧାରରୁ ମୁକ୍ତି ପାଇବେ, ଆପଣଙ୍କ ଚିନ୍ତା ଖତମ ହେବ। ସାମାଜିକ କାର୍ଯ୍ୟରେ ଯୋଡ଼ି ରହିଥିବା ଲୋକଙ୍କ ଲାଗି ଦିନଟି ଭଲ ରହିବ।

ବୃଷ:-ଏକାଗ୍ର ମନରେ କରିଆସୁଥିବା କାମ ଲାଭଦାୟକ ସାବ୍ୟସ୍ତ ହେବ। କମ୍ ରୁ କମ୍ ସମୟ ଭିତରେ କାମ ସାରିବାକୁ ଚେଷ୍ଟା କରନ୍ତୁ। ନୂଆ ହାଉସିଙ୍ଗ ପ୍ରୋଜେକ୍ଟ ଲଞ୍ଚ କରିପାରନ୍ତି।

ମିଥୁନ:-ନୂଆ କେ?ଶଳ ଶିଖିବାକୁ ବିଚାର କରିପାରନ୍ତି। ବେପାରରେ ଆଶାଠୁ ଅଧିକ ଲାଭ ପାଇବେ। ଘର ଲୋକଙ୍କ ସହିତ ସିନେମା ଦେଖିବାକୁ ଯୋଜନା କରି ପାରନ୍ତି। ଜୀବନସାଥୀ ଠାରୁ ଉପହାର ପାଇବେ।

କର୍କଟ:-ଅଫିସରେ କାର୍ଯ୍ୟଭାର ବଢ଼ିପାରେ। ଟଙ୍କାପଇସା ମମଲାରେ ଅଣଦେଖା କରନ୍ତୁ ନାହିଁ। କେ?ଣସି ପାଖ ଲୋକଙ୍କ ଠାରୁ ଲାଭକାରୀ ପରାମର୍ଶ ପାଇବେ। ଶିକ୍ଷାର୍ଥୀଙ୍କ ଲାଗି ଦିନଟି ସାମାନ୍ୟ ରହିବ।

ସିଂହ:-ପ୍ରତିଟି ଅଶାନ୍ତିର ସମାଧାନ ଆଖି ପିଛୁଳାକେ ବାହାରି ଯିବ। ଆପଣଙ୍କ କାମ ସରଳ ଉପାୟରେ ହେବାକୁ ରହିବ। ସମାଜରେ ନାମ ଉଚ୍ଚା ହେବ। ପାଖ ଲୋକଙ୍କ ଠାରୁ ଉପହାର ପାଇବେ।

କନ୍ୟା:-ଅଫିସରେ ସହକର୍ମୀଙ୍କ ସହଯୋଗ ପାଇବେ। ଘର ଲୋକଙ୍କ ସହିତ ଭଲ ସମୟ ଅତିବାହିତ କରିବେ। କାର୍ଯ୍ୟରେ ରାଜନୀତିକ ସମ୍ବନ୍ଧରୁ ଫାଇଦା ହେବ। ଡ଼ାକ୍ତରୀ ଛାତ୍ରଛାତ୍ରୀଙ୍କୁ କିଛି ନୂଆ ଶିଖିବାକୁ ମିଳିବ।

ତୁଳା:-କତୃପକ୍ଷ ଆପଣଙ୍କୁ ନୂଆ ପ୍ରୋଜେକ୍ଟରେ କାମ କରିବାକୁ କହିବେ। ବ୍ୟବସାୟ ଭଲ ଚାଲିବ। ଶତ୍ରୁଙ୍କୁ ପରାସ୍ତ କରିବେ। ଡ଼ିପ୍ଲମା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରନ୍ତୁ।

ବିଛା:-ବ୍ୟବସାୟରେ ଭଲ ଲାଭ ହେବ। କେ?ଣସି ଜରୁରୀ ଅଧିବେଶନରେ ସାମିଲ ହେବେ। ଅସହାୟଙ୍କୁ ସାହାଯ୍ୟ କରି ଖୁସି ଅନୁଭବ କରିବେ। ପାରିବାରିକ ଜୀବନ ସୁଖକର ହେବ।

ଧନୁ:-ଅଧିକତର ସମୟ ଧାର୍ମିକ ଓ ଆଧାତ୍ମିକ ଗତିବିଧିରେ ବ୍ୟସ୍ତ ରହିବେ। ବେପାରରେ ଆଗକୁ ବଢ଼ିବା ପାଇଁ କିଛି ଏଭଳି ଯୋଜନା ପ୍ରସ୍ତୁତ କରିବେ ଯାହାଦ୍ୱାରା ଲାଭ ହି ଲାଭ ହେବ। ଛାତ୍ର କେ?ଣସି ବିଷୟ ଶାନ୍ତିରେ ବିଚାର କରିବେ।

ମକର:-ବ୍ୟାଙ୍କରେ କାମ କରୁଥିବା ଲୋକ ନିର୍ଦ୍ଧାରିତ ସମୟ ପୂର୍ବରୁ ନିଜର କାମ ପୂରା କରିଦେବେ। ରାଜନୀତିକ ଲୋକଙ୍କ ସହିତ ଲାଭଦାୟକ ସାକ୍ଷାତ ହେବ। ବନ୍ଧୁ ସହିତ ଫୋନରେ କଥା ହୋଇ ସମୟ ବିତାଇବେ।

କୁମ୍ଭ:-ପରିବାରରେ ଧାର୍ମିକ କାର୍ଯ୍ୟର ଯୋଜନା ପ୍ରସ୍ତୁତ କରି ପାରନ୍ତି। ଖେଳକୁଦ କ୍ଷେତ୍ରରେ ବିଦ୍ୟାର୍ଥୀ ଭଲ ମଉକା ପାଇବେ। ଦୀର୍ଘ ସମୟ ସୁସ୍ଥ ରହିବା ଲାଗି ଉଚିତ ଖାଦ୍ୟ ଭୋଜନ କରନ୍ତୁ।

ମୀନ:-ବଡ଼ ନିର୍ଣ୍ଣୟ ନେବା ପାଇଁ ଭଲ ଦିନଟିଏ। ପ୍ରତିଟି ଛୋଟ କଥା ଉପରେ ଅଧିକ ନ ଭାବିଲେ ଆପଣଙ୍କ ଜୀବନ ସହଜ ହେବ। ନୂଆ ବ୍ୟବସାୟ ସଉଦା ପାଇଁ ସୁଯୋଗ ପାଇବେ। ଡ଼ାକ୍ତରୀ ଛାତ୍ରୀଙ୍କ ଲାଗି ଦିନଟି ଭଲ।


# ବିନା ଡାଏଟିଂରେ କମିବ ଓଜନ



ଓଜନ ବଢିଗଲେ ଚିନ୍ତାରେ ପଡିଯାଏ ବ୍ୟକ୍ତି । ଆଉ ଆରମ୍ଭ କରେ ଡାଏଟିଂ । ଡାଏଟ୍ ଚାଟ୍ ପରିବର୍ତ୍ତନରୁ ନେଇ ମର୍ଣ୍ଣିଂ ୱାକ୍ ଓ ଏକ୍ସରସାଇଜ ଭଳି କେତେ କ'ଣ କରିବାକୁ ପଡେ । ହେଲେ ଏସବୁ ବ୍ୟତୀତ ବି କିଛି ଉପାୟ ଅଛି ଯାହାଦ୍ୱାରା ଆପଣ ସହଜରେ ଓଜନ କମାଇପାରିବେ । ଜଳଖିଆରେ ଆପଣ ଯଦି କିଛି ନିର୍ଦ୍ଦିଷ୍ଟ ଖାଦ୍ୟ ସାମିଲ କରନ୍ତି ତାହେଲେ ଆପଣଙ୍କୁ ଆଶ୍ଚର୍ଯ୍ୟ କଲା ଭଳି ରେଜଲ୍ଟ ମିଳିବ । ଏହି ଜଳଖିଆ ଯେତିକି ପୃଷ୍ଟିକର ସେତିକି ସ୍ୱାଦିଷ୍ଟ । ଏହାକୁ ଖାଇଲେ ଓଜନ କମିବ ସତ, କିନ୍ତୁ ଶରୀରର ଶକ୍ତି ବୃଦ୍ଧି ହେବ । ସକାଳୁ ଜଳଖିଆରେ ଅଣ୍ଡା, ଗ୍ରୀକ୍ ଯୋଗର୍ଟ କିମ୍ବା ପନିର ଭଳି ଖାଦ୍ୟ ଗ୍ରହଣ କଲେ ଏହା ବହୁ ସମୟ ପର୍ଯ୍ୟନ୍ତ ଶରୀରକୁ ଶକ୍ତି ଯୋଗାଏ । ଯାହାଦ୍ୱାରା ଥକ୍କାପଣ ଅନୁଭୂତ ହୁଏ ନାହିଁ । ସେହିପରି ଫାଇବରରେ ଭରପୂର ଖାଦ୍ୟ ଯେପିରିକି ଓଟ୍ସ, ତାଜା ଫଳ ଆଦି ଖାଇବା ଦ୍ୱାରା ମଧ ବହୁ ସମୟ ଧରି ଭୋକ ହୁଏ ନାହିଁ । କାରଣ ପେଟ ଭରପୂର ରହେ । ଏହାସହ ଜଳଖିଆରେ ହେଲଦି ଫ୍ୟାଟ୍ସ ନେବାକୁ ଭୁଲିବେନି । ବ୍ରେକ୍ଫାଷ୍ଟରେ ବାଦାମ, ଲହୁଣୀ, ଆଦି ସାମିଲ କରିବା ଦ୍ୱାରା ଏଥିରୁ କ୍ୟାଲୋରୀ ମିଳିଥାଏ । ଏସବୁ ଖାଦ୍ୟ ବହୁ ସମୟ ଧରି ଶରୀରକୁ ଶକ୍ତି ଯୋଗାଇବା ସହ ଫ୍ୟାଟ୍ ବର୍ଣ୍ଣ୍ କରିବାରେ ସହାୟକ ହୁଏ । ଫଳରେ ଓଜନ ହ୍ରାସ ପାଏ । ତେବେ ଡାଏଟିସିଆନଙ୍କ କହିବା କଥା, ଓଜନ କମାଇବା ପାଇଁ କମ୍ ଖାଇବା ଜରୁରୀ ନୁହେଁ, ବରଂ ହେଲ୍ଦି ଖାଦ୍ୟ ଖାଇବା ଜରୁରୀ ।

# ସୋସିଆଲ ମିଡିଆ ଷ୍ଟାର୍ ଉର୍ଫି ଜାଭେଦ

ପୁଣିଥରେ ଚର୍ଚ୍ଚାରେ ଅଛନ୍ତି, କିନ୍ତୁ ଏଥର ତାଙ୍କର ବୋଲ୍ଡ ଫ୍ୟାଶନ ପାଇଁ ନୁହେଁ। ୯ ବର୍ଷ ପୂର୍ବେ କରାଯାଇଥିବା ଲିପ୍ ଫିଲର ହଟାଇବା ପରେ ତାଙ୍କର ଫୁଲା ମୁହଁର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଭିଡିଓ ଦେଖି ଅନେକ ପ୍ରଶଂସକ ତାଙ୍କ ଚେହେରା ନେଇ ଚିନ୍ତା ପ୍ରକାଶ କରିଥିବା ବେଳେ କେତେକ ତାଙ୍କ ପ୍ରାକୃତିକ ଚେହେରାକୁ ପସନ୍ଦ କରୁଥିବା କହିଛନ୍ତି ଏବଂ କସମେଟିକ ପରିବର୍ତ୍ତନ ନେଇ ପ୍ରଶ୍ନ ଉଠାଇଛନ୍ତି। ରବିବାର ଉର୍ଫି ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ହସ୍ପିଟାଲରୁ ଭିଡିଓ ସେୟାର କରିଛନ୍ତି, ଯେଉଁଥିରେ ସେ ୯ ବର୍ଷ ପରେ ଲିପ୍ ଫିଲର ହଟାଇବା ପାଇଁ ଅସ୍ତ୍ରୋପଚାର କରୁଥିବା ଦେଖାଯାଇଛି। ଭିଡିଓରେ ଜଣେ ଡାକ୍ତର ତାଙ୍କ



ଓଠରେ ଇଞ୍ଜେକସନ ଦେଉଥିବା ବେଳେ ଉର୍ଫି ଯନ୍ତ୍ରଣାରେ କାତରୁଥିବା ଦେଖାଯାଇଛନ୍ତି।ଭିଡିଓର କ୍ୟାପସନରେ ଉର୍ଫି ଲେଖିଛନ୍ତି, "ନା, ଏହା କୌଣସି ଫିଲ୍ଟର ନୁହେଁ। ମୁଁ ମୋର ଫିଲରଗୁଡ଼ିକୁ ହଟାଇବାକୁ ନିଷ୍ପତ୍ତି ନେଇଛି କାରଣ ସେଗୁଡ଼ିକ ସବୁବେଳେ ଭୁଲ ଜାଗାରେ ଥିଲା। ମୁଁ ପୁଣି ଫିଲର କରାଇବି। ମୁଁ ଫିଲରକୁ ବିରୋଧ କରୁନାହିଁ। ଫିଲର ହଟାଇବା ବେଶୀ ଯନ୍ତ୍ରଣାଦାୟକ। ଏବଂ ଏହା ମଧ ବହୁତ ଜରୁରୀ ଯେ ଆପଣ ଫିଲର ପାଇଁ ଜଣେ ଭଲ ଡାକ୍ତରଙ୍କୁ ଯାଆନ୍ତୁ; ଏହି ଫ୍ୟାନ୍ସି କ୍ଲିନିକର ଡାକ୍ତରମାନେ କିଛି ଜାଣନ୍ତି ନାହିଁ।" ଯନ୍ତ୍ରଣା ଏବଂ ମୁହଁରେ ଫୁଲା ସତ୍ତ୍ୱେ ଉର୍ଫି ଭିଡିଓ ସାରା ମୁସ୍କାନ ରଖିଥିଲେ। ତାଙ୍କର ଏହି ସରଳତା ଓ ସାହସ ପାଇଁ ପ୍ରଶଂସକମାନେ ତାଙ୍କୁ ପ୍ରଶଂସା କରିଛନ୍ତି। ଜଣେ ବ୍ୟବହାରକାରୀ ମନ୍ତବ୍ୟ କରିଛନ୍ତି, "ଏହା ଦେଖାଇବା ପାଇଁ ବହୁତ ସାହସ ଲାଗେ।" ଅନ୍ୟ ଜଣେ ଲେଖିଛନ୍ତି, "ଲୋକମାନେ ବୁଝିବା ଦରକାର ଯେ ସେ ଯାହା କରୁଛନ୍ତି, ତାହା ତାଙ୍କର ନିଜସ୍ୱ ପସନ୍ଦ। ଆପଣମାନେ ଅତି କମରେ ଟିକେ ସହାନୁଭୂତି ଦେଖାଇ ପାରନ୍ତି।"

# ମସଲା ପୁରୀ



**ଆବଶ୍ୟକ ସାମଗ୍ରୀ:** ଅଟା, ଲୁଣ, ଜିରା, ଚିଲି ଫ୍ଲେକ୍ସ, କସ୍ତୁରି ମେଥି, ଫ୍ରେଶ୍ ଦହି, ରିଫାଇନ ତେଲ ଓ ହଳଦି ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ ଅଟା ନେଇ ସେଥିରେ ଲୁଣ, ଜିରା, ଚିଲି ଫ୍ଲେକ୍ସ, କସ୍ତୁରି ମେଥି, ଫ୍ରେଶ୍ ଦହି, ରିଫାଇନ ତେଲ ଓ ହଳଦିକୁ ଭଲ ଭାବେ ମିଶାନ୍ତୁ। ଏହାପରେ ସେଥିରେ ଅଳ୍ପ ଅଳ୍ପ ପାଣି ପକାଇ ଚକଟନ୍ତୁ। ଅଟା ସମ୍ପୂର୍ଣ୍ଣ ଚକଟି ହୋଇଯିବା ପରେ ତାହା ନ ଶୁଖିବା ପାଇଁ ତାହା ଉପରେ କିଛି ରିଫାଇନ ତେଲ ମାରି ଦିଅନ୍ତୁ। ଏହି ଅଟା ଚକଟାକୁ ଅଧ ଘଣ୍ଟା ପାଇଁ ଘୋଡ଼ାଇ ଛାଡ଼ି ଦିଅନ୍ତୁ। ଏହାପରେ ଏକ ପ୍ୟାନ୍ରେ ତେଲ ଗରମ କରି ପୁରୀ ବେଲି ଛାଣନ୍ତୁ। ଏବେ ପ୍ରସ୍ତୁତ ହୋଇଯିବ ଖାସ୍ତା, ଫୁଲା ଫୁଲା ପୁରୀ। ଗରମାଗରମ ପୁରୀକୁ ଆପଣ ମଟର ତରକାରୀ, ଆଳୁ ତରକାରୀ ସହ ନଚେତ କୌଣସି ଚଟପଟା ଚଟଣୀ ସହ ଖାଇ ପାରିବେ।

cmyk cmyk cmyk

## ଜୁଲାଇ ୨୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି



**ଭୁବନେଶ୍ୱର, (ହି.ସ.):** ଆସନ୍ତା ସୋମବାର ଜୁଲାଇ ୨୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ସେଦିନ ସକାଳ ୮ ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଜୁଲାଇ ୨୫ ତାରିଖ ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟା ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ।

ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି।

## ତୁଳସୀ ଯାତ୍ରା ମଞ୍ଚରେ ଅଜଗର ସାପକୁ ନେଇ ବନ ବିଭାଗ ପକ୍ଷରୁ ଚଢ଼ଉ



ଯାଜପୁର (ପିପିଏସ ) ଯାତ୍ରା ମଞ୍ଚରେ ଜିଅନ୍ତା ଅଜଗର ସାପ ପ୍ରଦର୍ଶିତ ଘଟଣା। ପୁଣି ବିବାଦ ଘେରରେ ଯାତ୍ରା ସମ୍ରାଟ ତୁଳସୀ ଗଣନାଟ୍ୟ। ନାଟକ 'ଏଇ ବୋଧେ ଶେଷ ଦେଖା'ରେ ମଞ୍ଚରେ ସାପକୁ ଧରି କଳାକାର ଅଭିନୟ କରୁଥିବାର ଦୃଶ୍ୟ ଭାଇରାଲ ହେବା ପରେ ବନ୍ୟପ୍ରାଣୀ ଆଇନ ଉଲ୍ଲଂଘନ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଗତକାଲି ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ନିକଟ ତୁଳସୀ ଗଣନାଟ୍ୟ ଆଖଡାଶାଳରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ମାଲିକ ଏବଂ ସମ୍ପୃକ୍ତ କଳାକାର ସେଠାରେ ନଥିବାରୁ ଯାତ୍ରା ପାର୍ଟିକୁ ନୋଟିସ କରାଯାଇଥିଲା। ଏହି ଆଧାରରେ ଆଜି ସାପକୁ ଧରି ମଞ୍ଚରେ ଅଭିନୟ କରିଥିବା ଅଭିନେତା ସାଇ ସତ୍ୟଜିତ ପଣ୍ଡା ବୈରୀ-ଡାଳିଯୋଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ହାଜର ହୋଇଥିଲେ। ଏହା କୌଣସି ଅଜଗର ସାପ ନୁହେଁ। ଏହା ହେଉଛି ବଲ ପାଇଥନ। ଏହା ବଜାରରେ ବିକ୍ରୀ ହେଉଛି। ଏହାକୁ ପାଖରେ ରଖିବା ପାଇଁ ଆବଶ୍ୟକ କାଗଜପତ୍ର ଓ ଅନୁମତି ଥିବା ସେ କହିଛନ୍ତି। ଏଥିସହ ନାଟକରେ ସେ ରେଞ୍ଜର ଭୂମିକାରେ ଅଭିନୟ କରିବା ସହ ବନ୍ୟ ଜନ୍ତୁ ସୁରକ୍ଷା ସମ୍ପର୍କିତ ଏକ ସଚେତନତା ବାର୍ତ୍ତା ଥିବାରୁ ସେ ଏହାକୁ ମଞ୍ଚକୁ ନେଇଥିଲେ। ତେବେ ଆଇନ ଅନୁଯାୟୀ ଯାହା ପଦକ୍ଷେପ ନିଆଯିବ ତାକୁ ସେ ଗ୍ରହଣ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ଅଭିନେତା ଆବଶ୍ୟକୀୟ କାଗଜପତ୍ର ଦେଖାଇବା ସହ ସେ ଏହାକୁ ପାଖରେ ରଖିପାରିବେ। ତେବେ ଆଇନଗତ ଦିଗରୁ ଯାହା ପଦକ୍ଷେପ ନିଆଯିବ ତାହା ଉପରିସ୍ଥ ଅଧିକାରୀ ନେବେ ବୋଲି କହିଛନ୍ତି ବୈରୀ-ଡାଳିଯୋଡ଼ା ବନାଞ୍ଚଳ ଅଧିକାରୀ।

# ସଫେଇରେ ପମ୍ପ ମାଲିକଙ୍କ ବେଆଇନ କଲଭର୍ଟ ନିର୍ମାଣ

ଭଦ୍ରକ / ଭଣ୍ଡାରିପୋଖରୀ (ପିପିଏସ): ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ଓ ଆଖୁଆପଦା ଜଳସେଚନ ବିଭାଗ ଅନ୍ତର୍ଗତ ଦରଡା ନିକଟସ୍ଥ ୫ନଂ କେନାଲକୁ ଲାଗିରହିଥିବା ଏକ ସଫେଇ ଉପରେ କୈଣସି ବିଭାଗୀୟ ଅନୁମତି ନ ଥାଇ ଜଣେ ପେଟ୍ରୋଲ ପମ୍ପ ମାଲିକ ନିଜ ଇଚ୍ଛାରେ ବେଆଇନ ଭାବେ କଲଭର୍ଟ ନିର୍ମାଣ କରିଚାଲିଛି । ଯାହାକୁ ନେଇ ଚାଷୀଙ୍କ ପାଇଁ ଏହା ଏକ ବଡ ସମସ୍ୟା ଭାବେ ଦେଖା ଦେଇଛି । ସାଧାରଣତ ଲୋକମାନଙ୍କ କହିବାନୁଯାୟୀ ଲଘୁଚାପ ଜନିତ ଲଗାଣ ବର୍ଷାର ଅତ୍ୟଧିକ ଜଳ ଓ କେନାଲରେ ଆସୁଥିବା ପାଣିକୁ ଏହି ସଫେଇ ଦେଇ ତଳିଆ ଅଞ୍ଚଳକୁ ନିଷ୍କାସନ କରାଯାଇଥାଏ । ଉକ୍ତ ସଫେଇର ନିଷ୍କାସିତ ପ୍ରଭାବିତ ଜଳରେ ତଳିଆ ଅଂଚଳରେ ବହୁ ଚାଷୀ ସୁବିଧାରେ ଜଳ ପାଇ ଚାଷ କାର୍ଯ୍ୟ କରିଥାନ୍ତି । ସ୍ଥାନୀୟ ଜଳସେଚନ ବିଭାଗର ଯନ୍ତ୍ରୀ ପ୍ରତିବର୍ଷ ପାଣି ପଂଚାୟତ ମାଧ୍ୟମରେ ଏହି ସଫେଇକୁ ଟେଣ୍ଡର ଡାକି ଠିକାଦାରଙ୍କ ସାହାର୍ଯ୍ୟରେ ମରାମତି କରିଥାନ୍ତି । ସ୍ଥାନୀୟ ଅଞ୍ଚଳର ସମସ୍ତ ଚାଷକାର୍ଯ୍ୟର ସୁବିଧା ପାଇଁ ଉକ୍ତ ସଫେଇଟି କେବଳ ଉପଯୁକ୍ତ ମାଧ୍ୟମ ହୋଇଥିବା ବେଳେ ବିଭାଗର ବିନା ଅନୁମତିରେ ଏହି ସଫେଇରେ ବେଆଇନ କଲଭର୍ଟ ନିର୍ମାଣ ଯୋଗୁଁ ଚାଷୀକୂଳଙ୍କ ମୁଣ୍ଡରେ ଏବେ ଚଡକ ପଡିଛି । ରାତି ଅଧିଆ



▪ ବିଭାଗୀୟ ବିନା ଅନୁମତିରେ ଚାଲିଛି ବେଧଡ଼କ ନିର୍ମାଣ

▪ ଚୁପ୍ ବସିଛି ଆଖୁଆପଦା ଜଳସେଚନ ବିଭାଗ, ଚିନ୍ତାରେ ଚାଷୀ

ନିଜର ବ୍ୟବସାୟିକ କେନ୍ଦ୍ରକୁ ସବୁଦିନିଆ ଯାତାୟାତର ସୁବିଧା କରିବା ପଛରେ କେଉଁ ବିଭାଗୀୟ ଅଧିକାରୀଙ୍କ ହାତ ଅଛି ନା ଆଖୁଆପଦା ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଟ ଯନ୍ତ୍ରୀ ମିଳିମିଶି ମୋଟାଅଙ୍କର ଅର୍ଥ ନେଇ ପେଟ୍ରୋଲ ପମ୍ପ ମାଲିକଙ୍କୁ ଭିତିରି ଅନୁମତି ପ୍ରଦାନ କରିଛନ୍ତି ତାହା ସମସ୍ତଙ୍କୁ ସନ୍ଦେହ ଓ ଆଶ୍ଚାର୍ଯ୍ୟାନିତ କରିଛି । ରାତି ଅଧିଆ ଏଠି ଅତି ତରବରିଆ ଭାବେ ଏକ ସଫେଇ ଉପରେ ବେଆଇନ କଲଭର୍ଟ ନିର୍ମାଣ ଯାହାକୁ ବିଭାଗ ଜାଣୁନାହିଁ ସାଧାରଣରେ ଏହାଏକ ବଡ ପ୍ରଶ୍ନବାଚି ସୃଷ୍ଟି ହେଉଛି । କିଏ ସିଏ ପେଟ୍ରୋଲ ପମ୍ପ ମାଲିକ କାହା ସାହାସରେ ଏଭଳି ଏକ ବେଆଇନ ନିର୍ମାଣ କରିଚାଲିଛି ତାହା ଏବେ ସମସ୍ତଙ୍କୁ ସନ୍ଦେହ ଘେରରେ ଧରି ରଖିଛି । ଭଣ୍ଡାରିପୋଖରୀ ବ୍ଲକର ଆଖୁଆପଦା ଜଳସେଚନ ବିଭାଗ ଏସବୁ ଜାଣିଶୁଣି ମଧ୍ୟ କାହିଁକି ତଦନ୍ତ ନ କରି ଚୁପ ବସିଛି ତାହା ଏବେ ଏକ ପ୍ରଶ୍ନବାଚୀ ହୋଇଛି । ଏ ସଂକ୍ରାନ୍ତରେ ଆମେ ସହକାରୀ ଯନ୍ତ୍ରୀ କେଶବ ବେହେରାଙ୍କୁ ପଚାରିବାରୁ ସେ ଆମ ପାଖରୁ କୈଣସି ଅନୁମତି ନେଇ ନ ଥିବାର କହିଛନ୍ତି । ଆଗକୁ ଚାଷୀ ବଡ ନା ପମ୍ପ ମାଲିକ ବଡ ତଦନ୍ତରେ ଜଣାପଡିବା ସହ ଏହି ବେଆଇନ ନିର୍ମାଣକୁ ବନ୍ଦ କରିବାକୁ ଚାଷୀମାନେ ଚେତାବନୀ ଦେଇଛନ୍ତି ।

## ଅଗଷ୍ଟ ଶେଷସୁଦ୍ଧା ସରିବ ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ

ଚୌଦ୍ୱାର,(ପିପିଏସ୍): ଚୌଦ୍ୱାର ମଧଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କର୍ଯ୍ୟ ଆଜକୁ ୭ ବର୍ଷ ହେବ ଚାଲିଥିଲେ ହେଁ ତାହା ଏଯାବତ୍ ଶେଷ ହୋଇ ପରିନାହିଁ। ୧୬ ନମ୍ବର ଓ ୫୫ ନମ୍ବର ଜାତୀୟ ରାଜପଥର ସଂଯୋଗସ୍ଥଳ ମଙ୍ଗୁଳି ଠାରୁ ଧୁମାବତୀ ପର୍ଯ୍ୟନ୍ତ ରାସ୍ତା ସଂପ୍ରସାରଣ କାର୍ଯ୍ୟ ବହୁ ମନ୍ଥର ଗତିରେ ଚାଲୁଥିବାରୁ ଏହା କେବେ ସରିବ ଏବଂ ଜନସାଧାରଣ ଉକ୍ତ ରାସ୍ତାରେ ନିର୍ଭୟରେ ଯାତାୟତ କରିବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ଆସନ୍ତା ଅଗଷ୍ଟ ମାସ ଶେଷ ସୁଦ୍ଧା ରାସ୍ତା କାର୍ଯ୍ୟ ସଂପୁର୍ଣ୍ଣ ହେବ ବୋଲି ଜାତୀୟ ରାଜପଥ କାର୍ଯ୍ୟାଳୟର ରିଜିଓନାଲ ଅଫିସର ବୀରେନ୍ଦ୍ର ସିଂ ଚୌଦ୍ୱାରବାସୀଙ୍କୁ ପୁଣିଥରେ ପ୍ରତିଶୃତି ଦେଇଛନ୍ତି । ରାସ୍ତା କାମରେ ଅହେତୁକ ବିଳମ୍ବ, ରାସ୍ତାପାର୍ଶ୍ୱ ଡ୍ରେନ ନିର୍ମାଣ, ରାସ୍ତାକଡ଼ ଆଲୋକୀକରଣ ଆଦି କାର୍ଯ୍ୟ ତ୍ୱରାନ୍ୱିତ କରିବା ଦାବିରେ ତଥା ଠିକାସଂସ୍ଥା ଏମଏସଆଇଏଲ ତରଫରୁ ବାରମ୍ବାର ଦିଆ ଯାଉଥିବା ମିଥ୍ୟା ପ୍ରତିଶ୍ରୁତି ବିରୁଦ୍ଧରେ ଗୁରୁବାର ଚୌଦ୍ୱାର ଜାଗରଣ ମଞ୍ଚର ସଦସ୍ୟ, ସ୍ଥାନୀୟ ବୁଦ୍ଧିଜିବୀ, ବ୍ୟବସାୟୀ ସଂଘର କର୍ମକର୍ତ୍ତାମାନେ ଭୁବନେଶ୍ୱର ସ୍ଥିତ ଜାତୀୟ ରାଜପଥ ଆଞ୍ଚଳିକ କାର୍ଯ୍ୟାଳୟ ଘେରାଉ କରିଥିଲେ । ଏନ୍ ଏଚ ଆଇ ଅଧିକାରୀଙ୍କ ପ୍ରତିଶୃତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଏହି ଘେରାଉରେ ଜାଗରଣ ମଞ୍ଚର ଶ୍ରୀକାନ୍ତ ପାକଳ, ପ୍ରତାପ ଜେନା, ବୁଲବୁଲ ସାହୁ, ଭୀମସେନ ବିଶ୍ୱାଳ, ବିରାଟ ବଜାର ସଭାପତି ପ୍ରଶାନ୍ତ ବରାଳ, ହରିହର ବେଉରା, ସୁବାସ ସିଂ, ସଞ୍ଜୟ ସିଂ, ମାନସ ଷଡଙ୍ଗୀ, ସନ୍ତୋଷ ଖଟୁଆ, ଅବଦୁଲ ରସିଦ୍, ବର୍ଷାରାଣୀ ପଲେଇ,ଦୀପିକା ମୁଦୁଲି, ମିଲି ବେହେରା, ଅଞ୍ଜନା ସୁବୁଦ୍ଧି, ସୁଜାତା ମହାନ୍ତି, ଦୀପିକା ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ ।




## ୧୧.୯୧ ଗ୍ରାମ ବ୍ରାଉନସୁଗର ଜବତ, ୩ ଗିରଫ



ଭଦ୍ରକ, (ପିପିଏସ୍): ଭଦ୍ରକ ସହର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଧଳା ଜହରରୂପୀ ବ୍ରାଉନସୁଗାରର ଚେର ଚାରିଆଡେ ମାଡିଯାଇଥିବାବେଳେ ଅବକାରୀ ବିଭାଗ ଚୁପ୍ ହୋଇ ବସିଛି। କେବଳ ଯାହା ଗ୍ରାମାଂଚଳ ଓ ସହରାଂଚଳ ଥାନା ପୁଲିସ୍, ଏସ୍‌ପି ମନୋଜ ରାଉତଙ୍କ ନିର୍ଦ୍ଦେଶ କ୍ରମେ ରାତ୍ରୀକାଳୀନ ପାଟ୍ରୋଲିଂ ଓ ଗାଡି ଯାଞ୍ଚ ସମୟରେ ତାହା ଜବତ କରିଚାଲିଛି। ତେବେ ଏସ୍‌ପି ଶ୍ରୀ ରାଉତଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଭଦ୍ରକ ସହରାଞ୍ଚଳ ଥାନା ପୁଲିସ୍ ଏହି ବ୍ରାଉନସୁଗାର ଧରିବା କ୍ଷେତ୍ରରେ ବିପୁଳ ସଫଳତା ପାଇଛି। ୬୦ ଗ୍ରାମ ବ୍ରାଉନସୁଗାର ଜବତ ସହ ୫ଟି ଏନଡିପିଏସ୍ ମାମଲା ରୁଜୁ କରି ୧୧ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଆଜି ଭଦ୍ରକ ସହରାଂଚଳ ଥାନା ପୁଲିସ୍ କେଶ୍ ନଂ ୪୩୦/୨୫ ମୂଳେ ୧୧.୯୧ ଗ୍ରାମ ବ୍ରାଉନସୁଗାର ଜବତ କରି ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏମାନେ ହେଲେ ଖୋର୍ଦ୍ଧା ଲକ୍ଷ୍ମୀସାଗର ଥାନା ଅଧୀନସ୍ଥ ବୁଦ୍ଧେଶ୍ୱରୀ କଲୋନୀ ନିବାସୀ ବି. ମୁନ୍ନା ପାତ୍ର, ଯାଜପୁର ଜିଲାର ବରୁହାଁ ଥାନା ଅଧୀନସ୍ଥ କୈଳାସପୁର ନିବାସୀ ସତ୍ୟନାରାୟଣ ନାୟକ ଓ ଯାଜପୁର ଟାଉନ୍ ଥାନା ନିବାସୀ ଗରିଆପୁରର ସତ୍ୟପ୍ରକାଶ ବେହେରା ଅଟନ୍ତି ବୋଲି ଥାନାଧିକାରୀ ପ୍ରଭାଂଶୁ ମିଶ୍ର ସୂଚନା ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓଡିଶା ଆଦିବାସୀ ମହାସଂଘ

ଭୁବନେଶ୍ୱର, (ହି.ସ.): ଲୋକସେବା ଭବନ ଠାରେ ଗୁରୁବାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଆଦିବାସୀ ମହାସଂଘ, ଓଡିଶାର କର୍ମକର୍ତା ଓ ସଦସ୍ୟ ମାନେ ଭେଟି ଆଦିବାସୀ ମାନଙ୍କ ବିଭିନ୍ନ ସମସ୍ୟା ଓ ସାମୂହିକ ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି।

ଏହି ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଦିବାସୀ ମାନଙ୍କ ସର୍ବାଙ୍ଗୀନ ବିକାଶ ଆମ ସରକାରର ପ୍ରାଥମିକତା ରହିଛି। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିବା ସମାଜର ୪ଟି ବର୍ଗଙ୍କ ଭିତରେ ପ୍ରଥମରେ ଥିବା ଗରିବଙ୍କ ଭିତରେ ଆଦିବାସୀ ସମ୍ପ୍ରଦାୟ ମଧ୍ୟ ଅଛନ୍ତି। ପ୍ରଧାନମନ୍ତ୍ରୀ ଆଦିବାସୀଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଆମ ସରକାର ମଧ୍ୟ ଆଦିବାସୀ ମାନଙ୍କ କଲ୍ୟାଣକୁ ସର୍ବାଧିକ ଗୁରୁତ୍ୱ ଦେଉଛି। ଜୀବନ ଜୀବିକା ସହିତ ସେମାନଙ୍କ ଶିକ୍ଷାର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି। ଆଦିବାସୀ ଅଞ୍ଚଳ ଗୁଡିକର ସାମଗ୍ରିକ ବିକାଶ ପାଇଁ ଖୁବଶୀଘ୍ର ଉତର ଓଡିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡିଶା ବିକାଶ ପରିଷଦ ଗଠନ କରାଯାଉଛି। ଆଦିବାସୀ ସମାଜରୁ କୁସଂସ୍କାର ଦୂର କରିବା ପାଇଁ ମହାସଂଘକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହିତ ଆଲୋଚନା ମାଧ୍ୟମରେ ସବୁ ସମସ୍ୟା ସମାଧାନ ହେବ ବୋଲି କହିଥିଲେ। ଏହି ବୈଠକରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ମହାସଂଘର ସଭାପତି କର୍ମା ଲାକ୍ରା, ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ନାୟକ ଏବଂ ପ୍ରାୟ ୧୧ଟି ଜିଲ୍ଲାରୁ ସଦସ୍ୟ ମାନେ ଯୋଗଦେଇଥିଲେ।

## ଚାପରେ ଥିବାରୁ ମୌସୁମୀ ଅଧିବେଶନ ଡାକୁନାହାନ୍ତି ସରକାର: ଭୂପିନ୍ଦର ସିଂ

**ଭୁବନେଶ୍ୱର, (ହି.ସ.):** ସରକାର ଏବେ ଚାପରେ । ସେଥିପାଇଁ ମୌସୁମୀ ଅଧିବେଶନ୍ ଡାକୁ ନାହାନ୍ତି ବୋଲି କହିଛନ୍ତି ବରିଷ୍ଠ ବିଜେଡି ନେତା ଭୂପିନ୍ଦର ସିଂ । ସେ କହିଛନ୍ତି ଯେ, ଅନାସ୍ଥା ପ୍ରସ୍ତାବ ଆଣିଲେ ସରକାରଙ୍କ ଉପରେ ଅଧିକ ଚାପ ପଡିବ । ଅନାସ୍ଥା ପ୍ରସ୍ତାବରେ ବିଜେଡିର ଆଭିମୁଖ୍ୟ କଣ ରହିବ ତାହା ଦଳର ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଷ୍ପତି ନେବେ। ସମ ଦୂରତା ବିଜେଡିର ପଲିସି ରହିଛି । ବିଜେଡି ଆଗକୁ ବିଧାନସଭାରେ ବିରୋଧ କରିବ ବୋଲି ସେ କହିଛନ୍ତି ।

## ରାଜଧାନୀରୁ ନକଲି ସରକାରୀ ଚାକିରିଆ ଗିରଫ

ଭୁବନେଶ୍ୱର, (ହି.ସ.): ରାଜଧାନୀରୁ ନକଲି ସରକାରୀ ଚାକିରିଆ ଗିରଫ କ୍ଷ ଲୋକସେବା ଭବନରେ ନକଲି ଆଇଡି ଦେଖାଇ ପଶିବା ବେଳେ ମାଡ଼ିବସିଲେ ସୁରକ୍ଷା କର୍ମୀ କ୍ଷ ଏନେଇ ଅଭିଯୋଗ ହେବାରୁ କ୍ୟାପିଟାଲ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତ ସନ୍ଦୀପ ପ୍ରଧାନକୁ ଗିରଫ କରି କୋର୍ଟ ଚାଲାଣ କରିଛି କ୍ଷ ପୋଲିସ ତା ନିକଟରୁ ନକଲି ଆଇକାର୍ଡ ଜବତ କରିଛି କ୍ଷ ସୂଚନାନୁଯାୟୀ ଗତକାଲି ଦିନ ପ୍ରାୟ ୩:୪୦ ମିନିଟ ସମୟରେ ସନ୍ଦୀପ ଲୋକସେବା ଭବନ ଗେଟ ନମ୍ବର ୬ ରେ ଏକ ନକଲି ଆଇ କାର୍ଡ ଧରି ଭିତରକି ପଶିବାକୁ ଚେଷ୍ଟା କରିଥିଲା କ୍ଷ ଗେଟ ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀଙ୍କୁ ସନ୍ଦେହ ହେବାରୁ ସେମାନେ ତାଙ୍କୁ ପଚରାଉଚରା କରିଥିଲେ ହେଲେ ସନ୍ଦୀପ ତାଙ୍କ ପ୍ରଶ୍ନର ସଠିକ ଉତ୍ତର ଦେଇ ପାରିନଥିଲେ କ୍ଷ ଶେଷରେ ସୁରକ୍ଷାକର୍ମୀ କ୍ୟାପିଟାଲ ଥାନାରେ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ।

## କେମିତି ଲୋକଙ୍କ କାମ ହେବ ରାଜ୍ୟପାଳଙ୍କ ଗୁରୁତ୍ୱ

ଭୁବନେଶ୍ୱର, (ହି.ସ.): ପ୍ରୋଟୋକାଲ ପରିଧି ବାହାରକୁ ଆସି ସାଧାରଣ ଲୋକଙ୍କ ସହ କଥା ହେଉଛନ୍ତି ରାଜ୍ୟପାଳ। ପୂର୍ବରୁ କଲାମଙ୍କ ଉଦାହରଣ ରହିଛି । ପୂର୍ବ ରାଜ୍ୟପାଳ ଗଣେଶୀ ଲାଲ ମଧ୍ୟ ଲୋକଙ୍କ ସହ ମିଶୁଥିଲେ । ଏବେର ରାଜ୍ୟପାଳ ଲୋକଙ୍କ ସହଯୋଡି ହେବା ଏବଂ ସମସ୍ୟା ସାମାଧାନ ଉଦାହରଣ ସୃଷ୍ଟି କରିଛନ୍ତି । ସିଧାସଳଖ ମନ୍ତ୍ରୀ ଅଧିକାରୀଙ୍କ ସହ ସାକ୍ଷତ କରି ସମୀକ୍ଷା ଆଲୋଚନା କରୁଛନ୍ତି। କେବଳ ସରକାରୀ ଦଳ ନୁହେଁ ଆଗକୁ ବିରୋଧୀ ଦଳ ନେତା ଏବଂ ବିଧାୟକଙ୍କ ସହ ଆଲୋଚନା କରିବେ। ବିଧାୟକଙ୍କୁ ଡାକି ମଧ୍ୟ ନିର୍ବାଚନୀ ମଣ୍ଡଳୀ କଥା ଆଲୋଚନା କରୁଛନ୍ତି ।କେବଳ କାଗଜ ପତ୍ର ନୁହେଁ ଗ୍ରାଉଣ୍ଡରେ କେମିତି ଲୋକଙ୍କ କାମ ହେବ ସେ ଦିଗରେ ରାଜ୍ୟପାଳ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

# ବୃଦ୍ଧଙ୍କୁ ଖଣ୍ଡାରେ ଆକ୍ରମଣ କରି ୫ମେଣ୍ଢା ନେଇଗଲେ ଦୁର୍ବୃତ୍ତ

ଗୋପ (ପିପିଏସ) ଗତ ବୁଧବାର ବିଳମ୍ବିତ ରାତିରେ ଜଣେ ବୃଦ୍ଧ ଙ୍କୁ ଖଣ୍ଡାରେ ଆକ୍ରମଣ କରି ତାଙ୍କ କୁଡ଼ିଆରେ ଥିବା ୫ମେଣ୍ଢା ନେଇଗଲେ ଦୁର୍ବୃର୍ତ୍ତ। ବୃଦ୍ଧ ଜଣକ ଗୋପ ଡାକ୍ତରଖାନାରେ ଚିକିତ୍ସିତ ହେବା ସହ ଏନେଇ ଗୋପ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଅନ୍ୟ ଏକ ସ୍ଥାନରୁ ୫ଟି ଛେଳି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସୁଚନା ମୁତାବକ ଗତ କିଛିଦିନ

**ଗୋଟିଏ ରାତିରେ ୨ସ୍ଥାନରୁ ୧୦ଟି ଛେଳି ମେଣ୍ଢା ଚୋରି**

ହେଲା କେତେକ ଛେଳି ମେଣ୍ଢା ଚୋରି ରାକେଟ ସକ୍ରିୟ ହୋଇଉଠିଥିା ବେଳେ ଗୋପ ଥାନାର ବିଭିନ୍ନ ଅଞ୍ଚଳରେ ଲଗାତାର ଭାବେ ଛେଳି ମେଣ୍ଢା ଚୋରି ହେବାରେ ଲାଗିଛି। ଏନେଇ ଗୋପ ଥାନାରେ ଅଭିଯୋଗ ହେଉଥିଲେ ମଧ୍ୟ ପୋଲିସ ଦୁର୍ବୃର୍ତ୍ତଙ୍କ କୌଣସି ଟେର୍ ପାଉନି। ସେହିପରି ଗତ ବୁଧବାର ବିଳମ୍ବିତ ରାତିରେ ଥାନ ଠାରୁ ମାତ୍ର ୨ ଶହ ମିଟର ଦୂର ଗୋପ ବାଲି ପଡିଆ ନିକଟରୁ ୫ଟି ମେଣ୍ଢା ଚୋରି ହୋଇଥିବା ବେଳେ ଏହି ଥାନା ଅର୍ନ୍ତଗତ ପୟରା ପଂଚାୟତ ହେଲାରୀ ଗ୍ରାମରୁ ଜଣେ ବ୍ୟକ୍ତିଙ୍କ ଗୁହାଳରୁ ୫ଟି ଛେଳି କେହି ଦୁର୍ବୃର୍ତ୍ତ ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ସୁଚନା ମୁତାବକ ଗୋପ ବାଲି ପଡ଼ିଆରେ ଏକ କୁଡିଆ କରି ବେଣୁଧର ବେହେରା ନାମକ ଜଣେ ବୃଦ୍ଧ ଦୀର୍ଘ ଦିନ ଗାଈ ଓ ମେଣ୍ଢା ରଖି ତାଙ୍କ ଜୀବିକା ନିର୍ବାହ କରୁଥିଲେ। ପ୍ରତିଦିନ ପରି କାଲି ମଧ୍ୟ ସେ ସେହି କୁଡିଆରେ ଶୋଇଥିବା ବେଳେ ବିଳମ୍ବିତ ରାତ୍ରୀରେ ୫/୬ଜଣ ଦୁର୍ବୃର୍ତ୍ତ ତାଙ୍କ କୁଡ଼ିଆ କବାଟ ଖୋଲି ଭିତରକୁ ଯାଇ ବୃଦ୍ଧଙ୍କୁ ଠେଲି ତଳେ ପକାଇ ଏକ ଖଣ୍ଡାରେ ଆକ୍ରମଣ କରି ଲହୁ ଲୁହାଣ କରିବା ସହିତ ୫ଟି ମେଣ୍ଢା ନେଇ ଆସିଥିବା କାର୍ ରେ ଭର୍ତ୍ତି କରି ଚମ୍ପଟ ମାରିଥିଲେ। ସେହିପରି ହେଲାରୀ ଗ୍ରାମର ସୁମନ ବେହେରାଙ୍କ ଗୁହାଳ କବାଟ ଭାଙ୍ଗି କେହି ଦୁର୍ବୃର୍ତ୍ତ ୫ଟି ଛେଳି ନେଇ ପଳାଇଯାଇଥିଲେ। ସକାଳୁ ସୁମନ ଉଠି ତାଙ୍କ ଗୁହାଳରେ ଛେଳି ନଥିବା ଦେଖିବାହୁ ଖୋଜା ଖୋଜି କରି ନପାଇବାରେ ଗୋପ ଥାନାରେ ଅଭିଯୋଗ କରିଛନ୍ତି।



# କରମଙ୍ଗା-ପାଞ୍ଚଣା ସେବା ସମବାୟ ସମିତି ଧାନ କିଣା ଦୁର୍ନୀତି ତଦନ୍ତ ଶେଷ, କାର୍ଯ୍ୟାନୁଷ୍ଠାନ କେବେ?

କୋଣାର୍କ (ପିପିଏସ): କୋଣାର୍କ ନିକଟସ୍ଥ ବଉଲାଙ୍ଗ ଗ୍ରାମ ପଞ୍ଚାୟତର କରମଙ୍ଗା- ପାଞ୍ଚଣା ସେବା ସମବାୟ ସମିତି ପକ୍ଷରୁ ରବି ଧାନ କିଣାରେ ଦୁର୍ନୀତି ଓ ଅନିୟମିତତା ଘଟଣାର ତଦନ୍ତ ଶେଷ ହୋଇଥିବା ଜଣାପଡିଛି

ସୂଚନାରୁ ଜଣାପଡ଼େ କି କରମଙ୍ଗା- ପାଞ୍ଚଣା ସେବା ସମବାୟ ସମିତିରେ ଟୋକନ ପାଇଥିବା କୃଷକମାନଙ୍କ ଠାରୁ ଧାନ କିଣା ନଯାଇ ସମିତିର ସଂପାଦକଙ୍କ କୃଷକ ମାରଣନୀତି ଯୋଗୁଁ ସମିତି ଅଧିନସ୍ଥ ବିଭିନ୍ନ ଗ୍ରାମର ଶତାଧିକ କୃଷକ ଗତ ଜୁଲାଇ ମାସରେ ଦୁର୍ନୀତିର ତଦନ୍ତ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁରୀ ଜିଲ୍ଲାପାଳ ଜିଲ୍ଲା ସମବାୟ ସମିତି ନିବନ୍ଧକଙ୍କୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ସମବାୟ ସମିତି ନିବନ୍ଧକ କରମଙ୍ଗା- ପାଞ୍ଚଣା ସେବା ସମବାୟ ସମିତି ରବି ଧାନ କିଣା ଦୁର୍ନୀତି ଓ ଅନିୟମିତତା ଘଟଣାର ତଦନ୍ତ କରିବା ପାଇଁ ସହକାରୀ ସମବାୟ ନିବନ୍ଧକ କାର୍ଯ୍ୟାଳୟରେ କାର୍ଯ୍ୟରତ ଏସଆରସିଏସଙ୍କୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ତଦନ୍ତକାରୀ ଅଧିକାରୀ ତଦନ୍ତ କରି ରିପୋର୍ଟ ଦାଖଲ କରିଥିବା ଜଣାପଡିଛି।ଫଳରେ ଶତାଧିକ ଟୋକନ ଧାରୀ କୃଷକ ସେମାନଙ୍କ ରବି ଧାନ ମଣ୍ଡିରେ ବିକ୍ରି କରିବାରୁ ବଂଚିତ ହୋଇଥିଲେ। ଟୋକନ ଅବଧିର ଶେଷ ଦିନରେ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ସଂପୃକ୍ତ ସେବା ସମବାୟ ସମିତିକୁ ଧାନ କ୍ରୟ କରିବା ପାଇଁ ଟାର୍ଗେଟ ଆସିଥିବା ବେଳେ ସମିତିର ପିଅନ ଓ ଡାଟା ଏଣ୍ଟ୍ରି ଅପରେଟର ସଂପାଦକଙ୍କ ନିର୍ଦ୍ଦେଶରେ କାର୍ଯ୍ୟାଳୟ ଠାରେ ଆଇ ସ୍କାନ ନ କରି ମନଇଛା ଏକ ଗୁପ୍ତ ସ୍ଥାନରେ ନିର୍ଦ୍ଦିଷ୍ଟ କୃଷକମାନଙ୍କ ଆଇ ସ୍କାନକରି ବ୍ୟାପକ ଅନିୟମିତତା କରିଥିବା ଚର୍ଚ୍ଚାର ବିଷୟ ପାଲଟିଛି। କରମଙ୍ଗା- ପାଞ୍ଚଣା ସେବା ସମବାୟ ସମିତି ରବି ଧାନ କିଣା ଦୁର୍ନୀତି ଓ ଅନିୟମିତତା ଘଟଣାର ତଦନ୍ତ ରିପୋର୍ଟ ଆଧାରରେ ସମିତିର ସଂପାଦକଙ୍କ ସମେତ କର୍ମଚାରୀ ମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ କେବେ ଗ୍ରହଣ କରାଯିବ ତାହା ଅଭିଯୋଗ କାରୀ କୃଷକ ବିଶ୍ୱଜିତ ସ୍ୱାଇଁ, ପୁରୁଷୋତ୍ତମ ସ୍ୱାଇଁ, ଗଦାଧର ପାଇଟାଳ, ସଂଗ୍ରାମ କେଶରୀ ସାହୁ, ଦିଲ୍ଲୀପ କୁମାର ବେହୁରା, ରତିକାନ୍ତ ପାଢୀ, କାଦମ୍ବିନୀ ପାଇଟାଳ, ବର୍ଷାରାଣୀ ସାହୁଙ୍କ ସମେତ ଶତାଧିକ କୃଷକ ମାନେ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ତଦନ୍ତ ଅଧିକାରୀ ଏସଆରସିସି ସଂଜୟ କୁମାର କୁଅଁରଙ୍କୁ ପଚାରିବାରେ ସେ କୁହନ୍ତି କରମଙ୍ଗା- ପାଞ୍ଚଣା ସେବା ସମବାୟ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମର କୃଷକମାନଙ୍କ ଅଭିଯୋଗ ଆଧାରରେ ତଦନ୍ତ କରାଯାଇଛି। ରିପୋର୍ଟ ଆଧାରରେ ଜିଲ୍ଲା ସମବାୟ ସମିତି ନିବନ୍ଧକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପୁରୀ ଜିଲ୍ଲା ସମବାୟ ସମିତି ନିବନ୍ଧକ ସୁନିତା ପତିଙ୍କୁ ପଚାରିବାରେ ସେ କୁହନ୍ତି ତଦନ୍ତ ରିପୋର୍ଟରେ ସମିତିର ସଂପାଦକ ନିଜ ପଦବୀର ଦୂରୁପଯୋଗ କରି ୫୬ରୁ ଊର୍ଦ୍ଧ୍ୱ କୃଷକ ମାନଙ୍କ ଟୋକନ ଡେଭିଏସନ କରି ରବି ଧାନ କିଣାରେ ଦୁର୍ନୀତି ଓ ଅନିୟମିତତା କାର୍ଯ୍ୟ କରିଛନ୍ତି। ଜିଲ୍ଲାପାଳଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରାଯିବା ପରେ ସଂପାଦକ ଓ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ନିଷ୍ଟ୍ ବିଶ୍ୱବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବ୍ରହ୍ମପୁର(ପିପିଏସ୍): ଦକ୍ଷିଣ ଓଡିଶାର ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନ ନିଷ୍ଟ ବିଶ୍ୱ ବିଦ୍ୟାଳୟ ପରିସରରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ନିଷ୍ଟ ପ୍ରତିଷ୍ଠାତା ତଥା ସଭାପତି ଡକ୍ଟର ସୁକାନ୍ତ କେ.ମହାପାତ୍ର, କୁଳପତି ଡ଼.ପ୍ରିୟଦର୍ଶନ ପାତ୍ର, ଏକାଡେମିକ୍ ଡିନ୍ ଡ଼. ପି.ରାଜେଶ କୁମାର, ଭାରପ୍ରାପ୍ତ କୁଳସଚିବ ଡ.ବିଷ୍ଣୁକର ନାୟକ ମଞ୍ଚାସୀନ ଥିଲେ। ଏହି ଅବସରରେ ପ୍ରତିଷ୍ଠାତା ତଥା ସଭାପତି ବିଶ୍ୱସ୍ତରୀୟ ନବସୃଜନ କେନ୍ଦ୍ର ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ନିଷ୍ଟରେ ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ପ୍ରତିଦ୍ୱନ୍ଦିତାମୂଳକ ପରିସ୍ଥିତିକୁ ସମ୍ମୁଖୀନ ନେଇ ପ୍ରସ୍ତୁତ କରିବା ଯୁଗପଯୋଗୀ ଶିକ୍ଷାଦାନର ଢାଞ୍ଚା ସହ ଛାତ୍ରଛାତ୍ରୀଙ୍କୁ ସଫଳତାର ଶୀର୍ଷରେ ପହଞ୍ଚିବାକୁ ଉପଦେଶ ଦେଇଥିଲେ। କୁଳପତି କହିଛନ୍ତି ଯେ, ବିଭିନ୍ନ ବିଭାଗର ଛାତ୍ରଛାତ୍ର ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ବିଶ୍ୱ ବିଦ୍ୟାଳୟର ଉଚ୍ଚକୋଟୀର ଶିକ୍ଷା ସହ ମୂଲ୍ୟବୋଧ ଓ ନିଜ ନିଜ ଭବିଷ୍ୟତ ଗଠନ ଉପରେ ଉପଦେଶ ଦିଆଯିବ। ଏକାଡେମିକ ଡିନ କହିଥିଲେ ଯେ, ଆମେ ଶିକ୍ଷାଗତ ବିକାଶ ଉପରେ ଧ୍ୟାନ ଦେବୁ। ଆଇଡିଆ କ୍ଲବ ପାଇଁ ସରକାରଙ୍କ ଠାରୁ ପ୍ରାୟ ୩୦ଲକ୍ଷ ପ୍ରକଳ୍ପ ମଞ୍ଜୁର କରିଛନ୍ତି ବିଷୟରେ ଆଲୋକପାତ କରିଥିଲେ। ଡ.ଆକଂକ୍ଷା ପଟ୍ଟନାୟକ ସଭା ପରିଚାଳନା କରିଥିବା ବେଳେ ପରୀକ୍ଷା ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିଥିଲେ ପରୀକ୍ଷା କେନ୍ଦ୍ର ମୁଖ୍ୟ ପରିଚାଳକ ପ୍ର. ସ୍ୱାଧୀନ ମିଶ୍ର। ହଷ୍ଟେଲ ସୁପରିଟେଣ୍ଡେଣ୍ଟ ପ୍ର.ପୂର୍ଣ୍ଣେନ୍ଦୁ ମିଶ୍ର ହଷ୍ଟେଲର ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ଡିନ୍ କ୍ୟାରିୟର ଆଣ୍ଡ ଡେଭଲପମେଣ୍ଟ ଶୌନକ ବିଶ୍ୱାସ କ୍ୟାରିୟର ଡେଭଲପମେଣ୍ଟ ଓ ପ୍ଲେସମେଣ୍ଟ ପରିସଂଖ୍ୟାନ ସମ୍ପର୍କରେ ଦକ୍ଷତା ପ୍ରଦାନ ଉପରେ ବିବରଣୀ ରଖିଥିଲେ। ଆସୋସିଏଟ୍ ଡିନ୍ ଛାତ୍ର ବ୍ୟାପାର ଡ଼.ପ୍ରୀତି ରଞ୍ଜନ ସାହୁ କହିଥିଲେ ଯେ ଆମେ ଏକ ସହାୟକ ଏବଂ ସମାବେଶୀ ପରିବେଶ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ଯାହା ଆପଣଙ୍କ ବିକାଶ, ସୃଜନଶୀଳତା ଏବଂ ସଫଳତାକୁ ପ୍ରୋତ୍ସାହିତ କରିବ। ଆଇଟି ନିର୍ଦ୍ଦେଶକ ଅଜୟ କୁମାର କେଡ଼ିଆ ନିଷ୍ଟ ସୂଚନା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ବ୍ୟାଚ୍ ସଂଯୋଜକ ପ୍ର. ଆଶିଷ କୁମାର ଦାସ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଥମ ବର୍ଷର ସମୟ ସାରଣୀ ଏବଂ ଇଣ୍ଡକ୍ସନ କାର୍ଯ୍ୟକ୍ରମ ବିଷୟରେ କହିଥିଲେ। ଚତୁର୍ଥ ବର୍ଷ ଛାତ୍ର ଅର୍ପଣ ପାଢ଼ୀ ଏବଂ ଛାତ୍ରୀ ସ୍ୱୟଂଶ୍ରୀ ମିଶ୍ର ଶିକ୍ଷାର୍ଥୀମାନଙ୍କୁ ଅନୁଷ୍ଠାନର ପାଠ୍ୟଶୈଳୀ, ଶୃଙ୍ଖଳା, ବିଭିନ୍ନ କ୍ଲବ୍ କାର୍ଯ୍ୟକଳାପ ଏବଂ ଅଧ୍ୟାପକଙ୍କ ଶିକ୍ଷା ସମ୍ପର୍କରେ ଜଣାଇଥିଲେ। ପରିଶେଷରେ କୁଳସଚିବ ଡ଼.ବିଷ୍ଣୁଙ୍କର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଡ଼.ସିମାଞ୍ଚଳ ପାଣିଗ୍ରାହୀ, ଡ଼.ବ୍ରଜ କିଶୋର ମିଶ୍ର, ଡ଼.ରାଜେଶ କୁମାର ପାଟ୍ଟଯୋଶୀ, ଡ଼.ସବ୍ୟସାଚୀ ରଥ, ଡ଼.ଅମିତ ପଟ୍ଟନାୟକ, ଡ଼.ଦୁର୍ଯ୍ୟୋଧନ ସାହୁ, ଡ଼.ଭାସ୍କର ଭୋଲ, ଡ଼.ସୁବ୍ରତ କୁମାର ସାହୁ, ଡ଼.ସୋରେନ ମିଶ୍ର, ଡ଼.ବରଦା ପ୍ରସାଦ ସେଠୀ, ଡ଼.ମାନବେନ୍ଦ୍ର ପାତ୍ର, ଏନ୍ଏସ୍ଏସ୍ ସଂଯୋଜିକା ପ୍ର.ମିନାକ୍ଷୀ ଦାସ, ଡ଼.ଏମ୍.ରାଜେନ୍ଦ୍ର କୁମାର, ପ୍ର. ଦୁର୍ଗାମାଧବ ପାଢ଼ୀ, ପିତାମ୍ବର ସାହୁ, ସନ୍ତୋଷ କୁମାର ନାୟକ, ପ୍ର.ସରୋଜ କୁମାର ପାଢ଼ୀ, ଟି.କିରଣ ରେଡ଼ି, ପି.ପୁଷ୍ପା, ପ୍ର.ଅଚ୍ୟୁତାନନ୍ଦ ପରିଡା, ପ୍ର.ସୂର୍ଯ୍ୟନାରାୟଣ ପାତ୍ର, ସୌମ୍ୟା ମୁଦୁଲି, ମୁନା ମହାନ୍ତି, ସୁରେଶ ମହାପାତ୍ର, ସଚିନ୍ଦ୍ର ମହାପାତ୍ର, ଗୋପବନ୍ଧୁ ଉତରକବାଟ, ସୁନୀଲ ରାୟ, ଚିନି ନରେଶ, ବାସୁଦେବ ପାଢ଼ୀ ବିଭିନ୍ନ ଦାୟୀତ୍ୱ ନିର୍ବାହ କରିଥିଲେ।

# ଆଇଜିଏମ ବିଜ୍ଞାନ ଓ ବୈଷୟିକ ସ୍କୁଲରେ ନବାଗତ ବିଦ୍ୟାର୍ଥୀଙ୍କୁ ସ୍ୱାଗତ




ଧାମନଗର (ପିପିଏସ): ବିଭିନ୍ନ ମହାବିଦ୍ୟାଳୟରେ ଜୁନିଅର ଶିକ୍ଷାର୍ଥୀମାନେ ସିନିଅର ଛାତ୍ରଛାତ୍ରୀଙ୍କ ଠାରୁ ରାଗିଂର ଶୀକାର ଭଳି ମାନସିକତାକୁ ଦୂରକରିବା ପାଇଁ ଅଧିକାଂଶ ଶିକ୍ଷାନୁଷ୍ଠାନରେ ନବାଗତ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କ୍ରମରେ ଇନ୍ଦିରା ଗାନ୍ଧୀ ବିଜ୍ଞାନ ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଧୂଷୁରୀ ପରିସରରେ +୨ ପ୍ରଥମ ବର୍ଷ କଳା, ବାଣିଜ୍ୟ ଓ ବିଜ୍ଞାନ ଛାତ୍ର ଛାତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଛି। ଏହି ଉଦ୍ଦେଶ୍ୟରେ ବିଦ୍ୟାଳୟ ପରିସରରେ ଅଧକ୍ଷ ଗୌରାଙ୍ଗ ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱାଗତ ଉତ୍ସବକୁ ଇତିହାସ ବିଭାଗ ଅଧ୍ୟାପକ ଚିତ୍ତରଞ୍ଜନ ଦାଶ ସଞ୍ଚାଳନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପିକା ତଥା ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଅଧ୍ୟକ୍ଷା ଅର୍ଚ୍ଚନା ମହାନ୍ତି ନବାଗତ ଛାତ୍ର ଛାତ୍ରୀ ମାନଙ୍କୁ ଉପାଦେୟ ଉପଦେଶ ପ୍ରଦାନ କରିଥିଲେ। ଏକାଡେମୀକ ଭର୍ଷର ଅଧ୍ୟାପକ ଭାଗିରଥି ବେହେରା ପ୍ରାଥମିକ ସୂଚନା ପ୍ରଦାନ, ସଂସ୍କୃତ ଅଧ୍ୟାପକ ଦିଲ୍ଲୀପ କୁମାର ମିଶ୍ର ବିଦ୍ୟାଳୟର ଶୈକ୍ଷିକ ବାତାବରଣ ସମ୍ପର୍କରେ ଓଜସ୍ୱୀ ବକ୍ତବ୍ୟ ରଖିଥିଲେ। ବାଣିଜ୍ୟ ଅଧ୍ୟାପକ ନରେନ୍ଦ୍ର ସାହୁ ଓ ଭରତ ବେହେରା ଛାତ୍ରଛାତ୍ରୀଙ୍କ କଲେଜ ଜୀବନ ଓ ଭବିଷ୍ୟ ନିର୍ମାଣ ସମ୍ପର୍କରେ ସୂଚନା ଦେଇଥିଲେ। ପିଜିଟି ଅଧ୍ୟାପିକା ମନସ୍ମିତା ସାହୁ ଓ ଅର୍ଥନୀତି ଅଧ୍ୟାପକ ନୃସିଂହ ଚରଣ ପାଢ଼ୀ ଶିକ୍ଷା ପାଇଁ ଅଧ୍ୟବସାୟ ଓ ଏକାଗ୍ରତାର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ରସାୟନ ବିଜ୍ଞାନ ଅଧ୍ୟାପକ କମଳ ମଲ୍ଲିକ ବିଭିନ୍ନ ଉଦାହରଣ ଦେଇ ଶିକ୍ଷାସାଧନ ପାଇଁ ଶୃଙ୍ଖଳାର ଆବଶ୍ୟକ ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ଇଂରାଜୀ ଅଧ୍ୟାପିକା ଚିନ୍ମୟୀ ସେଠୀ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ଜଗନ୍ନାଥ ପଣ୍ଡା, ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ରୋଜାଲିନ ଶତପଥୀ, ଗଣିତ ଅଧ୍ୟାପକ ଶିବ ଶଙ୍କର ଧଳ, ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ଧାମନଗର ପ୍ରେସ କ୍ଲବର ସଭାପତି କିଶାନ ରାଉତ, ପଦାର୍ଥ ବିଜ୍ଞାନ ଆସିଷ୍ଟାଣ୍ଟ ଅଭୟ ବେହେରା ପ୍ରମୁଖ ସ୍ୱାଗତ ଉତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ପକ୍ଷରୁ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ପୁଷ୍ପ ଚନ୍ଦନ ଦେଇ ସ୍ୱାଗତ କରାଯାଇ ଥିବାବେଳେ କର୍ମଚାରୀ ଅମରେଶ ରାଉତ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ପ୍ରଦାନ ପୂର୍ବକ ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଗୋଲକ ସେଠୀ, ଗୋଲକ ମଲ୍ଲିକ, ଦେବ ରାଉତ, ଗୋପବନ୍ଧୁ ଜେନା, ରମା ମାଝୀ, କୃପାସିନ୍ଧୁ ସାହୁ ପ୍ରମୁଖ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ।

# ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ



ଭାପୁର, (ପିପିଏସ): ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତ ପଥରପୁଞ୍ଜି ଗ୍ରାମର ସ୍ୱାଧୀନ ସଂଗ୍ରାମୀ ବାଞ୍ଛାନିଧି ପାଇକରାୟଙ୍କ କନିଷ୍ଠ ପୁତ୍ର କାଶୀନାଥ ଦାସ (୯୦) ବର୍ଷ ବୟସରେ ନିଜ ବାସ ଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ବେଳକୁ ତାଙ୍କ ପାଖରେ ପୁଅ, ବୋହୂ ଏବଂ ପରିବାର ବର୍ଗ ଉପସ୍ଥିତ ଥିଲେ। ସେ ଜଣେ ମିଷ୍ଟଭାଷୀ, ମେଳାପି, ପରୋପକାରି ଓ ଧର୍ମ ପରାୟଣ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳି ଯାଇଥିବା ବେଳେ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଶବ ଦାହ କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ତଥା ଖଣ୍ଡପଡା ବ୍ଲକ ଶିକ୍ଷା ବିଭାଗର ବରିଷ୍ଠ କିରାଣୀ ବନମାଳୀ ହରିଚନ୍ଦନ ମୁଖାଗ୍ନି ଦେଇଥିଲେ।

# ସ୍ୱାମୀ ହତ୍ୟା ଅଭିଯୁକ୍ତା ସ୍ତ୍ରୀ ନିର୍ଦ୍ଦୋଷରେ ଖଲାସ

ବ୍ରହ୍ମପୁର(ପିପିଏସ୍): ୩ୟ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ବିବସ୍ୱତ ଗୌତମ ଗୁରୁବାର ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ହେମ ଶବର ଓରଫ୍ ଦମୟନ୍ତୀଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୧୧.୮.୨୦୨୨ରିଖ ଦିନ ମୃତକ ଜେ. ଅଲେୟାଙ୍କ ଭାଇ ଜେ.ଗୁରୁମୂର୍ତ୍ତି ଜରଡ଼ା ଥାନାରେ ତାଙ୍କ ଭାଇ ଜେ.ଅଲେୟାଙ୍କୁ ମହାଦେଇପୁର ଗ୍ରାମ ହନୁମାନ ମନ୍ଦିର ନିକଟରେ ହେମ ଶବର ନାମକ ଏକ ମହିଳା ତଣ୍ଟି ଚିପି ହତ୍ୟା କରିଛନ୍ତି ବୋଲି ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ୍ ଏତଲାକୁ ଗ୍ରହଣ କରି ତଦନ୍ତ କରି ଅଭିଯୁକ୍ତ ହେମ ଶବରଙ୍କୁ ଦଫା ୩୦୨ପ୍ରକାରେ ଗିରଫ କରି ଅଦାଲତକୁ ବିଚାରଣା ପାଇଁ ପଠାଇଥିଲେ। ତଦନ୍ତ ଅଧିକାରୀ ଭବାନନ୍ଦ ପ୍ରଧାନ ଅଭିଯୋଗ ଫର୍ଦ୍ଦ ଅଦାଲତରେ ଦାଖଲ କରିଥିଲେ। ସରକାରଙ୍କ ତରଫରୁ ୧୫ଜଣ ସାକ୍ଷୀ ବିଚାରଣା ହୋଇଥିବା ବେଳେ ଅଭିଯୁକ୍ତ ପକ୍ଷରୁ କେହି ହେଲେ ବିଚାରଣା ହୋଇନଥିଲେ। ପ୍ରକାଶ ଥାଉକି ଅଦାଲତରେ ବିଚାରଣା ସମୟରେ ଅନେକ ସାକ୍ଷୀ ଅଭିଯୁକ୍ତ ହେମ ଶବରଙ୍କୁ ମୃତକ ଜେ.ଆଲେୟାର ଦ୍ୱିତୀୟ ସ୍ତ୍ରୀ ବୋଲି କହିଥିଲେ। ସରକାରୀ ଓକିଲ ରଜତ ଦାସ ମାକଦ୍ଦମା ପରିଚାଳନା କରୁଥିଲା ବେଳେ ଅଭିଯୁକ୍ତ ପକ୍ଷରୁ ଆଇନ୍‌ଜୀବୀ ମନୋଜ ପଟ୍ଟନାୟକ ଲଢୁଥିଲେ ତାଙ୍କୁ କନିଷ୍ଠ ଆଇନଜୀବୀ ଚନ୍ଦ୍ରଗୁପ୍ତ ପଟ୍ଟନାୟକ ଓ ନଦିଆଚାନ୍ଦ ବିଶ୍ୱାଳ ସହଯୋଗ କରୁଥିଲେ।

# ଖରିଫ ଧାନକିଣା ପାଇଁ ଚାଷୀ ପଞ୍ଜୀକରଣ ଆରମ୍ଭ

ଭାପୁର, (ପିପିଏସ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଆସନ୍ତା ଖରିଫ ବିପଣନ ବର୍ଷ ୨୦୨୫ -୨୬ ପାଇଁ ଚାଷୀ ପଞ୍ଜିକରଣ ଆରମ୍ଭ ହୋଇଛି। ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ପଞ୍ଜିକରଣ ଆସନ୍ତା ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଚଳିତ ବର୍ଷ ଚାଷୀ ପଞ୍ଜିକରଣ ନୂତନ ଭାବେ କରାଯିବ। ପୂର୍ବ ବର୍ଷର ନବୀକରଣ କରା ଯିବ ନାହିଁ। ଏହି ପ୍ରକ୍ରିୟାରେ ଚାଷୀମାନଙ୍କର ଇ - କ୍ୱାଇସି ଓ ବ୍ୟାଙ୍କ ଖାତା ସହ ଆଧାର ସଂଯୋଗୀକରଣ ବାଧ୍ୟତାମୂଳକ କରାଯାଇଛି। ଯାହାଫଳରେ ଯୋଗ୍ୟ ଚାଷୀମାନେ ଉପକୃତ ହେବେ।

# ବୋତଲରେ ପେଟ୍ରୋଲ ବିକ୍ରି ନିଷେଧ ନେଇ ସମସ୍ୟାରେ ଚାଳକ



ଅସ୍ତରଙ୍ଗ (ପିପିଏସ୍): ଦୁର୍ଘଟଣା ଘଟିବା ପରେ ଚେତା ପଶୁଛି। କିଛି ଦିନ ହଇଚଇ ସୃଷ୍ଟି ହେଉଛି। ଏପରି ଘଟଣା ଯେପରି ପୁନର୍ବାର ନ ଘଟିବ ସେଥିପାଇଁ ନିୟମକୁ ଲାଗୁ କରାଯାଉଛି। ପୁଣି ଯେଉଁ କଥାକୁ ସେହି କଥା। ନିୟମ ପାଳନ ହେଉଛି କି ନାହିଁ ତାହା ଦେଖିବାକୁ ପ୍ରଶାସନର ସମୟ ନାହିଁ କି ସରକାରଙ୍କ ତାଗିଦ ନାହିଁ। ଏହା ଏବେ ସାଧାରଣ ଲୋକଙ୍କ ଭିତରେ ଆଲୋଚନା ହେଉଛି।କିନ୍ତୁ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଲୁଚି ଛପି ବ୍ୟବସାୟୀ ପ୍ଲାଷ୍ଟିକି ବୋତଲ ରେ ପେଟ୍ରୋଲ ବିକ୍ରି କରୁଥିବା ବେଳେ ଯାଞ୍ଚ ମଧ୍ୟ ହେଉନାହିଁ।

ବାଲେଶ୍ୱରରେ ଛାତ୍ରୀ ସୋମ୍ୟାଶ୍ରୀଙ୍କ ଆତ୍ମହୂତି ପରେ ସରକାର ପେଟ୍ରୋଲ କିପରି ଆସିଲା, କେଉଁଠୁ ଆସିଲା ତାହାକୁ ଗୁରୁତ୍ୱ ଦେଇ ବହୁ ଦିନରୁ ଥିବା ନିୟମକୁ ଖାଲି ଲୋକଙ୍କ ସମ୍ମୁଖରେ ରଖାଗଲା। ପାଳନ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ପ୍ଲାଷ୍ଟିକି ବୋତଲରେ ଆଉ ଖୋଲା ପେଟ୍ରୋଲ ଗ୍ରାହକ ଙ୍କୁ ପ୍ରଦାନ କରାଯିବ ନାହିଁ। ସରକାର ଏହା ଘୋଷଣା କରିବା ପରେ ବାଇକି ଓ କାର ଚାଳକ ଏବେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଉଛି। ଖାଲି ଅସୁବିଧାରେ ପଡ଼ିନାହାନ୍ତି, ପେଟ୍ରୋଲ ପମ୍ପ କର୍ମଚାରୀ ଓ ପ୍ଲାଷ୍ଟିକି ବୋତଲ ନେଇ ଆସୁଥିବା ଗ୍ରାହକଙ୍କ ମଧ୍ୟରେ କଥା କଟାକଟି ପର୍ଯ୍ୟନ୍ତ କଥା ଯାଉଥିବା ଦେଖିବାକୁ ମିଳୁଛି।ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ରାସ୍ତା ପାର୍ଶ୍ୱରେ ଯେଉଁ ମାନେ ଖୋଲାରେ ପେଟ୍ରୋଲ ବିକ୍ରୟ କରୁଥିଲେ ସେମାନେ ମଧ୍ୟ ଚଢ଼ାଉ ଭୟରେ ପେଟ୍ରୋଲ ବିକ୍ରି ବନ୍ଦ କରିଦେବା ଫଳରେ ରାସ୍ତାରେ ଯାତାୟାତ କରୁଥିବା ଯାନବାହନ ତେଲ ଶେଷ ହୋଇଯିବା କାରଣରୁ ଚାଳକ ନାହିଁ ନଥିବା ସମସ୍ୟାରେ ପଡୁଛନ୍ତି। ଅନେକ ସ୍ଥାନରେ ଲୁଚାଛପା ରେ ମଧ୍ୟ ବିକ୍ରି ହେଉଛି। ପ୍ଲାଷ୍ଟିକି ବୋତଲରେ ପେଟ୍ରୋଲ ନେବା ନିଷିଦ୍ଧ ନିୟମ ବହୁ ବର୍ଷରୁ ରହିଛି। ଖାଲି ଯାହା ଏହାକୁ ପାଳନ କରାଯିବାରେ ପ୍ରଶାସନ ଅବହେଳା କରିଆସୁଥିଲା। ପ୍ଲାଷ୍ଟିକି ବୋତଲରେ ତେଲ ନେଲେ 'ପ୍ଲାଷ୍ଟିକି କରେଣ୍ଟ 'ସୃଷ୍ଟି ହୋଇ ନିଆଁ ଲାଗିଯିବାର ଆଶଙ୍କା ରହିଥିବାରୁ ଏହା ଉପରେ ଦୀର୍ଘ ବର୍ଷ ହେଲା ପ୍ରତିବନ୍ଧକ ଲଗାଯାଇଛି। ତେବେ ଗ୍ଲାସ ବୋତଲରେ ଏକ ଲିଟର ପର୍ଯ୍ୟନ୍ତ ଓ ଟିଣ ବା ଆଲୁମିନିୟମ କଣ୍ଟେନର ରେ ୨୫ଲିଟର ପର୍ଯ୍ୟନ୍ତ ତେଲ ପରିଚୟ ପତ୍ର ଦେଖାଇବା ପରେ ଦିଆଯିବାର ନିୟମ ଥିଲେ ହେଁ ଏହାକୁ ପାଳନ କରାଯାଉନାହିଁ। ସବୁ ନିୟମ କିଛି ଦିନ ପରେ ହୁଗୁଳା ହୋଇଯିବା ପରି ସରକାରଙ୍କ ବର୍ତ୍ତମାନର ନିୟମ ସେହିପରି କିଛି ହୋଇଯିବନି ତ? ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିବାକୁ ଆରମ୍ଭ କଲେଣି।

କିଛି ବର୍ଷ ତଳେ ହେଲମେଟ ପିନ୍ଧିବା ନିୟମକୁ କଡାକଡି କରାଗଲା। ହେଲମେଟ ପିନ୍ଧି ନଥିଲେ ତେଲ ଦିଆଯିବ ନାହିଁ ବୋଲି ସରକାର ଘୋଷଣା କଲେ। ପେଟ୍ରୋଲ ପମ୍ପରେ ମଧ୍ୟ ଏହି ଘୋଷଣା ସମ୍ପର୍କିତ ପ୍ରଚାର ପତ୍ର ମରାଯାଇଥିବା ଦେଖାଗଲା। ଚାଳକଙ୍କ ଭିତରେ ହେଲମେଟ ପିନ୍ଧିବାର ଅଭ୍ୟାସ ପଡ଼ିଆସୁଥିବା ବେଳେ ନିୟମ ଧୀରେ ଧୀରେ କୋହଳ ହୋଇ ମିଳାଇ ଗଲା। ତେବେ ନିୟମକୁ କିପରି ସବୁଦିନ ପାଳନ କରାଯିବ ସେଥିପାଇଁ ପ୍ରଶାସନ ନିଘା ରହୁ ବୋଲି ଦାବୀ ହେଉଛି। ରାସ୍ତାରେ ତେଲ ସରିଯାଉଥିବା ଗାଡି ବା ବିଲରେ ହଳ କରୁଥିବା ଟ୍ରାକ୍ଟର ବା ବିଭିନ୍ନ ସ୍ଥାନରେ ଚାଲୁଥିବା ଜେନେରେଟର ବା ଚିଙ୍ଗୁଡ଼ି ଘେରିରେ ଚାଲୁଥିବା ଏରିଟର ପର୍ଯ୍ୟନ୍ତ ଟାଙ୍କିରୁ ତେଲ କିପରି ଅଣାଯିବ ସେ ନେଇ ମଧ୍ୟ ସରକାର ସ୍ପଷ୍ଟ ନୀତି ନିର୍ଧାରଣ କରନ୍ତୁ ବୋଲି ଦାବି ହେଉଛି।

# କାରଗିଲ ବିଜୟ ଦିବସରେ ବିଜେଡିର ରକ୍ତଦାନ ଶିବିର



କେନ୍ଦ୍ରାପଡା, (ପିପିଏସ୍): ଆସନ୍ତା ଜୁଲାଇ ୨୬ ଶନିବାର କେନ୍ଦ୍ରାପଡା ବିଜେଡି ତରଫରୁ ମହା ରକ୍ତଦାନ ଶିବିର ମ୍ୟୁନିସି ପାଲିଟି ଟାଉନହଲ୍ ଠାରେ ଆୟୋଜନ କରାଯିବ। ଆଜି ଏ ସଂକ୍ରାନ୍ତରେ ଏକ ପ୍ରସ୍ତୁତି ବୈଠକ ଗରାପୁର ବିଜେଡି କାର୍ଯ୍ୟାଳୟଠାରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଅଛି। ଉପସ୍ଥିତ ସମସ୍ତ ନେତୃ ମଣ୍ଡଳୀ ଓ ଜନପ୍ରତିନିଧି ପୂର୍ଣ୍ଣ ସହଯୋଗ କରି ରକ୍ତଦାନ ଶିବିର ସଫଳ କରିବାକୁ ପ୍ରତିଶୃତି ଦେଇଥିଲେ। ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ହାତକୁ ନେଇ ପ୍ରିୟ ନେତା ନବୀନ ବାବୁ ଏହାକୁ ଏକ ଗଣ ଅଭିଯାନରେ ପରିଣତ କରି ହଜାର ହଜାର ଲୋକଙ୍କ ଜୀବନ ରକ୍ଷାର ପଥ ପରିଷ୍କାର କରିଥିବାରୁ ଶ୍ରୀ ବେହେରା ନବୀନ ପଟ୍ଟନାୟକଙ୍କୁ ସାଧୁଭାବ ଜଣାଇବା ସହ ଏହି ତକତଦାନର ମହାନ ପରମ୍ପରାକୁ ଆଗକୁ ନେବାପାଇଁ ଜୁଲାଇ ୨୬ ଶିବିର ଏକ ପ୍ରୟାସ ବୋଲି କହିଥିଲେ। ପ୍ରତେକ ଉତ୍ସାହୀ ସମାଜସେବୀ ବିଜେଡିର ଏହି ରକ୍ତଦାନ ଶିବିର ସାମିଲ ହୋଇ ରକ୍ତଦାନ କରିବାକୁ ସମସ୍ତଙ୍କୁ ନିବେଦନ କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦରେ ସଭାପତି ଲିଳିତା ଦାସ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ ସଭାପତି, ବ୍ଲକ୍ ଅଧ୍ୟକ୍ଷ ରଶ୍ମିତା ସେଠୀ, ଉପାଧ୍ୟକ୍ଷା ପ୍ରତାପ ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, ଶିବ ପ୍ରସାଦ ଭୋଳ, ଜିଲ୍ଲା ସଂଖ୍ୟାଲଘୁ ସଭାପତି ସେକ ଚନ୍ଦନ, ସରପ□ ପ୍ରଭାତ ଉଡ଼ାନ ସିଂ, ଚିତରଂଜନ ଜେନା, ପ୍ରଦୀପ୍ତ କୁମାର ସୁତାର, ଶରତ ସାମଲ, ହିରଣ୍ୟ ପଣ୍ଡା, ସବିର ହୁସେନ, ଜୟନ୍ତ ଜେନା, ଦାମୋଦର ଜେନା, ନାରାୟଣ ପରିଡା, ଜ୍ୟୋତିରଂଜନ ପ୍ରଧାନ, ଅଭିଶେକ ବିଶ୍ୱାଳ, କିସାନ ରାଉତ, ମୁକ୍ତାର ଅଲ୍ଲି, ଜ୍ଞାନ ରଂଜନ ଜେନା, ପ୍ରଦ୍ୟୁମ୍ନ ଜେନା, ସରୋଜ ସାହୁ, ରଂଜନ କୁମାର ଜେନା, ମୁକ୍ତାର ଖାଁ, ଗଦାଧର ମଲିକ, ରାଜେଶ ମହାନ୍ତି, ମୃତ୍ୟୁଞ୍ଜୟ ମହାନ୍ତି, ଧନଞ୍ଜୟ ମହାନ୍ତି, ଦିଲ୍ଲିପ କୁମାର ରାଉତ, କିଶୋର କୁମାର ନାଥ, ପ୍ରଶାନ୍ତ ରାଉତ ଉପସ୍ଥିତ ଥିଲେ।

# ଅଗ୍ନିବୀର ଚୟନ ନିମନ୍ତେ ପ୍ରସ୍ତୁତି ବୈଠକ

ବ୍ରହ୍ମପୁର (ପିପିଏସ୍): ଆସନ୍ତା ଅଗଷ୍ଟ ୧୧ରୁ ୧୬ତାରିଖ ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡା ଏୟାର ଷ୍ଟ୍ରିପ୍ ଠାରେ ଅଗ୍ନିବୀର ସେନା ବାହିନୀ ନିଯୁକ୍ତି ନିମନ୍ତେ ଚୟନ ପରୀକ୍ଷା ଅନୁଷ୍ଠିତ ହେବ। ଏଥିସକାଶେ ଗୁରୁବାର ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଡ.ପ୍ରମୋଦ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଶେଷ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସଭାଗୃହ ପ୍ରକୋଷ୍ଠ ଠାରେ ଅନୁଷ୍ଠିତ ହୋଇଯାଇଛି। ମିଲିଟାରୀ ବିଭାଗୀୟ ଚୟନ ଅଧିକାରୀ ପୂର୍ବ ପ୍ରସ୍ତୁତି ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ପ୍ରକାରେ କେଉଁ ସବୁ ବ୍ୟବସ୍ଥା କରାଯିବ ସେ ସମ୍ପର୍କରେ ସବିଶେଷ ମତ ରଖିଥିଲେ। ଅଗ୍ନିବୀର ସେନାବାହିନୀରେ ଭର୍ତ୍ତି ହେବା ନିମନ୍ତେ ୧୦ଟି ଜିଲ୍ଲାର ପଞ୍ଜିକରଣ କରିଥିବା ପ୍ରାର୍ଥୀ ମାନଙ୍କର ଶାରୀରିକ ଚୟନ ପରୀକ୍ଷା ଅନୁଷ୍ଠିତ ହେବ। ୬ଦିନ ଧରି ଚାଲିବାକୁ ଥିବା ଏହି ଚୟନ ପ୍ରକ୍ରିୟା ସକାଶେ ଚୟନ ପଡିଆ ସଫେଇ ଓ ପ୍ରସ୍ତୁତି, ଜଳ ଯୋଗାଣ, ଚିକିତ୍ସା ବ୍ୟବସ୍ଥା, ସ୍ୱଚ୍ଛ ପରିମଳ ବ୍ୟବସ୍ଥା, ଷ୍ଟାଫ୍ ମୁତୟନ, ପ୍ରତିଯୋଗୀଙ୍କ ସକାଶେ ଖାଦ୍ୟପେୟ ବ୍ୟବସ୍ଥା, ଆମ୍ବୁଲାନ୍ସ ସେବା, ବାରିକେଡ୍ ବ୍ୟବସ୍ଥା, ଆଇନ୍‌ଶୃଙ୍ଖଳା ପରିସ୍ଥିତି, ବିଦ୍ୟୁତ୍ ଯୋଗାଣ, ଡାକବାଜି ଯନ୍ତ୍ର ବ୍ୟବସ୍ଥା, ଚୟନ ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ଥିବା ପ୍ରତିଯୋଗୀଙ୍କ ଯାତାୟତ ବାବଦକୁ ବସ୍ ଯୋଗାଣ, ଅଗ୍ନିଶମ ସେବା ବ୍ୟବସ୍ଥା ଇତ୍ୟାଦି ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଯାଇଛି। ପ୍ରାର୍ଥୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହେବେ ସେଥିପ୍ରତି ପ୍ରାଥମିକତା ଦିଆଯିବ। ଏହା ଏକ ଜାତୀୟ ସ୍ତରୀୟ ଆର୍ମି ଚୟନ ପରୀକ୍ଷା ହୋଇଥିବା ହେତୁ ସମସ୍ତ ପରିଚାଳନା ଯେପରି ସଠିକ୍ ହେବ ସେଥି ସକାଶେ ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପୃଷ୍ଟି ନିର୍ଦ୍ଦେଶ ଦେଇ ଚୟନ ପ୍ରକ୍ରିୟା ଯେପରି ଶାନ୍ତି ଶୃଙ୍ଖଳାର ସହ ସମାପନ ହେବ ସେଥି ସକାଶେ ଆଶା ପ୍ରକଟ କରିଥିଲେ। ବୈଠକରେ ଉପନିର୍ଦ୍ଦେଶକ, ସ୍କିଲ ଡେଭଲପମେଣ୍ଟ ଅଫିସର ଫାଲଗୁନୀ ସହାୟ ନାୟକ, ସ୍କିଲ ଡେଭଲପମେଣ୍ଟ ଅଫିସର ଅର୍ପିତା ପ୍ରିୟଦର୍ଶନୀ, ମ୍ୟାନେଜର ଓ୍ୱାଟକୋ ବ୍ରହ୍ମପୁର ପ୍ରଦୀପ କୁମାର ପଟ୍ଟନାୟକ, ଜିଲ୍ଲା ପ୍ରକଳ୍ପ ଶିକ୍ଷାଧିକାରୀ ଭାଗିରଥୀ ସ୍ୱାଇଁ, ଜିଲ୍ଲା କ୍ରୀଡା ଅଧିକାରୀ ସନ୍ତୋଷ କୁମାର ମିଶ୍ର, ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ସୌମ୍ୟ ପ୍ରକାଶ ଭୋଇ, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା, ଜିଲ୍ଲା ଅଗ୍ନିଶମ ଅଧିକାରୀ ଠାକୁର ପ୍ରସାଦ ଦଳାଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ଦାଶ, ଡେପୁଟି କଲେକ୍ଟର ସୁଚିସ୍ମିତା ପାଣି, କସ୍ତୁରୀ ସ୍ୱାଇଁ, ଜିଲ୍ଲା କର୍ମ ନିଯୋଜନ ଅଧିକାରୀ ଏବଂ ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଚିତାଲାଗି ଅମାବାସ୍ୟାରେ ଘରେ ଘରେ ହେଲା ଚିତଉ ପିଠା


ଚାଷୀମାନେ ନିଜ ନିଜ ବିଲରେ ଚାଷ କାର୍ଯ୍ୟ ଜୋର ସୋରରେ ଆରମ୍ଭ

ଚାରିଛକ, (ପିପିଏସ): ଆଜି ଥିଲା ପବିତ୍ର ଶ୍ରାବଣ ମାସ ର ଅମାବାସ୍ୟା। ଏହି ଅମାବାସ୍ୟାକୁ ଚିତାଲାଗି ଅମାବାସ୍ୟା ଓ ଚିତଉ ଅମାବାସ୍ୟା ମଧ୍ୟ କୁହାଯାଇଥାଏ। ଚାରିଛକ, ନିମାପଡ଼ା ,ନୟାହାଟ,କାକଟପୁର ଅଞ୍ଚଳର ସମସ୍ତ କୃଷକ ପରିବାରରେ ଏହି ପର୍ବ ଖୁବ୍ ଧୁମ୍ ଧାମରେ ପାଳିତ ହୋଇଥିଲା। ଘରେ ଘରେ ଚିତଉ ପିଠା ତିଆରି କରାଯାଇ କୃଷକଙ୍କ ପରିବାର ପକ୍ଷରୁ ପୋଖରୀ ଓ ନିଜ ବିଲରେ ଥିବା ପାଣିରେ ଗେଣ୍ଡାମାନଙ୍କୁ ଖାଇବାକୁ ଦିଆଯାଇଥିଲା। ଏହି ସମୟକୁ କରିଥାନ୍ତି। ଏହି ସମୟରେ ଧାନ ବିଲମାନଙ୍କରେ ବର୍ଷା ଜଳ ଜମା ହୋଇଥାଏ। ସେହି ଜଳରେ ଗେଣ୍ଡାମାନଙ୍କର ଆତଯାତ ହେଉଥିବାରୁ ଚାଷୀମାନଙ୍କ ଗୋଡ଼ ଗେଣ୍ଡା ମାନଙ୍କ ଉପରେ ପଡ଼ିଥାଏ ଆଉ ଗେଣ୍ଡାମାନେ ଚାଷୀମାନଙ୍କ ଗୋଡ଼କୁ କାମୁଡି ଖଣ୍ଡିଆ କରି ଦେଇ ଥାନ୍ତି। ଫଳରେ ଚାଷୀମାନେ ଆହାତ ହୋଇ ଆଉ ଚାଷ କାର୍ଯ୍ୟକରି ପାରିନଥାନ୍ତି। ଏଣୁ ପ୍ରତି ଚାଷୀ ପରିବାର ରେ ଚିତଉ ପିଠା ତିଆରି କରାଯାଇ ଗେଣ୍ଡା ମାନଙ୍କୁ ଏହି ଦିନ ପୂଜା କରାଯିବା ସହିତ ଚିତଉ ପିଠା ଖାଇବାକୁ ଦେଇ କୁହାଯାଏ ଯେ, ହେ ଗେଣ୍ଡେଇଶୁଣି, ତୁମେ ପିଠା ଭୋଗ ଖାଇ ସନ୍ତୁଷ୍ଟ ହୁଅ ଆଉ ଚାଷୀମାନଙ୍କ ଗୋଡ଼କୁ କାମୁଡ଼ ନାହିଁ। ବିଶ୍ୱାସ ରହିଛି ବିଲ, ପୋଖରୀରେ ଗେଣ୍ଡା ମାନଙ୍କୁ ଚିତଉ ପିଠା ଭୋଗ ଅର୍ପଣ କଲେ ଗେଣ୍ଡା ମାନେ ଆଉ ଚାଷୀ ମାନଙ୍କର କୌଣସି ଅନିଷ୍ଟ କରିନଥାନ୍ତି। ଚାଷୀମାନେ ନିର୍ଭୟରେ ନିଜ ବିଲରେ ଚାଷ କାର୍ଯ୍ୟକୁ ଆଗେଇ ନେଇଥାନ୍ତି। ଏଣୁ ଏହି ପର୍ବ ସାରା ରାଜ୍ୟରେ ଚାଷୀମାନଙ୍କ ପର୍ବଭାବେ ପାଳିତ ହୋଇଆସୁଛି।

## ସାନଖେମୁଣ୍ଡି ଝାଡ଼ାବାନ୍ତି ଆକ୍ରାନ୍ତ ଘଟଣା: ମୃତକଙ୍କ ପରିବାରକୁ ଭେଟିଲେ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

# ପୋଡ଼ାମାରି ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଷେ ହେଲା ନାହାନ୍ତି ଡାକ୍ତର




ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଟି.ଗୋବିନ୍ଦପୁର ପଞ୍ଚାୟତର ଆଦିବାସୀ ଅଧୁଷିତ ଦାମପୁର ଗ୍ରାମରେ ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବରିଷ୍ଠ ଉପସଭାପତି ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ନେତୃତ୍ୱରେ ଗସ୍ତ କରିଥିଲେ। ଗତ ୨ଦିନ ଭିତରେ ପ୍ରାଣ ହରାଇଥିବା ସମ୍ବାରୁ ମଲିକ, ସୁକୁରି ମଲିକ ଓ କାନ୍ଦାରା ମଲିକଙ୍କ ପରିବାରବର୍ଗଙ୍କୁ ଭେଟି ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟନାୟକଙ୍କ ସମବେଦନା ଜଣାଇଥିଲେ। ଏହାସହ ଅନ୍ୟ ଆକ୍ରାନ୍ତ ପରିବାରକୁ ଭେଟି ଆଲୋଚନା କରିଥିଲେ। ସ୍ଥିତି ଅନୁଧ୍ୟାନ କରିଲା ବେଳେ ଜଣାପଡିଥିଲା ଗତ ଏକ ବର୍ଷ ଧରି ଜଳ ଯୋଗାଣ ପାଇଁ ଉର୍ଦ୍ଧ୍ୱଷ୍ଟ ପାଣି ଟାଙ୍କି ସଫା ହୋଇନଥିଲା। ଗ୍ରାମବାସୀ ନିର୍ଭର କରୁଥିବା ପୋଡାମାରି ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ବି ଡାକ୍ତର ନାହାନ୍ତି। ଅଞ୍ଚଳରେ ପରିମଳ ବ୍ୟବସ୍ଥା ତଦାରଖ କରିବା ପାଇଁ ଆବଶ୍ୟକ କର୍ମଚାରୀ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହାନ୍ତି। ଝାଡ଼ାବାନ୍ତି ବ୍ୟାପିବା ଖବର ମିଳିଲା ପରେ ମଧ୍ୟ ସରକାରୀ ଉଦାସୀନତା ଲାଗି ତିନୋଟି ଅମୂଲ୍ୟ ଜୀବନ ଚାଲିଯିବା ବିଷୟ ଗ୍ରାମବାସୀ କହିଥିଲେ। ଗୁରୁବାର ସକାଳୁ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଯିବା ପୂର୍ବରୁ ସ୍ଥାନୀୟ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ସେଠାରେ ପହଞ୍ଚିଥିବା ଦେଖିବାକୁ ମିଳିଥିଲା। ଏମ୍‌କେସିଜି ମେଡିକାଲ କଲେଜର ଏକ ବିଶେଷଜ୍ଞ ଦଳ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଉପସ୍ଥିତ ଥିବା ସମୟରେ ଆସି ପହଞ୍ଚିଥିଲେ। ଡାଇରିଆ ଜନିତ କୌଣସି ମୃତ୍ୟୁ ହୋଇ ନାହିଁ ବୋଲି ଗତକାଲି ବିଳମ୍ବିତ ସନ୍ଧ୍ୟାରେ ଗଞ୍ଜାମ ସିଡିଏମ୍‌ଓ ଯେଉଁ ବିବୃତ୍ତି ଜାରି କରିଛନ୍ତି ତାହା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ଦାସବର୍ମା କହିଛନ୍ତି। ଉପସ୍ଥିତ ଡାକ୍ତର ଓ ସିଡିପିଓଙ୍କ ସହ ଆଲୋଚନା କରି ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଟିମ୍‌ରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ଲତିକା ପ୍ରଧାନ, ରଞ୍ଜିତା ସାହୁ, ନନ୍ଦିନୀ ଦେବୀ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସୁବାଷ ଚନ୍ଦ୍ର ବେହେରା, ଶ୍ରୀକାନ୍ତ ସାହୁ, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ମୁଖପାତ୍ର ତୁମ୍ବନାଥ ପଣ୍ଡା, ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ସୁବାଷ ମହାରଣା, ଯୋଗେନ୍ଦ୍ର ସ୍ୱାଇଁ, ଧରାକୋଟ ଓ ସାନଖେମୁଣ୍ଡି ବ୍ଲକ୍ ବିଜେଡି ସଭାପତି, ଜିଲ୍ଲା ପରିଷଦ ସଭ୍ୟ ଏବଂ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।

# କାର୍ ଧକ୍କାରେ ଯୁବକ ମୃତ: ସାହାଯ୍ୟ ଦାବିରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ

ରଘୁନାଥପୁର (ପିପିଏସ): ରଘୁନାଥପୁର ଥାନା ଅନ୍ତର୍ଗତ କଟକ ପାରାଦୀପ ରାସ୍ତାର ତାରପୁର ପଞ୍ଚାୟତ ଖଣ୍ଡତରି ଠାରେ ଏକ କାର ଧକ୍କାରେ ଜଣେ ବ୍ୟକ୍ତିଙ୍କ ବୁଧବାର ମୃତ୍ୟୁ ଘଟିଛି।ସେ ହେଲେ ଉକ୍ତ ଗ୍ରାମର ମୂଷ ରାଉତଙ୍କ ପୁଅ ଗୁରୁ ଚରଣ ରାଉତ ୪୫। ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଅପରାହ୍ନ ୨ ଟା ୩୦ ମିନିଟରେ ଗୁରୁଚରଣ ନିଜ ତଳି କିଆରିକୁ ଯାଉଥିବାବେଳେ କଟକ ଆଡୁ ଦୃତଗତିରେ ଆସୁଥିବା ଓଡି୦୨ସିଡି-୩୪୯୪ ନଂ କାର ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣାର ମାତ୍ରା ଏତେ ଜୋରରେ ଥିଲାଜେ ଗୁରୁଚରଣ ପ୍ରାୟ ୧୦ ଫୁଟ ଉପରକୁ ଉଠି ତଳେ ପଡିଯାଇଥିଲା। ତାଙ୍କ ପଛମୁଣ୍ଡ ଫାଟି ରକ୍ତାତ ହେବାସହ ଦୁଇଗୋଡଭାଙ୍ଗି ଯାଇଥିଲା।

ତୁରନ୍ତ ତାଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।ସେଠାରେ ଡାକ୍ତର ଗୁରୁଚରଣଙ୍କୁ ମୃତ ଘୋଷଣା କରିଥିଲେ।କାରଟି ଗୁରୁଚରଣଙ୍କୁ ଧକ୍କା ଦେଇ ଭାରସ୍ୟାମ ହରାଇ ନିକଟରେ ଥିବା ଅନ୍ୟ ଏକ କାରରେ ପିଟି ହୋଇଥିଲା। ଫଳରେ ଠିଆହୋଇଥିବା ଉକ୍ତ କାରର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଗୁରୁଚରଣଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଗ୍ରାମବାସୀ ସାହାଯ୍ୟ ଦାବିରେ କଟକ ପାରାଦୀପ ରାସ୍ତା ଅବରୋଧ କରିଥିଲେ। ଆଇଆଇସି ସୁଶାନ୍ତ କୁମାର ସେଠି, ଏସଆଇ ଯୋଗେଶ୍ୱର ବେହେରା ପୋଲିସ ଫୋର୍ସ ସହ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପରେ ରଘୁନାଥପୁର ତହସିଲଦାର, ବିଡିଓ ବିରଞ୍ଚି ନାରାୟଣ ବେହେରା ଓ ଅତିରିକ୍ତ ତହସିଲଦାର ତପନ କୁମାର ପରିଡା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ରେଡକ୍ରସ ପକ୍ଷରୁ ୨୦ ହାଜର ଟଙ୍କା ସାହାଯ୍ୟ ଯୋଗାଇଦେବାର ପ୍ରତିଶ୍ରୁତି ଦେବାପରେ ଉତ୍ୟକ୍ତ ଲୋକେ ଅବରୋଧରୁ ହଟିଥିଲେ। ଏ ସମ୍ପର୍କରେ ମୃତ ଗୁରୁଚରଣଙ୍କ ସ୍ତ୍ରୀ ମୋନାଲିସା ରାଉତ ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ ନଂ ୧୫୯/ ୨୫ରେ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ଦୁର୍ଘଟଣା ଘଟାଇଥିବା କାର ଚାଳକକୁ ପୋଲିସ ନିଜ ହେପାଜତକୁ ନେଇ ଗୁରୁବାର କୋଟ ଚାଲାଣ କରିଛି। ପରେ ଗ୍ରାମ୍ୟ ନ୍ୟାୟାଳୟରୁ ଚାଳକ ଜାମିନ ହୋଇଥିବା ଜଣାପଡିଛି।

# ଗନ୍ଧମାର୍ଦ୍ଦନରେ ଫସିଛନ୍ତି ୧୦ ବୋଲ୍ ବମ୍ ଶ୍ରଦ୍ଧାଳୁ



ବରଗଡ଼,(ହି.ସ): ବରଗଡ଼ ଜିଲ୍ଲାର ନୃସିଂହନାଥରୁ ବଲାଙ୍ଗୀରର ହରିଶଙ୍କର ପର୍ଯ୍ୟନ୍ତ ବ୍ୟାପିଥିବା ଗନ୍ଧମାର୍ଦ୍ଦନ ପର୍ବତମାଳାର ଏକ ପାହାଡ଼ ଶିଖରରେ ଫସି ରହିଛନ୍ତି ଛତିଶଗଡ଼ର ୧୦ରୁ ଅଧିକ ବୋଲ୍‌ବମ୍ ଶ୍ରଦ୍ଧାଳୁ। ପର୍ବତ ଉପରେ ଘଞ୍ଚ ଜଙ୍ଗଲ ମଧ୍ୟରେ ରାତି ଅନ୍ଧାର ସାଙ୍ଗକୁ ପ୍ରବଳ ବର୍ଷା ଓ ଘଡ଼ଘଡ଼ିରେ ସେମାନେ ବାଟବଣା ହୋଇ ଯାଇଛନ୍ତି। ମୋବାଇଲ ଲୋକେସନ୍ ଟ୍ରାକ୍‌ରୁ ସେମାନେ ଗନ୍ଧମାର୍ଦ୍ଦନ ପର୍ବତ ମାଳାର ହିଲ୍‌ଟପ୍‌ରେ ଥିବା ଜଣାପଡ଼ିଛି। ଏ ସଂପର୍କରେ ପଦ୍ମପୁର ଏସ୍‌ଡିପିଓ ପାଣ୍ଡବ ଶବର କହିଛନ୍ତି, ଜଙ୍ଗଲରେ ବାଟବଣା ହୋଇଥିବା ନେଇ ଟୋଲ୍ ଫ୍ରି ନମ୍ବରକୁ ଛତିଶଗଡ଼ର ଜଣେ ଶ୍ରଦ୍ଧାଳୁ ଫୋନ୍ କରି ଜଣାଇଥିଲେ। ବର୍ଷା ଓ ଅନ୍ଧାର କାରଣରୁ ରାସ୍ତା ଭୁଲି ଅନ୍ୟ ଦିଗରେ ଚାଲିଯାଇଥିବା ସେ ସୂଚନା ଦେଇଛନ୍ତି। ନୃସିଂହନାଥ ମନ୍ଦିର ପ୍ରଶାସନର ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ କହିଛନ୍ତି, ଶ୍ରଦ୍ଧାଳୁମାନଙ୍କୁ ଉଦ୍ଧାର କରିବା ଲାଗି ପୁଲିସ ଟିମ, ଅଗ୍ନିଶମ ବାହିନୀ, ଜଙ୍ଗଲ ବିଭାଗ ଓ ମନ୍ଦିରର ସୁରକ୍ଷାକର୍ମୀ ପର୍ବତକୁ ଯାଇଛନ୍ତି। ପୁଲିସ ଲୋକେସନ୍ ଟ୍ରାକ୍ କରିବା ପରେ ମିଳିମିଶି ସବୁ ଟିମ୍ ଯାଇଛନ୍ତି। ସେମାନେ ପାହାଡ଼ ଶିଖରରେ ରହିଛନ୍ତି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ନୃସିଂହନାଥରୁ ହରିଶଙ୍କରକୁ ଜଙ୍ଗଲ ମଧ୍ୟରେ ପାଦଚଲା ରାସ୍ତା ରହିଛି। ଘଞ୍ଚ ଜଙ୍ଗଲ ଭିତରେ ବହୁ ପାହାଡ଼ି ଝରଣା ଓ ୭ଟି ପାହାଡ଼ ଡେଇଁ ଏହି କଷ୍ଟପ୍ରଦ ଯାତ୍ରା କରିବାକୁ ହୁଏ। ତଥାପି ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏହି ବିପଜ୍ଜନକ ଯାତ୍ରା କରିଥାନ୍ତି। ଶ୍ରାବଣ ମାସ ହୋଇଥିବାରୁ ବହୁସଂଖ୍ୟାରେ ବୋଲ୍‌ବମ୍ ଭକ୍ତ ଜଙ୍ଗଲ ଭିତର ଦେଇ ଗୋଟିଏ ତୀର୍ଥସ୍ଥଳରୁ ଅନ୍ୟଟିକୁ ଯାଉଥିବାବେଳେ ୧୦ରୁ ଅଧିକ ବାଟ ଭୁଲି ହିଲ୍‌ଟପ୍ ?କୁ ଚାଲିଯାଇଥିବା ଜଣାପଡ଼ିଛି। ସମସ୍ତଙ୍କୁ ସେଠାରୁ ସୁରକ୍ଷିତ ଉଦ୍ଧାର କରିବାକୁ ପ୍ରୟାସ ଜାରି ରହିଛି ବୋଲି ପୁଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି। ବର୍ଷା କାରଣରୁ ଉଦ୍ଧାର କାର୍ଯ୍ୟ ସାମାନ୍ୟ ବିଳମ୍ବ ହୋଇଥିବା ଜଣାପଡ଼ିଛି।

# ପ୍ରହସନ ପାଲଟିଛି ସର୍ବଶିକ୍ଷା ଅଭିଯାନ

## ପୁଅର ନାମ ଲେଖାଇବାକୁ ନେଇ ଅଭିଭାବକ ହନ୍ତସନ୍ତ

ସମ୍ବଲପୁର, (ହି.ସ.):ସରକାର ଶିକ୍ଷାକୁ ପ୍ରାଧାନ୍ୟ ଦେଇ ୬ରୁ ୧୪ ବର୍ଷ ବୟସର ସମସ୍ତ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକାରୀ କଲେ। ଏହି ଯୋଜନାରେ ନିଃଶୁଳ୍କରେ ଶିକ୍ଷା ଯୋଗାଇବାର ପ୍ରାବଧାନ ଥିବାବେଳେ ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକରେ ଏହି ଯୋଜନା ବାଟବଣା ହୋଇପଡିଛି। ସୂଚନା ଅନୁଯାଇ ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ସର୍ଡା ପଂଚାୟତ ପଥୁରିଆ ଗ୍ରାମର ବଳରାମ ଦେହୁରୀ ନିଜ ପୁଅ ରଞ୍ଜନ ଦେହୁରୀଙ୍କୁ ପଠା ପଢ଼ାଇବା ପାଇଁ ବିଦ୍ୟାଳୟରୁ ଆରମ୍ଭ କରି ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିଅଂଟ ହୋଇଥିବାବେଳେ ଆଜିକୁ ପ୍ରାୟ ଚାରି ମାସ ହେବାକୁ ଯାଉଥିବାବେଳେ ଶିଶୁଟିର ନାମ ଲେଖିବାରେ ବିଫଳ ହୋଇଛି ଜମନକିରା ହାଇସ୍କୁଲ ଏବଂ ଜମନକିରା ଶିକ୍ଷା ବିଭାଗ କାର୍ଯ୍ୟାଳୟ। ବିଗତ ଚାରିମାସରୁ ବାରମ୍ବାର ପୁଅର ନାମ ଲେଖାଇବାକୁ ଜମନକିରା ହାଇସ୍କୁଲକୁ ଆସୁଥିବା ସତ୍ତ୍ୱେ ତାଙ୍କ ନାମ ଲେଖିପାରୁନାହାନ୍ତି ଏହି ବିଦ୍ୟାଳୟର ଶିକ୍ଷକମାନେ। ପୁଅକୁ ୧୪ ବର୍ଷ ନ ହେଲେ ଜମନକିରା ହାଇସ୍କୁଲରେ ନାମ ଲେଖିପାରିବେ ନାହିଁ ବୋଲି ଉତର ଦେଇ ଫେରାଇ ଦେଇଛନ୍ତି ବିଦ୍ୟାଳୟ ଶିକ୍ଷକ। ସର୍ଡକ୍ଷ ହାଇସ୍କୁଲ ରେ ପଠା ପଢୁଥିବା ସମୟରେ ଅଷ୍ଟମ ଶ୍ରେଣୀ ପାସ କରିବା ପରେ ନବମ ଶ୍ରେଣୀରେ ପାଠ ନ ପଢି ଗୋଟିଏ ବର୍ଷ ଡ୍ରପ ଆଉଟ ହୋଇରହିଥିବା ବେଳେ ବର୍ତ୍ତମାନ ପୁଣି ବିଦ୍ୟାଳୟ ଯିବାକୁ ଚାହୁଁଥିବା ସତ୍ତ୍ୱେ ବିଦ୍ୟାଳୟରେ ନାମ ଲେଖା ଯାଇପାରୁନାହିଁ ଏପରିକି ଜମନକିରା ଗୋଷ୍ଠି ଶିକ୍ଷା ଅଧିକାରୀଙ୍କୁ ଭେଟି ନିଜ ଅସୁବିଧା ସମ୍ପର୍କରେ ଜଣାଇଥିବା ସତ୍ତ୍ୱେ ତାଙ୍କ ନାମ ଲେଖାଯାଇପାରୁନାହିଁ। ଏପରିକି ଏ ସମ୍ପର୍କରେ ପୂର୍ବତନ ଶିକ୍ଷକ ତଥା ବରିଷ୍ଠ ସମାଜସେବି ରବୀନ୍ଦ୍ର ପାଣିଗ୍ରାହୀ ଜମନକିରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏ ସମ୍ପର୍କରେ ଆଲୋଚନା କରିଥିବା ସତ୍ତ୍ୱେ ଶିଶୁଟିର ନାମ ଲେଖାଯାଇପାରୁନାହିଁ ଏଣୁକରି ସମ୍ବଲପୁର ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

# ଶିକ୍ଷା-ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ଗ୍ରାମବାସୀ



ଘୁ.ଉଦୟଗିରି,(ହି.ସ): କନ୍ଧମାଳଜିଲ୍ଲା ଘୁମୁସର ଉଦୟଗିରି ବ୍ଲକ ଅନ୍ତର୍ଗତ କଡିଙ୍ଗିଆ ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ଏକ ଛୋଟ ଗାଁ ବୋଲିଙ୍ଗିଆ, ସରକାରୀ ଅବହେଳାର ଶିକାରରେ ଗ୍ରାମବାସୀ ହନ୍ତସନ୍ତ। ଦେଶ ସ୍ୱାଧୀନତାର ୭୯ବର୍ଷ ପରେ ମଧ୍ୟ ବିକାଶ ସ୍ପର୍ଶ କରିନଥିବା ଏହି ଗାଁ ସବୁ କ୍ଷେତ୍ରରେ ଅବହେଳିତ। ଏହି ଗ୍ରାମକୁ ଯୋଗାଯୋଗ କରିବାକୁ କୌଣସି ପକ୍କା ରାସ୍ତା ନାହିଁ, ଫଳରେ ବର୍ଷା ଋତୁରେ ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି।ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଏଠି ଅସୁବିଧା ଚରମ ସୀମାକୁ ପହଞ୍ଚିଛି। ଏକ ପ୍ରାଥମିକ ଉପଚାର କେନ୍ଦ୍ର ପାଖରେ ନଥିବାରୁ ଗୁରୁତର ରୋଗୀମାନେ ଦୂର ଅଞ୍ଚଳକୁ ଯିବାକୁ ବାଧ ହୁଅନ୍ତି। ଗର୍ଭବତୀ ମହିଳାମାନେ ବି ଚିକିତ୍ସା ସୁବିଧା ଅଭାବରେ ବିପଦରେ ପଡୁଛନ୍ତି। ଶିକ୍ଷା କ୍ଷେତ୍ରରେ ବି ଏହି ଗ୍ରାମ ପଛରେ ପଡ଼ିଛି। ପ୍ରାଥମିକ ଶିକ୍ଷା ପାଇଁ ଥିବା ବିଦ୍ୟାଳୟ ଅବ୍ୟବସ୍ଥିତ, ଏବଂ ଉଚ୍ଚ ଶିକ୍ଷା ପାଇଁ ପିଲାମାନେ ଦୂର ଦୂରାନ୍ତକୁ ଯିବାକୁ ବାଧ ହେଉଛନ୍ତି ।ଏହି ଗାଁ ର ସମସ୍ୟା ସରକାର ଓ ପ୍ରଶାସନଙ୍କ ନଜରକୁ ଆସୁନି। ତେଣୁ ଏହି ଅଞ୍ଚଳର ସମସ୍ୟା କୁ ଦୃଷ୍ଟିରେ ରଖି ସରକାର ରାସ୍ତାର ଉନ୍ନତି, ତଥା ପକ୍କା ରାସ୍ତା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ଶିକ୍ଷା ଉପରେ ଜୋର ଦେବା ଆବଶ୍ୟକ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

# ବିଦ୍ୟୁତ୍ ଟ୍ରାନ୍ସଫର୍ମର୍ ଚୋରି, ୫ ଗିରଫ



ଧାମନଗର: ପାଞ୍ଚ ଦିନ ତଳେ ଧାମନଗର ବ୍ଲକରେ ହୋଇଥିବା ୫ଟି ବିଦ୍ୟୁତ ଟ୍ରାନ୍ସଫର୍ମର ଚୋରି ଘଟଣାରେ ଧୂଷୁରୀ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ଟ୍ରାନ୍ସଫର୍ମର ମୋବାଇଲ ଏବଂ ଏକ କାର ଜବତ କରାଯାଇଛି। ଗତ ଶୁକ୍ରବାର ରାତିରେ ଧାମନଗର ବ୍ଲକ ପାଳସାହି ସେକ୍ସନ ଅଧୀନ ପନ୍ଦରବାଟିଆ ଏବଂ ଅସୁରାଳି ସେକ୍ସନ ଅଧୀନ ଅର୍ଜୁନପୁର ଅଞ୍ଚଳରୁ ୫ଟି ବିଦ୍ୟୁତ ଟ୍ରାନ୍ସଫର୍ମର ଚୋରି ହୋଇଥିଲା। ଏନେଇ ଟିପିଏନ୍‌ଡିଏଲ୍‌ଓ ପାଳସାହି ସେକ୍ସନର କନିଷ୍ଠ ଯନ୍ତ୍ରୀ ସାହିଲ ସିଂହ ଏବଂ ଅସୁରାଳି ସେକ୍ସନ କନିଷ୍ଠ ଯନ୍ତ୍ରୀ ପ୍ରଦୀପ ଦାସଦୁଇଟି ଏତଲା ଦେଇଥିଲେ। ଏନେଇ ଧୂଷୁରୀ ଥାନାରେ କେସ ନଂ-୩୪୯/୨୫ ଏବଂ କେସ ନଂ୩୫୦/୨୫ରେ ଦୁଇଟି ମାମଲା ରୁଜୁ ହୋଇଥିଲା। ପୁଲିସ ଅନୁସନ୍ଧାନ ଜାରି ରଖିଥିଲା ବେଳେ କିଛି ଲୋକ ପନ୍ଦରବାଟିଆ ନିକଟରେ ସନ୍ଦେହଜନକ ଭାବେ ଥିବା ଦେଖି ପୁଲିସକୁ ଖବର କରିଥିଲେ। ଏସ୍‌ଆଇ ବାସୁଦେବ ଓରାମ ପୁଲିସ ଟିମ୍ ସହ ଚଢ଼ଉ କରିଥିଲେ। ସନ୍ଦିଗ୍ଧମାନଙ୍କ ଠାରୁ ଦୁଇଟି ଟ୍ରାନ୍ସଫର୍ମର,ଚାରୋଟି ମୋବାଇଲ ଫୋନ ସହିତ ଏକ କାର (ଓଡ଼ି୨୨ସିଏକ୍ସ-୭୨୮୪) ଜବତ କରାଯାଇଛି। ଚୋରିରେ ସମ୍ପୃକ୍ତ କଟକ ଜିଲ୍ଲା ଖୁଣ୍ଟୁଣି ଥାନା ଅନ୍ତର୍ଗତ ମୁସୁଣିଆ ଅଞ୍ଚଳର ସୁରେଶ ଡିଗି(୨୮), ରାଜେଶ ଛତର (୨୫), ଦୁର୍ଯ୍ୟୋଧନ ଗୁମୁଜିରା (୨୭), ରାଜେନ୍ଦ୍ର ହେମ୍ବ୍ରମ (୩୯) ଏବଂ ଡ୍ରାଇଭର ରାଜୁ ଦାସ(୩୮)ଙ୍କୁ ଗିରଫ କରାଯାଇଛି।

# ମାଲକାନଗିରିରେ ସର୍ବାଧିକ ୯୯.୪ ମି.ମି. ବର୍ଷା ରେକର୍ଡ଼

ମାଲକାନଗିରି (ହି.ସ.): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୪ଟି ସ୍ଥାନରେ ଭୀଷଣ ବର୍ଷା ହୋଇଥିବା ବେଳେ ଅନ୍ୟ କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରେକର୍ଡ଼ ହୋଇଛି । ମାଲକାନଗିରି ଜିଲ୍ଲାର ମାଲକାନଗିରିରେ ସର୍ବାଧିକ ୯୯.୪ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି ନୂଆପଡ଼ା ଜିଲ୍ଲାର କୋମନାରେ ୮୮.୪ ମି.ମି., କୋରାପୁଟ ଜିଲ୍ଲାର କୋଟପାଡ଼ରେ ୮୪.୦ ମି.ମି., ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ାରେ ୬୮.୫ ମି.ମି., କୋରାପୁଟ ଜିଲ୍ଲାର ବନ୍ଧୁଗାଁରେ ୬୨.୪ ମି.ମି., କଳାହାଣ୍ଡି ଜିଲ୍ଲାର ଜୟପାଟଣାରେ ୬୨.୦ ମି.ମି., ନବରଙ୍ଗପୁର ଜିଲ୍ଲାର ଚନ୍ଦାହାଣ୍ଡିରେ ୪୬.୦ ମି.ମି., କନ୍ଧମାଳ ଜିଲ୍ଲାର କେ. ନୂଆଗାଁରେ ୪୬.୦ ମି.ମି., ନୂଆପଡ଼ା ଜିଲ୍ଲାର ବୋଡେନରେ ୩୬.୦ ମି.ମି., ମାଲକାନଗିରି ଜିଲ୍ଲାର ମାଥିଲିରେ ୩୦.୦ ମି.ମି., ଗଞ୍ଜାମ ଜିଲ୍ଲାର ହିଞ୍ଜିଳିରେ ୨୬.୦ ମି.ମି., ନବରଙ୍ଗପୁର ଜିଲ୍ଲାର ଉମରକୋଟରେ ୨୬.୦ ମି.ମି. ଏବଂ ଝରିଗାଁରେ ୨୪.୨ ମି.ମି. ବର୍ଷା ରେକର୍ଡ଼ ହୋଇଛି। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ଶାଳିମାର ଏକ୍ସପ୍ରେସ୍





ସମ୍ବଲପୁର,(ହି.ସ): ଟ୍ରାକରୁ ଖସିଲା ଟ୍ରେନ୍ । ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ଶାଳିମାର ଏକ୍ସପ୍ରେସ୍ । ସମ୍ବଲପୁରରେ ମହିମା ଗୋସାଇଁ-ଶାଳିମାର ଏକ୍ସପ୍ରେସ୍ ଟ୍ରେନ୍ ଲାଇନଚ୍ୟୁତ । ସମ୍ବଲପୁର ସିଟି ଷ୍ଟେସନ ନିକଟରେ ଏହି ଦୁର୍ଘଟଣା ଘଟିଥିବା ବେଳେ ଶାଳିମାର ଏକ୍ସପ୍ରେସର ଗୋଟିଏ ବଗି ଲାଇନଚ୍ୟୁତ ହୋଇଛି । ଟ୍ରେନଟି ଭୁବନେଶ୍ୱରରୁ ସମ୍ବଲପୁର ଯାଉଥିଲା । ତେବେ ଟ୍ରେନଟି ଧିମା ଗତିରେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ କାହାର କୌଣସି କ୍ଷୟକ୍ଷତି ହୋଇନଥିବା ସୂଚନା ମିଳିଛି । ଟ୍ରେନ ନମ୍ବର ୨୦୮୩୧ ମହିମା ଗୋସାଇଁ ଏକ୍ସପ୍ରେସର ଏକ ଜେନେରାଲ କୋଚର ଗୋଟିଏ ବଗି ଟ୍ରାକରୁ ଖସିଛି । ଆଜି ସକାଳ ୯ଟା ୧୮ରେ ସମ୍ବଲପୁର ସହରରୁ ଅତି ଧୀର ଗତିରେ ଟ୍ରେନ ଛାଡିବାର କିଛି ସମୟ ପରେ ୯ଟା ୨୨ରେ ଦୁର୍ଘଟଣା ହୋଇଛି। ଏହି ଘଟଣାରେ କୌଣସି ଜୀବନହାନୀ କିମ୍ବା କୌଣସି କ୍ଷୟକ୍ଷତି ହୋଇନି। ବର୍ତ୍ତମାନ ଲାଇନ୍ ଚ୍ୟୁତ ବଗିର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି । ଖୁବଶୀଘ୍ର ଲାଇନ୍ କ୍ଲିୟର ହେବ ବୋଲି କହିଛନ୍ତି ରେଳବାଇ ଅଧିକାରୀ ।

# ଯୌନ ନିର୍ଯାତନା ମାମଲା: ଦୋଷୀଙ୍କୁ ୩ ବର୍ଷ କାରାଦଣ୍ଡ

ଜୟପୁର, (ହି.ସ.):୨୦୧୭ ମସିହାରେ ପଟାଙ୍ଗୀ ଥାନା ଅଂଚଳରେ ନାବାଳିକା ପ୍ରତି ଘଟିଥିବା ଯୌନ ନିର୍ଯାତନା ମାମଲାର ବିଚାର କରି ୧୦ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣ ଏବଂ ୮ଟି ଦସ୍ତାବିଜକୁ ଭିତିକରି ଆଜି ଜୟପୁର ସ୍ୱତନ୍ତ୍ର ପୋକ୍ସ ଅଦାଲତ ବଡାପାଟୁ ଗ୍ରାମର ଦେବ ଖାବରାକୁ ପୋକ୍ସ ଆଇନର ଧାରା ୮ ଅନୁଯାୟୀ ୩ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି । ମାମଲା ବିବରଣୀ ରୁ ପ୍ରକାଶ ଯେ, ୧୯.୧୦.୨୦୧୭ ଦିନ ୨ଟାରେ ନାବାଳିକା ନଦୀରୁ ଲୁଗାସଫା କରି ଫେରୁଥିବା ସମୟରେ ଦେବ ଖବରା ନିର୍ଜନ ସ୍ଥାନରେ ଜଗି ନାବାଳିକାଙ୍କ ହାତ ଧରି, ଲୁଗାପଟା ଟଣା ଓଟରା କରିବା ସମୟରେ ନାବାଳିକା ପାଟି କରିବାରୁ, ପାଟି ଶୁଣି ପୀଡିତା ନାବାଳିକାଙ୍କ ଭାଇ ଘଟଣାସ୍ଥଳରେ ପହଂଚିବାରୁ ଦେବ ସେହି ସ୍ଥାନରୁ ଚମ୍ପଟ ମାରିଥଲା । ନାବାଳିକା ଘଟଣା ବିଷୟରେ ପରିବାର ବର୍ଗଙ୍କୁ ଜଣାଇବା ପରେ ନିଜେ ପଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପଟାଙ୍ଗୀ ପୋଲିସ ଘଟଣାର ତଦନ୍ତ କରି ଦେବ ଖବରା ବିରୁଦ୍ଧରେ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ଗାୟତ୍ରୀ ଦେବୀ ମାମଲାର ପରିଚାଳନା କରିଥିଲେ ।

# ମାଟି ଗୁଳା ତାଲିମ ଶିବିର

କେନ୍ଦୁଝର, (ହି.ସ.) ନୂତନ ଜଙ୍ଗଲ ସୃଷ୍ଟି ଓ ସ୍ଥାନୀୟ ମଞ୍ଜିକୁ ନେଇ ମାଟି ଗୁଳା ତିଆରି ଅଭିଯାନ ପ୍ରଶିକ୍ଷଣ ସ୍ଥାନୀୟ ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ମାଟିଗୁଳା ତିଆରି ପ୍ରଶିକ୍ଷଣକୁ ନୂତନ ଜଙ୍ଗଲ ସୃଷ୍ଟି ଓ ସ୍ଥାନୀୟ ମଞ୍ଜିକୁ ନେଇ ମାଟି ଗୁଳା ତିଆରି ଅଭିଯାନ ପ୍ରଶିକ୍ଷଣ, କେନ୍ଦୁଝର, ଧରଣୀଧର ବିଶ୍ୱ ବିଦ୍ୟାଳୟ ଓ କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ମିଳିତଭାବେ ଆୟୋଜନ କରଥିଲେ । କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ଦ୍ୱାରା ଚାଲିଥିବା ପ୍ଲାଷ୍ଟିକ ମୁକ୍ତ ସମାଜ ଅଭିଯାନରେ କଳ୍ପନା ନାୟକ, ଚକ, ଡିମ୍ବୋ ପଂଚାୟତ, କେନ୍ଦୁଝର ଜିଲ୍ଲା, ପୁରୁଣା କପଡା ଓ ନୂଆ କପଡାରେ ବ୍ୟାଗ ତିଆରି କରି ବିକ୍ରୟ କରୁଛନ୍ତି କ୍ଷ ୫ ଜଣ ଆଦିବାସୀ ମହିଳା ସାଙ୍ଗରେ କାମ କରୁଛନ୍ତି କ୍ଷ ନୂତନ ଜଙ୍ଗଲ ସୃଷ୍ଟି ଓ ସ୍ଥାନୀୟ ମଞ୍ଜିକୁ ନେଇ ମାଟି ଗୁଳା ତିଆରି ଅଭିଯାନ ପ୍ରଶିକ୍ଷଣ ଉତ୍ସବରେ ଧରଣୀଧର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ପ୍ରତାପ ଚନ୍ଦ୍ର ମହାନ୍ତି କଳ୍ପନା ନାୟକଙ୍କୁ କେନ୍ଦୁଝର ଜେଲ ତିଆରି ଗାମୁଛା ଓ ଫଳ ଚାରା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ଶିବିରରେ ଏଫଇଏସ କେନ୍ଦୁଝରର ଦକ୍ଷ ତାଲିମ ଦାତା ତାଲିମ ପ୍ରଦାନ କରାଯାଇଛି ସାସ୍ୱତୀ ତ୍ରିପାଠୀ, ସୂର୍ଯ୍ୟ ସିଙ୍ଗ ସୋରେନ, ସୁମିତ ବାସା, ବର୍ଷା ରାଣୀ ବାରିକ, କୁନାମୀ ମାଝୀ, ବିଜୟିନୀ ମହାନ୍ତି, ଭବାନୀ ଦାସ ଓ ଡିଡିୟୁ ଅଧାପକ ମାନେ ପରିଚାଳନା କରୁଥିଲେ ।

# ମହିଳାମାନଙ୍କ ସୁରକ୍ଷା ପାଇଁ ପୋଲିସ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ବୈଠକ

ସମ୍ବଲପୁର,(ହି.ସ.): କାର୍ଯ୍ୟସ୍ଥଳରେ ମହିଳା ମାନଙ୍କ ପ୍ରତି ଯୌନ ନିର୍ଯ୍ୟାତନାରୁ ସୁରକ୍ଷା, ନିଷେଧ ଓ ପୁନଃସଂଧାନ ପାଇଁ ଘୋଷିତ ପି ଓ ଏସ ଏଚ ଆଇନ ୨୦୧୩ ଅନୁଯାୟୀ ପୁଲିସ ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଏକ ସମନ୍ୱୟ ବୈଠକ ତପସ୍ୱିନୀ କକ୍ଷ ଠାରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମହାନଗର ନିଗମର ଆୟୁକ୍ତ ବେଦ ଭୂଷଣ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଶୋକ କୁମାର ଭୋଇ, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା, ଭିସୁଟ୍ ର କୁଳପତି ଦୀପକ କୁମାର ସାହୁ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ସୁଶାନ୍ତ କୁମାର ଦାସ, ସମ୍ବଲପୁର ମହାବିଦ୍ୟାଳୟ କୁଳପତି ବିଧୁଭୂଷଣ ମିଶ୍ର ତଥା ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୈଠକ ମାଧ୍ୟମରେ ଜିଲ୍ଲା ପ୍ରଶାସନ ଓ ପୋଲିସ ବିଭାଗ ପକ୍ଷରୁ ମହିଳାଙ୍କ ସୁରକ୍ଷା ସମ୍ପର୍କରେ ଥିବା ଆଇନ ଅନୁଯାୟୀ ଦଶଜଣ କିମ୍ବା ତା'ଠାରୁ ଅଧିକ ସଦସ୍ୟଙ୍କୁ ନେଇ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରାଯିବା, ସଦସ୍ୟମାନଙ୍କ ପାଇଁ ସମ୍ବେଦନଶୀଳତା ଓ କ୍ଷମତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା, ସୀମିତ ସମୟରେ ଅନୁସନ୍ଧାନ ଓ ପୁନଃସଂଧାନ ପ୍ରକ୍ରିୟା ନିମିତ୍ତ ନିୟମ, ବାର୍ଷିକ ରିପୋର୍ଟିଂ ଓ ପ୍ରତିପାଦନରେ ସ୍ୱଚ୍ଛତା ରଖିବା କିପରି ରହିବ, ତାଲୁକ, ବ୍ଲକ୍, ତହସିଲ ଓ ସ୍ଥାନୀୟ ନଗର ନିଗମ ମଧ୍ୟରେ ଜିଲ୍ଲା ସ୍ତରୀୟ ପରାମର୍ଶଦାତା କମିଟି ଗଠନ କରାଯିବା ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏହି ସମ୍ବେଦନଶୀଳ ମାମଲାରେ ଅଧିକାରୀମାନେ ଦାୟିତ୍ୱବୋଧ ସହ ନିଷ୍ଠାର ସହିତ କାର୍ଯ୍ୟ କରିବା ଦରକାର ବୋଲି ଆହ୍ୱାନ ଦେବା ସହ ଅନୁସନ୍ଧାନ ପ୍ରକ୍ରିୟାକୁ ନିରପେକ୍ଷ ଓ ପାରଦର୍ଶୀ ଭାବରେ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ବୋନ୍ଦର ନିର୍ଦ୍ଧାରିତ ସମୟ ମଧ୍ୟରେ ଅନୁଧ୍ୟାନ କରିପାରିବା ପାଇଁ ସମସ୍ତ କାର୍ଯ୍ୟାଳୟ ଓ ସଂସ୍ଥାନର ସିସିଟିଭିକୁ ନିଶ୍ଚିତ ସଚଳ ଅବସ୍ଥାରେ ରଖିବା ଆବଶ୍ୟକ ବୋଲି ସେ କହିଥିଲେ। ଏଥିସହିତ ସମସ୍ତ ଗଭର୍ଣ୍ଣିଙ୍ଗ ବୈଠକ ନିୟମିତ ଭାବରେ କରାଯିବ ଓ ଏହି କମିଟିଗୁଡ଼କ ସୁଦୃଢ ଭାବରେ କାର୍ଯ୍ୟ କରିବା ପାଇଁ ଏସଡିପିଓ ମାନଙ୍କୁ ସଦସ୍ୟ ଭାବେ ଅନ୍ତର୍ଭୁକ୍ତ କରାଯିବାର ଆବଶ୍ୟକ ରହିଛି ବୋଲି ପ୍ରସ୍ତାବ ରଖିଥିଲେ। ଏହି ଅବସରରେ ସହାୟତା ଟୋଲ୍-ଫ୍ରୀ ନମ୍ବର ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ମଧ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ, ।

# ଝାଡ଼ାବାନ୍ତି ମୃତ୍ୟୁ ସଂଖ୍ୟା ତିନିକୁ ବୃଦ୍ଧି

ଗଞ୍ଜାମ, (ହି.ସ.)ସାନଖେମୁଣ୍ଡି ବ୍ଲକ ଦାମପୁରରେ ଝାଡାବାନ୍ତି ରୋଗରେ ମୃତ୍ୟୁ ବରଣ କରିଥିବା ବେଳେ ଆହୁରି ୫ଜଣ ଗୁରୁତର ଝାଡାବାନ୍ତି ରୋଗୀଙ୍କୁ ଚିକିତ୍ସା ପାଇଁ ଦିଗପହଣ୍ଡି ହସପିଟାଲରେ ଭର୍ତ୍ତି କରାଯାଇଛି। ଏମାନଙ୍କ ମଧ୍ୟରୁ ଜଣଙ୍କୁ ବ୍ରହ୍ମପୁର ବଡଡାକ୍ତରଖାନାକୁ ଅଧିକ ଚିକିତ୍ସା ପାଇଁ ପଠାଯାଇଛି। ଦୂଷିତ ପାଣି ବ୍ୟବହାର ଯୋଗୁଁ ଝାଡାବାନ୍ତି ବ୍ୟାପି ଥିବା ଜଣାପଡିଛି। ଏହା ସାଧାରଣରେ ଆଲୋଚନା ହେଉଛି

# ତେଜରାତି ଦୋକାନରୁ ନଗଦ ଟଙ୍କା, ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି



ସୋର,(ହି.ସ): ସୋର ଥାନା ମଙ୍ଗଳପୁର ବଜାରରେ ଥିବା ଏକ ତେଜରାତି ଦୋକାନରୁ ନଗଦ ଦେଢ଼ ଲକ୍ଷ ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଜଣାପଡିଛି। ମଙ୍ଗଳପୁର ଗ୍ରାମର ତାପସ କୁମାର ଦାସ ମଙ୍ଗଳପୁର ବଜାରରେ ଏକ ତେଜରାତି ଦୋକାନ କରିଛନ୍ତି। ପ୍ରତିଦିନ ଭଳି ଗତକାଲି ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିବା ବେଳେ ଆଜି ସକାଳେ ଦୋକାନ ଖୋଲିବା ସମୟରେ ଦୋକାନ ପଛପଟ ଝରକା ଭାଙ୍ଗି ଡ୍ରରେ ଥିବା ନଗଦ ଦେଢ଼ ଲକ୍ଷ ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁସାରେ, ମଙ୍ଗଳପୁର ଗ୍ରାମର ତାପସ କୁମାର ଦାସ ମଙ୍ଗଳପୁର ବଜାରରେ ଏକ ତେଜରାତି ଦୋକାନ କରିଛନ୍ତି। ପ୍ରତିଦିନ ଭଳି ଗତକାଲି ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିବା ବେଳେ ଆଜି ସକାଳେ ଦୋକାନ ଖୋଲିବା ସମୟରେ ଦୋକାନ ପଛପଟ ଝରକା ଭାଙ୍ଗି ଡ୍ରରେ ଥିବା ନଗଦ ଦେଢ଼ ଲକ୍ଷ ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ପଞ୍ଚାୟତ ପିଅନଙ୍କ ଦୁଃଖ ଦୁର୍ଦ୍ଦଶା ଦୂର ହେବ କେବେ ?

ଗଞ୍ଜାମ,(ହି.ସ.): ଗଞ୍ଜାମ ଜିଲ୍ଲାରେ ନିଯୁକ୍ତି ପାଇ ଥିବା ପଞ୍ଚାୟତ ପିଅନଙ୍କ ଦୁଃଖ ଦୁର୍ଦ୍ଦଶା ନ କହିଲେ ଭଲ। ସେମାନଙ୍କ ପାରିଶ୍ରମିକ ପଂଚାୟତ ଆୟରୁ ହିଁ ଦିଆଯାଇଥାଏ। ଦିନକୁ ଆଠ ଦଶ ଘଣ୍ଟା କଠିନ ପରିଶ୍ରମ କରି ପିଅନ ମାନେ ମାସିକ ମାତ୍ର ୪୦୦ରୁ ୨୫ଶହଟଙ୍କା ପାରିଶ୍ରମିକ ପାଉଛନ୍ତି , ଏଥିରେ ପରିବାର ପ୍ରତିପୋଷଣ ଦୁଃସାଧ ହୋଇପଡିଛି । ତଥାପି ଏମାନେ ଢୋକେ ପିଇ ଜୀବନ ବଞ୍ଚାଇ ରଖିଛନ୍ତି। ପଞ୍ଚାୟତରାଜ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ପଞ୍ଚାୟତ ପିଅନ ମାନଙ୍କୁ ଅଧିକ ପ୍ରାପ୍ୟ ଦେବା ବ୍ୟବସ୍ଥା କରିବାକୁ ଦାବି ହେଉଛି।

# ସୁନ୍ଦର ଗ୍ରାମରେ ଅଗ୍ନିକାଣ୍ଡ



କଣ୍ଟାପଡ଼ା: କଣ୍ଟାପଡ଼ା ତହସିଲ ଅନ୍ତର୍ଗତ ବାଗଲପୁର ପଞ୍ଚାୟତ ସୁନ୍ଦରଗ୍ରାମ ଦଳିତ ସାହିରେ ପ୍ରାୟ ୧୫ ବର୍ଷ ହେବ ରହି ଆସୁଥିବା ସ୍ୱାମୀ ପରିତ୍ୟକ୍ତା ମହିଳା କବିତା କାଣ୍ଡିଙ୍କ ଘେର ଆଜି ସକାଳ ପ୍ରାୟ ସାଢ଼େ ଆଠଟା ସମୟେର ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା। ନିଆଁର ପ୍ରଭାବେର କବିତାଙ୍କ ଦୁଇ ବଖରା ଘର ପୋଡି ପାଉଁସ ହୋଇଯିବା ସହ ସମସ୍ତ ଆସବାବପତ୍ର ପୋଡ଼ି ଯାଇଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରିପାରିଥିବାରୁ ଏକ ବଡ଼ ଅଘଟଣ ଟଳି ଯାଇଥିଲା। ଖବର ପାଇ ସ୍ଥାନୀୟ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ସେଠୀ ପୀଡିତା ପରିବାର ନିକଟେର ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଥିବା ବେଳେ ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟଙ୍କ ନିର୍ଦ୍ଦେଶକ୍ରେମ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ପୀଡ଼ିତା ପରିବାର ନିକଟେର ପହଞ୍ଚି ପ୍ରାଥମିକ ସାହାଯ୍ୟ ସହ ତଦନ୍ତ କରିଛନ୍ତି। ତେବ ଏହି ଅସହାୟ ପରିବାରକୁ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଫଳ ବିକ୍ରି ଠେଲାଗାଡ଼ିରୁ ୫ କେଜି ବାର୍ହା ମାଂସ ଜବତ



ଓଡ଼ଗାଁ,(ହି.ସ): ଓଡ଼ଗାଁ ଏନଏସି ଅନ୍ତର୍ଗତ ଚୂଡାମିଲ ଛକରେ ଫଳ ବିକ୍ରି ହେଉଥିବା ଏକ ଠେଲାଗାଡ଼ିରୁ ୫ କେଜି ବାରହାମାଂସ ଜବତ ହୋଇଛି। ଏହି ଘଟଣାରେ ବନ କର୍ମଚାରୀମାନେ ଜଣକୁ ଗିରଫ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଓଡ଼ଗାଁ ହେମାମାଳିନୀ ସାହିର ଖଲି ସାହୁଙ୍କ ପୁଅ ଶିବରାମ ସାହୁ (୩୮) ଚୂଡାମିଲ୍ ଛକରେ ନିଜ ଠେଲାଗାଡ଼ିରେ ଫଳ ବିକ୍ରିକରିବା ସହିତ ବାରହା ମାଂସ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଖବରପାଇ ଡେପୁଟି ରେଞ୍ଜର ଅଭିମନ୍ୟୁ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ବନପାଳ ସରିତା ବରାଳ, ଗାର୍ଡ ସୌମ୍ୟରଞ୍ଜନ ଦଳେଇ, ପ୍ରୋଟେକ୍ସନ ସ୍କ୍ୱାର୍ଡ ରଘୁନାଥ ପ୍ରଧାନ, ରବିନାରାୟଣ ସାହୁଙ୍କ ସମେତ ବନକର୍ମଚାରୀମାନେ ଅତର୍କିତ ଚଢ଼ାଉକରି ଠେଲାଗାଡ଼ିରୁ ୫ କେଜି ବାରହା ମାଂସ ଜବତ କରିବା ସହିତ ମାଂସ ବିକ୍ରିକରିବା ଅଭିଯୋଗରେ ଶିବରାମକୁ ଗିରଫ କରିଥିଲେ। ତେବେ ଶିବରାମ ଅନ୍ୟଜଣେ ବ୍ୟକ୍ତିଙ୍କଠାରୁ ମାଂସକିଣି ରଖିଥିଲା ବୋଲି କହିଛି। ବନ କର୍ମଚାରୀମାନେ ଘଟଣାର ଅଧିକ ଖୋଳତାଡ଼ କରି ଏଥିରେ ଆଉ କେଉଁମାନେ ସାମିଲ ଅଛନ୍ତି ତାହାର ତଦନ୍ତ ଚାଲିଥିବା କହିଛନ୍ତି।

# ଧରଣୀଧର ବିଶ୍ୱବିଦ୍ୟାଳୟରେ ସଚେତନତା କର୍ମଶାଳା

କେନ୍ଦୁଝର,(ହି.ସ.): ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଯେଉଁଥିରେ ସଭାପତିତ୍ୱ କରିଥିଲେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ପ୍ରତାପ କୁମାର ମହାନ୍ତି । ସାମ୍ପ୍ରତିକ ସମୟରେ ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ତଥା ଶୋଷଣକୁ ଆଖିଆଗରେ ରଖି ରାଜ୍ୟ ସରକାର ସମସ୍ତ ଶିକ୍ଷାନୁଷ୍ଠାନଗୁଡିକୁ ଏଥିଲାଗି ଏକ ସଚେତନତା କର୍ମଶାଳା ଆୟୋଜନ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ବିଶ୍ୱବିଦ୍ୟାଳୟରେ "କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନଶୋଷଣ ନିଷେଧ ଆଇନ – ୨୦୧୩" ବିଷୟ ପ୍ରସଙ୍ଗରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। କୁଳପତି ମହାନ୍ତି ତାଙ୍କ ଅଭିଭାଷଣରେ ନାରୀ ଆଜି କିପରି ଅସୁରକ୍ଷିତ ଏବଂ ତାଙ୍କ ଉପରେ ହେଉଥିବା ଅତ୍ୟାଚାର କେତେ ନିନ୍ଦନୀୟ ତତ୍ ସଂପର୍କରେ ଆଲୋଚନା କରି ଭବିଷ୍ୟତରେ କେବେ ଏପରି କଳଙ୍କିତ ଅଧ୍ୟାୟ ସୃଷ୍ଟି ନହେଉ ତତ୍ ସଂପର୍କରେ ମନ୍ତବ୍ୟ ରଖିଥିଲେ । ଏଥିସହ ସେ କହିଥିଲେ ଯେ, ଆମକୁ ମାନସିକ ସ୍ତରରେ ପ୍ରଥମେ ସ୍ଥିର ରହିବାକୁ ପଡ଼ିବ । ସମାଜ ସେବକ ଭକ୍ତ ବସ୍ତଳ ମହାନ୍ତି ତାଙ୍କ ଅଭିଭାଷଣରେ କହିଥିଲେ ଯେ ସାମ୍ବିଧାନିକ ବିଧି ବ୍ୟବସ୍ଥାରେ କେତେକ ବ୍ୟକ୍ତିଙ୍କୁ ଦୁର୍ବଳ ବୋଲି କୁହାଯାଇଛି ସେଥିମଧ୍ୟରେ ନାରୀ ଅନ୍ୟତମ ତେଣୁ ତାଙ୍କ ପ୍ରତି ଆମର ଯଥେଷ୍ଟ ସମ୍ମାନ ରହିବା ଆବଶ୍ୟକ। କାରଣ ସେ ଆମର ସୃଷ୍ଟି କର୍ତ୍ତା ଆମକୁ ଏ ସଂସାରକୁ ଆଣିବାରେ ପ୍ରମୁଖ ଭୂମିକା ତୁଲାଇଥାନ୍ତି। ଆଜି ନାରୀମାନଙ୍କ ଉପରେ ହେଉଥିବା ଏପରି ଅତ୍ୟାଚାର ଆଗାମି ଦିନରେ ଆମ ସମସ୍ତଙ୍କ ପାଇଁ ଏହା ଏକ ବଡ ବିପଦ ସୃଷ୍ଟି କରିପାରେ। ତାଙ୍କ ପରେ ଆଡଭକେଟ ଦୁଷ୍ମନ୍ତ ଜେନା ନିଜର ଅଭିଭାଷଣ ରଖିଥିଲେ, ସେ କହିଥିଲେ ଯେ, ଭରତୀୟ ସମ୍ବିଧାନ ଅନୁସାରେ ସମସ୍ତଙ୍କର ସମାନ ଅଧିକାର ରହିଛି। ଏବଂ ଯେଉଁ ଯେଉଁ ଆଇନ୍ ଜରିଆରେ ଜଣେ ମହିଳା ନିଜକୁ ସୁରକ୍ଷିତ କରିପାରିବ ତତ୍ ସଂପର୍କରେ ସମ୍ପୂର୍ଣ୍ଣ ଆଲୋଚନା ରଖିଥିଲେ । କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି ତାଙ୍କ ଅଭିଭାଷଣରେ ଉପସ୍ଥାପନ କରିଥିଲେ ଯେ, ଝିଅଟିଏ ଜନ୍ମ ହେବା ପରେ ତା'ର ସୁରକ୍ଷାକୁ ନେଇ ପରିବାର ବର୍ଗ ବଡ ଚିନ୍ତା ପ୍ରକଟ କରୁଛନ୍ତି। ଏଣୁ ସେହି ସମୟ ଆସିଛି ଯେ ଆମ ସମସ୍ତଙ୍କୁ ଏଥିପ୍ରତି ସଚେତନ ହେବାକୁ ପଡ଼ିବ କାରଣ ଆମେ ପ୍ରଥମେ ନିଜର ମାନସିକତାକୁ ପରିବର୍ତନ କରିବାକୁ ପଡ଼ିବ।

ବାସ୍ତବିକ ବୟସ କ'ଣ ଜଣକୁ ସୁନ୍ଦର ବା ରୁଗ୍ଣ କରେ ? ବୟସ ହେଉଛି ଶରୀର ସଂପର୍କୀୟ, ସାହିତ୍ୟ ଓ କଳା ହେଉଛି ମନ ଜଗତର କାର୍ଯ୍ୟ ।

-ଡକ୍ଟର ହରେକୃଷ୍ଣ ମହତାବ
(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୦୮)

ପ୍ରଜାତନ୍ତ୍ର
ତା ୨୫।୭।୨୦୨୫ ■ ଶୁକ୍ରବାର

# ପଦତ୍ୟାଗର ମାନେ

ରାଜନୀତିରେ ଯେଉଁ ସବୁ ଘଟଣା ସାମନାରେ ଦେଖାଯାଏ, ତାହା ଅନେକସମୟରେ ସେପରି ନୁହେଁ । ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇ ଜଗଦୀପ ଧନଖଡ଼ ସ୍ପଷ୍ଟ ଭାବେ ଲେଖିଛନ୍ତି ଯେ ସ୍ୱାସ୍ଥ୍ୟଗତ କାରଣରୁ ସେ ପଦତ୍ୟାଗ କରୁଛନ୍ତି, କିନ୍ତୁ ଯେପରି ଅଚାନକ ଏ ପଦକ୍ଷେପ ନିଆଗଲା, ତାହା ସ୍ୱାଭାବିକ ଭାବେ ଅଟକଳବାଜି ପାଇଁ ଖୋରାକ ଯୋଗାଇଲା ଏବଂ ରାଜନୀତିକ ସ୍ତରରେ ଗୁଜବକୁ ସ୍ଥାନ ଦେଲା । ଉଲ୍ଲେଖଯୋଗ୍ୟ ଯେ ଗତ ମାର୍ଚ୍ଚମାସରେ ଏମ୍ସରେ ଏଞ୍ଜିଓପ୍ଲାଷ୍ଟି କରିବା ପରେ ଠିକ୍ ହୋଇ ଧନଖଡ଼ ପୂର୍ଣ୍ଣମାତ୍ରାରେ ସକ୍ରିୟ ହୋଇଯାଇଥିଲେ । ଦେଶର ଅନେକ ଅଞ୍ଚଳ ଗସ୍ତ କରି ସିଏ ସରକାରୀ କାର୍ଯ୍ୟକ୍ରମମ ।ନଙ୍କରେ ଅଂଶଗ୍ରହଣ ମଧ୍ୟ କରିଥିଲେ । ଗତ ସୋମବାର ଦିନ ଯେପରି ଭାବେ ଦିନସାରା ସିଏ ଗୃହକାର୍ଯ୍ୟ ଓ ସଂସଦୀୟ କର୍ତ୍ତବ୍ୟର ନିର୍ବାହ କଲେ, କେହି ଭାବିନଥିଲେ ଯେ ତା'ରି ଭିତରେ ସିଏ ଏତେବଡ଼ ନିର୍ଣ୍ଣୟ ନେବାରୁ ଅନେକ ଅସମାହିତ ପ୍ରଶ୍ନ ଉଠିଛି । ମୌସୁମୀ ଅଧିବେଶନର ଠିକ୍ ପ୍ରଥମ ଦିନ ସନ୍ଧ୍ୟାରେ ସିଏ ଅଚାନକ ଇସ୍ତଫା ପ୍ରଦାନ କରି କେନ୍ଦ୍ର ସରକାରଙ୍କ ଲାଗି ଏଖ ଅସହଜ ସ୍ଥିତି ସୃଷ୍ଟି କରିଦେଇଛନ୍ତି । ଏବେ ତାଙ୍କର ଇସ୍ତଫା ଗ୍ରହଣ କରିନିଆଯାଇଛି, ସଂସଦୀୟ କାର୍ଯ୍ୟରେ ବିଘ୍ନ ନ ଘଟିବା ଲାଗି ଉପାଧ୍ୟକ୍ଷ କାର୍ଯ୍ୟ ଚଲାଇନେବେ, କିନ୍ତୁ ବିପକ୍ଷ ହାତରେ ସରକାରଙ୍କୁ ସମାଲୋଚନା କରିବା ପାଇଁ ଏକ ମଉକା ମିଳିଯାଇଛି ।

ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ନୂତନ ଉପରାଷ୍ଟ୍ରପତି ନିର୍ବାଚନ ଷାଠିଏଦିନ ଭିତରେ ହୋଇଯିବା ଦରକାର । କ୍ଷମତାସୀନ ଏନଡିଏ ପାଖରେ ସମ୍ମୁଚିତ ସଂଖ୍ୟାଗରିଷ୍ଠତା ରହିଛି ଏବଂ ସହଜରେ ଏ ପଦବୀ ଲାଗି ନିଜର ପ୍ରାର୍ଥୀଙ୍କୁ ଜିତାଇକରି ଅଣାଯାଇ ପାରିବ । ତେବେ ଲୋକସଭା ଓ ରାଜ୍ୟସଭାରେ ଭାରତୀୟ ଜନତା ପାର୍ଟିର ନିଜସ୍ୱ ସଂଖ୍ୟାଗରିଷ୍ଠତା ନାହିଁ, ତେଣୁ ପ୍ରତ୍ୟେକ ଗୋଟିଏ ଗୋଟିଏ ଭୋଟ୍ ତାହା ଲାଗି ମହତ୍ତ୍ୱପୂର୍ଣ୍ଣ । କୌଣସି ମନପସନ୍ଦ ବ୍ୟକ୍ତିଙ୍କୁ ଉପ-ରାଷ୍ଟ୍ରପତି କରିବା ଲାଗି ଭାଜପାକୁ ନୂଆ ଢଙ୍ଗରେ ମଗଜ ଖଟାଇବାକୁ ପଡ଼ିବ । ବିଶେଷକରି, ଯେତେବେଳେ ବିହାରରେ ବିଧାନସଭା ନିର୍ବାଚନ ମୁଣ୍ଡ ଉପରେ ଓ ସେଠି ମେଣ୍ଟ ରାଜନୀତି କାରଣରୁ ସହଯୋଗୀଙ୍କୁ ଖୁସ୍ ରଖିବା ଅନିବାର୍ଯ୍ୟ ହୋଇଯାଇଛି, ତେଣୁ ରାଜନୈତିକ ମୂଳଚାଲ ପାଇଁ କେତେକଙ୍କୁ ସୁଯୋଗ ମିଳିଛି । ଏବେ ସେଠାରେ ଆସନ ବଣ୍ଟନ ନେଇ କଥାବାର୍ତ୍ତା ଚାଲିଛି ଓ ମେଣ୍ଟର ସହଯୋଗୀ ଦଳ ଅଧିକରୁ ଅଧିକ ଆସନରେ ଲଢ଼ିବା ଲାଗି ଦାବି କରିଚାଲିଛନ୍ତି । ଧନଖଡ଼ଙ୍କ ଉପରାଷ୍ଟ୍ରପତି କାର୍ଯ୍ୟକାଳ ଯେପରି ଭାବେ ସମାପ୍ତ ହୋଇଛି, ତାହାକୁ ଆଦୌ ସୁଖଦ ବୋଲି କୁହାଯାଇ ପାରିବ ନାହିଁ, ତାଙ୍କ ସହିତି ସେ ପଦବୀ ପ୍ରତି ସଂସଦୀୟ ଇତିହାସରେ କିଛି କଟୁସ୍ମୃତି ମଧ୍ୟ ଯୋଡ଼ିହୋଇ ଯାଇଛି । କେବଳ ରାଜ୍ୟସଭାରୁ ସବୁଠାରୁ ଅଧିକ ସଦସ୍ୟଙ୍କୁ ନିଲମ୍ବିତ କରି ରେକର୍ଡ ସୃଷ୍ଟି କରିବାରେ ତାଙ୍କ ନାମ ଜଡ଼ିତ ତା' ନୁହେଁ, ବରଂ ନିଜର ବଡ଼ବଡ଼ କଥା ଲାଗି ସେ ବିବାଦରେ ଛନ୍ଦି ହୋଇଛନ୍ତି ।

ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ପଦରେ ଆସୀନ ବ୍ୟକ୍ତିମାନଙ୍କ ପ୍ରତି ଦେଶରେ ଏକ ବିଶେଷ ସମ୍ମାନବୋଧର ଭାବ ରହିଆସିଛି । ଉପରାଷ୍ଟ୍ରପତି ପଦରେ ବସୁଥିବା ବ୍ୟକ୍ତିଙ୍କଠାରୁ ଆଶା କରାଯାଏ ଯେ ସିଏ ନିଜର ବ୍ୟକ୍ତିତ୍ୱ ଓ ସଂସଦୀୟ ଅନୁଭବ ଦ୍ୱାରା କେବଳ ରାଜ୍ୟସଭାର କାର୍ଯ୍ୟ ସୂଚାରୁ ରୂପେ ସଞ୍ଚାଳିତ କରିବେ, ବରଂ ଶାସନ ଓ ବିରୋଧୀପକ୍ଷ ମଧ୍ୟରେ ଏକ ପୋଲ ବା ବ୍ରିଜ୍ ଭଳି କାର୍ଯ୍ୟ କରିବେ । ଧନଖଡ଼ଙ୍କର ନିଜ ଗୃହ ପ୍ରଦେଶ ରାଜସ୍ଥାନର ଭୈରୋସିଂହ ଶେଖାୱତ ହେଉଛନ୍ତି ଏକ ବଡ଼ ଉଦାହରଣ । ସେଥିଲାଗି ତାଙ୍କର କଠୋର ନିର୍ଣ୍ଣୟକୁ ବିରୋଧୀପକ୍ଷ ପୂରା ସମ୍ମାନ ପ୍ରଦାନ କରିଛନ୍ତି । ଦୁର୍ଯୋଗର କଥା ହେଉଛି ଧନଖଡ଼ ସ୍ମରଣକୁ ଆସୁଛନ୍ତି କାରଣ ପ୍ରାୟ ୬୦ ରାଜ୍ୟସଭା ସଦସ୍ୟ ତାଙ୍କୁ ହଟାଇବା ଲାଗି ନୋଟିସ୍ ଦେଇଥିଲେ । ଏବେ ନୂଆ ଉପରାଷ୍ଟ୍ରପତି ପଦରେ ଯିଏ ବି ବସିବେ, ତାଙ୍କ ସାମନାରେ ନିକଟ ଅତୀତରେ ଏ ଦୁଇ ଉଦାହରଣ ଆସିବ । ଇତିହାସ ଯେ କ୍ଷମତାରେ ଥିବା ବ୍ୟକ୍ତିଙ୍କ କଥା ଓ କାର୍ଯ୍ୟର ଆଧାରରେ ମୂଲ୍ୟାଙ୍କନ ହୋଇଥାଏ । ❒❒

# ଚିତାଲାଗି ଅମାବାସ୍ୟା

ଆମ ଓଡ଼ିଆ ସଂସ୍କୃତିରେ ରହିଛି ବାର ମାସରେ ତେର ପର୍ବ ପର୍ବାଣୀ। ଶ୍ରାବଣ ମାସର ଅମାବାସ୍ୟା ପର୍ବ ସେଥିମଧ୍ୟରୁ ଅନ୍ୟତମ। ଏହି ଅମାବାସ୍ୟାକୁ ଚିତାଲାଗି ଅମାବାସ୍ୟା ଓ ଚିତଉ ଅମାବାସ୍ୟା ମଧ୍ୟ କୁହାଯାଇ ଥାଏ। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ସମସ୍ତ କୃଷକ ପରିବାର ରେ ଏହି ପର୍ବ ଖୁବ୍ ଧୁମ୍ ଧାମରେ ପାଳିତ ହୋଇଆସୁଛି। ଏହି ସମୟ କୁ ଚାଷୀ ମାନେ ନିଜ ନିଜ ବିଲ ରେ ଚାଷ କାର୍ଯ୍ୟ ଜୋର ସୋର ରେ ଆରମ୍ଭ କରିଥାନ୍ତି। ଏହି ସମୟରେ ଧାନ ବିଲ ମାନଙ୍କ ରେ ବର୍ଷା। ଜଳ ଜମା ହୋଇଥାଏ। ସେହି ଜଳ ରେ ଗେଣ୍ଡା ମାନଙ୍କର ଆତଯାତ ହେଉଥିବାରୁ ଚାଷୀ ମାନଙ୍କ ଗୋଡ଼ ଗେଣ୍ଡା ମାନଙ୍କ ଉପରେ ପଡ଼ିଥାଏ ଆଉ ଗେଣ୍ଡା ମାନେ ଚାଷୀ ମାନଙ୍କ ଗୋଡ଼ କୁ କାମୁଡ଼ି ଖଣ୍ଡିଆ କରି ଦେଇ ଥାନ୍ତି। ଫଳରେ ଚାଷୀ ମାନେ ଆହାତ ହୋଇ ଆଉ ଚାଷ କାର୍ଯ୍ୟ କରି ପାରିନଥାନ୍ତି। ଏଣୁ ପ୍ରତି ଚାଷୀ ପରିବାର ରେ ଚିତଉ ପିଠା ତିଆରି କରାଯାଇ ଗେଣ୍ଡା ମାନଙ୍କୁ ଏହି ଦିନ ପୂଜା କରାଯିବା ସହିତ ଚିତଉ ପିଠା ଖାଇବାକୁ ଦେଇ କୁହାଯାଏ ଯେ, ହେ ଗେଣ୍ଡେଇଶୁଣି, ତୁମେ ପିଠା ଭୋଗ ଖାଇ ସନ୍ତୁଷ୍ଟ ହୁଅ ଆଉ ଚାଷୀ ମାନଙ୍କ ଗୋଡ଼ କୁ କାମୁଡ଼ ନାହିଁ। ଚାଷୀ ମାନେ ନିର୍ଭୟ ରେ ନିଜ ବିଲ ରେ ଚାଷ କାର୍ଯ୍ୟ କୁ ଆଗେଇ ନେଇଥାନ୍ତି। ଏଣୁ ଏହି ପର୍ବ ସାରା ରାଜ୍ୟରେ ଚାଷୀ ମାନଙ୍କ ପର୍ବ ଭାବେ ପାଳିତ ହୋଇ ଆସୁଛି। ଅପର ପକ୍ଷରେ ଯାତ୍ରା ଭାଗବତ ସ୍ମୃତି ଗ୍ରନ୍ଥରେ ବର୍ଣ୍ଣିତ ହୋଇଛି ଯେ, ପୁରୀ ଶ୍ରୀ ମନ୍ଦିର ରେ ଚିତା ଲାଗି ଅମାବାସ୍ୟା ଏକ ପର୍ବ ଭାବେ ପାଳିତ ହୋଇ ଥାଏ।ସେହି ରତ୍ନ ଖଚିତ ଚିତା ସବୁ ଏହି ଶ୍ରାବଣ ମାସ ଅମାବାସ୍ୟା ଦିନ ଶ୍ରୀ ବିଗ୍ରହ ମାନଙ୍କୁ ରତ୍ନ ସିଂହାସନ ଉପରେ ଲାଗି କରା ଯାଉଥିବାରୁ ଏହି ଦିନ ଟିକୁ ଚିତା ଲାଗି ଅମାବାସ୍ୟା ବୋଲି କୁହାଯାଇ ଥାଏ।

ଦଇତାପତି ସେବକ ମାନେ ଶ୍ରୀ ବିଗ୍ରହ ମାନଙ୍କୁ ରତ୍ନ ଖଚିତ ଚିତା ସବୁ ଲାଗି କରିଥାନ୍ତି। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଚିତା ରେ ଧଳା ରଙ୍ଗର ବ୍ରହ୍ମଜ୍ୟୋତି ହୀରା ଖଚିତ ହୋଇ ଥିବା ବେଳେ ବଡ଼ ଠାକୁର ଶ୍ରୀ ବଳଭଦ୍ର ଙ୍କ ଚିତା ରେ ନୀଳ ରଙ୍ଗର ନୀଳା ଓ ଦେବୀ ସୁଭଦ୍ରା ଙ୍କ ଚିତାରେ ଲାଲ ରଙ୍ଗର ମାଣିକ୍ୟ ଖଚିତ ହୋଇଥାଏ। ରତ୍ନ ଖଚିତ ଚିତା ସବୁ ଲାଗି ହେବା ପରେ ଶ୍ରୀ ବିଗ୍ରହ ମାନଙ୍କୁ ଚିତଉ ପିଠା ଭୋଗ ଲାଗି କରାଯାଇଥାଏ। ଏହି ସବୁ ନୀତି ଅନୁଷ୍ଠିତ ହେବାକୁ ପ୍ରାୟ ୪/୫ ଘଣ୍ଟା ସମୟ ଲାଗୁଥିବାରୁ ସେ ସମୟ ତକ ଶ୍ରୀ ମନ୍ଦିର ବନ୍ଦ ରଖା ଯାଇଥାଏ।ଶ୍ରୀ ଜୀଉ ମାନଙ୍କୁ ବନ୍ଦାପନା କରା ଯିବା ପରେ ମନ୍ଦିର ଦ୍ୱାର ଫିଟିଥାଏ। ଶ୍ରାବଣ ମାସ ର ଅମାବାସ୍ୟା କୁ ଚିତଉ ଅମାବାସ୍ୟା ଓ ଚିତା ଲାଗି ଅମାବାସ୍ୟା ଭାବେ ପାଳନ କରାଯାଇ ଆସୁଛି କାହିଁ କେତେ କାଳରୁ।

ସନ୍ତୋଷ କୁମାର ଦାଶ
ତୁଳସୀପୁର, ପୁରୀ

# ମହାକାଶ ଅଭିଯାନରେ ଭାରତର ସଫଳତା

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଚଳିତ ବର୍ଷ ୨୦୨୫ ରେ ଭାରତର ଉଲ୍ଲେଖନୀୟ ମହାକାଶ ଯାତ୍ରା କେବଳ ଏକ ଯାତ୍ରା ନୁହଁ କି ଏକ ଗନ୍ତବ୍ୟସ୍ଥଳ ମଧ୍ୟ ନୁହେଁ , ବରଂ କୌତୂହଳ, ସାହସ ଏବଂ ସାମୂହିକ ପ୍ରଗତିର ଉଦଘୋଷ ଥିଲା । ଭାରତର ମହାକାଶ କ୍ଷେତ୍ରର ପ୍ରଗତି ଗୁରୁତ୍ୱପୂର୍ଣ୍ଣ ବୈଜ୍ଞାନିକ ମାଇଲଖୁଣ୍ଟ ଏବଂ ଏହା ପ୍ରମାଣିତ ଯେ ମାନବ ଭାବନା ଗୁରୁତ୍ୱାକର୍ଷଣକୁ ଚ୍ୟାଲେଞ୍ଜ କରିପାରିବ। ଚନ୍ଦ୍ରାୟଣ - ୧ ଚନ୍ଦ୍ରରେ ଜଳ ଆବିଷ୍କାର କରିବାରେ ସାହାଯ୍ୟ କରିଥିଲା, ଚନ୍ଦ୍ରାୟଣ - ୨ ଚନ୍ଦ୍ର ପୃଷ୍ଠର ସର୍ବୋଚ୍ଚ-ରିଜୋଲ୍ୟୁସନ୍ ଚିତ୍ର ପ୍ରଦାନ କରିଥିଲା ଏବଂ ଚନ୍ଦ୍ରାୟଣ -୩ ଚନ୍ଦ୍ରର ଦକ୍ଷିଣ ମେରୁ ସମ୍ପର୍କରେ ସୂଚନାକୁ ଆହୁରି ଆଗକୁ ବଢାଇଥିଲା। ଭାରତ ରେକର୍ଡ ସମୟରେ କ୍ରାୟୋଜେନିକ୍ ଇଞ୍ଜିନ୍ ବିକଶିତ କରିଥିଲା, ଗୋଟିଏ ମିଶନରେ ୧୦୦ ଉପଗ୍ରହ ପ୍ରକ୍ଷେପଣ କରିଥିଲା ଏବଂ ଭାରତୀୟ ପ୍ରକ୍ଷେପଣ ଯାନ ବ୍ୟବହାର କରି ୩୪ଟି ରାଷ୍ଟ୍ର ପାଇଁ ୪୦୦ରୁ ଅଧିକ ଉପଗ୍ରହ ସଫଳତାର ସହିତ ସ୍ଥାପିତ କରିଥିଲା। ଭାରତର ସଦ୍ୟତମ ସଫଳତାରେ , ଚଳିତ ବର୍ଷ ମହାକାଶରେ ଦୁଇଟି ଉପଗ୍ରହ ମହାକାଶ ଅନୁସନ୍ଧାନରେ ଏକ ପ୍ରମୁଖ ପଦକ୍ଷେପ । ଭାରତର ମହାକାଶ ଯାତ୍ରା ଅନ୍ୟମାନଙ୍କ ସହିତ ପ୍ରତିଯୋଗିତା କରିବା ଉପରେ ଆଧାରିତ ନୁହେଁ, ବରଂ ଏକାଠି ଅଧିକ ଉଚ୍ଚତାରେ ପହଞ୍ଚିବା ବିଷୟ ଉପରେ ଆଧାରିତ। ଭାରତର ଅଧ୍ୟକ୍ଷତା ସମୟରେ ଆରମ୍ଭ ହୋଇଥିବା ଜି୨୦ ସାଟେଲାଇଟ୍ ମିଶନ ଦକ୍ଷିଣ ବିଶ୍ୱ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ। ଆସନ୍ତୁ ଜାଣିବା ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର ବିଷୟରେ ଓ ତାର ବିଭିନ୍ନ ମହାକାଶ ଗବେଷଣା ବିଷୟରେ।

ଭାରତୀୟ ମହାକାଶ ଗବେଷଣା ସଂସ୍ଥା ବା ଇସ୍ରୋ ହେଉଛି ଭାରତ ସରକାରଙ୍କ ପ୍ରମୁଖ ମହାକାଶ ପ୍ରାଧିକରଣ । ଏହା ପୃଥିବୀର ଛଅଟି ବଡ଼ ସରକାରୀ ମହାକାଶ ପ୍ରାଧିକରଣ ମଧ୍ୟରୁ ଅନ୍ୟତମ ଯଥା: ଆମେରିକାର ନାସା, ଋଷିଆର, ଇଉରୋପର ଇସା, ଚୀନର ସିନସଏ । ଏହି ସଂଗଠନର ମୂଳ ଉଦ୍ଦେଶ୍ୟ ହେଲା- ମହାକାଶ ତଥା ଗ୍ରହଜଗତ ସମ୍ବନ୍ଧରେ ତାତ୍ତ୍ୱିକ ଗବେଷଣା, ଅତ୍ୟାଧୁନିକ ମହାକାଶୀୟ ପ୍ରଯୁକ୍ତି ବିଦ୍ୟାର ଉନ୍ନତିକରଣ ଓ ଦେଶର ଉନ୍ନତିରେ ମହାକାଶର ପ୍ରୟୋଗ। ମଙ୍ଗଳଯାନ-୧ , ମଙ୍ଗଳ ଗ୍ରହ ଅଭିମୁଖେ ଭାରତର ପ୍ରଥମ ଅଭିଯାନ । ୨୦୧୩ ମସିହା ନଭେମ୍ବର ୫ ତାରିଖ ଅପରାହ୍ନ ୨ଟା ୩୮ ମିନିଟରେ ଶ୍ରୀହରିକୋଟାର ସତୀଶ ଧବନ ମହାକାଶ କେନ୍ଦ୍ରରୁ ପିଏସଏଲଭି-ସି ୨୫ଦ୍ୱାରା ଏହି ଯାନର ପ୍ରକ୍ଷେପଣ କରାଯାଇଥିଲା । ପୃଥିବୀ କକ୍ଷପଥରେ ପାଖାପାଖି ଏକ ମାସ ସମୟ ଅତିବାହିତ କଲାପରେ ୩୦ ନଭେମ୍ବର ୨୦୧୩ରେ ଏହି ଯାନ ମଙ୍ଗଳ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା । ଦୀର୍ଘ ୨୯୮ ଦିନର ଯାତ୍ରା ପରେ ୨୪ ସେପ୍ଟେମ୍ବର ୨୦୧୪ରେ ସଫଳତାର ସହ ମଙ୍ଗଳ ଗ୍ରହର କକ୍ଷପଥରେ ଅନୁପ୍ରବେଶ କରି ମଙ୍ଗଳଯାନ ଆନ୍ତର୍ଗ୍ରହ ମହାକାଶ ଯାତ୍ରା ଇତିହାସରେ ପ୍ରଥମ ପ୍ରଚେଷ୍ଟାରେ ସଫଳ ହୋଇଥିବା ପ୍ରଥମ ଅଭିଯାନର ଖ୍ୟାତି ଲାଭ କଲା। ମଙ୍ଗଳ ଗ୍ରହକୁ ଭାରତର ମହାକାଶ ଅଭିଯାନ ବିଷୟରେ ପ୍ରଥମେ ୨୩ ନଭେମ୍ବର ୨୦୦୮ରେ ତତ୍କାଳୀନ ଇସ୍ରୋ ଅଧ୍ୟକ୍ଷ ଜି. ମାଧବନ ନାୟାର ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ । ୨୦୦୮ରେ ଚନ୍ଦ୍ରଯାନ-୧ର ସଫଳ ଉତକ୍ଷେପଣ ପରେ ଇସ୍ରୋଦ୍ୱାରା ମଙ୍ଗଳଯାନ ସମ୍ବନ୍ଧରେ ବିଭିନ୍ନ ଅନୁଧ୍ୟାନ କରାଗଲା ଓ ପରେ ୩ ଅଗଷ୍ଟ ୨୦୧୨ରେ ଏହି ପ୍ରକଳ୍ପଟି ଭାରତ ସରକାରଙ୍କଦ୍ୱାରା ଗୃହୀତ ହୋଇଥିଲା । ୫ ଅଗଷ୍ଟ ୨୦୧୩ରେ ସି-୨୫ ନାମରେ ନାମିତ କରାଯାଇଥିବା ପିଏସଏଲଭି ଉତକ୍ଷେପଣ ଯାନର ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ, ବାଙ୍ଗାଲୋରରେ ଥିବା ଭାରତୀୟ ମହାକାଶ ଗବେଷଣା ସଂସ୍ଥାର ଉପଗ୍ରହ କେନ୍ଦ୍ରରେ ୫ଟି ବୈଜ୍ଞାନିକ ଉପକରଣ ଗୁଡ଼ିକୁ ମହାକାଶଯାନରେ ସଂଯୋଗ କରାଯାଇ ୨ ଅକ୍ଟୋବର ୨୦୧୩ରେ ଶ୍ରୀହରିକୋଟାକୁ ପଠାଗଲା । ପ୍ରଶାନ୍ତ ମହାସାଗରରେ ଖରାପ ପାଣିପାଗ ଯୋଗୁଁ ୨୮ ଅକ୍ଟୋବର ୨୦୧୩ ପରିବର୍ତ୍ତେ ୫ ନଭେମ୍ବର ୨୦୧୩ରେ ମଙ୍ଗଳଯାନର ଉତକ୍ଷେପଣ କରାଯାଇଥିଲା । ୫ ନଭେମ୍ବର ୨୦୧୩: ଅପରାହ୍ନ ୨ଟା ୩୮ ମିନିଟରେ ଶ୍ରୀହରିକୋଟାର ସତୀଶ ଧବନ ମହାକାଶ କେନ୍ଦ୍ରରୁ ପିଏସଏଲଭି-ସି ୨୫ଦ୍ୱାରା ମଙ୍ଗଳଯାନର ପ୍ରକ୍ଷେପଣ କରାଯାଇଥିଲା। ଅପରାହ୍ନ ୩ଟା ୨୦ ବେଳକୁ ପିଏସଏଲଭି-ସି୨୫ର ୪ର୍ଥ ପର୍ଯ୍ୟାୟର ପୃଥକୀକରଣ ପରେ ଯାନଟି ପୃଥିବୀ କକ୍ଷପଥରେ ସଫଳତାର ସହ ଅବସ୍ଥାପିତ ହୋଇ ନିଜର କାମ ଆରମ୍ଭ କରିଥିଲା । ୫ ନଭେମ୍ବରରୁ ୧ ଡିସେମ୍ବର ୨୦୧୩: ଏହି ୨୫ ଦିନରେ ମଙ୍ଗଳଯାନ ପୃଥିବୀ ଚାରିପଟେ ଘୁରୁଥିବା ସମୟରେ ଏହାର ପରିକ୍ରମଣ କକ୍ଷପଥକୁ ୫ଥର ବଦଳାଯାଇ ଉର୍ଦ୍ଧ୍ୱକୁ ନିଆଯାଇଥିଲା । ୧ ଡିସେମ୍ବର ୨୦୧୩: ମଧ୍ୟରାତ୍ରି ୦୦:୪୯ ସମୟରେ ମଙ୍ଗଳଯାନକୁ ପୃଥିବୀ କକ୍ଷପଥରୁ ବାହାର କରି ମଙ୍ଗଳ ଅଭିମୁଖୀ ଯାତ୍ରାପଥରେ (ମାର୍ସ ଟ୍ରାନ୍ସଫର ଟ୍ରାଜେକ୍ଟରି) ପ୍ରବେଶ କରାଗଲା, ଏହି ପ୍ରକ୍ରିୟାକୁ ଟ୍ରାନ୍ସ-ମାର୍ସ ଇଂଜେକ୍ସନ କୁହାଯାଏ । ଏହି ଅଭିଯାନର ଲକ୍ଷ୍ୟ ହେଉଛି ଆନ୍ତର୍ଗ୍ରହ ମହାକାଶ ଯାତ୍ରାର ଯୋଜନା ଓ ପରିଚାଳନା ପାଇଁ ସ୍ୱଦେଶୀ ବୈଷୟିକ ଜ୍ଞାନ-କୌଶଳର ବିକାଶ । ମିଥେନ ଓ ଅଙ୍ଗାରକାମ୍ଳ ସମେତ ମଙ୍ଗଳ ଗ୍ରହର ବାୟୁମଣ୍ଡଳର ଅନୁଧ୍ୟାନ ।

ଭାରତର ପ୍ରଥମ କୃତ୍ରିମ ଉପଗ୍ରହ 'ଆର୍ଯ୍ୟଭଟ୍ଟ' ଇସ୍ରୋ ଦ୍ୱାରା ପ୍ରସ୍ତୁତ ହୋଇଥିଲା ଓ ନିଜସ୍ୱ ଉତକ୍ଷେପଣଯାନ ଅଭାବରୁ ରୁଷିଆ ନିର୍ମିତ କୋସମୋସ-୩ଗ ଯାନଦ୍ୱାରା ୧୯ ଏପ୍ରିଲ, ୧୯୭୫ ମସିହାରେ କପୁସ୍ତିନ ୟାରରୁ ଉତକ୍ଷେପଣ କରାଯାଇଥିଲା । ପରବର୍ତ୍ତୀ ସମୟରେ ମହାକାଶ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେବା ସହିତ ଇସ୍ରୋ ନିଜସ୍ୱ ଉତକ୍ଷେପଣଯାନ ନିର୍ମାଣ କାରିବାରେ ସମର୍ଥହେଲା । ବର୍ତ୍ତମାନ ଇସ୍ରୋଦ୍ୱାରା ନିର୍ମିତ ଏସଏଲଭି ,ଏଏସଏଲଭି, ପିଏଏଲଭି ଏବଂ ଜିଏଏଲଭି ଶ୍ରେଣୀର ଅନେକ ଉତକ୍ଷେପଣଯାନ ଦ୍ୱାରା ଶତାଧିକ କୃତ୍ରିମ ଉପଗ୍ରହ ମହାକାଶକୁ ସଫଳତାର ସହ ପ୍ରେରଣ କରାଯାଇପାରିଛି । ଏହାସହ ଏକାସଙ୍ଗେ ୧୦୪ଟି କୃତ୍ରିମ ଉପଗ୍ରହକୁ ବିଭିନ୍ନ କକ୍ଷରେ ପ୍ରତିସ୍ଥାପନ କରି ବିଶ୍ୱରେକର୍ଡ ଲାଭକାରିବାର ଗୌରବହାସଲ କରିଛି ।୪୪ଧ ୫ ଜୁନ୍, ୨୦୧୭ରେ ଇସ୍ରୋ ୪ଟନ୍ ଓଜନ ବିଶିଷ୍ଟ GSAT-୧୯ କୃତ୍ରିମ ଉପଗ୍ରହକୁ ଜିଏସଏଲଭି-ଏମକେ୩ ଦ୍ୱାରା କକ୍ଷରେ ସ୍ଥାପନ କରିପାରିଲା । ଅକ୍ଟୋବର ୨୨, ୨୦୦୮ରେ ଇସ୍ରୋ ଚନ୍ଦ୍ରକୁ ଏକ ମାନବହୀନ ମହାକାଶଯାନ ପ୍ରେରଣ କରିଥିଲା । ଏହା ନଭେମ୍ବର ୮, ୨୦୦୮ରେ ଚନ୍ଦ୍ର କକ୍ଷରେ ଅବସ୍ଥାବିତ ହୋଇଥିଲା । ତତ୍ପରେ ନଭେମ୍ବର ୫, ୨୦୧୩ରେ ଭାରତର ପ୍ରଥମ ଅର୍ନ୍ତଗ୍ରହ ଅଭିଯାନ ମଙ୍ଗଳଯାନ ଆରମ୍ଭ କରିଥିଲା । ସେପ୍ଟେମ୍ବର ୧୪, ୨୦୧୪ରେ ମଙ୍ଗଳଯାନକୁ ମଙ୍ଗଳ କକ୍ଷରେ ଅବସ୍ଥାବିତ କରିପାରିଲା । ଅତଏବ ଏହିକ୍ଷେତ୍ରରେ ଭାରତ (ଇସ୍ରୋ) ଚୀନ ଓ ଜାପାନକୁ ପଛରେ ପକାଇ ଏସିଆରେ ପ୍ରଥମ ଏବଂ ବିଶ୍ୱରେ ଚତୁର୍ଥ ସ୍ଥାନ ହାସଲ କାରିପାରିଥିଲା । ବିଗତ କିଛି ବର୍ଷରେ ଇସ୍ରୋ ୧୯୦ଟି ବିଦେଶୀ କୃତ୍ରିମ ଉପଗ୍ରହ ସଫଳତାର ସହ ପ୍ରକ୍ଷେପଣ କରି ବୈଦେଶିକ ମୁଦ୍ରା ବୃଦ୍ଧି କରିବାରେ ସମର୍ଥ ହୋଇଛି ଏବଂ ଆଗାମୀ ଦିନରେ ଏହା ଅଧିକ ହେବ ବୋଲି ଆଶା କରାଯାଉଛି । ଏହାକୁ ଦେଖାଶୁଣା କରିବା ପାଇଁ ଆଣ୍ଟ୍ରିକ୍ଷ୍ କର୍ପୋରେଶନ ନାମକ ଏକ ବ୍ୟବସାୟିକ ବିଭାଗର ଗଠନ କରାଯାଇଛି । ଇସ୍ରୋ ଭବିଷ୍ୟତ ପାଇଁ ଅନେକ କାର୍ଯ୍ୟକ୍ରମର ଯୋଜନା କରୁଅଛି । ତନ୍ମମଧ୍ୟରୁ ୟୁଏଲଭି , ପୁନଃ-ବ୍ୟବହାରଯୋଗ୍ୟ, ମହାକାଶଚାରୀ ପ୍ରେରଣ, ମହାକାଶ ଷ୍ଟେସନ ନିର୍ମାଣ ଆଦି ଉଲ୍ଲେଖନୀୟ । ଇସ୍ରୋର ଗଠନ ମହାକାଶ ତଥା ଗ୍ରହଜଗତ ସମ୍ବନ୍ଧରେ ତାତ୍ତ୍ୱିକ ଗବେଷଣା, ଅତ୍ୟାଧୁନିକ ମହାକାଶୀୟ ପ୍ରଯୁକ୍ତି ବିଦ୍ୟାର ଉନ୍ନତିକରଣ ଓ ଦେଶର ଉନ୍ନତିରେ ମହାକାଶର ପ୍ରୟୋଗ ଉଦ୍ଦେଶ୍ୟରେ କରାଯାଇଥିଲା । ଏହି ସଂସ୍ଥାନର ମୁଖ୍ୟ ମିଶନଗୁଡ଼ିକ ହେଲା - ମହାକାଶରେ ପହଁଚିବା ପାଇଁ ବାହାନ ତଥା ସେ ସମ୍ବନ୍ଧିତ ପ୍ରଯୁକ୍ତିବିଦ୍ୟାର ପରିକଳ୍ପନା ଓ ବିକାଶ। ପୃଥିବୀର ପର୍ଯ୍ୟବେକ୍ଷଣ, ଯୋଗାଯୋଗ, ପଥ ପ୍ରଦର୍ଶନ , ଜଳବାୟୁ ବିଜ୍ଞାନ ଏବଂ ମହାକାଶ ବିଜ୍ଞାନ ପାଇଁ କୃତ୍ରିମ ଉପଗ୍ରହ ତଥା ସମ୍ବନ୍ଧିତ ପ୍ରଯୁକ୍ତିବିଦ୍ୟାର ପରିକଳ୍ପନା ଓ ବିକାଶ । ମହାକାଶରୁ ଚିତ୍ର ଉତ୍ତୋଳନ କରି ପ୍ରାକୃତିକ ସମ୍ବଳର ସୁପରିଚାଳନା ଏବଂ ଜଳବାୟୁ ତଥା ପରିବେଶର ପର୍ଯ୍ୟବେକ୍ଷଣ କରିବା ।

୧୯୮୪ ମସିହା ଏପ୍ରିଲ ମାସରେ ସୋଭିଏତ ୟୁନିୟନ ସହାୟତାରେ ରାକେଶ ଶର୍ମା ପ୍ରଥମ ଭରତୀୟ ମହାକାଶଚାରୀ ଭାବେ ମହାକାଶଯାନରେ ୮ ଦିନ ବିଚରଣ କରିଥିଲେ। ନଭେମ୍ବର ୦୭, ୨୦୦୬ ମସିହାରେ ମାନବଯୁକ୍ତ ମହାକାଶ ଅଭିଯାନ ପାଇଁ ଇସ୍ରୋ ବୈଜ୍ଞାନିକମାନେ ବେଙ୍ଗାଲୁରୁଠାରେ ପ୍ରଥମ ବୈଠକ କରିଥିଲେ । ଏହି ଅଭିଯାନରେ ମାନବବାହୀ ଯାନ ନିର୍ମାଣ ଏକ ଜଟିଳ ତଥା ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ।ଜୁଲାଇ ୦୫, ୨୦୧୮ରେ ଇସ୍ରୋ କ୍ରିଉ ଏସ୍କେପ୍ ସିଷ୍ଟମ୍ ର ସଫଳ ପରୀକ୍ଷଣ କରିଥିଲା। ଭାରତୀୟ ମାନବଯୁକ୍ତ ମହାକାଶ ଅଭିଯାନ କାର୍ଯ୍ୟକ୍ରମର ନାମ 'ଗଗନାୟନ ମିଶନ' ରଖାଯାଇଥିଲା । ନାସା ଏବଂ ଋଷ୍ ଦ୍ୱରା ପ୍ରେରିତ ମହାକାଶଚାରୀ ମାନଙ୍କୁ ଯଥାକ୍ରମେ ଆଷ୍ଟ୍ରୋନଟ ଓ କସ୍ମୋନଟ୍ କୁହାଯାଉଥିବା ବେଳେ, ଇସ୍ରୋ ଏହାର ମହାକାଶଚାରୀ ଦଳର ନାମ ଫଭ୍ୟୋମନଟଫ ରଖାଯାଇଛି । ଭ୍ୟୋମନଟ ସଂସ୍କୃତ ଶବ୍ଦରୁ ଉଦ୍ଭୃତ ଭ୍ୟୋମ ଯାହାର ଅର୍ଥ ହେଉଛି ଅନ୍ତରୀକ୍ଷ । ୨୦୩୦ ମଧ୍ୟରେ ମହାକାଶରେ ଭାରତର ନିଜସ୍ୱ ସ୍ପେସ୍ ଷ୍ଟେସନ୍ (ମହାକାଶ କେନ୍ଦ୍ର) ନିର୍ମାଣ କରିବାର ଲକ୍ଷ ରଖିଛି । ଏହି ସ୍ପେସ ଷ୍ଟେସନ ପ୍ରତିଷ୍ଠା ପରେ ଭାରତର ଅନ୍ତରୀକ୍ଷ ଯାତ୍ରୀ ୧୫-୨୦ ଦିନ ମହାକାଶରେ ବିତେଇ ପାରିବେ। ଏବେ ସୁଦ୍ଧା କେବଳ ଆମେରିକା, ରୁଷ୍ ଏବଂ ଚୀନ ? ହିଁ ସ୍ପେସ୍ ଷ୍ଟେସନ ନିର୍ମାଣ କରିଛନ୍ତି। ଅନ୍ୟ ରାଷ୍ଟ୍ରମାନେ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନର ବ୍ୟବହାର କରୁଛନ୍ତି। ସ୍ପେସ୍ ଷ୍ଟେସନ ପ୍ରକଳ୍ପ ଗଗନୟାନ ମିସନ୍ର ପରିବର୍ଦ୍ଧିତ କାର୍ଯ୍ୟକ୍ରମ ହେବ।

ଏବେ ଭାରତ ନୂତନ ଆତ୍ମବିଶ୍ୱାସ ସହିତ ଆଗକୁ ବଢ଼ି ଚାଲିଛି, ନିରନ୍ତର ବୈଜ୍ଞାନିକ ଅନୁସନ୍ଧାନର ସୀମାକୁ ଆଗକୁ ବଢାଇ ଚାଲିଛି। 'ଭାରତର ପ୍ରଥମ ମାନବ ମହାକାଶ ଉଡ଼ାଣ ମିଶନ, 'ଗଗନାୟାନ ', ମହାକାଶ ପ୍ରଯୁକ୍ତିବିଦ୍ୟାରେ ଦେଶର ବର୍ଦ୍ଧିତ ଆକାଂକ୍ଷାକୁ ପ୍ରତିଫଳିତ କରୁଛି । ୨୦୩୫ ସୁଦ୍ଧା, ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ଐତିହାସିକ ଗବେଷଣା ଏବଂ ଆନ୍ତର୍ଜାତୀୟ ସହଯୋଗକୁ ନିଶ୍ଚିତ ସହଜ କରିବ। ୨୦୪୦ ସୁଦ୍ଧା ଜଣେ ଭାରତୀୟ ମହାକାଶଚାରୀ ଚନ୍ଦ୍ରରେ ପାଦଚିହ୍ନ ଛାଡିବେ ଏବଂ ମଙ୍ଗଳ ଏବଂ ଶୁକ୍ର ଗ୍ରହ ଭାରତର ଭବିଷ୍ୟତର ମହାକାଶ ମହତ୍ତ୍ୱାକାଂକ୍ଷାରେ ପ୍ରମୁଖ ଲକ୍ଷ୍ୟସ୍ଥଳ ହୋଇ ପାରିବ ବୋଲି ଆଶା କରାଯାଉଛି । ଭାରତର ମହାକାଶ ଦୃଷ୍ଟିକୋଣ ପ୍ରାଚୀନ ଦର୍ଶନ 'ବସୁଧୈବ କୁଟୁମ୍ବକମ୍' ଉପରେ ଆଧାରିତ। ଭାରତର ମହାକାଶ ଯାତ୍ରା କେବଳ ନିଜସ୍ୱ ଅଭିବୃଦ୍ଧି ନୁହେଁ ବରଂ ବିଶ୍ୱ ଜ୍ଞାନକୁ ସମୃଦ୍ଧ କରିବା, ସହଭାଗୀ ଆହ୍ୱାନ ଗୁଡ଼ିକୁ ସମାଧାନ କରିବା ଏବଂ ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେବା ରେ ବିଶ୍ୱାସ କରେ । ଆଜିର ବିଜ୍ଞାନ ଓ ଭାରତରେ ମହାକାଶ ଗବେଷଣା କେନ୍ଦ୍ର ଏକ ଉତ୍ତମ ଭବିଷ୍ୟତ ଗଠନ କରିବା ପାଇଁ ମହାକାଶ ଅନୁସନ୍ଧାନରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬

# ସଫଳତା ପାଇଁ ସାମଗ୍ରିକ ଜ୍ଞାନ ଆହରଣ

**ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ**

ମଣିଷର ଜୀବନ ଅନେକ ଅନେକ ଅସରନ୍ତି ସ୍ମୃତି, ଅଭୁଲା କୃତି ଓ ବିସ୍ମୃତିରେ ଭରା। ଜୀବନର ଚଲାବାଟରେ ପଦପାତ କରୁଥିଲା ବେଳେ ସେ ଭେଟେ ଅଜସ୍ର ବ୍ୟକ୍ତିତ୍ୱ ମାନଙ୍କୁ, ଅସଂଖ୍ୟ ଚିହ୍ନା – ଅଚିହ୍ନା ମୁହଁ ମାନଙ୍କୁ। ପଦଚାରଣା କଲାବେଳେ ଜୀବନର ଯାତ୍ରାପଥରେ କେଉଁ ଜଣଶ-ଅଜଣା ମୁହଁମାନେ ତାକୁ ଭଲ ଲାଗନ୍ତି, କେହି ହସରେ, କୁସିରେ ଚାହିଁ ଦେଇଯାଏ, କିଏ ଆନନ୍ଦରେ ଆଗ୍ରହରେ ପଦେ ଦି'ପଦ କଥା ହୁଏ ତ କିଏ ପୁଣି ମୁହଁ ଫେରେଇ ନିଏ ଏ ବସ୍ତୁବାଦୀ ଦୁନିଆଁରେ। ସମୟର ଅସରନ୍ତି ଛନ୍ଦପତନର ଏହା ହିଁ ବୋଧହୁଏ ଅଲିଖିତ ନିୟମ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ। ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନ ଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପର ପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ମୋ ଶ୍ରେଷ୍ଠ ଗୁରୁ ସ୍ୱର୍ଗତଃ ଉଦୟନାଥ ସାହୁ। ମନୁଷ୍ୟ ଜୀବନରେ ସାର୍ଥକତା ହେବାର ଅନ୍ୟତମ ପ୍ରେରଣାଦାତା ହିଁ ଗୁରୁ। ନିଜ ଜୀବନରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଗୁରୁକୃପା ଭଗବାନଙ୍କ ଏକ ଅନନ୍ୟ ସୃଷ୍ଟି। ଜୀବନର ଆରମ୍ଭ ଜୀବନର ପଦପାତ ଠାରୁ ଅ ଆ ଶିଖିବା ଠାରୁ ଜୀବନର ଯେତେବଡ଼ ନିଷ୍ପତ୍ତି ହେଉନା କାହିଁକି ଗୁରୁଙ୍କ ଆବଶ୍ୟକତା, ଗୁରୁ ଆଶୀର୍ବାଦ ଗୁରୁକୃପା ସାଂସାରିକ ବ୍ୟବସ୍ଥାର ଏକ ଅନନ୍ୟ ନୈପୁଣ୍ୟତା। ମୋ ଗୁରୁଦେବ ସ୍ୱର୍ଗତଃ ଉଦୟନାଥ ସାହୁ ୧୯୪୭ ଜାନୁଆରୀ ୬ ତାରିଖରେ ଜି.ଉଦୟଗିରିରେ ଜନ୍ମ ଗ୍ରହଣ କରିଥିଲେ। ୧୯୯୩ରେ ଶିକ୍ଷାକ୍ଷେତ୍ରରେ ତାଙ୍କ ଅନବଦ୍ୟ ଶ୍ରେଷ୍ଠତ୍ୱ ନିମିତ୍ତ ରାଜ୍ୟ ସମ୍ମାନ ଓ ୨୦୦୧ରେ ଜାତୀୟ ଶିକ୍ଷକ ସମ୍ମାନ ପ୍ରାପ୍ତ ହୋଇଥିଲେ। ଖେଳକୁଦ ଓ ସୃଜନଶୀଳ ସାହିତ୍ୟ ଥିଲା ତାଙ୍କ ଜୀବନର ଅନ୍ୟତମ ସମୟର ଅଂଶ ବିଶେଷ। ସେ ଆମକୁ ଶିକ୍ଷା ଦେବା ସମୟରେ ସଫଳ ମଣିଷ ହେବା ପାଇଁ କେବଳ ମନ୍ତ୍ର ଦେଉନଥିଲେ ସେ ସମୟରେ ବିଦ୍ୟାଳୟ କ୍ରୀଡ଼ା ଠାରୁ ବିଜ୍ଞାନ ମେଳା, ନାଟକରେ ଅଭିନୟ ଠାରୁ ପ୍ରବନ୍ଧ ରଚନା ଓ ବକ୍ତୃତା ପ୍ରତିଯୋଗୀତାରେ ଅଂଶ ଗ୍ରହଣ ପାଇଁ ପ୍ରେରଣା ଉତ୍ସାହ ଉଦ୍ଦୀପନା ଓ ଆଶୀର୍ବାଦ ହିଁ ରଖୁଥିଲେ। ସେ ତାଙ୍କ ଉପଦେଶ ଭିତରେ ଆମକୁ ଅନେକ ବାର କହିଛନ୍ତି – 'ପାଠ୍ୟ ପୁସ୍ତକ ଜ୍ଞାନ ଜୀବନର ଲକ୍ଷ୍ୟରେ ପହଞ୍ଚାଇବ ନାହିଁ, ଜୀବନରେ ସଫଳ ନାଗରିକ ହେବାପାଇଁ ସାମଗ୍ରୀକ ଜ୍ଞାନ ଆହରଣ କର।' ଆମ ସମୟରେ ଜଣେ ନୀରବ ଜୀବନ ସାଧକ ଥିଲେ ସେ। ଜୀବନକୁ ସେ କେବଳ ବଞ୍ଚି ନାହାନ୍ତି, ଜୀବନକୁ କେବଳ ସେ ସାଧି ସାଧି ପରିଶେଷରେ ଈଶ୍ୱର ପ୍ରାପ୍ତି ହୋଇଛନ୍ତି। ମଣିଷଟିଏ ଜନ୍ମ ବେଳେ କିଛି ଆଣି ନଥାଏ। ଗଲାବେଳେ କିଛି ନିଏ ନାହିଁ। କାରଣ ଆସିବା ଆଉ ଯିବା ତା' ହାତର କଥା ନୁହେଁ। ନିଜର ଇଛାର ବ୍ୟାପାର ବି ନୁହେଁ। କିନ୍ତୁ ଆସିବା ଆଉ ଯିବାର ମଝିରେ ଯାହା ଥାଏ ତା'ର ନାମ ଜୀବନ। ଏଥିରେ ରହିଛି ଐଶ୍ୱରୀୟ ଇଛା ଓ ନିଜର ସାଧନା।

ତେଣୁ ସଂସାରକୁ କୁହାଯାଏ କର୍ମର କ୍ଷେତ୍ର। ଏଇଟି ହେଉଛି କର୍ମ କରିବାର ପ୍ରକୃଷ୍ଟ କ୍ଷେତ୍ର। ଜଣେ ପ୍ରତିଷ୍ଠିତ ହୁଏ ନିଜର କର୍ମରେ ଆଉ ବଞ୍ଚିରହେ ସେହି କର୍ମରେ। ତେଣୁ କୁହାଯାଏ କର୍ମ ହିଁ ଭଗବାନ। ସୁକର୍ମ କରି ଅନେକ ବ୍ୟକ୍ତି ସଫଳତାର ପାହାଚକୁ ଛୁଇଁଛନ୍ତି। ଏ କଥା ନୂଆ ନୁହେଁ। ନୂଆ ହେଉଛି ବ୍ୟକ୍ତିଟିଏ କିପରି ସଫଳ ହୁଅନ୍ତି, ସେହି ଘଟଣା ହିଁ ନୂଆ। ତାହା ଉଦାହରଣ ହୋଇଯାଏ ସାରା ସମାଜ ପାଇଁ। ସେହିପରି ଉଦାହରଣ ସ୍ତରରେ ପହଞ୍ଚିଥିବା ବ୍ୟକ୍ତି ସେଥିଲେ। ଉପନିଷଦରେ ଉଲ୍ଲେଖ ରହିଛି 'ଯିଏ ଧର୍ମକୁ ଆଶ୍ରୟ କରେ ସିଏ ସତ୍ୟନିଷ୍ଠ ହୁଏ। ଧର୍ମ ମନୁଷ୍ୟକୁ ଶୁଦ୍ଧ ମନୁଷ୍ୟରେ ପରିଣତ କରେ। ତା'ଭିତରେ ଥିବା କ୍ଷୁଦ୍ରତା ଓ ସଂକୀର୍ଣ୍ଣତାକୁ ଦୂରେଇ ଦିଏ। ରକ୍ତମାଂସର ଶରୀର ଚିରସ୍ଥାୟୀ ନୁହଁ, ମାତ୍ର ଜୀବଦଶାରେ ଯିଏ ଯାହା କରିଯାଇଥାଏ ତାହା ଅମ୍ଳାନ ହୋଇ ରହିଥାଏ ଯୁଗ ଯୁଗକୁ। ଏହି ସଂଘର୍ଷପୂର୍ଣ୍ଣ ଜୀବନରେ ଅନ୍ୟ ମାନଙ୍କ ପାଇଁ ଆପଣାର ମଣିଷଟିଏ ହୋଇ ଅନ୍ୟ ମାନଙ୍କୁ ତିଆରି କରିବା ଓ ଅନ୍ୟ ମାନଙ୍କ ଓଠରେ ହସ ଫୁଟାଇବା ଥିଲା ତାଙ୍କ ଜୀବନଧର୍ମ। ଜାତସ୍ୟ ଧ୍ରୁବମୃତ୍ୟୁଂ ମନୁଷ୍ୟ କ୍ଷଣ ଭଙ୍ଗୁର ଜୀବନରେ ସଂସାରର ରୀତିନୀତି ଅନୁଯାୟୀ ବାହୁଡ଼ିବ ତ ନିଶ୍ଚୟ କିନ୍ତୁ ସ୍ୱର୍ଗତଃ ଉଦୟନାଥ ସାହୁଙ୍କ ପରି ଦିବ୍ୟ ଜୀବନ ବ୍ରତ କରି ଆଗେଇ ଚାଲିଥିବା ସମୟରେ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ଭାଗବତର ବିଲକ୍ଷଣ ଧାଡ଼ିଟି ସହ ଶେଷ କରୁଛି – 'କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବ କାଳ ବଳେ।'

ବାଲିଗୁଡ଼ା, କନ୍ଧମାଳ
ମୋ:୯୪୩୭୨୪୨୩୧୭

# ପରମ ବୈଷ୍ଣବ ଶଙ୍କର

**ଶ୍ରୀହରିଗୁରୁ ଆଶ୍ରିତ ଅତୀଶ**

ଶ୍ରୀମଦ ଭାଗବତର ଅନ୍ତିମ ଶ୍ଳୋକରେ କୁହାଯାଇଛି ନଦୀ ମାନଙ୍କ ମଧ୍ୟରେ ଯେପରି ଗଙ୍ଗା ଶ୍ରେଷ୍ଠ ସେହିପରି ବୈଷ୍ଣବ ମାନଙ୍କ ମଧ୍ୟରେ ଭଗବାନ ଶିବ ଶ୍ରେଷ୍ଠ ସେ ପରମ ଭାଗବତ। ଭଗବାନ ଆଶୁତୋଷ ଅଳ୍ପ ଉପଚାର ଓ ନିର୍ମଳ ଭକ୍ତି ଦେଖିଲେ ଭକ୍ତର ମନୋବାଞ୍ଛା ପୂରଣ କରନ୍ତି ହେଲେ ସେ ଯାହା ଉପରେ ବେଶୀ ଖୁସି ହୋଇଯାନ୍ତି ତାକୁ ଯୋଗ୍ୟ ଗୁରୁ ସହିତ ଶ୍ରୀ ହରିଙ୍କ ଭକ୍ତି ପ୍ରଦାନ କରନ୍ତି ଯାହାଦ୍ୱାରା ତାର ମାନବ ଜୀବନ ସଫଳ ହେବ ସେଥିପାଇଁ ଭାଗବତ କହିଲେ 'ମନୁଷ୍ୟ ଜନ୍ମେ ଲାଭ, ଯେବେ ଗୋବିନ୍ଦେ କରେ ଭାବ'।

ଶ୍ରୀଧାମବୃନ୍ଦାବନ ଯମୁନା ନଦୀ କୂଳରେ ଶ୍ରୀଲସନାତନ ଗୋସ୍ୱାମୀ ବସି ଭାଗବତ ଚିନ୍ତା କରୁଥାନ୍ତି ଏହି ସମୟରେ ଜଣେ ବ୍ରହ୍ମଣ ଆସି ତାଙ୍କୁ ପ୍ରଣାମ କଲେ ଓ ନିଜ ପରିଚୟ ପ୍ରଦାନ କଲେ କହିଲେ ମୋର ନାମ ଜୀବନ ଭଟ୍ଟାଚାର୍ଯ୍ୟ ମୋର ଘର ହେଉଛି ବର୍ଦ୍ଧମାନ ଜିଲ୍ଲାର ମାନକର ଗ୍ରାମରେ। ଆସିବା କାରଣ କହିଲେ ମୁଁ ଜଣେ ଦରିଦ୍ର ବ୍ରାହ୍ମଣ ମୋର ପିତାମାତା ନାହାନ୍ତି ଜୀବନ ନିର୍ବାହ କରି ପାରିବ ବହୁତ କଷ୍ଟ ହେଲା ତେଣୁ କାଶୀ ଯାଇ ସେଠାରେ ଶ୍ରୀ ବିଶ୍ୱନାଥଙ୍କ ପାଖରେ ଅଧିଆ ପଡ଼ିଲି ପ୍ରଭୁ ପ୍ରସନ୍ନ ହୋଇ କହିଲେ ତୁମେ ବୃନ୍ଦାବନ ଚାଲିଯାଅ ସେଠାରେ ମୋର ଭକ୍ତ ଶ୍ରୀସନାତନ ଗୋସ୍ୱାମୀ ଅଛନ୍ତି ସେ ତୁମର ମନ କାମନା ପୂର୍ଣ୍ଣ କରିବେ ତେଣୁ ଆପଣଙ୍କ ପାଖକୁ ଆସିଛି। ଏହି କଥା ଶୁଣି ସନାତନ ଗୋସ୍ୱାମୀ ଭାବିଲେ ମୁଁ ଜଣେ ବୈରାଗୀ ସନ୍ନ୍ୟାସୀ ଭିକ ମାଗି ଖାଉଛି ମୋର ପାଖରେ କ'ଣ ଅଛି ଯେ ବାବା ବିଶ୍ୱନାଥ ମୋର ପାଖକୁ ଏହି ବ୍ରାହ୍ମଣଙ୍କୁ ପଠାଇଛନ୍ତି। ପୁଣି ଭାବିଲେ ବାବା ବିଶ୍ୱନାଥ ପଠାଇଛନ୍ତି ମାନେ ଏହା ଭିତରେ କିଛି ରହସ୍ୟ ରହିଛି। ହଟାତ ମନେ ପଡ଼ିଗଲା ପୂର୍ବକଥା ଦିନେ ସେ କଳକଳନାଦିନୀ ଯମୁନା ନଦୀରେ ସ୍ନାନ କଲାବେଳେ ପାଇଥିଲେ ଗୋଟେ ପରଶମଣି। ଏହି ପ୍ରକାର ମୂଲ୍ୟବାନ ପଥରେ ତାଙ୍କର ବା କ'ଣ କାମରେ ଆସିବ। ତେଣୁ ତାକୁ ସେ ଯମୁନା ନଦୀରେ ବିସର୍ଜନ କରିଦେଲେ। ସେହିକଥା ମନେ ପଡ଼ିବାରୁ ବ୍ରାହ୍ମଣଙ୍କୁ କହିଲେ ସେହି ଯମୁନାରେ ଯାଇ ଖୋଜ ତୁମକୁ ପରଶ ମଣି ପ୍ରାପ୍ତ ହେବ। ବ୍ରାହ୍ମଣ ଜଣକ ତାହା ହିଁ କଲେ ଓ ତାଙ୍କୁ ପରଶମଣି ମିଳିଲା।

ଆନନ୍ଦରେ ଭରିଗଲା ବ୍ରାହ୍ମଣ ମନ। ଭାବିଲା ମୋର ଦରିଦ୍ରତା ଗଲା। ଏ ଧନ ତ ସାରିବାର ନାହିଁ ଯେତେବେଳେ ଚାହିଁବି ଲୁହରେ ପରଶମଣି ଛୁଆଁଇ ସୁନା କରିଦେବି। ଶ୍ରୀସନାତନ ଗୋସ୍ୱାମୀଙ୍କ ପାଦରେ ଦଣ୍ଡବତ କରି ବ୍ରାହ୍ମଣ କହିଲେ ଆପଣଙ୍କ କୃପାରୁ ପୁରୁଷାନୁକ୍ରମିକ ଭାବରେ ମୋର ଆଉ ଦରିଦ୍ରତା ରହିବ ନାହିଁ। ଶ୍ରୀସନାତନ ଗୋସ୍ୱାମୀଙ୍କ ଜୟ ହେଉ ମୋର ଉପରେ ଆପଣଙ୍କ କୃପା ଏହିପରି ଥାଉ ଏହାକହି ଆନନ୍ଦ ମନରେ ସେ ଚାଲିଲେ। କିଛି ବାଟ ଯିବା ପରେ ଜୀବନ ଭଟ୍ଟାଚାର୍ଯ୍ୟଙ୍କ ମନକୁ ହଠାତ୍ ଗୋଟିଏ କଥା ଆସିଲା। ଆଉ ଆଗକୁ ପାଦ ବଢ଼ି ପାରିଲେ ନାହିଁ ଫେରିଲେ ଯମୁନା କୂଳକୁ। ଭାବୁଛନ୍ତି ଏହି ବ୍ୟକ୍ତି ଯେତିକି ବିଚିତ୍ର ତାଠାରୁ ଅଧିକ ମହାନ ଏହାଙ୍କ ହୃଦୟ ତାହା ନହୋଇଥିଲେ ପରଶମଣି ପରି ରତ୍ନ ପାଇଲା ପରେ ତାକୁ ଯମୁନାକୁ କିପରି ଫୋପାଡ଼ି ଦେଇଥାନ୍ତେ ? ଦୁଇ ପ୍ରକାର ଲୋକ ଏହି କାର୍ଯ୍ୟ କରନ୍ତି ଯେଉଁମାନେ ମାନିର ମୂଲ୍ୟ ବୁଝନ୍ତି ନାହିଁ ବା ପାଗଳ। ଆଉ ଯିଏ ମହାନ ସଂସାର ଭୋଗ ବାସନାର ସମ୍ପୂର୍ଣ୍ଣ ଉର୍ଦ୍ଧ୍ୱରେ, ଯେ ଦିବ୍ୟତାର ସନ୍ଧାନ କରିପାରିବ। ଏହାଙ୍କ ସହିତ କଥା ହୋଇ ଜଣାଯାଉଛି ଏ ପାଗଳ ନୁହଁନ୍ତି ତା ହେଲେ ଭାବରୂପକ ରତ୍ନର ଅଧିକାରୀ ତେଣୁ ଜୀବନ ଭଟ୍ଟାଚାର୍ଯ୍ୟ ଫେରି ଆସିଲେ ଶ୍ରୀ ସନାତନ ଗୋସ୍ୱାମୀଙ୍କ ପାଖକୁ ଓ କହିଲେ ଆପଣ ଯେଉଁ ଅମୂଲ୍ୟ ଧନରେ ଧନୀ ହୋଇ ପରଶମଣି ପରି ରତ୍ନକୁ ତୁଚ୍ଛ କରିଦେଇଛନ୍ତି ମୋର ସେହି ରତ୍ନ ଦରକାର।

ଜଣେ ମହାଶୟ ବାୟାଙ୍କୁ ପ୍ରଶ୍ନ କଲେ ବାବା ଆପଣ ଆଶ୍ରମରେ ବାବା ବିଶ୍ୱନାଥଙ୍କ ମନ୍ଦିର କରି ପୂଜା କାହିଁକି କରୁଛନ୍ତି ବୈଷ୍ଣବ ମାନେ ଶିବ ନିର୍ମାଲ୍ୟ ଗ୍ରହଣ କରନ୍ତି ନାହିଁ ବୋଲି ଶୁଣିଛି। ବାବା କହିଲେ ଆଜ୍ଞା ବାଟଟା ତାଙ୍କୁ ଜଣା ? ସେ ମହାଶୟ କହିଲେ ମୁଁ ବୁଝି ପାରିଲିନି ବାୟା – ଭଗବାନ ମହାଦେବ ପରମଭାଗବତ ତାଙ୍କୁ ଦର୍ଶନ କରି କହିବା ମତେ ବାଟ ଦେଖା ସେ ତୁମକୁ ବୈକୁଣ୍ଠର ରାସ୍ତା ଦେଖାଇ ଦେବେ ଯାହା ଫଳରେ ତୁମେ ଯାତ୍ରା ସଫଳ ହେବ। ନିତାଇ ଗୋର ହରି ବୋଲ।

ମୋ: ୬୩୭୧୫୮୦୫୨୪

# ସଂପାଦକଙ୍କୁ ପତ୍ର

## ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଲାଗି ବ୍ୟବସ୍ଥାଗତ ବିଫଳତା ଦାୟୀ

ମହାଶୟ

ବାଲେଶ୍ୱର ଫକୀରମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶି କଲେଜ ଅଧ୍ୟାପକଙ୍କ ଯୌନ ନିର୍ଯାତନାର ଶିକାର ହୋଇ ନିଜ ଦେହରେ ପେଟ୍ରୋଲ ଢ଼ାଳି ପୋଡ଼ି ହୋଇ ମୃତ୍ୟୁବରଣ କରିବା ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଯେ କୌଣସି ସାଧାରଣ ଲୋକର ବୁଦ୍ଧି, ବିବେକକୁ ନିଶ୍ଚିତ ରୂପେ ଆଲୋଡିତ ଓ ଆନ୍ଦୋଳିତ କରିବ। ଫୁଲକଢିଟିଏ ଫୁଟି ସମ୍ପୂର୍ଣ୍ଣ ପ୍ରସ୍ଫୁଟିତ ହେବା ଆଗରୁ ହିଁ ନଷ୍ଟ ହୋଇଗଲା। ନଷ୍ଟ ହେଲା କହିଲେ ଭୁଲ୍ ହେବ, ନଷ୍ଟ କରି ଦିଆଗଲା। ବ୍ୟବସ୍ଥା ପାଖରେ ଲଢ଼ି ଲଢ଼ି ନିରାଶ ହୋଇ ପଡ଼ିଥିଲେ ସେ। କାହା କାହା ପାଖରେ ଅଭିଯୋଗ କରିନାହାନ୍ତି ସୌମ୍ୟାଶ୍ରୀ ! କଲେଜ ଅଧ୍ୟକ୍ଷ, ସ୍ଥାନୀୟ ଥାନାଧିକାରୀ, ଏସ୍ ପି, ବିଧାୟକ, ସଂସଦ, ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ , କେନ୍ଦ୍ର ଶିକ୍ଷାମନ୍ତ୍ରୀ, ମହିଳା କମିଶନର ମୁଖ୍ୟ। ସାମାଜିକ ଗଣମାଧ୍ୟମ 'ଏକ୍ସ' ରେ ମଧ୍ୟ ଟୁଇଟ୍। ଏତେ ସବୁ ପରେ ବି କେହି ଜଣେ ତାଙ୍କୁ ସାହାଯ୍ୟର ହାତ ବଢ଼ାଇଲେ ନାହିଁ। ବରଂ ଛିଗୁଲେଇବାକୁ ଲାଗିଲେ। ତାଙ୍କ ଚରିତ୍ର ସଂହାର କରିବାକୁ ଲାଗିଲେ। କ'ଣ ଅବା କରିପାରିଥାନ୍ତା ଏକଲା ଝିଅଟି ? ଏକୁଟିଆ କେତେ ଅବା ଲଢି ପାରିଥାଆନ୍ତା ଏ ସମାଜ ବିରୋଧରେ ? ଯାହା ହେବା କଥା ଶେଷରେ ତାହା ହିଁ ହେଲା। ହାରିଗଲା ସେ। କାରଣ ସୌମ୍ୟାଶ୍ରୀ ଭଳି ସାହସୀ ଝିଅ କେବେ ବି ହାରି ପାରେନାହିଁ। ବରଂ ସମସ୍ତେ ମିଳିମିଶି ତାଙ୍କୁ ହରେଇ ଦେଇଛନ୍ତି, ତାଙ୍କୁ ମାରି ଦେଇଛନ୍ତି। ଆତ୍ମହତ୍ୟା ବିରୁଦ୍ଧରେ ସାଙ୍ଗ ସାଥି ମାନଙ୍କୁ ଶିକ୍ଷା ଦେଉଥିବା ଝିଅଟି ଶେଷରେ ନିଜେ ଆତ୍ମଦାହ କରିଦେଲା। ଏହା ଆମ ସମାଜ, ଆମ ବ୍ୟବସ୍ଥା, ଆମ ସଭ୍ୟତା, ଆମ ସଂସ୍କୃତି, ଆମ ମାନବିକତା ଉପରେ ଏକ ଶକ୍ତ ପ୍ରହାର। କଲେଜର ବିଭାଗୀୟ ମୁଖ୍ୟ ଓ ଅଧ୍ୟକ୍ଷ ଜେଲରେ ଅଛନ୍ତି। କେବଳ ଏହି ଦୁଇ ଜଣ ନୁହନ୍ତି, ସ୍ଥାନୀୟ ଥାନାଧିକାରୀ, ଏସ୍ ପି ଏବଂ ଘଟଣାରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଜଡ଼ିତ (ସାମାଜିକ ଗଣମାଧ୍ୟମରେ କଟାକ୍ଷ କରୁଥିବା ଏବଂ ଅତି କଟୁ ଭାଷାରେ ସମାଲୋଚନା କରୁଥିବା ତାଙ୍କ ସହପାଠୀଙ୍କ ସମେତ) ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ଏବଂ ଏହାର ବିଚାର ଏକ ଫାଷ୍ଟ ଟ୍ରାକ୍ କୋର୍ଟରେ କରାଯାଇ ଦୋଷୀଙ୍କୁ କଠୋରରୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଉ, ଯଦ୍ୱାରା ଭବିଷ୍ୟତରେ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କୁ ଅସଦାଚରଣ କରିବାକୁ କୌଣସି ଶିକ୍ଷକ ବା ଅଧ୍ୟାପକ ବା ଅନ୍ୟ କେହି ଯେପରି ସାହସ ନ କରନ୍ତି। ସୌମ୍ୟାଶ୍ରୀ ଆଉ ଥରେ ଫେରି ଆସିବେ ନାହିଁ ସତ, କିନ୍ତୁ ଏହି ଘଟଣା ବନ୍ଦ ହୋଇଯାଇଥିବା ଆମର ବିବେକ ଓ ମାନବିକତାର ଦ୍ୱାରକୁ ସବୁଦିନ ପାଇଁ ଉନ୍ମୁକ୍ତ କରୁ। ସୌମ୍ୟାଶ୍ରୀମାନେ 'ଫେବର' ର ଜଳନ୍ତା ଜୁଇରେ ଆଉ ଯେପରି ନ ପଡନ୍ତୁ। ଏତିକି କାମନା।

ପ୍ରତାପ ନାୟକ
କଳିଙ୍ଗ ବିହାର, ଭୁବନେଶ୍ୱର




୨୫.୦୭.୨୦୨୫

# ଓଡ଼ିଆ ଫିଲ୍ମ ଇତିହାସରେ ପ୍ରଥମ



ରାଷ୍ଟ୍ରପତି ଭବନରେ ପ୍ରଦର୍ଶିତ ହେଲା ଓଡିଆ ଫିଲ୍ମ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବକଳେବରର କଥାବସ୍ତୁକୁ ନେଇ ପ୍ରସ୍ତୁତ ଫିଲ୍ମ 'ଶ୍ରୀଜଗନ୍ନାଥଙ୍କ ନବକଳେବର' ରାଷ୍ଟ୍ରପତି ପ୍ରଦର୍ଶିତ ହୋଇଛି । ପୂରା ଟିମ୍ ସହ ଫିଲ୍ମ ଦେଖି ଭାବବିହ୍ୱଳ ହେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । 'ଶ୍ରୀଜଗନ୍ନାଥଙ୍କ ନବକଳେବର' ଚଳଚ୍ଚିତ୍ରର ସ୍ୱତନ୍ତ୍ର ସୋ' ରାଷ୍ଟ୍ରପତି ଭବନର କଲଚରାଲ୍ ସେଂଟରରେ ଆୟୋଜନ କରାଯାଇଥିଲା । ଯେଉଁଥିରେ ଫିଲ୍ମ ସହ ଜଡିତ ପୂରା ଟିମ୍‌କୁ ରାଷ୍ଟ୍ରପତି ଭବନ ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା । ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ପୂରା ଟିମ୍ ଫିଲ୍ମଟିକୁ ଦେଖିଥିଲେ । ସ୍ୱୟଂ ବଡ଼ଠାକୁରଙ୍କ ଏହି ଫିଲ୍ମ ଦେଖି ସମସ୍ତେ ବହୁତ ଭାବ ବିହ୍ୱଳ ହୋଇଥିଲେ ରାଷ୍ଟ୍ରପତି । ଶ୍ରୀ ଜଗନ୍ନାଥ ସଂସ୍କୃତିକୁ ପ୍ରଚାର ଓ ପ୍ରସାର କରୁଥିବାରୁ ଫିଲ୍ମର ଟିମକୁ ଅନେକ ପ୍ରଶଂସା କରିଥିଲେ । ଏହି ଅବସରରେ ନବକଳେବର ଟିମ୍ ଗଣମାଧ୍ୟମକୁ କହିଛନ୍ତି, 'ମହାପ୍ରଭୁଙ୍କ ଆଶୀର୍ବାଦ ଓ ଆମ ଟିମର ଅକ୍ଳାନ୍ତ ପରିଶ୍ରମ ପାଇଁ ଆଜି ଆମେ ଦର୍ଶକଙ୍କ ଏହି ଭଲପାଇବା ପାଇଥିଲୁ । ଆମ ଓଡିଆ ଝିଅ ତଥା ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ତାଙ୍କ କାର୍ଯ୍ୟାଳୟର ଏହି ଫିଲ୍ମ ପ୍ରତି ଭଲପାଇବା ଆମର ମନୋବଳକୁ ଆହୁରି ବଢାଇଛି ।' ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀଙ୍କ ସହ ଚଳଚ୍ଚିତ୍ରର ଉପଦେଷ୍ଟା ବିଭୁପ୍ରସାଦ ମହାପାତ୍ର, ମେଜର ଜେନେରାଲ ଭୁଦେବ ପରିଡା, ରାଷ୍ଟ୍ରପତିଙ୍କ ଭିଏସଏମ୍ ସାମରିକ ସଚିବ ବିଜୟ ନାୟକ, ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ଓ ଅତିରିକ୍ତ ପ୍ରେସ୍ ସଚିବ ଜ୍ଞାନ ରଞ୍ଜନ ନନ୍ଦ, ରାଷ୍ଟ୍ରପତିଙ୍କ ସଚିବ ଦୀପ୍ତି ଉମାଶଙ୍କର, ପ୍ରେସ୍ ସଚିବ ଅଜୟ କୁମାର ସିଂହ, ସ୍ୱତନ୍ତ୍ର ଦାୟିତ୍ୱରେ ଥିବା ଅଧିକାରୀ ସୁନୀଲ କୁମାର ତ୍ରିବେଦୀ, କ୍ୟାପଟେନ୍ ରଭନୀତ ସିଂହ ରନ୍ଧାୱା ନିୟନ୍ତ୍ରକ, କର୍ଣ୍ଣେଲ (ଡକ୍ଟର) କିରଣ କୁମାର କମ୍ପେଲା, ଦେବଶ୍ୱେତା ବଣିକ (ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ସଚିବ), ଡକ୍ଟର ସୁନିଶ ଏସ. (ଆଇଫ୍ଏ) । ଓଡ଼ିଶାର ସାଂସଦ ମୁନା ଖାଁଙ୍କ ସହ ଫିଲ୍ମର ପ୍ରଯୋଜିକା ତଥା ନିର୍ଦ୍ଦେଶିକା ବିନି ସାମଲ, ପ୍ରଯୋଜକ ଦିଲ୍ଲୀପ ଜେନା, କାର୍ଯ୍ୟକାରୀ ପ୍ରଯୋଜକ ପ୍ରଣୟ ଜେଠୀ, ବିତରକ ପ୍ରକାଶ ଫିଲ୍ମସର ନିର୍ଦ୍ଦେଶକ ସଚ୍ଚିକାନ୍ତ ଜେନା, ସଂଗୀତ ନିର୍ଦ୍ଦେଶକ ମଳୟ ମିଶ୍ର,କାହାଣୀ ଓ ସଂଳାପକାର ଶଙ୍କର ତ୍ରୀପାଠି ଙ୍କ ସହ ଫିଲ୍ମର ମୁଖ୍ୟ କଳାକାର ବୃନ୍ଦ ଯେପରିକି ସିଦ୍ଧାନ୍ତ ମହାପାତ୍ର,ଜ୍ୟୋତି ରଞ୍ଜନ ନାୟକ, ଶ୍ରୀତମ ଦାସ, ଶିବାନୀ ସଙ୍ଗୀତା, ପିଙ୍କି ପ୍ରଧାନ, ଓ ଅଂଶୁମାନ ପ୍ରମୁଖ । ଜୁଲାଇ ୪ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଫିଲ୍ମ 'ଶ୍ରୀଜଗନ୍ନାଥଙ୍କ ନବକଳେବର' । ରିଲିଜ ହେବା ଦିନରୁ ଫିଲ୍ମଟି ଦର୍ଶକଙ୍କ ମନ କିଣିବାରେ ସଫଳ ହୋଇଛି । କେବଳ ଓଡ଼ିଶା ନୁହେଁ ସାରା ବିଶ୍ୱର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବକଳେବରର କଥାବସ୍ତୁକୁ ନେଇ ନିର୍ମାଣ ହୋଇଥିବା ଏହି ଫିଲ୍ମକୁ ଦେଖିବାକୁ ପ୍ରେକ୍ଷାଳୟକୁ ଓଡିଆ ଦର୍ଶକ ନିଜେ ଟାଣି ହୋଇ ଆସୁଛନ୍ତି । ରାଷ୍ଟ୍ରପତି ଏହି ଫିଲ୍ମର ଅନୁଭୂତି ନେବା ପାଇଁ ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନରୁ ଫିଲ୍ମର ସମ୍ପୂର୍ଣ୍ଣ ଟିମ୍କୁ ନିମନ୍ତ୍ରଣ କରିଥିଲେ । ଫିଲ୍ମଟି ଦର୍ଶକଙ୍କୁ ଭାବବିହ୍ୱଳ କରୁଛି ।

# ଏଭଳି ଚରିତ୍ର କରିବା ମୋ ପାଇଁ ସ୍ୱପ୍ନ ଥିଲା ..

ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ କଥାବସ୍ତୁକୁ ଆଧାର କରି ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ଜୁଲାଇ ୪ ତାରିଖରେ ମୁକ୍ତିଲାଭ କରିଛି ଓଡିଆ ଚଳଚ୍ଚିତ୍ର 'ନବକଳେବର' । ମହାପ୍ରଭୁ ଜଗନ୍ନାଥଙ୍କର ନବକଳେବର ଇତିହାସକୁ ନେଇ ଏହି ଚଳଚ୍ଚିତ୍ର ଆଧାରିତ । ଏହା ଦିନକୁ ଦିନ ଦର୍ଶକଙ୍କ ପ୍ରଶଂସା ସାଉଁଣ୍ଟୁଥିବା ବେଳେ ପ୍ରେକ୍ଷାଳୟରେ ଦର୍ଶକଙ୍କ ପ୍ରବଳ ଭିଡ ଜମୁଥିବା ଦେଖିବାକୁ ମିଳିଛି । ରାଜ୍ୟବାସୀ ଏହି ଚଳଚ୍ଚିତ୍ରକୁ ଦେଖି ଭାବବିହ୍ୱଳ ହୋଇ ପଡୁଥିବାର ମଧ୍ୟ ନଜିର ରହିଛି । ଚଳଚ୍ଚିତ୍ରରେ ପ୍ରତ୍ୟେକ ଚରିତ୍ର ନିଖୁଣ ଭାବରେ ଅଭିନୟ କରିଛନ୍ତି । ଏହି ଚଳଚ୍ଚିତ୍ରରେ ବିସର ମହାନ୍ତି ଭୂମିକାରେ ଦର୍ଶକଙ୍କ ମନ ଜିଣିଛନ୍ତି ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା ସିଦ୍ଧାନ୍ତ ମହାପାତ୍ର । ଏହି ଅବସରରେ ଇଟିଭି ଭାରତ ସହିତ ସ୍ୱତନ୍ତ୍ର ସାକ୍ଷାତକାର ସମୟରେ ସିଦ୍ଧାନ୍ତ କହିଛନ୍ତି ଯେ, ଏହି ଚଳଚ୍ଚିତ୍ରରେ ଅଭିନୟ ତାଙ୍କୁ ଦେଇଥିଲା ଏକ ନୂତନ ଅନୁଭୂତି। ଏହା ସାମାନ୍ୟ ଅଭିନୟ ନଥିଲା ବରଂ ଏହି ଚଳଚ୍ଚିତ୍ରରେ ସେ ମହାପ୍ରଭୁଙ୍କ ପ୍ରତି ନିଜର ଭକ୍ତି ଭାବ ପ୍ରକାଶ କରିଥିଲେ ବୋଲି କହିବା ସହ ନିଜର ଅନୁଭୂତି ବାଂଟିଛନ୍ତି । ଅଭିନେତା ସିଦ୍ଧାନ୍ତ ମହାପାତ୍ର କହିଥିଲେ,' ଜୟଜଗନ୍ନାଥ.. ଥରେ ଯେତେବେଳେ ଚଳଚ୍ଚିତ୍ର ଶୁଭମୁକ୍ତି ହୋଇନଥାଏ, ସେତେବେଳେ ଆମ ପାଇଁ କହିବାର କିଛି ସୁଯୋଗ ରହିଥାଏ । ହେଲେ ଥରେ ଚଳଚ୍ଚିତ୍ର ଶୁଭମୁକ୍ତି ହେବାପରେ, ଆମ ଅପେକ୍ଷା ଦର୍ଶକ କ'ଣ କୁହନ୍ତି, ତାହାକୁ ବେଶି ଗୁରୁତ୍ୱ ଦିଆଯାଇଥାଏ । ତେଣୁ ଦର୍ଶକ ମାନଙ୍କ ଅନୁଭୂତି ଏବଂ ଜଗନ୍ନାଥଙ୍କ ନବକଳେବର ଦେଖିବା ପରେ ତାହା କେମିତି ହୋଇଛି ଆପଣ ଜାଣିପାରିବେ ।' ଅଭିନେତା ସିଦ୍ଧାନ୍ତ ମହାପାତ୍ର କହିଥିଲେ,'ସବୁ ମଣିଷର ଗୋଟିଏ ସ୍ୱପ୍ନ ଥାଏ, ଏହିଭଳି ଗୋଟିଏ ଚଳଚ୍ଚିତ୍ର ଜୀବନରେ ଆସୁ ବୋଲି । ସମସ୍ତଙ୍କ ଜୀବନରେ ଆଶାଟିଏ ଥାଏ ସେପରି ଏକ ଚଳଚ୍ଚିତ୍ର ମୁଁ କରିବି, ସେମିତି କିଛି ଭୂମିକା ନିର୍ବାହ କରିବି । ଇତି ମଧ୍ୟରେ ଅନେକ ଚଳଚ୍ଚିତ୍ର ମୁଁ କରିଛି । ଅନୁଭୂତିରୁ କହିବି, ଆମେ ଯେଉଁ ମାଟିର ସନ୍ତାନ, ଯାହାର ସଂସ୍କୃତି ହେଉଛି ଜଗନ୍ନାଥ ସଂସ୍କୃତି, ସେହି ବଡ ଠାକୁରଙ୍କ ଭକ୍ତର ଗୋଟିଏ ଚରିତ୍ର କରିବା ପାଇଁ ଯଦି ସୁଯୋଗ ମିଳେ, ତେବେ ଜୀବନରେ ଏହା ଠାରୁ ଅଧିକା କ'ଣ ଆଶା କରାଯାଇପାରେ । ଯେବେ ଠାରୁ ଏହି ଚଳଚ୍ଚିତ୍ର ନିର୍ମାଣ କରାଯିବାର ପରିକଳ୍ପନା କରାଯାଇଛି, ସେହି ମୂହୂର୍ତ୍ତରୁ ମୋ ଜୀବନର ପ୍ରତିଟି ମୂହୂର୍ତ୍ତ ଜଗନ୍ନାଥମୟ ହୋଇପଡିଛି । ଯାହା ବି ଅତୀତରେ ହୋଇଛି , ଯାହା ହେଉଛି ଏବଂ ଯାହାବି ଭବିଷ୍ୟତରେ ହେବ ସବୁ ସେହି ବଡ ଠାକୁରଙ୍କ ଇଚ୍ଛା । ଲୀଳାମୟ ଜଗନ୍ନାଥଙ୍କ ଇଚ୍ଛା ।






# 'ଚାରିଧାମ' ଛାଡ଼ିଲେ ସନ୍‌ମୀରା

ପ୍ରାୟ ତିନିବର୍ଷ ହେବ ପରଦାରେ ଦେଖିବାକୁ ମିଳି ନଥିବା ନାୟିକା ସନ୍‌ମୀରା ଅନୁଭବଙ୍କ ଅଭିନୀତ 'ଚାରିଧାମ'ରୁ ଓହରି ଯାଇଛନ୍ତି। 'ସପନର ପଥେ ପଥେ', 'ଲୈଲା ଓ ଲୈଲା', 'ଲଭ୍ ଏକ୍ସପ୍ରେସ୍', 'ଲୋକାଲ୍ ଟୋକା ଲଭ୍.... , 'ଲୋକାଲ୍ ଟୋକା ଲଭ୍ ଚୋଖା' ଓ 'ଗୁପ୍‌ଚୁପ୍' ଭଳି ଓଡ଼ିଆ ସିନେମାର ନାୟିକା ସନ୍‌ମୀରାଙ୍କ ଅଭିନୀତ କୌଣସି ଛବି ନିକଟରେ ରିଲିଜ୍ ହୋଇନାହିଁ। ଅନ୍ୟ ପକ୍ଷରେ ହାତରେ ଥିବା ତାପସ ସରଘରିଆଙ୍କ ନିର୍ଦ୍ଦେଶିତ 'ଚାରିଧାମ'କୁ ସନ୍‌ମୀରା ହାତଛଡ଼ା କରିଛନ୍ତି। ଏହି ଫିଲ୍ମରେ ସନ୍‌ମୀରା ପ୍ରଥମ ଥର ଲାଗି ଓଲିଉଡ୍‌ର ଆଗଧାଡ଼ିର ନାୟକ ଅନୁଭବ ମହାନ୍ତିଙ୍କ ବିପକ୍ଷରେ ଅଭିନୟ କରିଥାନ୍ତେ। ତେବେ ଯେଉଁ ପରିସ୍ଥିତିରେ 'ଚାରିଧାମ' ଛାଡ଼ିବାକୁ ବାଧ୍ୟହେଲେ ସେ ସଂପର୍କରେ ସନ୍‌ମୀରା କହନ୍ତି, ''ଯେଉଁ ସମୟରେ ପ୍ରଯୋଜନା ସଂସ୍ଥା ସୁଟିଂ ପାଇଁ ଡେଟସ୍ ଚାହିଲେ, ସେ ସମୟରେ ମୋର ପରୀକ୍ଷା ଥିଲା। ଏଣୁ ମୁଁ ବିନମ୍ରତାର ସହ ମନା କରିଥିଲି। ବର୍ତ୍ତମାନ ମୁଁ ପାଠକୁ ଅଧିକ ଗୁରୁତ୍ୱ ଦେଉଛି, ତେଣୁ ଏଭଳି ନିଷ୍ପତି ନେବାକୁ ବାଧ୍ୟ ହୋଇଥିଲି।'' ୨୦୨୪ରେ ରିଲିଜ୍ ହୋଇଥିବା ଓଡ଼ିଆ ଚଳଚ୍ଚିତ୍ର 'କୁହୁଡ଼ି'ର ନିର୍ମାତା ହିମାଦ୍ରୀତନୟ ଦାସ 'ଚାରିଧାମ'ର ପ୍ରଯୋଜନା କରୁଥିବା ବେଳେ ତାପସ ସରଘରିଆ ଏହାର ନିର୍ଦ୍ଦେଶନା ଦେଉଛନ୍ତି। ଅଖିଳ ରାଉତରାୟଙ୍କ କାହାଣୀ ଆଧାରିତ ଏହି ସିନେମାର ଚିତ୍ରନାଟ୍ୟ ରଚନା କରିଛନ୍ତି ସୁରେଶ ପଟ୍ଟନାୟକ। କୁମାର ଶ୍ରୀ ଏହାର ସଂଳାପ ଲେଖିଥିବା ବେଳେ ବିଭୁତିଭୂଷଣ ଗଡ଼ନାୟକ ଓ ବୈଦ୍ୟନାଥ ଦାସ ସ୍ୱର ସଂଯୋଜନା କରିଛନ୍ତି।

# ବଡ଼ ପରଦାରେ ପିହୁ

ଆଗରୁ ଟେଲିଧାରାବାହିକ ଓ ଟେଲିସିନେମାରେ ଅଭିନୟ କରି ବେଶ୍ ଲୋକପ୍ରିୟତା ସାଉଁଟିଥିବା ପିହୁ ଏବେ ସେ ବଡ଼ ପରଦାରେ ଡେବ୍ୟୁ କରୁଛନ୍ତି। ମଡେଲିଂରୁ କ୍ୟାରିୟର୍ ଆରମ୍ଭ କରିଥିବା ପିହୁ ମହାପାତ୍ର 'ନୂଆବୋହୂ' (ତରଙ୍ଗ), 'ହେ ପ୍ରଭୁ' (ଜୀ ସାର୍ଥକ) ଓ 'ତୁ କହିବୁ ନା ମୁଁ' (ଷ୍ଟାର୍ କିରଣ) ଭଳି ମେଗା ଧାରାବାହିକରେ ନଜର ଆସି ଲୋକପ୍ରିୟତା ହାସଲ କରିଛନ୍ତି। ପିହୁଙ୍କୁ ତରଙ୍ଗରେ ପ୍ରସାରିତ ମେଗା ଧାରାବାହିକ 'ତୋରି ପାଇଁ ତୋ ପାଇଁ'ରେ ରୁହି ଭୂମିକାରେ ବେଶ୍ ପସନ୍ଦ କରିଥିଲେ ଦର୍ଶକ। ପିହୁ କେବଳ ମେଗାଧାରାବାହିକରେ ନୁହେଁ, 'ସରକାରୀ ବର', 'ମାଆ ଯାହାର ସାହା', 'ଅନାମିକା ନାୟିକା', 'ଡିଟେକ୍ଟିଭ୍ କରଣ ଅର୍ଜୁନ୍' ଆଦି ଟେଲିସିନେମାରେ ମଧ୍ୟ ନାୟିକା ଭୂମିକାରେ ନଜର ଆସିଛନ୍ତି। ଏହାଛଡ଼ା ଅଶୋକ ପତିଙ୍କ ନିର୍ଦ୍ଦେଶିତ ତଥା ସବ୍ୟସାଚୀ-ତମନ୍ନା ଅଭିନୀତ ଟେଲିସିନେମା 'ଲକିର ଲକ୍‌ଡାଉନ୍ ଲଭ୍‌ଷ୍ଟୋରି'ରେ ମଧ୍ୟ ଅଭିନୟ କରିଥିଲେ ପିହୁ। ଏଣେ ଓଟିଟିରେ ରିଲିଜ୍ ହୋଇଥିବା ଅତିଶ କୁମାର ରାଉତଙ୍କ ପ୍ରଯୋଜିତ ତୁଷାର କେ. ସିହ୍ନାଙ୍କ ନିର୍ଦ୍ଦେଶିତ 'ହାପି ଏଣ୍ଡିଂ'ରେ ନାୟିକା ଭୂମିକାରେ ଅଭିନୟ କରିଥିଲେ ସେ। ଏବେ ପିହୁ ସିନେମାମୁହାଁ ହୋଇଛନ୍ତି। ସେ ଏଥିଲାଗି ସିରିଅଲ୍‌ରୁ ବ୍ରେକ୍ ନେଇଛନ୍ତି। ତେବେ ଯେଉଁ ସିନେମା ଜରିଆରେ ସେ ଡେବ୍ୟୁ କରୁଛନ୍ତି, ତାହା ହେଲା 'ମନ୍ତ୍ରମୁଗ୍ଧ'। ଏହି ସିନେମାରେ କିପରି ସୁଯୋଗ ମିଳିଲା ବୋଲି ପଚାରିବାରୁ ପିହୁ କହନ୍ତି, ''ମୋତେ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ସାର ଅଫିସ୍‌ରୁ ଅଡିସନ୍ ପାଇଁ କଲ୍ ଆସିଥିଲା। ଅଡିସନ୍ ଦେବା ପରେ ମନୋନୀତ କରାଯାଇଥିଲା।'' 'ମନ୍ତ୍ରମୁଗ୍ଧ'ରେ ଏକ ଭଲ ଭୂମିକାରେ ଅଭିନୟ କରୁଛନ୍ତି ବୋଲି ପିହୁ କହିଛନ୍ତି।





# ଫ୍ଲାସ୍‌ବ୍ୟାକ୍‌ରେ ପ୍ରେମ

ଏମିତି ଅନେକ ସିନେମା ଅଛି, ଯେଉଁଥିରେ ନାୟିକାଙ୍କ ଭୂମିକା ଗୌଣ ହୋଇଥାଏ। କେଉଁଠି ନାୟିକାଙ୍କୁ ଗୋଟିଏ ଗୀତରେ ତ ପୁଣି କେଉଁଠି ଗୋଟିଏ ଦୁଇଟି ସିନ୍‌ରେ ଦେଖିବାକୁ ମିଳିଥାଏ। ସେମିତି କିଛି ଘଟିଛି ଜଣାଶୁଣା ନାୟିକା ସୂର୍ଯ୍ୟମୟୀଙ୍କ କ୍ଷେତ୍ରରେ। ଶୁଭଶ୍ରୀ ଫିଲ୍ମସ୍ ବ୍ୟାନରର ନିର୍ମିତ ନୂଆ ଓଡ଼ିଆ ଛବି 'ଜୟହିନ୍ଦ୍'ରେ ତାଙ୍କୁ ଦର୍ଶକ ଖୁବ୍ କମ୍ ସମୟ ଲାଗି ପରଦାରେ ଦେଖିବାକୁ ପାଇବେ। ଏହି ବଡ଼ ବଜେଟ୍ ଆକ୍ସନ୍ ଛବିରେ ନାୟକ ଆକାଶଙ୍କ ବିପକ୍ଷରେ ଅଛନ୍ତି ସୂର୍ଯ୍ୟମୟୀ। ତେବେ କାହାଣୀ ଗତିଶୀଳ ହେଉଥିବା ବେଳେ ଫ୍ଲାସ୍‌ବ୍ୟାକ୍‌ରେ ଦେଖା ଦେବେ ସୂର୍ଯ୍ୟମୟୀ। 'ଜୟହିନ୍ଦ୍'ର ନିର୍ଦ୍ଦେଶନା ଦାୟିତ୍ୱରେ ପୃଥ୍ୱୀରାଜ ପଟ୍ଟନାୟକ ଥିବାବେଳେ ଏହାର ପ୍ରଥମ ସିଡ୍ୟୁଲ୍ ସୁଟିଂ କାଶ୍ମୀରରେ କରାଯାଇଥିଲା। ସେଠାରେ ଆକାଶ ଓ ସୂର୍ଯ୍ୟମୟୀଙ୍କ ଉପରେ କେତେକ ସିନ୍ ଓ ଗୋଟିଏ ଗୀତ ଚିତ୍ରାୟନ ହୋଇଥିଲା। କାଶ୍ମୀରର ଶ୍ରୀନଗର, ଡାଲ୍ ହ୍ରଦ, ଗୁଲ୍‌ମାର୍ଗ, ସୋନ୍‌ମାର୍ଗ ଭଳି ଆକର୍ଷଣୀୟ ଜାଗାରେ 'ଜୟହିନ୍ଦ୍' ସୁଟିଂ କରାଯାଇଥିଲା। ତେବେ ଅଭିଷେକ ତ୍ରିପାଠୀ 'ଜୟହିନ୍ଦ୍'ର ନିର୍ଦ୍ଦେଶନା ଭାର ନେବା ପରେ କାହାଣୀ ଓ ଚିତ୍ରନାଟ୍ୟରେ ସାମାନ୍ୟ ପରିବର୍ତ୍ତନ କରିଛନ୍ତି। ନିର୍ଦ୍ଦେଶକ ଓ ପ୍ରଯୋଜିକା ଶୁଭଶ୍ରୀ ମଙ୍ଗରାଜ ଆକାଶ ଓ ସୂର୍ଯ୍ୟମୟୀଙ୍କ ଅଭିନୀତ ରୋମାଂଟିକ୍ ଦୃଶ୍ୟକୁ ଫ୍ଲାସ୍‌ବ୍ୟାକ୍‌ରେ ଦେଖାଇବା ଲାଗି ନିଷ୍ପତି ନେଇଥିବା ଜଣାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଙ୍କିତ କୁମାର, ବିଭାସ, ପ୍ରଲିପ୍ତା ଓ ଅନୁ ଚୌଧୁରୀ ପ୍ରମୁଖ ଅଭିନୟ କରିଛନ୍ତି।

# ଅଗଷ୍ଟରେ ପରଦାକୁ ଆସିବ 'ଛିରେ ନନୀ'



ଅଗଷ୍ଟ ୧ ତାରିଖରେ ରିଲିଜ ହେବାକୁ ଯାଉଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଛିରେ ନନୀ' । ଏ ଫିଲ୍ମର ମୁଖ୍ୟ ଚରିତ୍ରରେ ଦର୍ଶକ ଶିବାନୀ, ଶୈଳେନ୍ଦ୍ର ଓ ଦୀପନ୍ୱିତ ଦାସ ମହାପାତ୍ରଙ୍କୁ ଦେଖିବେ । ଏକ ତାଜା ଓ ଗଭୀର ଭାବନାତ୍ମକ ପ୍ରେମ କାହାଣୀ ଆଧାରିତ ଏ ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ଓଡ଼ିଆ ଚଳଚ୍ଚିତ୍ର ଜଗତର ବରିଷ୍ଠ ଓ ସଫଳ ନିର୍ମାତା ସୀତାରାମ ଅଗ୍ରୱାଲ। ଏହି ନୂତନ ପିଢ଼ିର ରୋମାଂଟିକ ଫିଲ୍ମ ନିରୀହ ପ୍ରେମ, ଗ୍ରାମ୍ୟ ବାସ୍ତବତା ଓ ହୃଦୟ ବିଦାରକ ନାଟକୀୟତାକୁ ଏକତ୍ର କରି ଦେଖାଉଛି, ଯେଉଁଠି ପ୍ରେମ, ପରିବାର ଓ ଭାଗ୍ୟକୁ ଅସ୍ୱୀକାର କରେ । ଏହି ଫିଲ୍ମ ବଳିଷ୍ଠ କାହାଣୀ ଓ ସାହସିକ ଚିତ୍ରଣ ଲାଗି ଆରମ୍ଭରୁ ହିଁ ଚର୍ଚ୍ଚାରେ ରହିଆସିଛି । ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ସୁଶାନ୍ତ ମଣି । କାର୍ଯ୍ୟନିର୍ବାହୀ ପ୍ରଯୋଜକ ଦାୟିତ୍ୱ ତୁଲାଇଛନ୍ତି ସିଦ୍ଧାର୍ଥ ଓ ତମନ୍ନା ଅଗ୍ରୱାଲ । ସଂଳାପ ଲେଖିଛନ୍ତି ସୁଶାନ୍ତ ମଣି ଓ ହିରେନ କୁମାର । ଡିଓପିରେ ଅଛନ୍ତି କୁହୁ ମଲ୍ଲ । କୋରିଓଗ୍ରାଫି କରିଛନ୍ତି ସୁମନ୍ତ ମଣି । ଛିରେ ନନୀ ଛି ଗୀତ ଭଳି ଏହି ସିନେମା ମଧ୍ୟ ଲୋଭପ୍ରିୟତା ଲାଭ କରିବା ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଆଶା କରାଯାଉଛି । ପୂର୍ବରୁ ସୀତାରାମ ଅଗ୍ରୱାଲ୍ ବେଶ କେତୋଟି ସଫଳ ସିନେମା ଦର୍ଶକଙ୍କୁ ଭେଟି ଦେଇଛନ୍ତି । ତେଣୁ ଏହି ସିନେମାରୁ ଦର୍ଶକ ମଧ୍ୟ ଅନେକ କିଛି ଆଶା ରଖିଛନ୍ତି।

# ରାଜ୍ୟସ୍ତରୀୟ ପୁଲିସ୍ ଭଲିବଲ ଚାମ୍ପିଅନ୍‌ସିପ୍‌ରେ ମୟୁରଭଞ୍ଜ ପୁଲିସ୍ ଦଳ

ମୟୁରଭଞ୍ଜ (ହି.ସ.)- ୬ଷ୍ଠ ବାଟାଲିଆନ, କଟକ ଆନୁକୂଲ୍ୟରେ ଆୟୋଜିତ ୭୭ତମ ରାଜ୍ୟସ୍ତରୀୟ ପୋଲିସ ଭଲିବଲ ଚମ୍ପିୟାନସିପରେ ଅଂଶଗ୍ରହଣ କରିବା ପାଇଁ ମୟୁରଭଞ୍ଜ ପୋଲିସ ଦଳ କଟକ ଅଭିମୁଖେ ଯାତ୍ରା କରିଛନ୍ତି । ଉକ୍ତ ଦଳରେ ହରିହର ମଲ୍ଲିକ ଅଧିନାୟକ, ନିରଞ୍ଜନ ନାଏକ, ରାଜୀବ କୁମାର ଭୂୟାଁ, ଲକ୍ଷ୍ମୀ ନାରାୟଣ ସାହୁ, ବିକାଶ ଗିରି, ଜଗତ ଜୀବନ ସେଠୀ, ସ୍ନେହାଶିଷ ମହାନ୍ତି, ମିଲୁ ମହାନ୍ତ, ଜନ୍ମେଜୟ ଦାସ, ଅଞ୍ଜନ ବେହେରା, ପ୍ରୀତମ ମହାନ୍ତ, ସାମିଲ ଅଛନ୍ତି । ଟିମ ମ୍ୟାନେଜର ଭାବେ କେ. ବିଶ୍ୱନାଥ ରାଓ , କୋଚ ଭାବେ ଜୀତେନ୍ଦ୍ର ଜେନା ଦଳ ସହିତ ଗସ୍ତ କରିଛନ୍ତି । ରିଜର୍ଭ ପୋଲିସ ଇନ୍ସପେକ୍ଟର ଆଲୋକ କାନୁନଗୋ, ପୋଲିସ ସଙ୍ଘ ସମ୍ପାଦକ ସୁରଜ କୁମାର ରାଜ, ଏନ ଆଇ ଏସ କୋଚ ମନୋରଞ୍ଜନ ଜୀଉ ଓ ଭାନୁପ୍ରତାପ ଭଞ୍ଜଦେଓ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଦଳର ସଫଳତା କାମନା କରିଥିଲେ । ପ୍ରକାଶ ଥାଉକି, ଚଳିତ ମାସ ୨୨ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ଚମ୍ପିୟାନସିପ ଅନୁଷ୍ଠିତ ହେବ ଏବଂ ମୟୁରଭଞ୍ଜ ତାର ପ୍ରଥମ ମ୍ୟାଚ ୨୨ ତାରିଖ ଦିନ ଖେଳିବାକୁ ଯାଉଛି ।

# ଡିପ୍ ଫେକ୍ ଜାଲ୍‌ରେ ଦିବ୍ୟାଙ୍ଗ ଯୁବତୀ

ମାଲକାନଗିରି , (ହି.ସ.) ଡିପ୍ ଫେକ ଜାଲ୍‌ରେ ଦିବ୍ୟାଙ୍ଗ ଯୁବତୀ। ୨ ବର୍ଷ ଧରି ଭାଇରାଲ ଫୋଟୋ ଭିଡିଓ ଯନ୍ତ୍ରଣାରେ ଜଣେ ଦିବ୍ୟାଙ୍ଗ ଶିକ୍ଷିତ ଯୁବତୀ । ଘର ପରିବାରରେ ହଟହଟା ହୋଇ ସାହସ ଜୁଟାଇ ଥାନାକୁ ଗଲେ ଯୁବତୀ। ତେବେ ମାମଲା ରୁଜୁ ହୋଇ ସାଢେ ୭ ମାସ ବିତି ଯାଇଥିଲେ ହେଁ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ ଫ ଇତି ମଧରେ ପୀଡ଼ିତା ଝିଅ ସହ ପୀଡ଼ିତାଙ୍କ ପରିବାରର ସମସ୍ତ ମହିଳା, ଝିଅଙ୍କ ଏଡିଟ୍ କରାଯାଥିବା ଫୋଟୋ ଭିଡିଓ ଭାଇରାଲ କରି ଚାଲିଛି ଅଭିଯୁକ୍ତ ଯୁବକ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସଦର ଥାନା ଅଞ୍ଚଳର ଏହି ଘଟଣା । କୋରୁକୋଣ୍ଡା ସଦର ଥାନା ଅଞ୍ଚଳର ଜଣେ ୬୫ ପ୍ରତିଶତ ଦିବ୍ୟାଙ୍ଗ ଝିଅଙ୍କ ସହ ଫୋନ ଯୋଗେ ସମ୍ପର୍କ ସ୍ଥାପନ କରିଥିଲା କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ମଦନପୁର ଗାଁର ଜଣେ ଯୁବକ । ଯୁବକଙ୍କ ନାଁ ଶ୍ରୀକାନ୍ତ ଜେନା ଓରଫ ସିପୁନ ଜେନା ବୋଲି ପୀଡ଼ିତା କହୁଛନ୍ତି। ଯୁବତୀଙ୍କୁ ଏଡିଟେଡ୍ ଅଶ୍ଳୀଳ ଫୋଟୋ ଭାଇରଲ କରିବା ଧମକ ଦେଇ ତାଙ୍କୁ ଦେଖା କରିବାକୁ ବାଧ କରୁଥିଲେ ଅଭିଯୁକ୍ତ । ତେବେ ଯୁବତୀ ବାରଣ କରିବାରୁ ତାଙ୍କର ଗୋଟିଏ ପରେ ଗୋଟିଏ ଫଟୋ ଭିଡିଓ ଭାଇରାଲ କରିବାକୁ ଲାଗିଥିଲା ଅଭିଯୁକ୍ତ । ବାରମ୍ବାର ଫୋନ ବଦଳାଇ ପରିବାର ଲୋକଙ୍କୁ ଧମକଚମକ ଦେବା ସହ ପରିବାର ସଦସ୍ୟାଙ୍କ ଫୋଟୋ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଭାଇରାଲ କରି ଚାଲିଛି ଅଭିଯୁକ୍ତ । ତେବେ ଏହି ଘଟଣାକୁ ନେଇ ଗତ ଜାନୁଆରୀ ୨ ତାରିଖରେ ପୀଡ଼ିତା ମାଲକାନଗିରି ସଦର ଥାନା ରେ ମାମଲା ରୁଜୁ କରିଥିଲେ। ବିଏନଏସର ଧାରା ୩୫୧(୨) (୪), ୬୬(ଇ), ୬୭, ୬୭ (ଏ)ରେ ମାମଲା ରୁଜୁ ହୋଇଥିଲା । ହେଲେ ସାଢେ ୭ ମାସଧରି ପୁଲିସ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହିଁ ତାହାକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖୋଦ ମାଲକାନଗିରି ସଦର ଥାନା ଅଧିକାରୀ ହିମାଂଶୁ ଶେଖର ବାରିକ ଏହି ଘଟଣାର ତଦନ୍ତ ଭାର ନେଇ ଥିବା ବେଳେ ପୁଲିସ କିନ୍ତୁ ଏ ଯାଏଁ ନିରବ ଥିବା ଅଭିଯୋଗ ହୋଇଛି। ତେବେ ଏ ନେଇ କୋରୁକୋଣ୍ଡା ଥାନା ଅଧିକାରୀଙ୍କୁ ପଚାରିବାରୁ ସେ ପ୍ରକାଶ କରିଛନ୍ତି ଯେ, ଅଭିଯୁକ୍ତ ଜଣଙ୍କ ବାରମ୍ବାର ଫୋନ ଓ ସିମ ବଦଳେଇବାରୁ ତାଙ୍କୁ ଧରିବା ପାଇଁ ଏକ ଟିମ ଗଠନ କରାଯାଇଛି ଓ ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ଆମେ ଉଦ୍ୟମ ଜାରି ରଖୁଛୁ ।

# ମାନବାଧିକାର ପରିଷଦର ବୈଠକ

ଘଟଗାଁ : ମାନବାଧିକର ପରିଷଦର ଘଟଗାଁ ମଣ୍ଡଳର ଈଶ୍ୱନେଶ୍ୱର ମନ୍ଦିର ପ୍ରାଙ୍ଗଣ ଗଦାଧରପୁର ଠାରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଛି। ଉକ୍ତ ସଭାକୁ ପରିଷଦ ଉପସଭାପତି ପ୍ରଦୀପ ଦାସ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଲକ୍ଷ୍ମୀକାନ୍ତ ତ୍ରିପାଠୀ ପୂର୍ବ ବୈଠକ ପାଠ ଉପରେ ଆଲୋକପତ କରି ଆଗାମୀ ଦିନରେ ସଂଗଠନ କିପରି ମଜଭୁତ ହୋଇ ଲୋକଙ୍କ ସେବାରେ ସମର୍ପିତ ହେବ ତାହା ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।ଏକରୁ ଅନେକ ହୋଇ ଧିରେ ଧିରେ ସଂଗଠନ ଅଗ୍ରସର ହେଉଥିବା ବେଳେ ମହିଳାମାନଙ୍କ ଅଧିକ ଯୋଗଦାନ ଓ ଆଗ୍ରହକୁ ନେଇ ସଂଗଠନର କୋଷାଧକ୍ଷ ମହେନ୍ଦ୍ର ପାତ୍ର ଆନନ୍ଦିତ ହୋଇଥିଲେ। ଆଗାମୀ ଦିନରେ ଘଟଗାଁ ବ୍ଲକ ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରୁ ଦୁର୍ନୀତିର ମୂଳୋପ୍ତାଟନ କରି ସାଧାରଣ ଲୋକଙ୍କ ମୌଳିକ ସୁବିଧାଗୁଡିକ ଯୋଗାଇ ଦେବାକୁ ସଂଗଠନ ସଭାପତି ବସନ୍ତ କୁମାର ପଲେଇ ପରିପ୍ରକାଶ କରିଛନ୍ତି ।ସରକାରୀ କଳ ଅବା ଯେକୌଣସି ରାଜନୀତିକ ଦଳ ଗରିବ, ନିରୀହ ଲୋକ ମାନଙ୍କୁ ନିଜର ମୌଳିକ ଅଧିକାର ଗୁଡ଼ିକରୁ ବଂଚିତ କରି ଲୁଚକାଳୀ ଖେଳ ଖେଳୁଛନ୍ତି । ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସଭାପତି ଶ୍ରୀ ପଲେଇ ମତବକ୍ତ କରିଛନ୍ତି। ସମସ୍ତ ପ୍ରକାର ବାଧାବିଘ୍ନକୁ ଅତିକ୍ରମ କରି ସଂଗଠନ ସୁଦୃଢ଼ କରିବା ଉଦେଶ୍ୟରେ ନିଜର ବହୁ ମୂଲ୍ୟବାନ ସମୟ ଦେଇ ଅକ୍ଳାନ୍ତ ପରିଶ୍ରମ କରୁଥିବା କାର୍ଯ୍ୟନିର୍ବାହୀ ସଭାପତି ତ୍ରିଲୋଚନ ପାତ୍ର ଆସନ୍ତା ବୈଠକରେ ସଭ୍ୟ ସଂଖ୍ୟା ବୃଦ୍ଧି କରିବାକୁ ଉପସ୍ଥିତ ସଦସ୍ୟମାନଙ୍କୁ ଅନୁରୋଧ କରିବା ସହିତ ନିର୍ଭୟ, ନିଦ୍ୱନ୍ଦରେ ନିଜର ହକଲାଗି ସଂଘର୍ଷ କରିବାକୁ ପରାମର୍ଶ ଦେଇଥିଲେ।

# ଦୁର୍ଗମ ଅଞ୍ଚଳରେ ମୌଳିକ ସୁବିଧାରୁ ବଞ୍ଚିତ ଆଦିବାସୀ



କଳାହାଣ୍ଡି :ଆଦିବାସୀମାନଙ୍କ ପାଇଁ ସରକାର ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଆଜି ବି ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଅବହେଳିତ ଅବସ୍ଥାରେ ରହୁଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ମୋବାଇଲ ନେଟ୍‌ୱାର୍କ ଭଳି ମୌଳିକ ସୁବିଧାରୁ ବଞ୍ଚିତ ରହୁଛନ୍ତି। କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସିଲେଟ ପଞ୍ଚାୟତରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ଗମନାଗମନ ବ୍ୟବସ୍ଥା ନ ଥିବା ଯୋଗୁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ମୁଖ୍ୟ ରାସ୍ତାର ଡୁଡୁଙ୍ଗପଟା ନାଳ ପଞ୍ଚାୟତବାସୀଙ୍କ ପାଇଁ ବାଧକ ସାଜିଛି। ବର୍ଷା ଦିନରେ ନାଳରେ ଭରପୂର ପାଣି ପ୍ରବାହିତ ହେଉଥିବାରୁ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି। ଏପରି କି ପାଣି ଭିତରେ ପଶି ଲୋକେ ଚାଲି ଯିବାକୁ ମଧ ଭୟ କରୁଛନ୍ତି। ନିର୍ମାଣାଧୀନ ରାସ୍ତାର ରୁପେନ ନିକଟ ଡୁଡୁଙ୍ଗପଟା ନାଳ ଉପରେ ପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଆସୁଥିଲେ ମଧ କୌଣସି ସୁଫଳ ମିଳିପାରି ନାହିଁ। ଫଳରେ ଏହି ପଞ୍ଚାୟତର ରୂପେନ ଦାଣ୍ଡପଦର, ସିଲେଟ, ସରମାଣ୍ଡି, ବୋର୍ଡିଝୋଲା, ଝାଞ୍ଜି, ଦୁର୍ବେଲଗୁଡ଼ା, କାନ୍ଧୁଲଗୁଡ଼ା, ବିଲାମାଳ, କୁଟଖାଲ, ପାଜିଖାଲ, ମାଳତୀପଦର ଆଦି ଗାଁର ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ରାସ୍ତାରେ ପୋଲ ନ ଥିବା ଯୋଗୁ ଗାଁକୁ ଅମ୍ବୁଲାନ୍ସ ସେବା ଅପହଞ୍ଚ ହୋଇପଡ଼ିଛି। ଅନ୍ୟାନ୍ୟ ଜରୁରିକାଳୀନ ସେବାରୁ ମଧ ଗ୍ରାମବାସୀ ବଞ୍ଚିତ ହେଉଛନ୍ତି। ଗମନାଗମନ ସୁବିଧା ନ ଥିବା ଯୋଗୁ ଭୁଶୁଡ଼ିପଡ଼ିଛି ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା। ପ୍ରଶାସନ ତୁରନ୍ତ ଏହି ନାଳ ଉପରେ ପୋଲ ନିର୍ମାଣ କରିବାକୁ ସିଲେଟ ପଞ୍ଚାୟତବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ତନିର ଅଲମଙ୍କୁ ପଚାରିବାରୁ ଉକ୍ତ ନାଳରେ ପୋଲ ନିର୍ମାଣ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ସରିଛି ଏବଂ ଖୁବ୍ ?ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଦେଶୀମଦ ଚାଲାଣ ବେଳେଚଢ଼ଉ, ୨ ଗିରଫ

ଜୟପୁର, (ହି.ସ.)- ଦେଶୀମଦ ଚାଲାଣ ସୂଚନା ପାଇ ଅବକାରି ବିଭାଗ ଚଢଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ସୁନାନଗର ଲଛମ୍ ପରଜା, ଏଲଆଇସି କୋଲନିର ଶିବ ଟାକରି । ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ ସୂଚନା ପାଇ ସୁନା ନଗରରେ ଅବକାରି ନିରିକ୍ଷକ କାର୍ଯ୍ୟାଳୟ ତରଫରୁ ଚଢ଼ଉ କରାଯାଇ ୯.୬ ଲିଟର ଦେଶି ମଦ ଜବତ କରାଯାଇ ମହିଳାକୁ ଗିରଫ କରାଯାଇଛି । ସେହିପରି ଜୟପୁର ଅବକାରି ଥାନା ତରଫରୁ କଳାଗୁଡାରୁ ଏକ ଅଟୋରେ ଏଲଆଇସି କୋଲନିରେ ଥିବା ଘରକୁ ଆଣୁଥିବା ବେଳେ ଚଢ଼ଉ କରି ଅଟୋ ସହ ୬୦ ଲିଟର ଦେଶି ମଦ ଜବତ କରି ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତଙ୍କୁ ସଂଧ୍ୟା ୫ଟା ରେ କୋର୍ଟଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ନିରିକ୍ଷକ ଶଶିକାନ୍ତ ଦତ ଓ ଅବକାରି ଥାନା ଓଆଇସି ସୁବ୍ରତ କେଶରି ହିରନ ସୂଚନା ଦେଇଛନ୍ତି ।

# ‘ବେଟି ବଚାଓ ବେଟି ପଢାଓ’ ସମ୍ପର୍କିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

ବଲାଙ୍ଗିର, (ହି.ସ.)- ବଲାଙ୍ଗୀର ସ୍ଥିତ ଭୀମ ଭୋଇ ମେଡିକାଲ କଲେଜ୍ ର ଅଭ୍ୟର୍ଥନା କକ୍ଷ ଠାରେ ବେଟି ବଚାଓ ବେଟି ପଢାଓ ର ଦଶବର୍ଷ ପୂର୍ତି ଉପଲକ୍ଷେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସକାଳ ୭ଟା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ୫୦ ଜଣ ଝିଅ ସାଇକେଲ ରାଲିରେ ବାହାରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ବିଜୟାନନ୍ଦ ସେଠୀ ଏହି ସାଇକେଲ ରାଲୀକୁ କେଶରୀ ରଙ୍ଗର ଧ୍ୱଜା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ଯଥା ଗୀତ, ମ୍ୟୁଜିକ ଚେୟାର, ଡାନ୍ସ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ୧୦ ବର୍ଷ ପୂର୍ତି ଉପଲକ୍ଷେ ବେଟି ବଚାଓ ବେଟି ପଢାଓ ର ବାର୍ତା ଓ ଲକ୍ଷ୍ୟ, ଉଦ୍ଦେଶ୍ୟ ଉପରେ ସମୟ ଧାରଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଗୌରବ ଶିବାଜି ଇସଲ୍‌ୱର୍ ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବେଟି ବଚାଓ ବେଟି ପଢାଓ ର ଦଶବର୍ଷ ପୂର୍ତି ଉପଲକ୍ଷେ ବଲାଙ୍ଗୀର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର କାର୍ଯ୍ୟକ୍ରମର ବିଭିନ୍ନ ଯୋଜନାରେ ଯଥା ଆଶୀର୍ବାଦ, ପୃଷ୍ଟପୋଷକତା ରାଶି, ଗ୍ରୀନ୍ ପେସେଜ ସାର୍ଟିଫିକେଟ, ଫୋଷ୍ଟର କେୟାର, ଆଫ୍ଟର୍ କେୟାର ଓ ପୋଷ୍ୟ ସନ୍ତାନ ଗ୍ରହଣରେ ବଲାଙ୍ଗୀର ଜିଲ୍ଲାର ଶିଶୁ ସୁରକ୍ଷା ୟୁନିଟ ଭଲ ପଦକ୍ଷେପ ଗ୍ରହଣ କରି ଯତ୍ନ ଓ ଆବଶ୍ୟକ ଥିବା ଶିଶୁ ମନଙ୍କୁ ସହାୟତା ପ୍ରଦାନ କରିଥିବାରୁ ଆଜି କାର୍ଯ୍ୟକ୍ରମ ସଫଳ ହୋଇଛି। ତେଣୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଡକ୍ଟର ବିଜୟାନନ୍ଦ ସେଠୀ ଉପସ୍ଥିତ ରହି ଝିଅ ମାନଙ୍କୁ ୱାଇଫାଇ, ଇନ୍‌ଷ୍ଟାଗ୍ରମ୍, ଫେସବୁକ୍ ରୁ ଦୂରରେ ରହି କେବଳ ପାଠକୁ ଗୁରୁତ୍ୱ ଦେବାକୁ ଦୃଢୋକ୍ତି ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ସୁଷମା ମହାପାତ୍ର ଝିଅ ଶିଶୁ ମାନଙ୍କ ସୁରକ୍ଷା କବଚ ର ବାର୍ତା ବାଂଟି ଆବଶ୍ୟକ ସ୍ଥଳେ ଜାରି କରାଯାଇଥିବା ଦେୟ ମୁକ୍ତ ନମ୍ବରକୁ କଲ କରି ୧୦୯୮,୧୮୧ କୁ କଲ୍ କରିବାକୁ ସମସ୍ତଙ୍କୁ ଜଣାଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ବଦଲାବ ମାଧମରେ ଝିଅମାନଙ୍କୁ ବାର୍ତା ଦେଇ ପ୍ରତିଷ୍ଠିତ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ଆଇନ୍ ପରିବିକ୍ଷକ ଅଧିକାରୀ ଦିଗମ୍ବର କର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲ୍ଲାପାଳ ଆରମ୍ଭରେ ବୃକ୍ଷ ରୋପଣ କରି ପ୍ରକୃତିକୁ ସନ୍ତୁଳନ ରକ୍ଷା କରିବାପାଇଁ ବାର୍ତା ପ୍ରଦାନ କରିଥିଲେ ଓ କୃତି ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ ଯତ୍ନ ଅନୁଷ୍ଠାନ ଓ ଅରୁଣା ର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବର୍ଗତି, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ଅଣ ଆନୁଷ୍ଠାନିକ ଅଧିକାରୀ ସୁଧାଂଶୁ ଶେଖର କୁମ୍ଭାର,ସାମାଜିକ କର୍ମୀ ହରିବନ୍ଧୁ ରାଉତ, ଆନୁଷ୍ଠାନିକ ଅଧିକାରୀ ଆଶିଷ ନାୟକ, ସୁଦାମ ସୁନା, ଡଲି ବେହେରା,ବାଳ ମୁକୁନ୍ଦ ଭିତିରିଆ,କୁନାଲ ମିଶ୍ର, ଚାଇଲ୍ଡ ହେଲ୍ପ ଲାଇନ ଶ୍ରଦ୍ଧା ସିଂ,ଶୁଭମ୍ ଜେନା,ବସନ୍ତ ହରପାଲ,ସୁନ୍ଦର ସ, ସୁଦନ ଖମାରୀ, ଦେବାଶିଷ ପଟେଲ,ପୁଷ୍ପାଞ୍ଜଳି ସୁନା, ଆଶିଷ ଖମାରୀ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ସଂଜିକ କର୍ମୀ ଅରୁଣ ଖୁଅସ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁଇ ମଦୁଆ ଡ୍ରାଇଭର ଗିରଫ

କୋରାପୁଟ (ହି.ସ.) - ଅତ୍ୟଧିକ ମଦ୍ୟପାନ କରି ଗାଡି ଚଲାଉଥିବା ନେଇ ଆଜି ଜୟପୁର ସଦର ପୁଲିସ ଦୁଇ ଜଣ ମଦ୍ୟପ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତକାଲି ରାତି ଜୟପୁର ସଦରପୁଲିସ ପାଞ୍ଜିଆଗୁଡା ନିକଟରେ ପେଟ୍ରୋଲିଂଗ କରୁଥିବା ସମୟରେ ପାଞ୍ଜିଆଗୁଡାରୁ କୁନ୍ତରଖାଲ ଆସୁଥିବା ଢେପଗୁଡା ଅଂଚଳର ପି.ଚକ୍ରି(୨୬) ବାଇକ ଆରୋହି କୁ ଅଟକ ରଖି ଯାଂଚ କରିବା ସମୟରେ ସେ ମଦ୍ୟପାନ କରିଥିବା ଜଣାପଡିଥିଲା। ସେହିପରି ଅନ୍ୟଜଣେ କୋରାପୁଟ୍ ସଦରଥାନା ଅଂଚଳର ରାଜୁ କୁଲଦୀପ ଏକ ସ୍କୁଟିରେ ବାଲିଆରୁ ଜୟପୁର ଅଭିମୁଖେ ଆସୁଥିବା ସମୟରେ ତାକୁ ଅଟକ ରଖି ଚେକିଂ କରିବା ସମୟରେ ସେ ମଧ ମଦ୍ୟପାନ କରିଥିବା ଦେଖିବାକୁ ମିଳିଥିଲା। ଆଜି ଦୁଇଜଣ ମଦୁଆଙ୍କୁ ସଦରପୁଲିସ ଗିରଫ କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ଶିଶୁପୁତ୍ର



ବରଗଡ: ମାତ୍ର ୨ ମିନିଟରେ ୧୦୦ଟି ପ୍ରଶ୍ନର ତ୍ୱରିତ ଉତ୍ତର ଦେଇ ସେ ଏଭଳି କୃତିତ୍ୱ ଅର୍ଜନ କରି ଗାଁ ଓ ବାରଗଡ଼ ଜିଲାକୁ ଗର୍ବିତ କରିଛନ୍ତି । ସେ ବାପା ପ୍ରେମାନନ୍ଦ ଭୋସାଗର ଓ ମା’ ରଞ୍ଜନା ପାଇକଙ୍କ ପୁଅ ଅଟନ୍ତି। ସ୍ମୃତିଙ୍କର ଏହି ଅଦ୍ଭୁତ ସଫଳତା ପଛରେ ତାଙ୍କର ଦୃଢ ସମର୍ପଣ, ମା ରଞ୍ଜନାଙ୍କ ଅକ୍ଳାନ୍ତ ପରିଶ୍ରମ ଓ ବାପା ପ୍ରେମାନନ୍ଦଙ୍କ ଅତୁଟ ସହଯୋଗ ରହିଥିବା ସେ କହିଛନ୍ତି । ଏହି ରେକର୍ଡ ପାଇଁ ବରଗଡ ଜିଲାପାଳ ଆଦିତ୍ୟ ଗୋୟଲ ତାଙ୍କୁ ଉତ୍ସାହିତ କରିବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଭବିଷ୍ୟତରେ ଜଣେ ବୈଜ୍ଞାନିକ ହେବାର ପାଇଁ ସ୍ମୃତି ଲକ୍ଷ୍ୟ ରଖିଛନ୍ତି।

# କ୍ୟାରିୟର କାଉନ୍‌ସେଲିଂ ବୈଠକ

ସମ୍ବଲପୁର : ସମ୍ବଲପୁର ଜିଲ୍ଲା ଜମନକିରା ଓସିଏ କମ୍ପ୍ୟୁଟର ଏକାଡେମୀ ଶାଖାରେ ମାସିକ କ୍ୟାରିୟର କାଉନସିଲିଂ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଏକାଡେମୀର ଡାଇରେକ୍ଟର ସଲିମ ମହାକୁଳ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସଚିକାନ୍ତ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସତ୍ୟପ୍ରିୟ ମହାପାତ୍ର, ଜିତେନ୍ଦ୍ର କୁମାର ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ । ଦୈନନ୍ଦିନ ଜୀବନରେ କମ୍ପ୍ୟୁଟରର ଆବଶ୍ୟକତା ଏବଂ ସାମ୍ବାଦିକ କ୍ଷେତ୍ରରେ ଏହାର ବ୍ୟବହାର ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟଅତିଥି ସାମ୍ବାଦିକ ସଚିକାନ୍ତ ସାହୁ ବିସ୍ତୃତ ଭାବରେ ନିଜ ବ୍ୟକ୍ତବରେ ବୁଝାଇଥିଲେ । ଏବେକାର ଡିଜିଟାଲ ଦୁନିଆରେ ପ୍ରତ୍ୟେକ ମୁହୂର୍ତରେ କମ୍ପ୍ୟୁଟରର ଆବଶ୍ୟକତା ପଡୁଥିବା ସମ୍ପର୍କରେ ନିଜ ସଂଘର୍ଷମୟ ଅଭିଜ୍ଞତାକୁ ପାଥେୟ କରି ବୁଝାଇଥିଲେ । ସେହିପରି ଡାଇରେକ୍ଟର ମହାକୁଳ ଛାତ୍ରଛାତ୍ରୀଙ୍କୁ ଗୁରୁଙ୍କ ପ୍ରତି ଧ୍ୟାନ, ଶିକ୍ଷାଧ୍ୟୟନର ଗୁରୁତ୍ୱ ଏବଂ ଏକାଡେମୀର ପ୍ରତ୍ୟେକ ଛାତ୍ରଛାତ୍ର ଯେପରି ନିଜକୁ ଜଣେ ଜଣେ ଉତମ ଛାତ୍ରଛାତ୍ରୀ ଭାବେ ଗଢି ତୋଳିବେ ଓ ନିଜକୁ ଜଣେ ଉତମ ନାଗରିକ ଭାବେ ପରିଚୟ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ । ଓସିଏ କମ୍ପ୍ୟୁଟର ସଦାସର୍ବଦା ଅତ୍ୟାଧୁନିକ ଶୈଳୀରେ ପାଠପଢା ସହ ସମସ୍ତଙ୍କ ସମସ୍ୟା ସମାଧାନ କରିବାରେ ବଦ୍ଧ ପରିକର ବୋଲି ମଧ କହିଥିଲେ । ଏହି ପରିପେକ୍ଷୀରେ ଜମନକିରା କଲେଜର ଯୁକ୍ତ-୨ କମର୍ସ ଛାତ୍ର ଆଶୁତୋଷ, ସାଇନ୍ସ ଛାତ୍ର ବବି ରଣା ଏବଂ ଆର୍ଟ୍ସ ଛାତ୍ରୀ ରୀତା ଦେହୁରୀ ସର୍ବାଧିକ ନମ୍ବର ରଖି ଉତୀର୍ଣ ହୋଇଥିବା ଯୋଗୁଁ ଏକାଡେମୀ ପକ୍ଷରୁ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏକାଡେମୀ ସେଂଟର ମ୍ୟାନେଜର ସପ୍ନା ଅମାତ ଅତିଥି ପରିଚୟ ଦେବା ସହ ସଭାକୁ ପରିଚାଳନା କରିଥିଲେ । ଶେଷରେ କାଉନସିଲର ସରୋଜ କୁମାର ସାହୁ ଧନ୍ୟବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ଉପସ୍ଥିତ ଛାତ୍ରଛାତ୍ରୀ, ଅଭିଭାବକଙ୍କ ସହ ପ୍ରଶିକ୍ଷକ ସୁମନ୍ତ ବେହେରା ଓ ସମସ୍ତ ଅଫିସ ଷ୍ଟାଫ ସାହାଯ୍ୟ ସହଯୋଗ କରିଥିଲେ ।

# ନବନିର୍ମିତ ଟାଉନ୍ ଥାନା ଗୃହ ଉଦ୍‌ଘାଟିତ

ଭବାନୀପାଟଣା : କଳାହାଣ୍ଡି ଜିଲ୍ଲା ସଦରମହକୁମା ଭବାନୀପାଟନା ଟାଉନ୍ ଥାନା ର ନବନିର୍ମିତ ଥାନା ଗୃହ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ଦ୍ୱାର ଉଦଘାଟିତ ହୋଇଯାଇଛି । ରାଜ୍ୟର ରାଜଧାନୀ ଭୁବନେଶ୍ୱର ଠାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ନବନିର୍ମିତ ଥାନା ଗୃହ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ ଆଭାଷୀ ମାଧ୍ୟମରେ ରାଜଧାନୀ ର ନୟାପଲ୍ଲୀ ଥାନା ସହିତ ରାଜ୍ୟର ଆଠ ଟି ଜିଲ୍ଲାରେ ଅତ୍ୟାଧୁନିକ ବ୍ୟବସ୍ଥା ସହିତ ନବନିର୍ମିତ ହୋଇଥିବା ୧୪ ଗୋଟି ନୂତନ ଥାନା ଗୃହର ଶୁଭ ଉଦଘାଟନ କରିଥିଲେ । ଅତ୍ୟାଧୁନିକ ଭୀତିଭୂମିରେ ଉନ୍ନତ ମାନରେ ଲୋକଙ୍କ ସେବା ପାଇଁ ନିର୍ମାଣ ହୋଇଥିବା ରାଜ୍ୟର ୧୪ ଗୋଟି ନୂତନ ଥାନା ଗୃହ ଉଦଘାଟନ କରି ମୁଁ ଆନନ୍ଦିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହା ଦ୍ୱାରା ଲୋକମାନେ ଉନ୍ନତ ମାନର ସେବା ପାଇବେ । ପୋଲିସ ଅଧିକାରୀ, କର୍ମଚାରୀ ଥାନାକୁ ଆସୁଥିବା ଜନସାଧାରଣଙ୍କୁ ଉତମ ବ୍ୟବହାର ଦେବା ସହିତ ସେବା ମନୋଭାବ ନେଇ ନିଜର କାର୍ଯ୍ୟ ତୁଲାଇବାରେ ଅଧିକ ଯତ୍ନବାନ ହେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ସଦର ମହାକୁମାରେ ଅନୁଷ୍ଠିତ ଆଭାଷୀ ମାଧ୍ୟମରେ ଯୋଡି ହୋଇଥିବା ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ସାଂସଦ କଳାହାଣ୍ଡି ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜୀତ କୁମାର, ଜିଲ୍ଲାପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ, ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଡଏଫଓ(ଉତ୍ତର) ଅନୁରାଗ ମିଶ୍ର, ଡିଏଫଓ.(ଦକ୍ଷିଣ) କଳାଇବାନନ ଆର. ଉପ ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଉପ ଆରକ୍ଷୀ ଅଧିକ୍ଷକ ଭବାନୀପାଟଣା ଆଜଙ୍ଗକିୟା ବାବୁରାଓ ମାନେ, ପୂର୍ବତନ ସାଂସଦ କଳାହାଣ୍ଡି ଅର୍କ କେଶରୀ ଦେଓ, ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ, କବି ଡଃ. ଭବାନୀ ଶଙ୍କର ନିଆଲ ଯୋଗଦେଇ ଭବାନୀପାଟଣା ଠାରେ ବହୁଦିନର ପ୍ରତୀକ୍ଷା ପରେ ଅତ୍ୟାଧୁନିକ ଭୀତିଭୂମିରେ ଉନ୍ନତ ମାନରେ ଲୋକଙ୍କ ସେବାରେ ନୂତନ ଥାନା ଗୃହର ଉଦଘାଟନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ପୋଲିସ ବିଭାଗର ସମସ୍ତ ଅଧିକାରୀ, କର୍ମଚାରୀ, ଜିଲ୍ଲାସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ, ଗଣମାଧମର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ ।

# ଇସ୍ରୋ ପରିଭ୍ରମଣ କଲେ ଓଡ଼ିଆ ଛାତ୍ର ନିଖିଲ୍

ଜୟପୁର, (ହି.ସ.)- ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପରିଭ୍ରମଣରେ ୟାଟସ୍ (ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ)ର କୃତୀ ଛାତ୍ର ନିଖିଲ ମହାପାତ୍ର ଓ ବିଜ୍ଞାନ ଶିକ୍ଷକ ଗୌରୀ ଶଙ୍କର ସାମନ୍ତରାୟ । ବୋରିଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟର ଟାଟା ଷ୍ଟିଲ ଓ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ଅଧିନରେ ଭୁବନେଶ୍ୱର ସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ ର ସହଯୋଗରେ ବେଙ୍ଗାଲୁରୁ ସ୍ଥିତ ଇସ୍ରୋର ପରିଭ୍ରମଣ କରିଥିଲେ । ସେଠାରେ ଟେଲିମେଟ୍ରି ଟ୍ରାକିଂ ଏବଂ କମାଣ୍ଡ ନେଟୱର୍କ (ଆଇଏସଟିଆରଏସି) ଏବଂ ୟୁଆର ରାଓ ସାଟେଲାଇଟ ସେଣ୍ଟର (ୟୁଆରଏସସି) ରେ ଶିକ୍ଷାମୂଳକ ଭ୍ରମଣରେ ବାସ୍ତବ ସାଟେଲାଇଟ ର କମାଣ୍ଡିଙ୍ଗ୍ ବ୍ୟବସ୍ଥା ସହ ସମସ୍ତ ଟ୍ରାକିଂ ବ୍ୟବସ୍ଥାକୁ ବିସ୍ତୃତ ଭାବରେ ବୈଜ୍ଞାନିକ ମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ଏହି ଯାତ୍ରା ମଇ ୨୪ ରୁ ମଇ ୨୮ ପର୍ଯ୍ୟନ୍ତ ହୋଇଥିଲା । ପ୍ରାୟ ୭୧ ହଜାର ଛାତ୍ରଛାତ୍ରୀ ମାନଙ୍କୁ ପଛରେ ପକାଇ ନିଖିଲ ମହାପାତ୍ର ବିଜ୍ଞାନ ଶିକ୍ଷକ ଗୌରୀ ଶଙ୍କର ସାମନ୍ତରାୟଙ୍କ ସହଯୋଗରେ ପ୍ରକଳ୍ପ ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ସମ୍ମାନିତ ହୋଇଥିଲେ । ଏହା କୋରାପୁଟ ଜିଲ୍ଲା ପାଇଁ ଅତ୍ୟନ୍ତ ଗୌରବର ବିଷୟ । ଭବିଷ୍ୟତରେ ସେ ଜଣେ ସଫଳ ବୈଜ୍ଞାନିକ ହେବେ ବୋଲି ମତବ୍ୟକ୍ତ କରିଛନ୍ତି । ଏହି ସଫଳତା ପାଇଁ ନିଖିଲ ମହାପାତ୍ରଙ୍କ ପିତା ସରତ ମହାପାତ୍ର ଓ ମାତା ସୁନିତା ମହାପାତ୍ର ସହ ସମସ୍ତ ପରିବାର ବର୍ଗ ଖୁସି ବ୍ୟକ୍ତ କରିଛନ୍ତି। ଭବିଷ୍ୟତରେ ନିଖିଲ ଜଣେ ସଫଳ ବୈଜ୍ଞାନିକ ହେବେ ବୋଲି ମତବ୍ୟକ୍ତ କରିଛନ୍ତି।

# ଶସ୍ୟ ବିକ୍ରି ସଚେତନତା

ମାଲକାନଗିରି,(ହି.ସ.)- ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ମାଲକାନଗିରି ଜିଲ୍ଲା ସମବାୟ ବିଭାଗ ଓ ନିୟନ୍ତ୍ରିତ ବଜାର କମିଟିର ମିଳିତ ଆନୁକୂଲ୍ୟରେ ବଳକା ଅଣଧାନ ଶସ୍ୟର ବିକ୍ରି ସୂଚନା ଓ ସଚେତନତା ପାଇଁ ଉଦ୍ଦିଷ୍ଟ ଏକ ଚାଷୀ ତାଲିମ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ସମବାୟ ଉପ ନିବନ୍ଧକ ଥିଓଫିଲ୍ ଶବର ସଭାପତିତ୍ୱ କରିଥିଲାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଦେବୀ ପ୍ରସାଦ ତ୍ରିପାଠୀ, କେସିସି ଡାଇରେକ୍ଟୋର ଗୋପୀ ପାଙ୍ଗୀ, କେସିସି ଶାଖା ପରିଚାଳକ ଦୀପକ କୁମାର ଖରା, ଉପ ସହକାରୀ ନିବନ୍ଧକ ଚନ୍ଦ୍ର ସେଠୀଆ ଓ ସଞ୍ଜୟ କୁମାର ଦାସ, ମାର୍କଫେଡ୍ ଅଧିକାରୀ ଦଧିବାମନ ସାହୁ, କୃଷି ଅଧିକାରୀ ଜି. ରାମକୃଷ୍ଣ ପ୍ରମୁଖ ଉପସ୍ଥିତ ଥିଲେ ଓ ସମାଜସେବୀ ଭଗବାନ ସାହୁ କାର୍ଯ୍ୟକ୍ରମର ଶବ୍ଦ ସଂଚାଳନ କରିଥିଲେ । ଏହି ଅବସରରେ ମାଲକାନଗିରି ଜିଲ୍ଲାର ଆଠ ଗୋଟି ଲ୍ୟାମ୍ପର ସଭାପତି, ପରିଚାଳନା ନିର୍ଦ୍ଦେଶକ ଓ ପରିଚାଳନା ପରିଷଦର ସମସ୍ତ ସଦସ୍ୟ ତଥା ୭୦ ରୁ ଉର୍ଦ୍ଧ ଚାଷୀମାନେ ଉପସ୍ଥିତ ରହି ସମ୍ପୃକ୍ତ ତାଲିମ୍ ପ୍ରକ୍ରିୟାରେ ଭାଗ ନେଇଥିଲେ । ଆଗରୁ ଭାରପ୍ରାପ୍ତ ଦାୟିତ୍ୱରେ ଥିବା ଜିଲ୍ଲା ଉପ ନିବନ୍ଧକ ଥିଓଫିଲ୍ ଶବର ବର୍ତମାନ ପୂର୍ଣ୍ଣକାଳୀନ ପଦଭାର ଗ୍ରହଣ କରିଥିବାରୁ ସମସ୍ତେ ଫୁଲଗୁଚ୍ଛା ଦେଇ ସ୍ୱାଗତ କରିଥିଲେ । ଏହାପରେ ଆରଏମସି ତରଫରୁ ବିଭିନ୍ନ ମଣ୍ଡି ଗୁଡ଼ିକର ସୁପରିଚାଳନା ପାଇଁ ମାର୍କେଟ ସେଡ୍ ଓ ଏହାର ପାଚେରୀ ନିର୍ମାଣ କାର୍ଯ୍ୟ ଉପରେ ସମ୍ପାଦକ ଶ୍ରୀ ତ୍ରିପାଠୀ ସୂଚନା ଦେଇଥିଲେ ତଥା ଆରଏମସି ଡେମୋନଷ୍ଟ୍ରେଟର ଖରିଫ୍ ଧାନର ମାନ ଓ ଗୁଣବତାକୁ ବିଭିନ୍ନ ଯନ୍ତ୍ରପାତି ମାଧ୍ୟମରେ ପରିକ୍ଷଣ କରି ଦେଖାଇଥିଲେ। କୃଷି ଅଧିକାରୀ ବିଭାଗର ବିଭିନ୍ନ ସରକାରୀ ଯୋଜନା ଯଥା ବିହନ ବିତରଣ, କୃଷି ରିହାତି ଅନ୍ତର୍ଗତ ବିଭିନ୍ନ କୃଷି ଉପକରଣ ଉପରେ ସୂଚନା ପ୍ରଦାନ କରିଥିଲେ। ସମବାୟ ବିଭାଗ ତରଫରୁ ଚାଷୀ ପଞ୍ଜିକରଣ, ବିଭିନ୍ନ ପ୍ରକାରର ଚାଷୀ ଋଣ ଯୋଜନା, ସ୍ୱୟଂ ସହାୟିକ ଗୋଷ୍ଠୀ ମାନଙ୍କୁ ସ୍ୱରୋଜଗାର ଋଣ ପ୍ରଦାନ, କିଷାନ କ୍ରେଡିଟ କାର୍ଡ, ବିହନ, ସାର, କିଟନାଶକ ବଂଟନ ପ୍ରକ୍ରିୟା ଉପରେ ଏମଡି ଶ୍ରୀ ରାଉତ ସୂଚନା ଦେଇଥିଲେ। ତତ୍ ସହିତ ମାର୍କଫେଡ୍ ଜରିଆରେ ମୂଲ୍ୟ ସହାୟକ ଯୋଜନାରେ ମୁଗ, ବିରି, ସୋରିଷ, ସୂର୍ଯ୍ୟମୁଖି, ଶସ୍ୟ ଓ ଚିନାବାଦାମ ଚାଷ ଓ ଏହାର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଶ୍ରୀ ସାହୁ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ଚାଷୀ ମାନେ ସେମାନଙ୍କ ଅଂଚଳର ବିଭିନ୍ନ ସମସ୍ୟା ବିଷୟରେ ଅଧିକାରୀ ମାନଙ୍କୁ ଜଣାଇଥିଲେ ଓ ସମ୍ପୃକ୍ତ ଅଧିକାରୀ ସମିଚୀନ ଉତର ରଖିଥିଲେ । ଜିଲ୍ଲା ସମବାୟ ଉପ ନିବନ୍ଧକ ଶ୍ରୀ ସବର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ସହ ଶିବିର ସମାପନର ଘୋଷଣା କରିଥିଲେ ।

# ମାଲକାନଗିରି ବିଦ୍ୟାଳୟ ପରିଚାଳନା ସମିତିର ବୈଠକ

ମାଲକାନଗିରି, (ହି.ସ.)-ପ୍ରଧାନମନ୍ତ୍ରୀ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ମାଲକାନଗିରି ବିଦ୍ୟାଳୟ ପରିଚାଳନା ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ବିଦ୍ୟାଳୟର ଅଧକ୍ଷ ଡଃ. କୈଳାଶ ମୀନାଙ୍କ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅଧକ୍ଷତା କରିଥିଲେ ଜିଲ୍ଲାପାଳଆଶିଷ ଇଶ୍ୱର ପାଟିଲ । ଏହି ବୈଠକରେ ଚିତ ରଞ୍ଜନ ପାଣିଗ୍ରାହୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଡ଼ଃ. ରଞ୍ଜନ ସ୍ୱାଇଁ, ଅଧ୍ୟାପକ, ମାଲକାନଗିରି କଳା ମହାବିଦ୍ୟାଳୟ, ଦୁଶ୍ମନ୍ତ ଜେନା, ପ୍ରଧାନ ଶିକ୍ଷକ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଦିନେଶ କୁମାର, ପ୍ରାଥମିକ ଶିକ୍ଷକ, ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ମାଲକାନଗିରି ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ମୁଖ୍ୟତଃ ବୋର୍ଡ୍ କ୍ଲାସ୍ ଫଳାଫଳକୁ ଉନ୍ନତି କରିବା ପାଇଁ କାର୍ଯ୍ୟଯୋଗ୍ୟ ଯୋଜନା, ବିଦ୍ୟାଳୟର ଢାଂଚାଗତ ବିକାଶ କରି ଆଧୁନିକ ଶିକ୍ଷା ପରିବେଶ ସୃଷ୍ଟି, ଛାତ୍ରଛାତ୍ରୀଙ୍କ ସମଗ୍ର ବିକାଶ ଓ ମଙ୍ଗଳ ସହ ଜଡିତ ଅନ୍ୟାନ୍ୟ ମୁଖ୍ୟ ବିଷୟଦିଗଗୁଡ଼ିକୁ ନେଇ ଆଲୋଚନା ହୋଇଥିଲା । ଅଧକ୍ଷଙ୍କ ଦ୍ୱାରା ପିଏମଶ୍ରୀ ଯୋଜନା ଅନୁଯାୟୀ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସାଧନ ପାଇଁ ସମୁଦାୟିକ ଦାୟିତ୍ୱ ଓ ଦୃଢ଼ ପ୍ରତିବଦ୍ଧତା ଉପରେ ଜୋର ଦିଆଯାଇଥିଲା। ଏହି ବୈଠକକୁ ବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଅମିତ ଦାସ, କାର୍ଯ୍ୟ ଅନୁଭବ ଶିକ୍ଷକ ଭି. ଅଶୋକ କୁମାର ଏବଂ କଳା ଶିକ୍ଷକ ଆଦିତ୍ୟ କୁମାର ପରିଚାଳନା କରିଥିଲେ।

# ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘର ବୈଠକ

କୋରାପୁଟ, (ହି.ସ.)-ମାଧ୍ୟମିକ ବିଦ୍ୟାଳୟ କର୍ମଚାରି ସଂଘ ଓଡ଼ିଶା ରାଜ୍ୟ ସଭାପତି ଶଶୀ ଭୂଷଣ ଦାସଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳୀନ ବୈଠକ ଓ ଜିଲ୍ଲା ସମ୍ମିଳନୀ କୋଲାବ୍ ନଗର ସ୍ଥିତ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଓଡ଼ିଶା ଅମଲା ସଂଘ ଓଡ଼ିଶା ସୁନାକର ରାଉତ ଓ କାଳି ପ୍ରସାଦ ମିଶ୍ର ରାଜ୍ୟ ଉପସଭାପତି ମାଧ୍ୟମିକ ବିଦ୍ୟାଳୟ କର୍ମଚାରି ସଂଘ ଓଡ଼ିଶା ସମ୍ମାନିତ ଅତିଥି ଭାବେ ମଂଚାସିନ ହୋଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ ଓତତ୍ ସହିତ ରାଜେନ୍ଦ୍ର ନାରାୟଣ ପାଢ଼ୀ, ଜଗେନ୍ଦ୍ର ଚୌଧୁରୀ ବିଭାଗୀୟ ଅଧିକାରୀ ଗୋଷ୍ଠି ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ଲମତାପୁଟ ଓ କୁନ୍ଦୁରା, ପ୍ରମୋଦ କୁମାର ଭୂୟାଁ ବରିଷ୍ଠ ସହାୟକ ଗୋଷ୍ଠୀ ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ବୈପାରିଗୁଡା ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ ଓଶିକ୍ଷା ବିଭାଗରେ କାର୍ଯ୍ୟରତ କର୍ମଚାରି ମାନେ ନିର୍ଯାତିତ ନିଷ୍ପେସିତ ଓ ଅବହେଳିତ ହେବା ସହିତ କର୍ମଚାରୀ ମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଉପସ୍ଥିତ କର୍ମଚାରୀ ମାନେ ମତପ୍ରକାଶ କରିଥିଲେ ଓଶ୍ରୀ ଦାଶ୍ ରାଜ୍ୟ ସଭାପତି ଏ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ କୋରାପୁଟଙ୍କୁ ବାରମ୍ବାର ଅବଗତ କରାଯାଇଥିବା ସହିତ ପୁଣି ଥରେ କର୍ମଚାରୀ ଙ୍କ ସମସ୍ୟା ନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ନେଇ ବୈଠକରେ ମତ ଦେଇଥିଲେ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ କର୍ମଚାରୀ ମାନଙ୍କର ସମସ୍ୟାର ସମାଧାନ କରିବା ସହିତ ସଂଘ ଦେଇ ଥିବା ପତ୍ର ଉପରେ ଗୁରୁତ୍ୱ ଦେଇ ଅତିଶିଘ୍ର ସେ ଉପରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ପାଇଁ ଶ୍ରୀ ଦାଶ ଅନୁରୋଧ କରିଥିଲେ ଓଜିଲ୍ଲା ସମ୍ମିଳନୀର ସମସ୍ତ ପ୍ରକ୍ରିୟା ଚୂଡାନ୍ତ ହୋଇ ଯାଇଥିଲେ ମଧ ଚୟନ ପ୍ରକ୍ରିୟା ସମାପନ ହୋଇ ପାରି ନଥିବା ଯୋଗୁଁ ପ୍ରାର୍ଥୀ ଚୟନର ଫୋଳାଫୋଳ ଘୋଷଣା ହୋଇ ପାରିନଥିବା ଓ ଏହା ଆଗାମୀ ବୈଠକରେ ଚୂଡାନ୍ତ ହେବା ନେଇ ଶ୍ରୀ ଦାଶ ସୂଚନା ଦେଇଥିଲେ ଓଏଥିରେ ମୁଖ୍ୟତଃ ପଦ୍ମ ଚରଣ ସାହୁ, ରାଜିବ କୁମାର ପ୍ରଧାନ, ପଦ୍ମେଶ୍ୱର ବିଷୟୀ, ପ୍ରଶାନ୍ତ କୁମାର ଭଟ୍ଟ, ସୁଜାତା ମହାପାତ୍ର, ବାଳ ଗୋପାଳ ମିଶ୍ର, ଲଙ୍କେଶ୍ୱର ରାଓ ପାନାଡା, ପ୍ରତିକ୍ ମିଶ୍ର, ସାନ୍ତୁନୁ କୁମାର ଜେନା, ବିପିନ ବିହାରୀ ମିଶ୍ର, ବିପିନ ବିହାରୀ ଦାଶ୍, ତ୍ରିନାଥ ପଣ୍ଡା, ସାଧୀନ ପଟ୍ଟନାୟକ, ଆର୍ତତ୍ରାଣ ରାଉତ, ବିକ୍ରମ କୁମାର ମହାପାତ୍ର, ପିତାମ୍ବର ହନ୍ତାଳ, ସନ୍ଦୀପ ପଟ୍ଟନାୟକ, ମନୋଜ ମହାରଣା, ଅବନି ତ୍ରିପାଠୀ, ବର୍ଷା ରାଣି ପଲେଇ, ଲିମା ରାଣି ପୁଜାରି ମିନାକ୍ଷୀ ମଞ୍ଜରୀ ଦେବୀ ଙ୍କ ସମେତ ବହୁ ସଦସ୍ୟ ଓ ସଦସ୍ୟା ଯୋଗଦାନ କରିଥିଲେ ଓ ବୈଠକରେ ନୂତନ ଭାବେ ଚାକିରିରେ ଯୋଗଦାନ କରିଥିବା କନିଷ୍ଠ ସହାୟକ/ ସହାୟିକା ଓ ପଦୋନ୍ନତି ପାଇ କନିଷ୍ଠ ସହାୟକ ମାନଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଶେଷରେ ରାଜ୍ୟ ସଭାପତି ଦାଶ୍ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ ।

### ମେଳା ପଡ଼ିଆରେ ସ୍ଥାୟୀ ନିର୍ମାଣ କାର୍ଯ୍ୟ ଘଟଣା
## କାର୍ଯ୍ୟ ବନ୍ଦକଲେ କୋଣାର୍କ ଏନ୍ଏସି ଜନପ୍ରତିନିଧି



କୋଣାର୍କ (ପିପିଏସ): ପ୍ରାଚୀନ ସଂସ୍କୃତି ଓ ପରମ୍ପରା ପୁରାତନ ଚନ୍ଦ୍ରଭାଗା ମେଳା ପଡିଆରେ ଶୌଚାଳୟ ନିର୍ମାଣ ଶ୍ରଦ୍ଧାଳୁଙ୍କ ମନରେ ଆଘାତ ଦେଇଛି । ଏହି ବେଆଇନ ଶୌଚାଳୟ ନିର୍ମାଣ କାମକୁ କୋଣାର୍କ ଏନଏସି ଅଧ୍ୟକ୍ଷା, କାଉନସିଲର ଓ ଚନ୍ଦ୍ରଭାଗା ବଜାର କମିଟି ବନ୍ଦ କରିଛନ୍ତି । ଚନ୍ଦ୍ରଭାଗା ମେଳା ପଡ଼ିଆରେ ଶୌଚାଳୟ ନିର୍ମାଣ ଘଟଣା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପରେ କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ବିଭିନ୍ନ ୱାର୍ଡର କାଉନସିଲରଙ୍କ ସମେତ ଚନ୍ଦ୍ରଭାଗା ବଜାର କମିଟି କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚି ବନ୍ଦ କରିଥିଲେ । ବେଳାଭୂମି ସୌନ୍ଦର୍ଯ୍ୟ କରଣ ଆଳ ଦେଖାଇ ଚନ୍ଦ୍ରଭାଗା ମେଳା ପଡିଆରେ ଅସ୍ଥାୟୀ ଦୋକାନଗୃହ ଓ ସ୍ଥାୟୀ ଶୌଚାଳୟ ନିର୍ମାଣ କରିବା ଯୋଗୁଁ ମାଘ ସପ୍ତମୀରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ୟା ଉପୁଜିବ ବୋଲି ଅଭିଯୋଗ ହୋଇଛି । ଠିକାଦାର ତରବରିଆ ଭାବେ ଢଳେଇ ପକାଇ ଇଟା ଯୋଡେଇ ଆରମ୍ଭ କରିଥିଲା । ଏଠାରେ ଦୋକାନ ଗୃହ ଓ ଶୌଚାଳୟ ନିର୍ମାଣ କରାଯାଇ ବ୍ୟବସାୟୀମାନଙ୍କୁ ଥଇଥାନ କରିବା ଯୋଜନା ରହିଥିବାବେଳେ ମେଳା ପଡିଆରେ ଏଭଳି ନିର୍ମାଣକୁ ବ୍ୟବସାୟୀମାନେ ଘୋର ବିରୋଧ କରିଛନ୍ତି । ପୂର୍ବ ନିଷ୍ପତ୍ତି ଅନୁଯାୟୀ ଜୟଦେବ ବାଟିକା ନିକଟରେ ସ୍ଥାୟୀ ଥଇଥାନ କରିବା ପାଇଁ ଚନ୍ଦ୍ରଭାଗା ବଜାର କମିଟି ପକ୍ଷରୁ ଦାବି କରାଯାଇଛି । ଏହି ଘଟଣାକୁ ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳ ମାଧବ ଭୋଇଙ୍କୁ ଭେଟି ପୂର୍ତ୍ତବିଭାଗ ପକ୍ଷରୁ ଐତିହ୍ୟ ସଂପନ୍ନ ଚନ୍ଦ୍ରଭାଗା ମାଘ ସପ୍ତମୀ ପଡିଆରେ କରାଯାଉଥିବା ଐତିହ୍ୟ ବିରୋଧି କାମ ଉପରେ ରୋକ ଲଗାଇ ଐତିହ୍ୟ ଓ ପରମ୍ପରାକୁ ବଜାୟ ରଖିବା ପାଇଁ ଆଲୋଚନା କରିଥିଲେ । ପର୍ଯ୍ୟଟନ ବିଭାଗ ଓ ପୂର୍ତ୍ତବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ସହ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ପ୍ରକାଶ କରିଛନ୍ତି ।

## ବନ୍ୟା ସମୟରେ ଅସହାୟଙ୍କୁ ସାହାଯ୍ୟର ହାତବଢ଼ାଇଲା କଂଗ୍ରେସ

କେନ୍ଦ୍ରାପଡା, (ପିପିଏସ୍): ଦୀର୍ଘ ବାର ଦିନ ହେବ ଆଳି ଓ ରାଜନଗର ନିର୍ବାଚନ ମଣ୍ଡଳିର ଅଧିକାଂଶ ପଞ୍ଚାୟତ ବନ୍ୟାପାଣିରେ ବୁଡ଼ି ରହିଥିବା ବେଳେ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହୋଉଛନ୍ତି । ସାଧାରଣ ଲୋକଟିଏ ନିଜର ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ପାଇଁ ଆବଶ୍ୟକୀୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଯୋଗାଡ କରିବାରେ ଅସମର୍ଥ । ବନ୍ୟାପାଣି ଘର ମଧ୍ୟକୁ ଓ ଗାଁ ଭିତରକୁ ପଶି ଦାଉ ସାଜୁଥିବା ବେଳେ ଗାଁ ଦାଣ୍ଡରେ କୁମ୍ଭିର ଭୟ ବାହାରକୁ ବାହାରିବା ପାଇଁ ଅନ୍ତରାୟ ସୃଷ୍ଟି କରୁଛି । ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ଉକ୍ତି "ବିପଦର ସାଥ ଦେବ କଂଗ୍ରେସ"କୁ ଆଧାର କରି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଇଚ୍ଛା ଓ ଜିଲ୍ଲା କଂଗ୍ରେସର ପରାମର୍ଶ କ୍ରମେ ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଉକ୍ତ ଅଞ୍ଚଳର ଯୁବକମାନଙ୍କୁ ଏକାଠୀ କରି ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଜୁଲାଇ ୨୨ ଓ ଆଳି ଅଞ୍ଚଳରେ ଜୁଲାଇ ୨୩ ତାରିଖରେ ଗ୍ରାମ ପଞ୍ଚାୟତର ଦୁଇ ଅଞ୍ଚଳରେ ସୁଖିଲା ଖାଦ୍ୟ, ହଲୋଜେନ ବଟିକା, ଓଆରଏସ ପାଉଚ୍ ଓ ଜ୍ୱର ସର୍ଦ୍ଦି ପାଇଁ ଫାଷ୍ଟଏଡ ବଣ୍ଟନ କରାଯାଇଥିଲା । ଏଥିରେ କଂଗ୍ରେସ କର୍ମୀମାନେ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ସାମାଜିକ କର୍ମୀଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ଏସ୍ପିଙ୍କୁ ଗୁହାରିକଲେ ପତ୍ନୀ

କୋରେଇ (ପିପିଏସ୍): ଯାଜପୁର ଏସପିଙ୍କ ନିକଟରେ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ସାମାଜିକ କର୍ମୀ ଭାବେ ପରିଚିତ ବିଶ୍ୱନାଥ ପାତ୍ରଙ୍କ ପତ୍ନୀ ସୋନିଆଁ । ଥାନା ଠୁଁ ଆରମ୍ଭ କରି ଏଠାକୁ ସେଠାକୁ ଦଉଡ଼ି ଦଉଡ଼ି ନିରାଶ ହେବାପରେ ଶେଷରେ ସେ ଏସପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଓ ସୁରକ୍ଷା ପାଇଁ ଆପତ୍ତି ଜଣାଇଛନ୍ତି । ସୂଚନା ମୁତାବକ ସୁକିନ୍ଦା ଥାନା ଅନ୍ତର୍ଗତ ଦୁଧିଝରି ପଂଚାୟତ ମୂଳଖମ୍ବ ଗ୍ରାମର ବିଜୟ ପାତ୍ରଙ୍କ ପୁଅ ହେଲେ ବିଶ୍ୱନାଥ ପାତ୍ର । ତାଙ୍କର ପରିଚୟ କେତେବେଳେ ସୂଚନା ଅଧିକାର କର୍ମୀ ତ ଆଉ କେତେବେଳେ ମାନବାଧିକାର କର୍ମୀ ତ କେତେବେଳେ ସେ ସାଜିଥାନ୍ତି ସମାଜସେବୀ । ଅଭିଯୋଗ ମୁତାବକ ଆଜକୁ ପ୍ରାୟ ୧୫ ବର୍ଷ ତଳେ ବିଶ୍ୱନାଥ ଏକ ନାବାଳିକା ଝିଅକୁ ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ରଖି ବିବାହ କରିଥିଲା ।

ସେହି ଝିଅ ହେଲେ ସୋନିଆଁ । ବିବାହ ପରେ ସୋନିଆଁଙ୍କର ତିନଟି ସନ୍ତାନ ଜନ୍ମଲାଭ କରିଥିଲେ । ମାତ୍ର କିଛି ବର୍ଷ ପର ଠାରୁ ବିଶ୍ୱନାଥ ତାଙ୍କୁ ଶାରୀରିକ ମାନସିକ ନିର୍ଯ୍ୟାତନା ଦେଉଥିଲେ । ପରେ ସେ ସୋନିଆଁଙ୍କୁ ମାଡମାରି ଘରୁ ବିଦା କରିଦେଇଥିଲେ । ବିଶ୍ୱନାଥ ଏବେ ଘର ଛାଡି ଛଦ୍ମବେଶରେ ଏଣେ ତେଣେ ବୁଲିବାକୁ ସହିତ ଅନ୍ୟତ୍ର ବିବାହ କରିଥିବା ଅଭିଯୋଗ ଆଣିଛନ୍ତି ସୋନିଆଁ । ତେବେ ଏହା ପୂର୍ବରୁ ସେ ସୋ ତାଙ୍କୁ ଛାଡପତ୍ର ଦେଇନାହାନ୍ତି କିମ୍ବା ତାଙ୍କର ଓ ପିଲାମାନଙ୍କର କୌଣସି ଭରଣପୋଷଣ ଦାୟିତ୍ୱ ନେଇନାହାନ୍ତି । ବରଂ ସେ ମଝିରେ ମଝିରେ ସୋନିଆଁଙ୍କ ପାଖକୁ ଯାଇ ତାଙ୍କୁ ଧମକ ଚମକ ଦେବା ସହିତ ଟଙ୍କା ଛଡ଼ାଇ ନେଇ ଆସୁଥିବା ଅଭିଯୋଗରେ ଦର୍ଶାଇଛନ୍ତି । ସେପଟେ ବିଶ୍ୱନାଥ ବେଆଇନ ଭାବେ ୨ୟ ବିବାହ କରି ଯାଜପୁର ରୋଡ ସହର ସ୍ଥିତ କୋପଣ୍ଡ ଠାରେ ଏକ ଭଡାଘରେ ରହିଛନ୍ତି । ଏଥିସହ ସୋନିଆଁଙ୍କ ବଡଝିଅକୁ ପାଖରେ ରଖି କାମଧନ୍ଦା କରାଉଥିବା ମଧ୍ୟ ଅଭିଯୋଗରେ ଉଲ୍ଲେଖ ରହିଛି । ଏଭଳି ଘଟଣାକୁ ନେଇ ସୋନିଆଁ ପ୍ରଥମେ ସୁକିନ୍ଦା ଥାନରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ କୌଣସି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନନେବାରୁ ଶେଷରେ ସେ ଜିଲ୍ଲା ଏସପିଙ୍କୁ ଭେଟି ଏଥିପାଇଁ ଗୁହାରୀ ଜଣାଇଛନ୍ତି । ସୋନିଆଁ ଏବେ ଏନେଇ ରାଜ୍ୟ ସରକାରଙ୍କୁ ତାଙ୍କୁ ଓ ତାଙ୍କ ଛୋଟ ଛୋଟ ପିଲାମାନଙ୍କୁ ସୁରକ୍ଷା ପ୍ରଦାନ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଆକୁଳ ନିବେଦନ କରିଛନ୍ତି ।

## ୩ଟି ମୃତ ଗୋରୁଙ୍କ ସମେତ ୧୬ ଉଦ୍ଧାର, ଗୋ-ମାଫିଆ ଫେରାର



ଭଦ୍ରକ, (ପିପିଏସ୍): ଗତକାଲି ବିଳମ୍ବିତ ରାତ୍ରିରେ ବାହାର ଜିଲ୍ଲାରୁ ଭଦ୍ରକ ସହର କୁ ଆସୁଥିବା ଏକ ପିକଅପ ଭ୍ୟାନରେ ବେଆଇନ ଗୋ ଚାଲାଣ ହେଉଥିବା ବେଳେ ଟାଉନ ଓ ପୁରୁଣାବଜାର ପୋଲିସର ମିଳିତ ଚଢ଼ାଉରେ ଧରାପଡିଛି । ପୌରାଂଚଳ ଅଧୀନସ୍ଥ କଂଟାବଣିଆ ଗ୍ରାମରେ ଗାଡ଼ି ଭିତରୁ ଗୋରୁ ମାନଙ୍କୁ ବାହାର କରୁଥିବା ବେଳେ ପୋଲିସ ଖବର ପାଇ ମିଳିତ ଚଢାଉ କରିଥିଲା । ତେବେ ରାତି ଅନ୍ଧାରର ସୁଯୋଗ ଦେଖି ବେଆଇନ ଗୋରୁ ବୋଝେଇ ଗାଡ଼ି ଓ ଗୋରୁ ଙ୍କୁ ଛାଡି ଗୋ-ମାଫିଆମାନେ ଫେରାର ହୋଇଯାଇଥିଲେ । ପୁଲିସ୍ ପିକଅପ ଗାଡ଼ି କୁ ଜବତ କରିବା ସହ ଗାଡ଼ି ଭିତରେ ଥିବା ୧୬ ଟି ଗୋରୁଙ୍କ ଉଦ୍ଧାର କରିଥିଲା । ତେବେ ସେଥିମଧ୍ୟରୁ ୩ ଟି ଗୋରୁ ଙ୍କ ମୃତ୍ୟୁ ହୋଇଯାଇଥିଲା । ୧୩ ଉଦ୍ଧାର ଗୋରୁ ମାନଙ୍କୁ ରାଣୀତାଲ ସ୍ଥିତ ଗୋଶାଳା ରେ ଛାଡି ଅଧିକ ତଦନ୍ତ ଚଳାଇଛି ଟାଉନ ପୋଲିସ । ତେବେ ଫେରାର ଥିବା ଗୋ-ମାଫିଆ ମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିବା ନେଇ ଟାଉନ ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ଓଡ଼ଗାଁରେ ବିଭିନ୍ନ ସ୍ଥାନରେ ସେବା ଉତ୍ସବ



ନୟାଗଡ଼ (ପିପିଏସ୍): ଗୁରୁବାର ଓଡ଼ଗାଁ ବ୍ଲକରେ ନବମ ବାର୍ଷିକ ଜିଲ୍ଲା ବ୍ୟାପି ସେବା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ସେବା ଉତ୍ସବ ସମିତି ଆନୁକୁଲ୍ୟରେ ରଙ୍ଗଣୀ ପାଟଣା, ଓଡ଼ଗାଁ, କଜଳେଇପଲ୍ଲୀ, ଶରଣକୁଳ ଆଦି ବିଭିନ୍ନ ସ୍ଥାନରେ ଗରିବ, ଅସହାୟମାନଙ୍କୁ ବସ୍ତ୍ର, ଚପଲ ଏବଂ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା । ଅନ୍ୟପକ୍ଷେ ଓଡ଼ଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଅବହେଳିତ ଅବସ୍ଥାରେ ଥିବା ମାଟିଆ କେଳା ସାମ୍ପ୍ରଦାୟର ଲୋକମାନଙ୍କୁ ରାସନ, ଖାଦ୍ୟ ଓ ବସ୍ତ୍ର, ଚପଲ ଆଦି ବଣ୍ଟନ କରାଯାଇଥିଲା । ଏହୀ କାର୍ଯ୍ୟକ୍ରମକୁ ଏମସିଏଲ, ଷ୍ଟେଟବ୍ୟାଙ୍କ ଅଫଇଣ୍ଡିଆ, ଇଡକୋ, ଇମ୍ଫା, ଓମ୍ଫେଡ ପ୍ରମୁଖ ସହଯୋଗ କରିଥିଲେ । ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ତତ୍ତ୍ୱବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସେବା ଉତ୍ସବ କାର୍ଯ୍ୟକାରୀ ସଦସ୍ୟ ସୁନୀଲ କୁମାର ପଟ୍ଟନାୟକ, ବଳଭଦ୍ର ସ୍ୱାଇଁ ଏହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଜିର କାର୍ଯ୍ୟକ୍ରମରେ ସେବା ସଦସ୍ୟ ସୌମ୍ୟା ସ୍ୱୟଂପ୍ରଭା, ବର୍ଷା ପ୍ରିୟଦର୍ଶିନୀ, ସତ୍ୟ ନାରାୟଣ ବେହେରା, ଆଶୁତୋଷ ସାହୁ, ଅଂଶୁମାନ ସେଠୀ, ଅବିନାଶ ସାହୁ, ରାଜେଶ ବାରିକ, ପ୍ରଶାନ୍ତ କୁମାର, ଦେବାଶିଷ ରାଉତ,ସିଲୁ ବରାଡ, ଅନୁସୂୟା ପ୍ରଧାନ, ଅଭିଲିପସା, ଆଦିତ୍ୟ ପାଲ୍, ଶୁଭସ୍ମିତା ମିଶ୍ର, କରଣ ବଡତିଆ, ସତ୍ୟ ପ୍ରକାଶ, ଶିକନ କୁମାର ଜେନା ପ୍ରମୁଖ ସାମିଲ୍ ହୋଇଥିଲେ । ଏହୀ କାର୍ଯ୍ୟକ୍ରମରେ ସହେ ଜଣ ଛାତ୍ରଛାତ୍ରୀଙ୍କୁ ଚପଲ ଓ ଜୋତା ବଣ୍ଟନ କରାଯାଇଥିବା ବେଳେ ଶହେ ଜଣ ଅସହାୟଙ୍କୁ ଆନୁଷଙ୍ଗିକ ସାମଗ୍ରୀ ପ୍ରଦାନ କରାଯାଇଥିଲା ଏବଂ ତାଙ୍କ ମଙ୍ଗଳ କାମନା କରାଯାଇଥିଲା । ସେବା ଓ ଦାନର ଏକ ନିଆରା ପରମ୍ପରା ସୃଷ୍ଟି ପାଇଁ ଉଦ୍ୟମ ଜାରି ରହିଥିବା ସମ୍ପର୍କରେ ଅଧ୍ୟକ୍ଷ ଶିବରାମ ମହାପାତ୍ର ସୂଚନା ଦେଇଛନ୍ତି । ଆଗାମୀ ଜୁଲାଇ ୩୦ ତାରିଖ ଯାଏଁ ଏହି ସେବା କାର୍ଯ୍ୟକ୍ରମ ଜିଲ୍ଲାବ୍ୟାପି ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ।

## ଚିତାଲାଗି ଅମାବାସ୍ୟାରେ ଗେଣ୍ଡାପୂଜା

ଅସ୍ତରଙ୍ଗ (ପିପିଏସ୍): ଶ୍ରାବଣ ଅମାବାସ୍ୟା ତଥା ଚିତାଲାଗି ଅମାବାସ୍ୟା ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ରେ ପ୍ରତ୍ୟେକ କୃଷକ ପରିବାର ପକ୍ଷରୁ ଗୁରୁବାର ଅପରାହ୍ନ ରେ ଗେଣ୍ଡାଙ୍କୁ ପୂଜା କରାଯିବା ସହ ସେମାନଙ୍କୁ ଅରୁଆ ଚାଉଳରେ ପ୍ରସ୍ତୁତ ଚିତଉ ପିଠା ଖାଇବାକୁ ଦିଆଯାଇଥିଲା । ଚାଷ ଜମିର ମିତ ଭାବେ ପରିଚିତ ଗେଣ୍ଡା କୃଷକଙ୍କ ବନ୍ଧୁ ଅଟେ । ବର୍ଷାଦିନେ ତଥା ଶ୍ରାବଣ ମାସରେ ଚାଷ ଜମିରେ ଅସଂଖ୍ୟ ଗେଣ୍ଡା ଜନ୍ମଲାଭ କରୁଥିବା ବେଳେ ମାଟିକୁ ହାଲୁକା ଛିଦ୍ରଯୁକ୍ତ କରାଇ ଉର୍ବର କରିଥାନ୍ତି । ଚାଷଜମିରେ ଗେଣ୍ଡା ରହି ଅପକାରୀ ଶୈବାଳ, ଚକଡା ପୋକ ଆଦିକୁ ଭକ୍ଷଣ କରିବା ସହ ଚାଷକୁ ସୁରକ୍ଷା ଦେଇଥାଏ ।

ମୃତ୍ତିକାର ଉପକାର କଲେ ମଧ୍ୟ କ୍ଷେତରେ ଚାଷୀଙ୍କ ପାଦକୁ ଗେଣ୍ଡା କାଟି ଦେଇଥାଏ । ତେଣୁ ଚିତାଲାଗି ଅମାବାସ୍ୟାରେ ପ୍ରତ୍ୟେକ ଚାଷୀ ପରିବାର ପକ୍ଷରୁ ଅରୁଆ ଚାଉଳରେ ଚିତଉ ପିଠା ଓ ଗଇଁଠା ପିଠା କରାଯାଇ ଗେଣ୍ଡାଙ୍କ ଉଦ୍ଦେଶ୍ୟରେ ଖାଇବା ପାଇଁ ଜମିରେ ଦିଆଯାଇଥିଲା । ଏଥିସହ ବନ୍ୟା ଜଳରୁ ଫସଲର ସୁରକ୍ଷା ପାଇଁ ବରୁଣ ଦେବତାଙ୍କ ଉଦ୍ଦେଶ୍ୟରେ ପାଣିରେ ଚିତଉ ପିଠାକୁ ଚାଷୀମାନେ ଭସାଇଥିବା ପରିଲକ୍ଷିତ ହୋଇଥିଲା । ଏହା ଦ୍ୱାରା ଗେଣ୍ଡାମାନେ କୃଷିର ସୁରକ୍ଷା କରିବା ସହ କୃଷକକୁ ନିଜର ବନ୍ଧୁ ବୋଲି ଭାବି ଆକ୍ରମଣ କରିବେ ନାହିଁ ଓ ବରୁଣ ଦେବତାଙ୍କ ଆର୍ଶୀବାଦରୁ ବର୍ଷା ଓ ବନ୍ୟାରେ ଫସଲ କ୍ଷତି ହେବ ନାହିଁ ବୋଲି ଲୋକକଥା ରହିଥିବା ସଂପର୍କରେ ଅସ୍ତରଙ୍ଗ ଅଞ୍ଚଳର ଚାଷୀ ତଥା ଶିକ୍ଷାବିତି ରବୀନ୍ଦ୍ର ମହାନ୍ତି,ଗ୍ରାମର ଅଗ୍ରଣୀ ଚାଷୀ ବ୍ରଜକିଶୋର ପ୍ରଧାନ, ଦୁର୍ଯ୍ୟୋଧନ ସ୍ୱାଇଁ, ଅସ୍ତରଙ୍ଗ ଗ୍ରାମର ବୟୋଜ୍ୟେଷ୍ଠ ନବଘନ ବେହେରା ପ୍ରକାଶ କରିଛନ୍ତି ।

## ୭୧ କେଜି ଗଞ୍ଜେଇ ସହ କାରକୁ ଜବତ କଲା କଳିଙ୍ଗନଗର ପୁଲିସ




କଳିଙ୍ଗନଗର, (ପିପିଏସ): କଳିଙ୍ଗନଗର ଥାନା ପୋଲିସ ଚାରି ବସ୍ତା ଗଞ୍ଜେଇ ସହ ଏକ ଓଡି. ୩୩. ଏପି. ୯୩୯୫ ବିଶିଷ୍ଟ ଟାଟା ପଞ୍ଚ ଗାଡି କୁ ଗୁରୁବାର ଜବତ କରିଛି । ଢେଙ୍କାନାଳରୁ କେନ୍ଦୁଝର ଯିବା ରାସ୍ତାରେ ଡୁବୁରି ଅଞ୍ଚଳର ସିଆରିଆ ନିକଟରେ ଗଞ୍ଜେଇ ଯାଉଥିବା କୌଣସି ସୂତ୍ରରୁ ଖବର ପାଇ ଗାଡ଼ିକୁ କଳିଙ୍ଗନଗର ପୋଲିସ । ଏହି ଗାଡି ସହ ଗଞ୍ଜେଇକୁ ଜବତ କରିଛି । ଏନେଇ କଳିଙ୍ଗନଗର ପୋଲିସ ଅଧିକ ତଦନ୍ତ ଚଳାଇଛି । ସୂଚନା ମୁତାବକ ଗାଡ଼ିଟି ଢେଙ୍କାନାଳ ପଟୁ ସୁକିନ୍ଦା ଡୁବୁରୀ ଦେଇ କେନ୍ଦୁଝର ଆଡ଼କୁ ଯାଉଥିଲା । ରାସ୍ତାରେ ଡୁବୁରି ସିଆରିଆ ନିକଟରେ ଗାଡିଟି ଦୁର୍ଘଟଣାର ସମ୍ମୁଖୀନ ହୋଇ ରାସ୍ତା ତଳକୁ ପଲଟି ଯାଇଥିଲା । କଳିଙ୍ଗନଗର ପୋଲିସ ଖବର ପାଇ ଦୁର୍ଘଟଣା ସ୍ଥଳରେ ପହଞ୍ଚିଥିଲା । ଏବଂ ସିଆରିଆ ସ୍କୁଲ ନିକଟରୁ ଗାଡିଟିକୁ ଜବତ କରିଥିଲା । ତଦନ୍ତ ସମୟରେ ଗାଡି ଭିତରୁ ଚାରି ବସ୍ତା ଗଞ୍ଜେଇ ବାହାରିଥିଲା । ତେବେ ଡ୍ରାଇଭର ଜଣକ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି । ତେବେ ଏହାକୁ ନେଇ କଳିଙ୍ଗନଗର ପୋଲିସ ୨୩୩/୨୫ ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି ।

## ବୃଦ୍ଧଙ୍କୁ ଆକ୍ରମଣ ଅଭିଯୋଗ

ଚୌଦ୍ୱାର,(ପିପିଏସ୍): ବିଲରେ ପାଣି ମଡାଇବାକୁ ନେଇ ଜନୈକ ବରିଷ୍ଠ ନାଗରିକ ଆକ୍ରମଣର ଶିକାର ହୋଇଥିବା ଜଣାପଡିଛି । ଟାଙ୍ଗୀ-ଚୌଦ୍ୱାର ବ୍ଲକ ମହଁଷାଲଣ୍ଡା ଗ୍ରାମର ମୁରଲୀଧର ପୃଷ୍ଟି ନିଜ ବିଲକୁ ପାଣି ମଡାଇବା ପାଇଁ ବନ୍ଧକୁ ଯାଇ ବିଲକୁ ପାଣି କାଟୁଥିବା ବେଳେ ସେହି ଗ୍ରାମର କେଶବ ଚରଣ ସ୍ୱାଇଁ ମୁରଲୀଧରଙ୍କୁ ଗାଳିଗୁଲଜ କରିବା ସହିତ ବିଧା ଗୋଇଠା ମାରି ତାଙ୍କୁ ଘଟଣାସ୍ଥଳରୁ ବିଦା କରିଦେଇଥିଲେ । ଏନେଇ ମୁରଲୀଧର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗପାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ




ଚୌଦ୍ୱାର, (ପିପିଏସ୍): ଚୌଦ୍ୱାର କଲେଜରେ +୨ ପ୍ରଥମ ବର୍ଷରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ୱଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଓଡିଆ ଭାଷା ସହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଡ.ପ୍ରଫୁଲ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ରଶ୍ମୀ ରାଉତରାୟ ଅତିଥି ଭାବେ ଯୋଗଦେଇ ଶୃଙ୍ଖଳିତ ଓ କର୍ତ୍ତବ୍ୟନିଷ୍ଠ ହେବାକୁ ବିଦ୍ୟାର୍ଥୀ ମାନଙ୍କୁ ଶପଥପାଠ କରାଇଥିଲେ । +୩ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନବାଗତଙ୍କୁ ସ୍ୱାଗତ କରାଯାଇଥିଲା । ରାଜନିତୀ ବିଜ୍ଞାନର ଅଧ୍ୟାପକ ସୁମନ୍ତ ସାହୁ ଓ ପ୍ରଶାସନିକ ଅଧିକାରୀ ବରିଷ୍ଠ ପ୍ରଧାପିକା ଡ. ହରପ୍ରୀୟା ମହାପାତ୍ର କଲେଜ ନୀତି ନିୟମ ସକପର୍କରେ ଆଲୋକପାତ କରିଥିଲେ । ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଭାକର ମିଶ୍ର, ଅନୁପମା ତ୍ରିପାଠୀ,ସ୍ୱର୍ଣ୍ଣପ୍ରଭା ରାଉତ,ଆରଣ୍ୟକ ରାଉତରାୟ,ରିଙ୍କୁ କିଶନ,ଲିଜା ରଥ ଓ ଚନ୍ଦ୍ର ଶେଖର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଅଧ୍ୟାପକ ଯୁକ୍ତେଶ୍ୱର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦାମୋଦର ସଂସ୍କୃତ କଲେଜରେ ମହିଳ ସଚେତନତା

ଭଦ୍ରକ, (ପିପିଏସ୍): ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ମହିଳା ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ମୁଖ୍ୟ ଅତିଥିଭାବେ ଡ଼ଃ କୃପାସିନ୍ଧୁ ନାୟକ ଯୋଗଦେଇଥିବା ବେଳେ, ସମ୍ମାନିତ ଅତିଥି ଅକ୍ଷୟ କୁମାର ପାଣିଗ୍ରାହୀ ଯୋଗଦେଇ ନାରୀ ସୁରକ୍ଷା ତଥା ୨୦୧୩ ମହିଳା ସୁରକ୍ଷା ଆଇନ୍ ସଂପର୍କରେ ଆଲୋକପାତ କରିଥିଲେ । ରାଜନୀତି ବିଜ୍ଞାନ ଅଧ୍ୟାପିକା ସ୍ୱାଗତଭାଷଣ ସହ ଅତିଥି ପରିଚୟ ନେଇ ଥିବା ବେଳେ ମହାବିଦ୍ୟାଳୟର ନୋଡ଼ାଲ ଅଫିସର ଶୁକଦେବ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ ।

## ରୋଟାରୀ କ୍ଲବ ଭଦ୍ରକର ୫୪ ତମ ଅଧିଷ୍ଠାନ ଉତ୍ସବ ଓ ସଦଭାବନା ସମ୍ମାନ ଉତ୍ସବ



ଭଦ୍ରକ, (ପିପିଏସ): ରୋଟାରୀ କ୍ଲବ ଭଦ୍ରକର ୫୪ ତମ ଅଧିଷ୍ଠାନ ଉତ୍ସବ ଓ ସଦଭାବନା ସମ୍ମାନ ଉତ୍ସବ ଜିଲ୍ଲାପରିଷଦ ସଭା ଗୃହରେ ମହା ଆଡ଼ମ୍ବରସହକାରେ ଅନୁଷ୍ଠିତ ହୋଇଯାଇଛି । ବିଦାୟୀ ସଭାପତି ରୋ. ସନ୍ତୋଷ କୁମାର ନାୟକଙ୍କ ସଭାପତିତ୍ୱ ଏବଂ ଉତ୍ସବର ଚେୟାରମେନ ରୋ. ପ୍ରଣବ କୁମାର ସାହୁଙ୍କ ପରିଚାଳନରେ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ ଏବଂ ଅଧିଷ୍ଠାନ ଉତ୍ସବର ମୁଖ୍ୟ ଅତିଥି ପୂର୍ବ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋ.ଯଜ୍ଞାଶିଷ ମହାପାତ୍ର, ନବନିର୍ବାଚିତ ଡିଷ୍ଟ୍ରୀକ୍ଟ ଗଭର୍ଣ୍ଣର ରୋ. ଇନ୍ଦ୍ରଜିତ ସାହୁ, ଆସିଷ୍ଟାଂଟ ଗଭର୍ଣ୍ଣର ରୋ.ପ୍ରଦୀପ୍ତ କୁମାର ପଣ୍ଡା, ଅବସରପ୍ରାପ୍ତ ଏସ. ପି.ବିକାଶ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ରହି ରୋଟାରୀ ସେବା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ନୂତନ ସଭାପତି ରୋ.ନାସିର ବକ୍ସ ଓ ସମ୍ପାଦକ ବାଦଲ କିଶୋର ମହାପାତ୍ରଙ୍କୁ ପୂର୍ବ ବର୍ଷ ସଭାପତି ସନ୍ତୋଷ ନାୟକ ଓ ସହ ସମ୍ପାଦକ ରୋ ବସନ୍ତ କୁମାର ସାମଲ ଆନୁଷ୍ଠାନିକ ଭାବେ ରୋଟାରୀ କଲାର, ହାତୁଡ଼ି ଓ ଚାର୍ଟର ସାର୍ଟିଫିକେଟ ପ୍ରଦାନ କରିଥିଲେ । ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର ପଦ ଗୋପନୀୟତାର ଶପଥ ପାଠ କରାଇ ଥିଲେ । ନୂତନ ଭାବେ ୪ ଜଣ ସଭ୍ୟଙ୍କୁ ମଧ୍ୟ ଶପଥ ପାଠ କରାଯାଇଥିଲା । ମ୍ୟାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ପ୍ରଥମ ହୋଇଥିବା ଶିବ ଦୂର୍ଗା ହାଇସ୍କୁଲ ଚାନ୍ଦବାଲିର ଛାତ୍ରୀ ସ୍ୱୟଂପ୍ରଭା ନାୟକ ଓ ସରସ୍ୱତୀ ବିଦ୍ୟାମନ୍ଦିର ଭଦ୍ରକର ଛାତ୍ର ସାସ୍ୱତ ବେହେରାଙ୍କ ସହିତ ଭଦ୍ରକ ମ୍ୟୁନିସିପାଲଟି ଅନ୍ତର୍ଗତ ଦୁଇଜଣ ମେଧାବୀ ଗରିବ ଛାତ୍ର ଛାତ୍ରୀଙ୍କୁ ରୋଟାରୀ ଆୱାର୍ଡ଼ ଓ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା ।

ଭଦ୍ରକ ଜିଲ୍ଲାର ମୁଖ୍ୟ ସହର ଭଦ୍ରକ ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଭାଇଚାରା ଓ ସଦଭାବନା ରକ୍ଷା ପାଇଁ ଅବଦାନ ଥିବା ବ୍ୟକ୍ତି ବିଶେଷ ଡକ୍ଟର ବିଶ୍ୱଜିତ, ଏସ. ଏମ ଫାରୁକ, ଶେଖ ଜଳାଲୁଦ୍ଦିନ, (ବନ୍ତ), ସୁଧାକର ରାଉତ, ବିଦ୍ୟାଧର ସାହୁ, ଇ. ଅନୱାର ସାହେବ (ସଭାପତି ଦୁଃଖୀ ସମାଜ) ଅଖିଳ ଚନ୍ଦ୍ର ପାଢ଼ୀ, ଅଶୋକ କୁମାର ଦାସ, ପବନ କୁମାର ଶର୍ମା, ହରି ପ୍ରଶାଦ ନନ୍ଦୀ, ଜମିଲ ଅକତାର ଖାନ, ମୋକିତ ଖାନ, କବି ମୁସ୍ତାକ ଗହୋର,ଅନୱାର ହୋସେନ, ଅଖିଳ ଭାରତୀୟ ଦୁଃଖୀସମାଜ, ସରକାର ନଗର ଏବଂ ହାପିକ୍ଲବ, କେନ୍ଦୁଆପଦାଙ୍କୁ ରୋଟାରୀ ସଦଭାବନା ସମ୍ମାନ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।ଏହି ସଭାରେ ବାଲେଶ୍ୱର, ଯାଜପୁର, ଭୁବନେଶ୍ୱର, ବ୍ରହ୍ମପୁର ଓ ଆନନ୍ଦପୁର ସମେତ ବହୁ ରୋଟାରୀ କ୍ଲବରୁ ଶତାଧିକ ରୋଟାରୀଆନ ଯୋଗଦେଇଥିଲେ । ରୋ ବସନ୍ତ କୁମାର ପାଣିଗ୍ରାହୀ,ରୋ ଅମ୍ବିକା ବଲ୍ଲଭ ସ୍ୱାଇଁ,ରୋ ଉମାକାନ୍ତ ଜେନା,ରୋ ଶୈଳେନ୍ଦ୍ର ନାରାୟଣ ପାଢ଼ୀ, ରୋ ଅଜିତ ଦାସ,ରୋ ବୈରାଗୀ ଧଳ,ରୋ ଭାସ୍କର ଚନ୍ଦ୍ର ପାଢ଼ୀ,ରୋ ଶଶି ଶେଖର କରଶର୍ମା, ରୋ ବି ଏନ ଦାସ, ରୋ ଗୟାଧର ପଣ୍ଡା, ରୋ ଶାନ୍ତି ସ୍ୱରୂପ ମିଶ୍ର,ରୋ ଅଜିତ ମହାପାତ୍ର,ରୋ ପ୍ରମୋଦ କୁମାର ଜେନା ଓ ସାଇସ୍ମିତା ସାମଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।ରୋ ତପସ୍ୱିନୀ ଦାସ ଆୱାର୍ଡ଼ କମିଟି କୁ ଚାରିଜଣ ଶ୍ରେଷ୍ଠ ଛାତ୍ରଙ୍କ ପାଇଁ ୩୦ ହଜାର ଟଙ୍କା ସ୍ଥାୟୀ ଜମା ପାଇଁ ପ୍ରଦାନ କରିଥିଲେ । ଶେଷରେ ସର୍ଜଂଟ ଆଟ ଆର୍ମ ରୋ.ପୂର୍ଣ୍ଣ ଚନ୍ଦ୍ର ସାହୁ ଉପସ୍ଥାନ ଘୋଷଣା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଭିଏସ୍ ଅଚ୍ୟୁତାନନ୍ଦନ୍‌ଙ୍କ ଶ୍ରଦ୍ଧାଞ୍ଜଳି ସଭା

ଭଦ୍ରକ, (ପିପିଏସ୍): ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଭାରତର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, କେରଳ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସିପିଆଇ(ଏମ)ର ପୂର୍ବତନ ପଲିଟବ୍ୟୁରୋ ସଭ୍ୟ ଶ୍ରୀଯୁକ୍ତ ଭିଏସ୍ ଅଚ୍ୟୁତାନନ୍ଦନ୍‌ଙ୍କ ଶ୍ରଦ୍ଧାଞ୍ଜଳି ସଭା ବନ୍ତ ଛକ ଠାରେ ସିପିଆଇ (ଏମ) ଭଦ୍ରକ ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଗୋଟିଏ ଦଳିତ ପରିବାରରେ ଜନ୍ମଗ୍ରହଣ କରି କେରଳ ରାଜ୍ୟର ମତ୍ସ୍ୟଜୀବୀ ମାନଙ୍କ ଅଧିକାର ର ସୁରକ୍ଷା ପାଇଁ ଲଢେଇ ଆରମ୍ଭ କରି ପରବର୍ତୀ ଅବସ୍ଥାରେ ୨୦୦୬ ରୁ ୨୦୧୧ ମସିହା ପର୍ଯ୍ୟନ୍ତ କେରଳର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇ ଥିଲେ । କେରଳ ରାଜ୍ୟ ବିଧାନସଭାର ସେ ୧୫ ବର୍ଷ ବିରୋଧୀ ଦଳ ନେତା ଦାୟିତ୍ୱ ତୁଲାଇ ଥିଲେ । ଭୂସଂସ୍କାର ଆଇନ ବଳରେ ଗରିବ ଭୂମିହୀନ ଲୋକଙ୍କ ଭିତରେ ପ୍ରାୟ ୧ ଲକ୍ଷ ହେକ୍ଟର ଚାଷ ଜମି ବଂଟନ କରିବା କ୍ଷେତ୍ରରେ ତାଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । କେରଳ ରାଜ୍ୟ ରେ ଚା ଚାଷୀ, ରବର ଚାଷୀ, କପା ଚାଷୀ ଓ ସମସ୍ତ ପ୍ରକାରର ଚାଷୀଙ୍କ ପାଇଁ ସମବାୟ ସମିତି ଗଠନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । କେରଳ ରାଜ୍ୟକୁ ସେ ଭାରତର ୧ ନଂ ଶିକ୍ଷିତ ରାଜ୍ୟରେ ପରିଣତ କରିଥିଲେ । କେରଳରେ ଜଳପଥରେ ପର୍ଯ୍ୟଟନର ବିକାଶ କ୍ଷେତ୍ରରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ଐତିହାସିକ ପୁନପ୍ରା ଭାୟାଲର କୃଷକ ଆନ୍ଦୋଳନରେ ସେ ଥିଲେ ପ୍ରମୁଖ ସେନାପତି । ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳୀ ଜଣାଇବା ପୂର୍ବକ ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ସିପିଆଇ(ଏମ) ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ରାଧାନାଥ ଦାସ, ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, କାଳନ୍ଦୀ ପାତ୍ର, ଗିରିଧାରୀ ନାଥ, ସୁରଜିତା ନାୟକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ପ୍ରହଲ୍ଲାଦ ପତି, ଯୁବ ନେତା ସେକ୍ ସନାଉଲ୍ଲା , ଭଦ୍ରକ ମୋହରିର ସଂଘର ନେତା ମୁକ୍ତିକାନ୍ତ ବାରିକ୍, ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର ପାଣିଗ୍ରାହୀ, ଯୁବ ନେତା ସେକ୍ ରୁସ୍ତମ, ବରିଷ୍ଠ ନେତା ଚନ୍ଦ୍ରଶେଖର ନାୟକ, ସିଆଇଟିୟୁ ନେତା ମୁନା ନାୟକ, କର୍ମଚାରୀ ନେତା ଅଶ୍ୱିନି ପ୍ରଧାନ ପ୍ରମୁଖ ଯୋଗଦେଇ ସାଧାରଣ ଲୋକଙ୍କ ଅଧିକାର ପାଇଁ ଭିଏସ୍ ଅଚ୍ୟୁତାନନ୍ଦନ୍‌ଙ୍କ ଅବଦାନ ସଂପର୍କରେ ଆଲୋଚନା କରିଥିଲେ । ଭାରତରେ ଜନଗଣତାନ୍ତ୍ରିକ ବିପ୍ଳବ ମାଧ୍ୟମ ଦେଇ ସମାଜବାଦ ପ୍ରତିଷ୍ଠା କରିବାର ତାଙ୍କ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଭଦ୍ରକ ଜିଲ୍ଲା ବାସୀ ଅଗ୍ରସର ହେବାକୁ ଶ୍ରଦ୍ଧାଞ୍ଜଳୀ ସଭାରେ ଯୋଗଦେଇଥିବା ବକ୍ତା ମାନେ ଆହ୍ୱାନ ଜଣାଇଥିଲେ ।

## ରୋଗୀଙ୍କ ଉପରେ ଉତ୍ତ୍ୟକ୍ତ ହୋଇ ଡାକ୍ତର ଚିରିଦେଲେ ପ୍ରେସ୍କ୍ରିପ୍ସନ୍



ଅସ୍ତରଙ୍ଗ (ପିପିଏସ୍): ରୋଗୀଙ୍କ ଉପରେ ରାଗିଯାଇ ରୋଗୀ ଚିକିତ୍ସା କରିବା ବଦଳରେ ଡକ୍ଟର ମ୍ୟାଡମ୍ ଚିରିଦେଲେ ପ୍ରେସ୍କ୍ରିପସନ । ଯାହାଫଳରେ ମେଡ଼ିକାଲ ପରିସରରେ କିଛି ସମୟରେ ଉତେଜନା ସୃଷ୍ଟି ହୋଇଥିଲା । ଖବର ମୁତାବକ ଗୁରୁବାର ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନଗର ପଞ୍ଚାୟତ ନଗର ଗ୍ରାମର ପଙ୍କଜ ବେହେରା ଓ ତାଙ୍କ ପତ୍ନୀ ଗୁରୁବାର ଅସୁସ୍ଥ ଥିବାରୁ ମେଡିକାଲ ଯାଇଥିଲେ । ପଙ୍କଜ ବେହେରାଙ୍କ ପୁତ୍ରର ଚର୍ମରୋଗ ସମ୍ପର୍କିତ ଚିକିତ୍ସା ମେଡିକାଲରେ କାର୍ଯ୍ୟରତ ମହିଳା ଡାକ୍ତରଙ୍କ ନିକଟରେ ପୂର୍ବରୁ ଚିକିତ୍ସା କରାଉଥିଲେ । ମାତ୍ର ଚିକିତ୍ସାରେ ଶିଶୁ ପୁତ୍ରର କୌଣସି ପରିବର୍ତ୍ତନ ନ ହେବାରୁ ମହିଳା ଜଣକ ଡାକ୍ତରଙ୍କୁ ଜଣାଇବା ପରେ ରକ୍ତ ପରୀକ୍ଷା କରିବାକୁ ସୂଚନା ଦେଇଥିଲେ । କିନ୍ତୁ ଜଣେ ମହିଳା ଡାକ୍ତର ନିକଟରେ ବାରମ୍ବାର ଦେଖାଇବା ପରେ ସ୍ୱାସ୍ଥ୍ୟ ଅବସ୍ଥାରେ ପରିବର୍ତ୍ତନ ନ ହେବାରୁ ମେଡିକାଲରେ ଚିକିତ୍ସାଧିନ ଅନ୍ୟ ଜଣେ ଡାକ୍ତରଙ୍କୁ ଶିଶୁପୁତ୍ରକୁ ଦେଖାଇଥିଲେ । ଯାହା ଫଳରେ ପୂର୍ବରୁ ଲେଖା ଥିବା ଔଷଧ ବଦଳାଇ ସ୍ୱାସ୍ଥ୍ୟ ପରିବର୍ତ୍ତନ ପାଇଁ ଅନ୍ୟ ଔଷଧ ଲେଖିଥିଲେ । କିନ୍ତୁ କିଛି ସମୟ ପରେ ପଙ୍କଜ ନିଜ ପତ୍ନୀଙ୍କ ଚିକିତ୍ସା ପାଇଁ ମହିଳା ଡାକ୍ତର ନିକଟରେ ପହଂଚିଥିଲେ, କିନ୍ତୁ ପଙ୍କଜ ପତ୍ନୀଙ୍କୁ ଚିକିତ୍ସା କରିବା ପରିବର୍ତ୍ତେ ମହିଳା ଡକ୍ଟର ସୂଚନା ଦେଇଥିଲେ ତୁମ ଶିଶୁପୁତ୍ର ଭଲ ହେଉନି, ମୁଁ ତୁମ୍ଭ ପତ୍ନୀଙ୍କୁ ଚିକିତ୍ସା କରି ପାରିବି ନାହିଁ । ଏହାରି ମଧ୍ୟରେ ରୋଗୀ ଓ ମହିଳା ଡାକ୍ତର ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏହାରି ମଧ୍ୟରେ ପଙ୍କଜଙ୍କ ପତ୍ନୀଙ୍କ ନିଦାନ ରକ୍ତ ପରୀକ୍ଷା ଶହ ପ୍ରେସକ୍ରିସନ ମହିଳା ଡାକ୍ତର ରୋଗୀଙ୍କ ସାମ୍ନାରେ ଚିରିଦେଇଥିଲେ । ରୋଗୀଙ୍କୁ ଉତ୍ତମ ବ୍ୟବହାର ବଦଳରେ ମହିଳା ଡକ୍ଟରଙ୍କ ଏଭଳି ବ୍ୟବହାର ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି ।ଏ ନେଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସଞ୍ଜୟ ପ୍ରଧାନ କହିଛନ୍ତି ଏ ଘଟଣା ସମ୍ପୂର୍ଣ୍ଣ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଜଣାଇବି ।

## ଦିବଂଗତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି




କେନ୍ଦ୍ରାପଡା, (ପିପିଏସ୍): ରାଜ୍ୟ ଶାସନ ଭାର ସମ୍ଭାଳୁଥିବା ବିଜେପି ଡବଲ ଇଂଜିନ ସରକାର ନାରା ଦେଇ ବିକାଶର କଥା କହୁଥିବା ବେଳେ ରାଜ୍ୟରେ ମହିଳା, ଶିଶୁ ନଖୋଜ ଓ ନାରୀ ନିର୍ଯାତନା ବିଷୟରେ କୁମ୍ଭକର୍ମ ନିଦ୍ରାରେ ଶୋଇ ପଡୁଛନ୍ତି । ବିଦ୍ୟାଳୟ ଠାରୁ ଆରମ୍ଭକରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରୀମାନେ ଅସୁରକ୍ଷିତ, ଜ୍ୱଳନ୍ତ ଉଦାହରଣ ଏଫଏମ ମହା ବିଦ୍ୟାଳୟର ଛାତ୍ରୀ ଅଧ୍ୟାପକଙ୍କ ଲୋଲୁପ ଦୃଷ୍ଟିରୁ ବଞ୍ଚିବା ପାଇଁ ନାରୀ ଜାତିର ସମ୍ମାନକୁ ରକ୍ଷା କରିବା ପାଇଁ କଲେଜ ପରିଷରରେ ନିଜର ଆତ୍ମହୁତି ଦେଇଦେଲେ । ନାରୀ ଜାତିରମାନ ସଂଭ୍ରମ ରକ୍ଷା କରିବା ପାଇଁ ଦାବି କରିଥିବା ଜାତୀୟ କଂଗ୍ରେସ ଆଜି ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏ ସରକାରଙ୍କ ଠାରୁ ଉଚିତ ଜବାବ ତ୍ୱରିତ ନ୍ୟାୟ ପାଇଁ ରାଜ୍ୟ ସାରା ଆନ୍ଦୋଳନ ଜାରି ରଖିଛନ୍ତି । ସଭାପତିଙ୍କ ଆହ୍ୱାନରେ ଓଡିଶା ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଥିବା ବେଳେ ଆଜି ଦିବଙ୍ଗତା ସୌମ୍ୟଶ୍ରୀ ବିଶି ଙ୍କର ଏକାଦଶହରେ ନୀରବ ପ୍ରାର୍ଥନା ଓ ଦୀପ ଦାନ କାର୍ଯ୍ୟକ୍ରମ ପାଳିତ ହେଉଛି । କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ଭବନ ଠାରେ ଜିଲ୍ଲା କଗ୍ରେସ ସଂଯୋଜକ ପ୍ରଫୁଲ କୁମାର ଦାସଙ୍କ ସଭାପତିତ୍ୱରେ ସୌମ୍ୟଶ୍ରୀ ବିଶିଙ୍କ ଫଟୋ ଚିତ୍ରରେ ପୁଷ୍ପଦାନ ଓ ପ୍ରଦୀପ ପ୍ରଜ୍ୟୋଳନ କରି ଉପସ୍ଥିତ ସମସ୍ତ କଂଗ୍ରେସ ନେତୃମଣ୍ଡଳୀ ଓ ଶତାଧିକ କର୍ମୀ ତାଙ୍କର ଏକାଦଶହରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟିକା ଡଃ ସିପ୍ରା ମଲ୍ଲିକ, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦିକା ସସ୍ମିତା ପଣ୍ଡା, ମତ୍ସ୍ୟଜୀବି କଂଗ୍ରେସ ବିଭାଗର ପୂର୍ବତନ ରାଜ୍ୟ ଅଧ୍ୟକ୍ଷ ହଳଧର ସେଠୀ, ବରିଷ୍ଠ କଂଗ୍ରେସ ନେତା ଫକିର ଚରଣ ଖଟୁଆ, ଜିଲ୍ଲା ଯୁବ କଂଗ୍ରେସ ପୂର୍ବତନ ସଭାପତି ସତ୍ୟପ୍ରିୟ ସାମଲ, ଯୁବ ନେତା ଉମେଶ ପାଢ଼ୀ, ରଶ୍ମୀ ରଂଜନ ରାଉତରାୟ, ସୁମନ୍ତ ରାଉତ, ହିମାଂଶୁ ନନ୍ଦ, ଚିତ୍ତରଞ୍ଜନ ତରାଇ, ଉଦୟଭାନୁ ପଢିଆରୀ, ଡେରାବିଶି ବ୍ଲକ କଂଗ୍ରେସ ସଭାପତି ଉମେଶ ତ୍ରିପାଠୀ, ରଜନୀକାନ୍ତ ସାମଲ, ଅର୍ଜୁନ ମଲିକ, ବିଦୁଲତା ପଲାଇ, ଅକ୍ଷୟ କୁମାର ପଣ୍ଡା ବିକାଶ ରଂଜନ ପଣ୍ଡା, କିଶୋର ସାହୁ, ସ୍ମୃତି ରଂଜନ ପାଢ଼ୀ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । କେନ୍ଦ୍ରପଡା ଜିଲ୍ଲା ଅନ୍ତର୍ଗତ ଆଳି ଓ ରାଜକନିକା ବ୍ଲକ କଂଗ୍ରେସ କମିଟି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିବାବେଳେ ବିଭିନ୍ନ କଲେଜ ଗୁଡିକରେ ନୀରବ ପ୍ରାର୍ଥନା କରିଥିଲେ ।






# ଅଭିନେତାଙ୍କୁ ଜାମିନ ମିଳିବାକୁ ନେଇ ଅସନ୍ତୋଷ ଝାଡ଼ିଲେ ସୁପ୍ରିମ୍‌କୋର୍ଟ



ନୂଆଦିଲ୍ଲୀ: ରେଣୁକାସ୍ୱାମୀ ହତ୍ୟା ମାମଲାରେ କନ୍ନଡ ଅଭିନେତା ଦର୍ଶନ ଏବଂ ଅନ୍ୟ ଅଭିଯୁକ୍ତମାନଙ୍କୁ କର୍ଣ୍ଣାଟକ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ରେଣୁକାସ୍ୱାମୀଙ୍କୁ ଅପହରଣ କରି ନିର୍ଯାତନା ଦେବାପରେ ହତ୍ୟା କରିବା ଅଭିଯୋଗରେ ଦର୍ଶନଙ୍କୁ ଗତ ବର୍ଷ ଜୁନ୍ ମାସରେ ଗିରଫ କରାଯାଇଥିଲା। ଜୁଲାଇ ୨୪ରେ ଦର୍ଶନଙ୍କ ହତ୍ୟା ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଥିଲେ। ଆଜି ଶୁଣାଣି ସମୟରେ ବିଚାରପତି ଜେବି ପାରଦିୱାଲା ଏବଂ ବିଚାରପତି ଆର ମହାଦେବନଙ୍କ ଖଣ୍ଡପୀଠ କହିଥିଲେ ଯେ ସେମାନେ ହାଇକୋର୍ଟ ପରି ଭୁଲ କରିବେ ନାହିଁ। ପ୍ରଥମେ ଆମେ ତଦନ୍ତ କରିବୁ ଏବଂ ପରେ ରାୟ ପ୍ରକାଶ କରିବୁ। ଉଚ୍ଚ ନ୍ୟାୟାଳୟ ଯେଉଁଭଳି ରାୟ ଦେଇଛନ୍ତି ତାହା ଅତ୍ୟନ୍ତ ଦୁଃଖଦ।

ରେଣୁକାସ୍ୱାମୀ ହତ୍ୟା ମାମଲାରେ ହାଇକୋର୍ଟ ଅଭିଯୁକ୍ତଙ୍କୁ ଦେଇଥିବା ନିର୍ଦ୍ଦେଶ ନ୍ୟାୟିକ କ୍ଷମତାର ବିକୃତ ବ୍ୟବହାର ପରି ମନେ ହେଉଛି। ଯଦି ଟ୍ରାଏଲ୍ କୋର୍ଟ ଏପରି ଭୁଲ କରେ, ତେବେ ଏହାକୁ ଗ୍ରହଣ କରାଯାଇପାରିବ, କିନ୍ତୁ ହାଇକୋର୍ଟଙ୍କ ଠାରୁ ଏପରି ଆଶା କରାଯାଏ ନାହିଁ। କେବଳ ଏତିକି ନୁହେଁ ରେଣୁକାସ୍ୱାମୀ ହତ୍ୟା ମାମଲାରେ ହାଇକୋର୍ଟ ସୁରକ୍ଷାକର୍ମୀ ଭାବରେ କାର୍ଯ୍ୟ କରୁଥିବା କିରଣ ଏବଂ ପୁନୀତଙ୍କ ବୟାନ ବାତିଲ କରିଥିଲେ। ହାଇକୋର୍ଟ କିପରି ମାନିନେଲେ ଯେ ସେମାନଙ୍କ ବୟାନକୁ ବିଶ୍ୱାସ କରାଯାଇପାରିବ ନାହିଁ।'

# ଇସ୍ଲାମ ପ୍ରଚାର ଅପରାଧ ନୁହେଁ: ହାଇକୋର୍ଟ




ବେଙ୍ଗାଲୁର : କର୍ଣ୍ଣାଟକ ହାଇକୋର୍ଟ ତିନି ମୁସଲମାନ ଯୁବକଙ୍କ ବିରୋଧରେ ରୁଜୁ ଏଫଆଇଆର ରଦ୍ଦ କରିଦେଇଛନ୍ତି। ଯାହାଙ୍କ ଉପରେ ଏକ ହିନ୍ଦୁ ମନ୍ଦିରରେ ଇସ୍ଲାମ ଧର୍ମକୁ ପ୍ରଚାର ପ୍ରସାର କରିବା ପାଇଁ ପାମ୍ଫଲେଟ୍ ବାଣ୍ଟିବା ସହ ମେ ?ଖିକ ରୂପରେ ନିଜ ଧାର୍ମିକ ମାନ୍ୟତାକୁ ବୁଝାଇବାର ଅଭିଯୋଗ ଥିଲା। କୋର୍ଟ ନିଜ ରାୟରେ କହିଛନ୍ତି, କେ ?ଣସି ମନ୍ଦିରରେ କେବଳ ଇସ୍ଲାମର ପ୍ରଚାର କରିବା ବେଳେ ପାମ୍ଫଲେଟ୍ ବାଣ୍ଟିବା ଓ ସେ ବିଷୟରେ ବାଖ୍ୟା କରିବା କେ ?ଣସି ଅପରାଧ ନୁହେଁ, ଯେଉଁ ପର୍ଯ୍ୟନ୍ତ ଧର୍ମାନ୍ତରଣ ସମ୍ପର୍କିତ କେ ?ଣସି ସାକ୍ଷ୍ୟ ନମିଳୁଛି । ଅଭିଯୁକ୍ତଙ୍କ ଉପରେ ଭାରତୀୟ ନ୍ୟାୟ ସଂହିତା, ୨୦୨୩ର ଧାରା ୨୯୯, ୩୫୧(୨) ଓ ୩(୫) ଓ କର୍ଣ୍ଣାଟକ ଧର୍ମ ସ୍ୱତନ୍ତ୍ରତା ଅଧିକାର ସଂରକ୍ଷଣ ଅଧିନିୟମ, ୨୦୨୨ର ଧାରା ୫ ଅନୁସାରେ ଅଭିଯୋଗ ଲଗାଯାଇଥିଲା। ଜଷ୍ଟିସ୍ ଭେଙ୍କଟେଶ ନାଇକଙ୍କ ଖଣ୍ଡପୀଠ ଶୁଣାଣି ବେଳେ କହିଥିଲେ, ଉପରୋକ୍ତ ଆଇନ ଅନୁସାରେ କୌଣସି ଅପରାଧ ନୁହେଁ, କାରଣ ସେହି ଲୋକ େକ ?ଣସି ବ୍ୟକ୍ତିଙ୍କୁ ଇସ୍ଲାମକୁ ଧର୍ମାନ୍ତରିତ କରିବାର କେ ?ଣସି ଚେଷ୍ଟା କରିନାହାନ୍ତି।

# ଭୋଟର ଲିଷ୍ଟରେ ନାମ ନ ଥିଲେ ନିର୍ବାଚନ କମିଶନ ଦେବେ ଆଉ ଏକ ସୁଯୋଗ

ପାଟନା : ବିହାରରେ ସଘନ ସଂଶୋଧନ ଅଭିଯାନ (ଝଓଜ) ଚାଲିଛି। ନିର୍ବାଚନ କମିଶନ ଏ ସମ୍ପର୍କରେ ଏକ ବଡ଼ ସୂଚନା ଦେଇଛନ୍ତି। ଯଦି କୌଣସି ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ ଦିଆଯାଏ, ତେବେ ତାଙ୍କୁ ପୁନର୍ବାର ଯୋଡିବାର ସୁଯୋଗ ମିଳିବ। କମିଶନ ୧ ଅଗଷ୍ଟ, ୨୦୨୫ ରେ ପ୍ରକାଶିତ ହେବାକୁ ଥିବା ଡ୍ରାଫ୍ଟ ଭୋଟର ତାଲିକାରେ ସମସ୍ତ ଯୋଗ୍ୟ ଭୋଟରଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରୟାସ ଜୋରଦାର କରିଛି। ଏଥିପାଇଁ ଭୋଟରମାନଙ୍କୁ ପ୍ରାୟ ଏକ ମାସ ସମୟ ଦିଆଯିବ। ନିର୍ବାଚନ କମିଶନ (ରଉଓ) କହିଛି ଯେ ଝଓଜ ଆଦେଶର ପୃଷ୍ଠା ୩, ଅନୁଚ୍ଛେଦ ୭(୫) ଅନୁଯାୟୀ, ଯେକୌଣସି ବ୍ୟକ୍ତି କିମ୍ବା ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ୧ ଅଗଷ୍ଟରୁ ୧ ସେପ୍ଟେମ୍ବର ପର୍ଯ୍ୟନ୍ତ ଭୋଟର ତାଲିକାରେ ଯୋଗ୍ୟ ଭୋଟରଙ୍କ ନାମ ଅନ୍ତର୍ଭୁକ୍ତ କରିପାରିବେ। ଈଖଡ଼ କିମ୍ବା ଈଖଇ ରୁ ବାଦ ପଡ଼ିଥିବା ନାମ କିମ୍ବା ଭୁଲରେ କଟାଯାଇଥିବା ଭୋଟରଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଗୋଟିଏ ମାସ ସମୟ ପାଇବେ। ଅଗଷ୍ଟ ୧ ତାରିଖରେ ଡ୍ରାଫ୍ଟ ତାଲିକା ପ୍ରକାଶିତ ହେବା ପରେ, ଯେକୌଣସି ବ୍ୟକ୍ତି କିମ୍ବା ରାଜନୈତିକ ଦଳ ବିଧାନସଭା ନିର୍ବାଚନମଣ୍ଡଳୀର ସମ୍ପୃକ୍ତ ରଜଡ଼ କିମ୍ବା ଇରଜଡ଼ଙ୍କ ନିକଟକୁ ଯାଇ ସେପ୍ଟେମ୍ବର ୧, ୨୦୨୫ ସୁଦ୍ଧା ଆପତ୍ତି ଦାଖଲ କରିପାରିବେ। ଯଦି କୌଣସି ଯୋଗ୍ୟ ଭୋଟରଙ୍କ ନାମ ନ ଥିବ, ତେବେ ସେ ଦାବି ଦାଖଲ କରି ଏହାକୁ ପୁନର୍ବାର ଯୋଡିପାରିବେ।

# କେଦାରନାଥକୁ ନିର୍ମାଣ ହେବ ୭ କିମି ସୁଡ଼ଙ୍ଗ

ନୂଆଦିଲ୍ଲୀ : କେନ୍ଦ୍ରୀୟ ସଡ଼କ ଏବଂ ପରିବହନ ମନ୍ତ୍ରାଳୟ କେଦାରନାଥ ପର୍ଯ୍ୟନ୍ତ ୭ କିମି ଲମ୍ବା ସୁଡ଼ଙ୍ଗ ନିର୍ମାଣର ପ୍ରସ୍ତୁତି ଚଳାଇଛି। ଏହା ହେଲେ ଆଗାମୀ ୪-୫ ବର୍ଷରେ କେଦାରନାଥ ମନ୍ଦିରକୁ ଯିବାର ଦୁଇଟି ମାର୍ଗ ଖୋଲିଯିବ । ତନ୍ମଧ୍ୟରୁ ଗୋଟିଏ ରାସ୍ତା ସବୁ ପାଣିପାଗରେ ଶ୍ରଦ୍ଧାଳୁଙ୍କୁ ସିଧା ମନ୍ଦିର ପର୍ଯ୍ୟନ୍ତ ପହଞ୍ଚାଇବ । ବର୍ତ୍ତମାନ ଗୌରୀକୁଣ୍ଡରୁ ରାମବାଡ଼ା-ଲିଂଚୋଲି ହୋଇ କେଦାର ଧାମ ପର୍ଯ୍ୟନ୍ତ ପାଦଚଲା ମାର୍ଗ ୧୬ କିମି ଲମ୍ବା ଅଛି । ସୁଡ଼ଙ୍ଗ ନିର୍ମାଣ ପରେ ଏହାର ଦୂରତା ୫ କିମି ହୋଇଯିବ । ୨୦୧୩ ଓ ୨୦୨୪ ଜୁଲାଇର ଦୁର୍ଘଟଣାରୁ ଶିକ୍ଷା ପାଇ କେନ୍ଦ୍ର ସରକାର କେଦାରନାଥ ମନ୍ଦିର ପର୍ଯ୍ୟନ୍ତ ନୂଆ ସୁରକ୍ଷିତ ରାସ୍ତା ନିର୍ମାଣର ଯୋଜନା ଉପରେ କାମ ଆରମ୍ଭ କରିଛନ୍ତି । ସେଥିପାଇଁ ମନ୍ତ୍ରାଳୟ ପାହାଡ଼ର ପ୍ରାରମ୍ଭିକ ସର୍ଭେକ୍ଷଣ କରିସାରିଛି । ଏହି ସୁଡ଼ଙ୍ଗ ଉତ୍ତରାଖଣ୍ଡରେ ୬୫୬୨ ଫୁଟ ଉପରେ ନିର୍ମିତ ହେବ । ଏହା କାଲୀମଠ ଘାଟିର ଶେଷ ଗାଁ ଚୌମାସୀରୁ ଲିଂଚୋଲୀ ପର୍ଯ୍ୟନ୍ତ ଲମ୍ବିବ । ଲିଂଚୋଲୀ କେଦାରନାଥ ମନ୍ଦିରଠୁ ୫ କିମି ପୂର୍ବରୁ ଅଛି । ଚୌମାସୀ ପର୍ଯ୍ୟନ୍ତ ପକ୍କା ସଡ଼କ ଅଛି । ସେଠାରେ କାର୍ରେ ଯାଇପାରିବେ । ତା'ପରେ ସୁଡ଼ଙ୍ଗ ଏବଂ ଲଂଚୋଲୀଠୁ ମନ୍ଦିର ପର୍ଯ୍ୟନ୍ତ ୫ କିମି ଚାଲିବାକୁ ପଡ଼ିବ । ରାଷ୍ଟ୍ରୀୟ ରାଜମାର୍ଗ ଉତ୍ତରାଖଣ୍ଡର ମୁଖ୍ୟ ଇଞ୍ଜିନିୟର ମୁକେଶ ପରମାରଙ୍କ ଅନୁସାରେ, ପରାମର୍ଶଦାତା ସର୍ଭେ କରି ସୁଡ଼ଙ୍ଗର ଡ୍ରଇଂ ଦେଇଛନ୍ତି । କେନ୍ଦ୍ରୀୟ ଅଧିକାରୀମାନଙ୍କର ଟିମ୍ ଏହାକୁ ଅନ୍ତିମ ରୂପ ଦେଉଛନ୍ତି । କାଲୀମଠର ରାସ୍ତା ଗୁପ୍ତକାଶୀରୁ କଟିଯାଏ । ଗତ ବର୍ଷ ସେପ୍ଟେମ୍ବରରେ ୫ ଜଣିଆ ଟିମ୍ ଚୌମାସୀ ଖାମ୍ ବୁଗ୍ୟାଲ-କେଦାରନାଥ ରୁଟ୍ର ସର୍ଭେକ୍ଷଣ କରିଥିଲେ । ସେତେବେଳେ ଟିମ୍ କହିଥିଲେ ଯେ ସମଗ୍ର ମାର୍ଗରେ ଭୂସ୍ଖଳନ ଜୋନ୍ ଆଦୌ ନାହିଁ। କଠୋର ଚଟାଣ ଅଛି । ବୁଗ୍ୟାଲୋଁ ଉପରେ ଓ ତଳେ ରାସ୍ତା ନିର୍ମାଣ କରାଯାଇ ପାରିବ । ଅନେକ ସ୍ଥାନରେ ଭୂଜଳ ନିର୍ଗତ ହେଉଛି, ଯାହାର ଉପାୟ ବାହାରି ପାରିବ ।

# ରୁଷ୍‌ରେ ବିମାନ ଦୁର୍ଘଟଣାଗ୍ରସ୍ତ; ୪୯ ମୃତ



ମସ୍କୋ : ରୁଷିଆର ଅମୁର ଅଞ୍ଚଳରେ ଅଙ୍ଗାରା ଏୟାରଲାଇନ୍ସର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୪୯ ଜଣ ଯାତ୍ରୀ ଥିଲେ। ରୁଷିଆ ସେନା ଭଗ୍ନାବଶେଷ ପାଇଛି, ଯାହା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। କିଛି ଘଣ୍ଟା ପୂର୍ବରୁ ଏହି ବିମାନ ରାଡାରରୁ ଗାଏବ ହୋଇଯାଇଥିଲା। ବିମାନ ଦୁର୍ଘଟଣାରେ ସମସ୍ତ ୪୯ ଜଣଙ୍କର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ଘ-୨୪ କୋଡ ସହିତ ପରିଚାଳିତ ଏହି ବିମାନରେ ୫ ଜଣ ପିଲା ସମେତ ୪୩ ଜଣ ଯାତ୍ରୀ ଥିଲେ। ସେହି ସମୟରେ ବିମାନରେ ୬ ଜଣ କ୍ରୁ ସଦସ୍ୟ ମଧ୍ୟ ଥିଲେ। ବିମାନଟି ଟିଣ୍ଡା ବିମାନବନ୍ଦରରେ ଅବତରଣ କରିବାର ଥିଲା, କିନ୍ତୁ ପ୍ରଥମ ପ୍ରୟାସରେ ଏହା ସଫଳ ହୋଇନଥିଲା, ତା'ପରେ ପାଇଲଟ ପୁଣି ଥରେ ଅବତରଣ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ବିମାନଟି ୧୫ କିଲୋମିଟର ଦୂରରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନର ଭଗ୍ନାବଶେଷ ଏକ ଜଙ୍ଗଲରେ ମିଳିଛି। ଦୁଇ ମାସ ପୂର୍ବେ ଅଙ୍ଗାରା ଏୟାରଲାଇନ୍ସର ବିମାନ ଇଘ-୨୪ ରେ ରନୱେରେ ନିଆଁ ଲାଗିଥିଲା। କିରେନସ୍କରେ ବିମାନଟି ଅବତରଣ କରିବା ମାତ୍ରେ ଏହାର ନାକ ଭାଙ୍ଗିଗଲା, ଯାହା ଫଳରେ ବିମାନଟିରେ ନିଆଁ ଲାଗିଗଲା। ତଥାପି, ସେତେବେଳେ କୌଣସି ମୃତାହତ ହୋଇ ନ ଥିଲା। ଜୁଲାଇ ୨୦୨୩ରେ, ଇଘ-୨୪ ସିରିଜର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେହି ସମୟରେ ବିମାନରେ ୩୭ ଜଣ ଯାତ୍ରୀ ଥିଲେ। ଅଙ୍ଗାରା ଏୟାର-ଲାଇନ୍ସ ଇଷ୍ଟଲ୍ୟାଣ୍ଡ ଗ୍ରୁପର ଏକ ସହାୟକ କମ୍ପାନୀ। ଏହା ୨୦୦୦ରେ ପ୍ରତିଷ୍ଠିତ ହୋଇଥିଲା। ଏହା ରୁଷିଆ ଏବଂ ସାଇବେରିଆରେ ଘରୋଇ ବିମାନ ପାଇଁ ଅଗ୍ରଣୀ ବିମାନ କମ୍ପାନୀ। ଅଙ୍ଗାରା ଘରୋଇ ବିମାନ ସହିତ ଚାର୍ଟର ବିମାନ ମଧ୍ୟ ପରିଚାଳନା କରେ।

# ଚଳିତ ବର୍ଷ ଏପର୍ଯ୍ୟନ୍ତ ୧୮୩ଟି ବିମାନରେ ଦେଖାଦେଇଛି ଯାନ୍ତ୍ରିକ ତ୍ରୁଟି




ନୂଆଦିଲ୍ଲୀ: ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ପରେ ବିମାନରେ ଯାନ୍ତ୍ରିକ ତ୍ରୁଟି ନେଇ ଅନେକ ଖବର ସାମ୍ନାକୁ ଆସିଛି । ଫଳରେ ବିମାନ ଉଡ଼ାଣ ମଧ୍ୟ ବାତିଲ କରିବାକୁ ପଡୁଛି । ଚଳିତ ବର୍ଷ ଏପର୍ଯ୍ୟନ୍ତ ୧୮୩ଟି ଯାନ୍ତ୍ରିକ ତ୍ରୁଟି ଘଟଣା ରେକର୍ଡ କରାଯାଇ ସାରିଛି । ସେଥିମଧ୍ୟରୁ ୮୫ଟି ଘଟଣା ସହ ସବୁଠାରୁ ଆଗରେ ରହିଛି ଏୟାର ଇଣ୍ଡିଆ । ଲୋକସଭାରେ ଗୁରୁବାର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ କହିଛନ୍ତି ଯେ, ଇଣ୍ଡିଗୋ ଏବଂ ଆକାସା ଏୟାରଲାଇନ୍ସ ଯଥାକ୍ରମେ ୬୨ ଏବଂ ୨୮ଟି ତ୍ରୁଟି ରିପୋର୍ଟ କରିଛନ୍ତି । ସ୍ପାଇସଜେଟ୍ ୮ଟି ତ୍ରୁଟି ରିପୋର୍ଟ କରିଛି । ଏପରି ତ୍ରୁଟିର କଠୋର ତଦନ୍ତ ଏବଂ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ଆବଶ୍ୟକ। ସେପଟେ ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ ୮୫ ଟି ଯାନ୍ତ୍ରିକ ତ୍ରୁଟି ରିପୋର୍ଟ କରିଛି ।

ଏହି ସମସ୍ତ ସଂଖ୍ୟା ଚଳିତ ବର୍ଷ ୧ ଜାନୁଆରୀ ୨୦୨୫ ରୁ ୨୧ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ରେକର୍ଡ ହୋଇଛି । ଅନ୍ୟପକ୍ଷରେ, ଯଦି ଆମେ ଗତ କିଛି ବର୍ଷର ତଥ୍ୟ ଉପରେ ନଜର ପକାଇବା, ତେବେ ୨୦୨୪ ରେ ରିପୋର୍ଟ ହୋଇଥିବା ଯାନ୍ତ୍ରିକ ତ୍ରୁଟି ସଂଖ୍ୟା ୪୨୧ ଥିଲା, ଯାହା ୨୦୨୩ ରେ ରିପୋର୍ଟ ହୋଇଥିବା ୪୪୮ ତୁଳନାରେ କମ୍ । ୨୦୨୨ ରେ ରିପୋର୍ଟ ହୋଇଥିବା ଯାନ୍ତ୍ରିକ ତ୍ରୁଟି ସଂଖ୍ୟା ୫୨୮ ଥିଲା। ଏହି ତିନି ବର୍ଷର ତଥ୍ୟରେ ଆଲାଏନ୍ସ ଏୟାର ଏବଂ ଭିସ୍ତାରାର ବିମାନ ତ୍ରୁଟି ସଂଖ୍ୟା ମଧ୍ୟ ଅନ୍ତର୍ଭୁ କ୍ତ । ୨୦୨୧ରେ ବିମାନରେ ଯାନ୍ତ୍ରିକ ତ୍ରୁଟି ରିପୋର୍ଟ ସଂଖ୍ୟା ୫୧୪ ଥିଲା। ସେତେବେଳେ ଆକାସା ଏୟାର କାର୍ଯ୍ୟ ଆରମ୍ଭ କରିନଥିଲା ।

ବିମାନ କମ୍ପାନୀ ଦ୍ୱାରା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଏଜିସିଏ)କୁ ରିପୋର୍ଟ କରାଯାଇଥିବା ସମସ୍ତ ତ୍ରୁଟିର ତଦନ୍ତ କରାଯିବା ଆବଶ୍ୟକ । ଯାହା ଦ୍ୱାରା ଉପଯୁକ୍ତ ସଂଶୋଧନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ । ଏକ ଲିଖିତ ଉତ୍ତରରେ, ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ କହିଛନ୍ତି, 'ସମସ୍ତ ତ୍ରୁଟି, ବିଶେଷକରି ପ୍ରମୁଖ ତ୍ରୁଟିଗୁଡ଼ିକର ଶୀଘ୍ର ତଦନ୍ତ କରାଯିବା ଉଚିତ । ଯାହା ଦ୍ୱାରା ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଭବିଷ୍ୟତରେ ଏପରି ଘଟଣାଗୁଡ଼ିକୁ ରୋକିବା ଏବଂ ସମାଧାନକୁ ତ୍ୱରାନ୍ୱିତ କରିବା ପାଇଁ ଡିଏଜିସିଏ ସହିତ ମିଳିତ ପ୍ରୟାସ କରାଯାଉଛି।'

# ଭାରତରେ ଟେକ୍ ନିଯୁକ୍ତି ବନ୍ଦ କରିବାକୁ ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁଗଲ ଓ ମାଇକ୍ରୋସଫ୍ଟ ଭଳି ବଡ଼ ଟେକ୍ କମ୍ପାନୀମାନଙ୍କୁ ଭାରତ ସମେତ ବିଦେଶରେ ନିଯୁକ୍ତି ବନ୍ଦ କରି ଆମେରିକାରେ ଚାକିରି ସୃଷ୍ଟି ଉପରେ ଧ୍ୟାନ ଦେବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ୱାଶିଂଟନରେ ଆୟୋଜିତ ଏକ ଏଆଇ ସମ୍ମିଳନୀରେ ଟ୍ରମ୍ପ କହିଛନ୍ତି, ଆମେରିକୀୟ କମ୍ପାନୀମାନେ ଚୀନରେ କାରଖାନା ନିର୍ମାଣ କରିବା କିମ୍ବା ଭାରତୀୟ ଟେକ୍ କର୍ମୀମାନଙ୍କୁ ଚାକିରି ଦେବା ବଦଳରେ ନିଜ ଦେଶରେ ଚାକିରି ସୁଯୋଗ ସୃଷ୍ଟି କରିବା ଉଚିତ। ଏହି ସମ୍ମିଳନୀରେ ଟ୍ରମ୍ପ ଟେକ୍ ଇଣ୍ଡଷ୍ଟ୍ରିର "ବିଶ୍ୱବାଦୀ ମାନସିକତା"କୁ ସମାଲୋଚନା କରି କହିଛନ୍ତି ଯେ, ଏହି ଦୃଷ୍ଟିକୋଣ ଅନେକ ଆମେରିକୀୟଙ୍କୁ ଅଣଦେଖା କରିଛି। ସେ ଅଭିଯୋଗ କରିଛନ୍ତି ଯେ, କେତେକ ଶୀର୍ଷ ଟେକ୍ କମ୍ପାନୀ ଆମେରିକୀୟ ସ୍ୱାଧୀନତାର ସୁଯୋଗ ନେଇ ଲାଭ ଅର୍ଜନ କରିଛନ୍ତି, କିନ୍ତୁ ବିଦେଶରେ ବିପୁଳ ପରିମାଣରେ ନିବେଶ କରିଛନ୍ତି। ଟ୍ରମ୍ପ କହିଛନ୍ତି, "ରାଷ୍ଟ୍ରପତି ଟ୍ରମ୍ପଙ୍କ ଅଧୀନରେ ଏହି ଦିନଗୁଡ଼ିକ ଶେଷ ହୋଇଛି।" ସେ ଆହୁରି କହିଛନ୍ତି, "ଅନେକ ବଡ଼ ଟେକ୍ କମ୍ପାନୀ ଆମେରିକୀୟ ସ୍ୱାଧୀନତାର ସୁଫଳ ଉଠାଇଛନ୍ତି, କିନ୍ତୁ ଚୀନରେ କାରଖାନା ନିର୍ମାଣ କରିଛନ୍ତି, ଭାରତରେ କର୍ମୀ ନିଯୁକ୍ତ କରିଛନ୍ତି ଏବଂ ଆୟର୍ଲ୍ୟାଣ୍ଡରେ ଲାଭ ଜମା କରିଛନ୍ତି। ଏହା ସହ ସେମାନେ ଆମେରିକାରେ ନିଜ ନାଗରିକଙ୍କୁ ଅଣଦେଖା କରିଛନ୍ତି ଏବଂ ଏପରିକି ସେମାନଙ୍କୁ ସେନସର ମଧ୍ୟ କରିଛନ୍ତି।" ଟ୍ରମ୍ପ ଜୋର ଦେଇ କହିଛନ୍ତି, "ଏଆଇ ପ୍ରତିଯୋଗିତାରେ ଜିତିବା ପାଇଁ ସିଲିକନ ଭ୍ୟାଲିରେ ଦେଶପ୍ରେମ ଓ ଜାତୀୟ ନିଷ୍ଠାର ନୂଆ ଚେତନା ଆବଶ୍ୟକ। ଆମେ ଚାହୁଁଛୁ ଆମେରିକୀୟ ଟେକ୍ କମ୍ପାନୀମାନେ ଆମେରିକାକୁ ପ୍ରାଥମିକତା ଦିଅନ୍ତୁ।" ଏହି ସମ୍ମିଳନୀରେ ଟ୍ରମ୍ପ କୃତ୍ରିମ ବୁଦ୍ଧିମତା (ଏଆଇ) ସମ୍ପର୍କିତ ତିନୋଟି ନୂଆ କାର୍ଯ୍ୟକାରୀ ଆଦେଶରେ ହସ୍ତାକ୍ଷର କରିଛନ୍ତି। ପ୍ରଥମ ଆଦେଶ "ଉଇନିଂ ଦି ରେସ" ନାମରେ ଏକ ଜାତୀୟ ରଣନୀତି ପ୍ରସ୍ତୁତ କରିଛି, ଯାହା ଆମେରିକାକୁ ଏଆଇରେ ବିଶ୍ୱ ନେତା କରିବା ପାଇଁ ଡାଟାସେଣ୍ଟର ନିର୍ମାଣ ତ୍ୱରାନ୍ୱିତ କରିବ ଏବଂ ଏଆଇ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣରେ କମ୍ପାନୀମାନଙ୍କୁ ସହଜତା ପ୍ରଦାନ କରିବ।

# ଅନିଲ ଅମ୍ବାନୀଙ୍କ କମ୍ପାନୀରେ ପଶିଲା ଇଡି

ମୁମ୍ବାଇ : ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ଶିଳ୍ପପତି ଅନିଲ ଅମ୍ବାନୀଙ୍କ ମୁମ୍ବାଇରେ ଥିବା କମ୍ପାନୀଗୁଡ଼ିକ ସହିତ ଜଡିତ ଅନେକ ସ୍ଥାନରେ ଚଢାଉ କରିଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ (ଝଈଓ) ରିଲାଏନ୍ସ କମ୍ୟୁନିକେସନ୍ସ ଏବଂ ଏହାର ପ୍ରମୋଟର-ନିର୍ଦ୍ଦେଶକ ଅନିଲ ଡି ଅମ୍ବାନୀଙ୍କୁ 'ଠକେଇ' ଭାବରେ ବର୍ଗୀକୃତ କରିବାର କିଛି ଦିନ ପରେ ଏହି ଚଢାଉ କରାଯାଇଛି। ଯଦିଓ ଅନିଲ ଅମ୍ବାନୀଙ୍କ ବ୍ୟକ୍ତିଗତ ବାସଭବନରେ ତଲାସୀ ଅଭିଯାନ କରାଯାଇ ନ ଥିଲା, ଦିଲ୍ଲୀ ଏବଂ ମୁମ୍ବାଇର ଇଡି ଦଳଗୁଡ଼ିକ ତାଙ୍କ ଗୋଷ୍ଠୀ କମ୍ପାନୀଗୁଡ଼ିକ ସହିତ ଜଡିତ କିଛି ପରିସର ପରିଦର୍ଶନ କରିଥିଲେ। ତଦନ୍ତ ଜଇଇଏଇ (ରିଲାଏନ୍ସ ଅନିଲ ଅମ୍ବାନୀ ଗ୍ରୁପ) କମ୍ପାନୀଗୁଡ଼ିକ ଦ୍ୱାରା କଥିତ ମନି ଲଣ୍ଡରିଂ ସହିତ ଜଡିତ। ଇଡି କାର୍ଯ୍ୟାନୁଷ୍ଠାନ ନ୍ୟାଶନାଲ ହାଉସିଂ ବ୍ୟାଙ୍କ, ସିକ୍ୟୁରିଟିଜ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ ଇଣ୍ଡିଆ (ଝରଈଓ), ନ୍ୟାଶନାଲ ଫାଇନାନ୍ସିଆଲ ରିପୋର୍ଟିଂ ଅଥରିଟି (ଘରଜଇ), ବ୍ୟାଙ୍କ ଅଫ ବରୋଦା ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ଉଈଓ) ଦ୍ୱାରା ଦାୟର ଦୁଇଟି ରଓଜ ସମେତ ବହୁ ନିୟାମକ ଏବଂ ଆର୍ଥିକ ସଂସ୍ଥାରୁ ପ୍ରାପ୍ତ ଇନପୁଟ ଉପରେ ଆଧାରିତ।

# ହିନ୍ଦୁ ମନ୍ଦିରକୁ କରାଯାଉଛି ଟାର୍ଗେଟ୍

କାନବେରା/ନୂଆଦିଲ୍ଲୀ : ଅଷ୍ଟ୍ରେଲିଆର ମେଲବୋର୍ଣ୍ଣରେ ଥିବା ଏକ ପ୍ରମୁଖ ହିନ୍ଦୁ ମନ୍ଦିରକୁ ଜାତିଗତ ଘୃଣା ଦ୍ୱାରା ଟାର୍ଗେଟ କରାଯାଇଛି। ଶ୍ରୀ ସ୍ୱାମୀନାରାୟଣ ମନ୍ଦିରର କାନ୍ଥରେ 'ଘରକୁ ଯାଅ' ଏବଂ 'ବ୍ରାଉନ' ଭଳି ଶବ୍ଦ ସହିତ ଘୃଣ୍ୟ ସ୍ଲୋଗାନ ଏବଂ ଅପମାନଜନକ ଶବ୍ଦ ଲେଖାଯାଇଥିଲା। ଏହି ଘଟଣା କେବଳ ହିନ୍ଦୁ ସମ୍ପ୍ରଦାୟ ପାଇଁ ନୁହେଁ ବରଂ ସମଗ୍ର ସମାଜ ପାଇଁ ଏକ ବଡ଼ ଆଘାତ, କାରଣ ଏହା ଜାତିଗତ ଘୃଣାର ସଦ୍ୟତମ ଉଦାହରଣ। ଏହି ଆକ୍ରମଣ ଅଷ୍ଟ୍ରେଲିଆରେ ହିନ୍ଦୁମାନଙ୍କ ପ୍ରତି ବଢୁଥିବା ଘୃଣାକୁ ସାମ୍ନାକୁ ଆଣିଛି।

ପୋଲିସ ନିଶ୍ଚିତ କରିଛି ଯେ ଏହି ଘଟଣା ଜୁଲାଇ ୨୧ରେ ମେଲବୋର୍ଣ୍ଣର ବୋରୋନିଆ ଅଞ୍ଚଳରେ ଘଟିଥିଲା। ମନ୍ଦିର ବ୍ୟତୀତ, ନିକଟସ୍ଥ ଦୁଇଟି ଏସୀୟ ରେଷ୍ଟୁରାଣ୍ଟର କାନ୍ଥରେ ମଧ୍ୟ ସମାନ ଜାତିଗତ ସ୍ଲୋଗାନ ଲେଖାଯାଇଥିଲା। ଏହି ଆକ୍ରମଣ ଏକକାଳୀନ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଏବଂ କ୍ରୋଧ ସୃଷ୍ଟି କରିଛି। ପୋଲିସ କହିଛି ଯେ ବୋରୋନିଆ ଏବଂ ବେସୱାଟରରେ ଏପରି ଚାରୋଟି ଘଟଣାର ତଦନ୍ତ କରାଯାଉଛି।

ଅଷ୍ଟ୍ରେଲିଆର ହିନ୍ଦୁ ପରିଷଦର ଭିକ୍ଟୋରିଆ ଚାପ୍ଟରର ସଭାପତି ମକରନ୍ଦ ଭାଗବତ ଏହି ଘଟଣା ଉପରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି, 'ଆମର ମନ୍ଦିର ଶାନ୍ତି, ଭକ୍ତି ଏବଂ ଏକତାର ପ୍ରତୀକ। ଘୃଣ୍ୟ ଶବ୍ଦରେ ଏହାକୁ ଅପବିତ୍ର କରିବା ଅତ୍ୟନ୍ତ ଦୁଃଖଦ। ଏହା ଆମର ବିଶ୍ୱାସ ଏବଂ ସଂସ୍କୃତି ଉପରେ ଆକ୍ରମଣ।'


ଭିକ୍ଟୋରିଆର ପ୍ରିମିୟର ଜାସିଣ୍ଟା ଆଲାନ ମଧ୍ୟ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି। ସେ ଏହାକୁ 'ଘୃଣ୍ୟ ଏବଂ ଗଭୀର ଭାବରେ ବିଚଳିତ କରିବା' ବୋଲି ବର୍ଣ୍ଣନା କରିଛନ୍ତି।ତାଙ୍କ ବିବୃତ୍ତିରେ ସେ କହିଛନ୍ତି, 'ଏହା କେବଳ ଭଙ୍ଗାରୁଜା ନୁହେଁ, ବରଂ ଏକ ଜାଣିଶୁଣି ଜାତିଗତ ଆକ୍ରମଣ ଥିଲା। ଏହାର ଉଦ୍ଦେଶ୍ୟ ଭୟ ପ୍ରସାର କରିବା ଏବଂ ଲୋକଙ୍କୁ ଅଲଗା କରିବା ଥିଲା। ଭିକ୍ଟୋରିଆରେ ଏପରି ଘୃଣାର କୌଣସି ସ୍ଥାନ ନାହିଁ।'

# ନିର୍ବାଚନ ବର୍ଜନ କରିବାକୁ ଧମକ ଦେଲେ ତେଜସ୍ୱୀ ଯାଦବ



ନୂଆଦିଲ୍ଲୀ : ବିରୋଧୀ ଦଳ ବିହାରରେ ଚାଲିଥିବା ଝଓଜକୁ ଦୃଢ଼ ବିରୋଧ କରୁଛି। ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଚଳିତ ବର୍ଷ ବିହାରରେ ହେବାକୁ ଥିବା ବିଧାନସଭା ନିର୍ବାଚନ ବର୍ଜନ ଘୋଷଣା କରିଛନ୍ତି। ତେଜସ୍ୱୀ ଯାଦବ ଗଣମାଧ୍ୟମକୁ କହିଛନ୍ତି, ଆମେ ନିର୍ବାଚନ ବର୍ଜନ ଉପରେ ଆଲୋଚନା କରିବୁ। ଏହି ବିକଳ୍ପ ଆମ ପାଇଁ ଖୋଲା ଅଛି। ଝଓଜ ସମ୍ପର୍କରେ ତେଜସ୍ୱୀ ଯାଦବ କହିଛନ୍ତି,ଯେତେବେଳେ ସବୁକିଛି ସ୍ଥିର ହୋଇସାରିଛି ଯେ ବେଇମାନୀ ଖୋଲାଖୋଲି ଭାବରେ କରିବାକୁ ପଡିବ।ଲକ୍ଷ ଲକ୍ଷ ଲୋକଙ୍କ ନାମ ଭୋଟର ତାଲିକାରୁ ବାଦ ଦେବାକୁ ପଡିବ ଏବଂ ଏହି ଲକ୍ଷ ଲକ୍ଷ ଭୋଟର ଯେଉଁମାନେ ମୋଦି ଜିଙ୍କୁ ଭୋଟ ଦେଇଥିଲେ, ଅନେକ ସରକାରକୁ ନିର୍ବାଚିତ କରିଥିଲେ, ସେତେବେଳେ ଏହା ଠିକ ଥିଲା, ଏବେ ହଠାତ୍ ବେଇମାନୀ କେଉଁଠି ଭୁଲ ହେଲା ? ଏହି ପ୍ରଶ୍ନ ପଚରାଯାଉଛି। ସରକାରଙ୍କ ଲୋକମାନେ ଆଜି ନିଜେ କହୁଥିଲେ, ଆମେ ଠକେଇ ଦ୍ୱାରା ନିର୍ବାଚିତ ହୋଇଛୁ ଏବଂ ପୁଣି ଠକେଇ ଦ୍ୱାରା ନିର୍ବାଚିତ ହେବୁ, ତେଣୁ ଯେତେବେଳେ ଆମକୁ ବେଇମାନୀ କରିବାକୁ ପଡିବ, ସେତେବେଳେ ଆମେ ନିର୍ବାଚନ ବର୍ଜନ କରିବାକୁ ବିଚାର କରିପାରିବା। ଏକ ପ୍ରଶ୍ନରେ, ଜଔଉ ନେତା କହିଛନ୍ତି, ଆମେ ସମସ୍ତ ଦଳର (ମହାଗଠବନ୍ଧନର) ଲୋକଙ୍କ ସହ କଥା ହେବୁ। ଯଦି ଜନତା ଭୋଟ ନ ଦିଅନ୍ତି ତେବେ ଗଣତନ୍ତ୍ରର ଅର୍ଥ କ'ଣ ? ସେ କହିଛନ୍ତି, ଯଦି ଆପଣ ଲୋକମାନେ ଚଣ୍ଡିଗଡ଼ ଭଳି କାମ କରନ୍ତି... ତେବେ ଏହାର ଅର୍ଥ କ'ଣ ହେବ ? ତେଣୁ ଆମେ ଏହାକୁ ଗମ୍ଭୀରତାର ସହିତ ନେଇ ନିର୍ବାଚନ ବର୍ଜନ କରିବା ବିଷୟରେ ଆଲୋଚନା କରିବୁ। ଏହି ବିକଳ୍ପ ଆମ ପାଇଁ ଖୋଲା ଅଛି।

# ରାଜଦ୍ରୋହ ଅଭିଯୋଗରେ ଗିରଫ ହେଲେ ପୂର୍ବତନ ମୁଖ୍ୟ ବିଚାରପତି



ଢାକା : ପୂର୍ବତନ ବାଂଲାଦେଶ ବିଚାରପତି ଏବିଏମ ଖୈରୁଲ ହକଙ୍କୁ ଢାକା ପୋଲିସ ଗିରଫ କରିଛି। ହକଙ୍କ ବିରୋଧରେ ଦେଶଦ୍ରୋହ ସମେତ ତିନୋଟି ଅପରାଧିକ ମାମଲାରେ ମାମଲା ରୁଜୁ ହୋଇଛି। ସେ ୨୦୧୦ ରୁ ୨୦୧୧ ମଧ୍ୟରେ ବାଂଲାଦେଶର ୧୯ତମ ମୁଖ୍ୟ ବିଚାରପତି ଥିଲେ। ଖୈରୁଲ ହକ ବିଶେଷ ଭାବରେ ୨୦୧୧ରେ 'ଯତ୍ନଶୀଳ ବା କେୟାର ଟେକର ସରକାର' ବ୍ୟବସ୍ଥାକୁ ଅସାମ୍ବିଧାନିକ ଘୋଷଣା କରିଥିବା ନିଷ୍ପତ୍ତି ପାଇଁ ଜଣାଶୁଣା। ତାଙ୍କୁ ଡିଟେକ୍ଟିଭ ବ୍ରାଞ୍ଚ (ଡିବି) ଦଳ ଢାକାର ଧାନମୋଣ୍ଡିସ୍ଥିତ ତାଙ୍କ ଘରୁ ଗିରଫ କରିଛି। ଢାକା ମେଟ୍ରୋପଲିଟାନ ପୋଲିସ ଡେପୁଟି କମିଶନର ତାଲେବୁର ରହମାନ କହିଛନ୍ତି ଯେ ହକଙ୍କ ବିରୋଧରେ ତିନୋଟି ମାମଲା ରୁଜୁ ହୋଇଛି ଏବଂ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଚାଲିଛି। ତାଙ୍କୁ ଅତି କମରେ ଗୋଟିଏ ମାମଲାରେ ଗିରଫ ଦେଖାଇବା ପରେ ତାଙ୍କୁ କୋର୍ଟରେ ହାଜର କରାଯିବାର ସମ୍ଭାବନା ରହିଛି। ତାଙ୍କ ବିରୋଧରେ ଏହି ମାମଲାଗୁଡ଼ିକ ଅଗଷ୍ଟ ୨୦୨୪ରେ ଆରମ୍ଭ ହୋଇଥିଲା, ଯେତେବେଳେ ହିଂସାତ୍ମକ ପ୍ରତିବାଦ ଦ୍ୱାରା ଛାତ୍ର ଭେଦଭାବ ବିରୁଦ୍ଧରେ (ଏସଏଡି) ନାମକ ଏକ ଆନ୍ଦୋଳନ ଦ୍ୱାରା ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ସରକାରକୁ କ୍ଷମତାରୁ ବହିଷ୍କାର କରାଯାଇଥିଲା। ଖୈରୁଲ ହକ ସେତେବେଳେ ଆଇନ କମିଶନର ଅଧ୍ୟକ୍ଷ ଥିଲେ ଏବଂ ଅଗଷ୍ଟ ୧୩ ତାରିଖରେ ଇସ୍ତଫା ଦେଇଥିଲେ। ସେ ଶେଖ ହାସିନା ସରକାର ସମୟରେ ତାଙ୍କ ପଦବୀରେ କାର୍ଯ୍ୟ କରୁଥିଲେ। ହକଙ୍କ ବିରୋଧରେ ପ୍ରଥମ ମାମଲା ଢାକାରେ ପଞ୍ଜିକୃତ ହୋଇଥିଲା, ଯେଉଁଥିରେ ତାଙ୍କ ଉପରେ ଠକେଇ ଏବଂ ଜାଲିଆତି ଅଭିଯୋଗ ରହିଛି। କୁହାଯାଏ ଯେ ସେ ତ୍ରୟୋଦଶ ସମ୍ବିଧାନ ସଂଶୋଧନ (ଯତ୍ନଶୀଳ ସରକାର ବ୍ୟବସ୍ଥା)କୁ ଅସାମ୍ବିଧାନିକ ଘୋଷଣା କରି ଗୁପ୍ତ ଭାବରେ ନିଷ୍ପତ୍ତି ପରିବର୍ତ୍ତନ କରିଥିଲେ। ଗୋଟିଏ ସପ୍ତାହ ପରେ, ସମାନ ପ୍ରସଙ୍ଗରେ ନାରାୟଣଗଞ୍ଜରେ ହକ ବିରୋଧରେ ଆଉ ଏକ ମାମଲା ପଞ୍ଜିକୃତ ହୋଇଥିଲା। ତୃତୀୟ ମାମଲା ମଧ୍ୟ ଅଗଷ୍ଟ ମାସରେ ଅନ୍ୟ ଜଣେ ଓକିଲଙ୍କ ଦ୍ୱାରା ଢାକାରେ ପଞ୍ଜିକୃତ ହୋଇଥିଲା, ଯେଉଁଥିରେ ତାଙ୍କ ଉପରେ ଦୁର୍ନୀତି ଏବଂ ଭୁଲ ନିଷ୍ପତ୍ତି ଦେବାର ଅଭିଯୋଗ ରହିଛି।

cmyk cmyk cmyk

# ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଶିଶୁ ସୁରକ୍ଷା ଓ କଲ୍ୟାଣ ତଦାରଖ

## ସବୁ ବିଭାଗର ସମ୍ମିଳିତ ଉଦ୍ୟମରେ ଶିଶୁ ସୁରକ୍ଷା ଓ ଯତ୍ନକୁ ଗୁରୁତ୍ୱ

ଭୁବନେଶ୍ୱର : ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଗୁରୁବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଶିଶୁ ସୁରକ୍ଷା ଓ କଲ୍ୟାଣ ତଦାରଖ ତଥା ସମୀକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିଶୁ ସୁରକ୍ଷା କ୍ଷେତ୍ରରେ ଓଡ଼ିଶାରେ ରହିଥିବା ବିଭିନ୍ନ ସରକାରୀ ବ୍ୟବସ୍ଥା, କାର୍ଯ୍ୟ କରୁଥିବା ବେସରକାରୀ ସଂସ୍ଥା, ଅନୁଷ୍ଠାନ, ସୂଚନା ଶିକ୍ଷା ଓ ଯୋଗାଯୋଗ ବ୍ୟବସ୍ଥା ଏବଂ ସମର୍ଥନ ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଓଡିଶାରେ କେନ୍ଦ୍ର ସରକାରଙ୍କ ମିଶନ ବାତ୍ସଲ୍ୟ ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ମହିଳା ଓ ଶିଶୁ ବିକାଶ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ସଂସ୍ଥାଗତ ବ୍ୟବସ୍ଥା ବିଷୟରେ ବିଶଦ୍ ଉପସ୍ଥାପନ କରିଥିଲେ।

କେନ୍ଦ୍ରସ୍ତରୀୟ ମିଶନ ବାତ୍ସଲ୍ୟ ଅନୁମୋଦନ ପରିଷଦ ଓ ମିଶନ ବାତ୍ସଲ୍ୟ କେନ୍ଦ୍ରୀୟ ପ୍ରକଳ୍ପ ତଦାରଖ ୟୁନିଟ୍, ରାଜ୍ୟ ସ୍ତରରେ ରାଜ୍ୟ ଶିଶୁ ସୁରକ୍ଷା ସମିତି, ରାଜ୍ୟ ପୋଷ୍ୟ ସନ୍ତାନ ସମ୍ବଳ ସଂସ୍ଥା(ସାରା), ସେବା ପ୍ରଦାନ କ୍ଷେତ୍ରରେ ରାଜ୍ୟ ସ୍ତରୀୟ ତଦାରଖ କମିଟି, ରାଜ୍ୟ, ଜିଲ୍ଲା ଏବଂ ଗ୍ରାମ ଓ ପଞ୍ଚାୟତ ସ୍ତରରେ ତ୍ରିସ୍ତରୀୟ ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟି ଆଦି କାର୍ଯ୍ୟ କରୁଛି। ରାଜ୍ୟରେ ୩୦ଟି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ), ୩୧ଟି ଶିଶୁ କଲ୍ୟାଣ କମିଟି(ସିଡବ୍ଲୁସି), ୩୪ଟି ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ, ୩୬ଟି ସ୍ୱତନ୍ତ୍ର ଜୁଭେନାଇଲ ପୁଲିସ୍ ୟୁନିଟ୍, ୨୨୦ ଟି ଶିଶୁ ଯତ୍ନ ଅନୁଷ୍ଠାନ(ସିସିଆଇ) କାର୍ଯ୍ୟ କରୁଛି। ରାଜ୍ୟରେ ୮୧୫୦ ଶିଶୁମାନଙ୍କୁ ସଂସ୍ଥାଗତ ବ୍ୟବସ୍ଥାରେ ଏବଂ ୬୩୧୭ ଶିଶୁଙ୍କୁ ଅଣ ସଂସ୍ଥାଗତ ବ୍ୟବସ୍ଥାରେ ଯତ୍ନ ନିଆଯାଉଛି।

ଜନସଚେତନତା, ବ୍ୟବସ୍ଥାରେ ଉନ୍ନତି ଏବଂ ସଂସ୍ଥାଗତ ସୁଦୃଢୀକରଣ ପାଇଁ ବିଗତ ୩ ବର୍ଷ ମଧ୍ୟରେ ଦେଶ ମଧ୍ୟରେ ପୋଷ୍ୟ ସନ୍ତାନ ଗ୍ରହଣ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇଛି। ପ୍ରତ୍ୟେକ ବର୍ଷ ପୁଅ ଅପେକ୍ଷା ଝିଅ ପୋଷ୍ୟ ସନ୍ତାନ ସଂଖ୍ୟା ବଢୁଛି। ୧୬୦ ଟି ଶିଶୁ ଗୃହ, ୩୩ଟି ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା, ୧୨ଟି ମୁକ୍ତ ଆଶ୍ରୟ ଗୃହ, ୭ ଟି ପର୍ଯ୍ୟବେକ୍ଷଣ ଗୃହ ଓ ୭ଟି ସ୍ୱତନ୍ତ୍ର ଗୃହ ବ୍ୟବସ୍ଥା ରହିଛି।

ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ୮୧୫୦ ଶିଶୁମାନଙ୍କ ମଧ୍ୟରୁ ୯୮ ପ୍ରତିଶତ ଶିଶୁଙ୍କର ଆଧାର ପଞ୍ଜୀକରଣ ହୋଇପାରିଛି, ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ୬୭୨ ପିଲାମାନେ ବୈଷୟିକ ଶିକ୍ଷାରେ ନାମ ଲେଖାଇଛନ୍ତି। ୨୬୪ଟି ବିଭିନ୍ନ ପ୍ରଶିକ୍ଷଣରେ ୮୧୩୦ ଜଣ ତାଲିମ୍ ନେଇଛନ୍ତି। ବିଭିନ୍ନ କ୍ଷେତ୍ରରେ ୨୧୧ ଜଣ ନିଯୁକ୍ତି ପାଇଥିବା ବେଳେ ୭୯ ଜଣ ଆତ୍ମ ନିଯୁକ୍ତି ପାଇପାରିଛନ୍ତି। ଅନୁଷ୍ଠାନ ଛାଡୁଥିବା ପିଲାମାନଙ୍କୁ ବିବାହକାଳୀନ ସହାୟତା ପ୍ରଦାନ କରାଯାଉଛି। ୪୧ଟି ଶିଶୁ ସହାୟତା ୟୁନିଟ୍ /ହେଲ୍ପ ଡେସ୍କ ଓ ରାଜ୍ୟ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକରୁଛି। ହିତାଧିକାରୀ ପିଲାମାନମାନଙ୍କୁ ଆଶୀର୍ବାଦ ଯୋଜନା ଅଧିନରେ ଆର୍ଥିକ ସହାୟତା ଦିଆଯାଉଛି। ପାରିବାରଭିତିକ ଯତ୍ନକୁ ସୁଦୃଢ କରିବା ନିମନ୍ତେ ପୋଷ୍ୟ ସନ୍ତାନ ଗ୍ରହଣ ରଣନୀତି ପ୍ରସ୍ତୁତ କରାଯିବା ଉଦ୍ଦେଶ୍ୟରେ ଗତ ମଇ ମାସରେ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

ଆଘାତପ୍ରାପ୍ତ ଶିଶୁମାନଙ୍କୁ ମାନସିକ ଚିକିତ୍ସା ଓ ଯତ୍ନ, ଇ-ଶିକ୍ଷା ସାହାଯ୍ୟରେ ସ୍ମାର୍ଟ ଶିକ୍ଷା ବ୍ୟବସ୍ଥା, ବାଳ ଅପରାଧ ମାମଲାର ଶୁଣାଣି ପାଇଁ ଭିଡିଓ କନ୍ଫରେନ୍ସିଂ ବ୍ୟବସ୍ଥା, ଆଶୀର୍ବାଦ ଯୋଜନା ଅଧିନରେ ଶିକ୍ଷା ଜାରି ରଖିବା ପାଇଁ ଶିଶୁମାନଙ୍କୁ ମାସିକ ଆର୍ଥିକ ସହାୟତା, କ୍ରୀଡା ଓ ସଂସ୍କୃତି କ୍ଷେତ୍ରରେ ଶିଶୁମାନଙ୍କୁ ପ୍ରୋତ୍ସାହନ ଯୋଗାଇବା ଉଦ୍ଦେଶ୍ୟରେ ଯଥାକ୍ରମେ ରାଜ୍ୟସ୍ତରୀୟ ମହକ ଓ ଉତ୍ସାହ କାର୍ଯ୍ୟକ୍ରମ, ଶିଶୁ ଯତ୍ନ ଅନୁଷ୍ଠାନ ଗୁଡ଼ିକରେ ଯୋଗାଭ୍ୟାସ ଆଦି ଉତ୍ତମ ବ୍ୟବସ୍ଥା ରହିଥିବା ସଂପର୍କରେ ଆଲୋଚନା କରାଯାଇଥିଲା। ଆହୁରି ମଧ୍ୟ ବିଶ୍ୱ ଦକ୍ଷତା କେନ୍ଦ୍ରର ପରିଦର୍ଶନ ବ୍ୟବସ୍ଥା ଓ ପିଲାମାନଙ୍କ ପାଇଁ ପ୍ରଶିକ୍ଷଣର ସୁଯୋଗ ପ୍ରଦାନ କରିବା ସହ ପର୍ଯ୍ୟବେକ୍ଷଣ ଗୃହରେ ଧନ୍ଦାମୂଳକ ତାଲିମ ପ୍ରଦାନ କରାଯାଉଛି। ଶିଶୁ ସୁରକ୍ଷା ସଂପର୍କିତ ସହାୟତା ଓ ଅଭିଯୋଗର ତ୍ୱରିତ ବ୍ୟବସ୍ଥା ପାଇଁ ଚାଇଲ୍ଡ ହେଲ୍ପଲାଇନ୍(୧୦୯୮), ମହିଳା ହେଲ୍ପ ଲାଇନ୍ (୧୮୧) ଏବଂ ଜରୁରୀ କାଳୀନ ସହାୟତା (୧୧୨)କୁ ସମନ୍ୱିତ କରାଯାଇଛି।

ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଶିଶୁ କଲ୍ୟାଣ କମିଟିର ସହଭାଗିତାରେ ରାଜ୍ୟର ସମସ୍ତ ଜିଲ୍ଲାରେ ଚାଇଲ୍ଡ ହେଲ୍ପଲାଇନ୍-୧୦୯୮, ସଫଳତାର ସହ କାର୍ଯ୍ୟକାରୀ କରାଯାଉଥିବା ସମ୍ପର୍କରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ତଥ୍ୟ ଉପସ୍ଥାପନ କରିଥିଲେ। ଯଶୋଦା ଯୋଜନା ଅଧିନରେ ପ୍ରତି ୪ ବର୍ଷରେ ଥରେ ଅର୍ଫାନ ସର୍ବେକ୍ଷଣ କରାଯାଉଛି। 'ଆମରି ଶିଶୁ ପୋର୍ଟାଲ' କାର୍ଯ୍ୟକାରୀ କରି ଶିଶୁ ପୋଷଣ ଓ ସୁରକ୍ଷା ସହ ଜଡ଼ିତ ସମସ୍ତ ତଥ୍ୟକୁ ଅଦ୍ୟତନ କରାଯାଉଛି। ଅଦ୍ୟାବଧି ୫୧ ହଜାରରୁ ଊର୍ଦ୍ଧ୍ୱ ଶିଶୁମାନଙ୍କୁ ଆଶୀର୍ବାଦ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ବିଭିନ୍ନ ପ୍ରକାର ସୁବିଧା ଓ ସହାୟତା ପ୍ରଦାନ କରାଯାଉଥିବା ସଂପର୍କରେ ବିଭାଗୀୟ ପ୍ରମଖ ଶାସନ ସଚିବ ଶ୍ରୀମତୀ ଶର୍ମା ପ୍ରକାଶ କରିଥିଲେ। ରେଳ ଷ୍ଟେସନ ଓ ବସ୍ ଷ୍ଟାଣ୍ଡରେ ଶିଶୁ ସହାୟତା କେନ୍ଦ୍ର ଖୋଲାଯିବା ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା।

ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ସବୁ ବିଭାଗର ମିଳିତ ପ୍ରୟାସରେ ଶିଶୁ ସୁରକ୍ଷା ଓ ଯତ୍ନର ଆନୁଷ୍ଠାନିକ ଓ ଅଣ ଆନୁଷ୍ଠାନିକ ବ୍ୟବସ୍ଥାକୁ ସୁଦୃଢ କରିବାକୁ ଗୁରୁତ୍ୱ ଦେଇଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ସହିତ, ଶିକ୍ଷା, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ, ପଂଚାୟତିରାଜ, ଗୃହ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଆଦି ସଂପୃକ୍ତ ବିଭାଗମାନେ ଏ ଦିଗରେ ସମ୍ମିଳିତ ପ୍ରୟାସ ଓ ସହଯୋଗ କରି ଶିଶୁ ସୁରକ୍ଷା ଓ ଯତ୍ନ କ୍ଷେତ୍ରରେ ଅଧିକ ଉନ୍ନତି ଆଣିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ। ଜିଲ୍ଲାସ୍ତରୀୟ ତଦାରଖ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା, ଶିଶୁ ସୁରକ୍ଷା ଭଳି ପ୍ରସଙ୍ଗରେ ଜିଲ୍ଲାସ୍ତରରେ କାର୍ଯ୍ୟ କରୁଥିବା ଶିଶୁ ସୁରକ୍ଷା ଅନୁଷ୍ଠାନମାନେ ଅଧିକ ତତ୍ପରତା ଓ ଗୁରୁତ୍ୱ ଦେଇ କାର୍ଯ୍ୟକରିବାକୁ ମୁଖ୍ୟ ଶାସନ ସଚିବ ଆହୁଜା ପ୍ରକାଶ କରିଥିଲେ।

ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଯୋଗଦେଇ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନେ ଜିଲ୍ଲା ଗସ୍ତ ସମୟରେ ବିଦ୍ୟାଳୟ ଓ ଶିଶୁ ଯତ୍ନ ଅନୁଷ୍ଠାନମାନଙ୍କୁ ପରିଦର୍ଶନ କରିବାକୁ ପରାମର୍ଶ ଦେଇଛନ୍ତି। ଅନୁଷ୍ଠିତ ବୈଠକରେ ସମ୍ପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଓ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ପାରିବାରିକ କଳହକୁ ନେଇ ବାପା ପୁଅଙ୍କ ମଧ୍ୟରେ କଳି



ବ୍ରହ୍ମପୁର(ପିପିଏସ୍): ପାରିବାରିକ କଳହକୁ କେନ୍ଦ୍ରକରି ବାପା ଭିତରପଟୁ ପୁଅ ବାହାରପଟୁ ତାଲା ପକାଇବା ଘଟଣା ଆଜି ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ଖବରପାଇ ଟାଉନ୍ ଥାନା ପୁଲିସ୍ ପହଞ୍ଚି ପୁଅକୁ ଡାକି ବାହାରପଟେ ପଡିଥିବା ତାଲା ଖୋଲିଛି। ଏଭଳି ଏକ ଘଟଣା ଘଟିଛି ଗାନ୍ଧୀନଗର ଚତୁର୍ଥ ଲାଇନ୍‌ରେ। ବାପା ପ୍ରକାଶ କୋଠିଆ ଓ ପୁଅ ଦୀପକ କୋଠିଆଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହିଛି। ଗୃହ ସମ୍ପତିକୁ ନେଇ ଦୁହେଁଙ୍କ ମଧ୍ୟରେ ଦୀର୍ଘଦିନଧରି ବିବାଦ ଲାଗି ରହିଛି। ବାପା ପ୍ରକାଶଙ୍କ ଅଭିଯୋଗ ପ୍ରକାରେ ପୁଅ ଦୀପକ ତାଙ୍କ ଘରକୁ ଆସିଲେ ତାଙ୍କୁ ମାର୍‌ପିଟ କରିବା ସହ ପାଟିତୁଣ୍ଡ କରୁଛି। ସେଥିପାଇଁ ଆଜି ଘରକୁ ସକାଳୁ ଆସି ପଶିବାକୁ ଚେଷ୍ଟା କରିବା ବେଳେ ବାପା ପ୍ରକାଶ ଭିତରପଟୁ ତାଲା ପକାଇ ଦେଇଥିଲେ। ପୁଅ ଏହା ଦେଖି ଉତ୍ୟକ୍ତ ହୋଇ ବାହାରପଟୁ ତାଲା ପକାଇଥିଲା। ବାପା ବାହାରକୁ ଆସି ଦେଖିବା ବେଳେ ବାହାରପଟୁ ତାଲା ପକାଇବା ଦେଖି ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ଟାଉନ୍ ଥାନାର ହାବିଲଦାର ସତ୍ୟନାରାୟଣ ରଥ ଓ ଅନ୍ୟ କର୍ମଚାରୀମାନେ ପହଞ୍ଚି ପୁଅକୁ ଡାକିଥିଲେ। ପୁଅ ଆସି ତାଲା ଖୋଲିଥିଲା। ସୂଚନାଥାଉକି, ପୁଅ ଦୀପକ ରାୟଗଡାରେ ଯନ୍ତ୍ରୀ ଭାବେ କାମ କରନ୍ତି। ଦୀପକଙ୍କ କହିବା ପ୍ରକାରେ, ତାଙ୍କ ସ୍ତ୍ରୀକୁ ବାପା ବିଭିନ୍ନ ସମୟରେ ଯୌତୁକ ମାଗିଥିଲେ। ସେ ନଦେଇ ପାରିବାରୁ ମୋତେ ଓ ମୋ ସ୍ତ୍ରୀକୁ ଘରୁ ବାହାର କରିଦେଲେ ବୋଲି ଦୀପକ କହୁଛନ୍ତି। ଏଭଳି ଦୁହେଁଙ୍କ ମଧ୍ୟରେ ବାଦ ବିବାଦକୁ ନେଇ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଭଦ୍ରକ ଜିଲା କଂଗ୍ରେସ କମିଟି ପକ୍ଷରୁ ଛାତ୍ରୀ ସୌମ୍ୟାଶ୍ରୀଙ୍କ ପାଇଁ ନିରବ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି




ଭଦ୍ରକ, (ପିପିଏସ୍):ଏଫ ଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ପାଇଁ ଆଜି ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ରେ ନିରବ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମୋକିତ ଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ନେତା ରାଧାକାନ୍ତ ସାମଲ, ଦେବେନ୍ଦ୍ର ମହାନ୍ତି, ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା,ପୂର୍ବତନ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି,,ପୀତବାସ ଧଳ,ପଦ୍ମୁନ ଦାସ, ରବି ମହାପାତ୍ର ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ମାନେ ଯୋଗ ଦେଇ ସୌମ୍ୟାଶ୍ରୀଙ୍କ ପ୍ରତି ହୋଇଥିବା ଅନ୍ୟାୟ, ଅତ୍ୟାଚାରକୁ ତୀବ୍ର ନିନ୍ଦା କରିବା ସହ ତାଙ୍କୁ ନ୍ୟାୟ ଦେବାରେ ସରକାର ସମ୍ପୂର୍ଣ ବିଫଳ ହୋଇଛି କ୍ଷକ୍ଷ ତାଙ୍କ ମୃତ୍ୟୁ ପାଇଁ ଯେଉଁ ମାନେ ଦାୟି ସେହି ଆସାମୀ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରଦ୍ଧାଞ୍ଜଳି ସଭାରେ ନେତା ମାନେ ଦୃଢ ଦାବୀ କରିଥିଲେ।

ସେହିପରି ଦିନକୁ ଦିନ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ନାରୀ ମାନଙ୍କ ଉପରେ ହେଉଥିବା ଅକଥନୀୟ ଅତ୍ୟାଚାର, ଧର୍ଷଣ ଓ ବଳାତ୍କାର ଘଟଣାକୁ ନେଇ ନେତା ମାନେ ପରୋକ୍ଷ ରେ ରାଜ୍ୟ ସରକାରଙ୍କୁ ଦାୟୀ କରିବା ସହ କଂଗ୍ରେସ ଦଳ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥାକୁ ଜୋରଦାର କରିବ ବୋଲି ନେତା ମାନେ ବକ୍ତବ୍ୟ ଦେଇଥିଲେ। ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭା ପ୍ରାରମ୍ଭରେ ମୃତ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଫୋଟଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ଦଳୀୟ କର୍ମୀମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ନାରୀନେତ୍ରୀ ହସିନା ବେଗମ,ଅବଦୁଲ ସଲାମ, ମନୋରଞ୍ଜନ ଦାସ, ବିଜୟ ବାରିକ,ସୁଶାନ୍ତ ଦାସ, ରବି ନାରାୟଣ ଜେନା, ଧରିତ୍ରୀ ଜେନା,ଯୁବ ନେତା ଫୟାଜ, ବବଲୁ ପ୍ରମୁଖ ଯୋଗ ଦେଇଥିଲେ।

# ବିଡିଏର ବହୁ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

ବ୍ରହ୍ମପୁର(ପିପିଏସ୍): ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଅଧିନରେ ହେଉଥିବା ସହରର ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିବା ସହ ସମୀକ୍ଷା କରିଛନ୍ତି ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର। ଗୁରୁବାର ସକାଳେ ବିଡିଏ ଉପାଧକ୍ଷ ତଥା ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ବିଡିଏ ସଚିବ ରମେଶ ହାଂସଦା, ସିଟି ଇଞ୍ଜିନିୟର ମନୋଜ ପାତ୍ର, ବିଧାୟକ ପ୍ରତିନିଧି ଅଶୋକ ଶୁକ୍ଳଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ କର୍ପୋରେସନ୍ ରୋଡ୍‌ରେ ଚାଲିଥିବା ଗଞ୍ଜାମ ହାଟ, ଟାଟାବେଞ୍ଚ ଛକରେ ଚାଲିଥିବା ମିଶନ୍ ଶକ୍ତି ଗୃହ, ପୁରୁଣା ବସ୍‌ଷ୍ଟାଣ୍ଡ ମଲ୍ଟି ପାର୍କିଂସ୍ଥଳ, ଲାଇବ୍ରେରୀ ଆଦି ସ୍ଥାନ ବୁଲି ଦେଖି ସମୟସୀମା ଭିତରେ ଏହାର କାର୍ଯ୍ୟ ସାରିବାକୁ ଠିକାଦାର ଓ ବିଡିଏ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ



ଦେଇଥିଲେ। ସହରକୁ ସରସ ସୁନ୍ଦର କିରବା ପାଇଁ ରାଜ୍ୟ ସରକାର ନେଇଥିବା ପଦକ୍ଷେପକୁ ଗୁରୁତର ସହ ନେଇ ଅଧିକାରୀମାନେ କାର୍ଯ୍ୟ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ବିଭାଗ ସହିତ ସମନ୍ୱୟ ରକ୍ଷାକରି ସହରର ବିକାଶ ପାଇଁ କାର୍ଯ୍ୟ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ।

# ଉପମୁଖ୍ୟମନ୍ତ୍ରୀଙ୍କ ନିଖୋଜ ପୋଷ୍ଟରକୁ ନେଇ ବିଜେପିର ଗୋପ ଥାନାରେ ଏତଲା

ଗୋପ (ପିପିଏସ): ପୁରୀ ଜିଲ୍ଲା ଗୋପରେ ଲାଗିଲା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିଖୋଜ ପୋଷ୍ଟର ଗୋପ ବିଜେପି ତରଫରୁ ଗୋପ ଥାନାରେ ଅଭିଯୋଗ। ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତ୍ରିରେ ଦୃବୃତମାନେ ଉପ ମୁଖ୍ୟମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ତଥା ଗୋପ, କୁସୁପୁର, ନିମାପଡା ଏବଂ ବଳଙ୍ଗା ଅଞ୍ଚଳର ତାଙ୍କର ନିଖୋଜ ଥିବା ପୋଷ୍ଟର ମାରି ସର୍ବସାଧାରଣରେ (ନିଖୋଜ, କେଉଁଠି ଲୁଚିଛି ଅପା, ତୁମକୁ ଖୋଜଛି ନିମାପଡା) ଲେଖି ନିନ୍ଦିତ କରିବା ପାଇଁ ପ୍ରୟାସ କରିଛନ୍ତି ବୋଲି ବିଜେପି ତରଫରୁ ଅଭିଯୋଗ ହୋଇଛି। ଏହି ପୋଷ୍ଟର ବିଭିନ୍ନ ସ୍ଥାନରେ ଲଗାଇଥିବା ଘଟଣାର



ବିଜେପି ଗୋପ ମଣ୍ଡଳ ତରଫରୁ ଗୋପ ଥାନା ଅଧିକାରୀ ପ୍ରଶାନ୍ତ ପଡିହାରି ଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏପରି କାର୍ଯ୍ୟ କରିଥିବା ଦୋଷୀଙ୍କ ବିରୁଦ୍ଧରେ ଆଇନ ଗତ କାର୍ଯ୍ୟ କରିବା ପାଇଁ ଗୋପ ବ୍ଲକ ଉପାଧକ ବନରଞ୍ଜନ ପଟନାୟକ, ଜଗତସିଂହପୁର ସାଂସଦପ୍ରତିନିଧି ସୁଶାନ୍ତ ସ୍ୱାଇଁ, ବିଜେପି ବରିଷ୍ଠ ନେତା ଅଶ୍ୱିନୀ ପଟନାୟକ, ଉଲ୍ଲାସ କୁମାର ପ୍ରଧାନ, ରାଜ କିଶୋର ନାୟକ, ସହଦେବ ସେନାପତି, ବିଜୟ ନାୟକ, ଗୋବିନ୍ଦ ପାଢ଼ୀ ସମେତ ଅନେକ ବିଜେପି କର୍ମୀ ଉପସ୍ଥିତ ଥିଲେ।

# କାଗଜ ବିହୀନ ଟିକେଟ୍ ପ୍ରଣାଳୀରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର : ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ କାଗଜବିହୀନ ଟିକେଟ ପ୍ରଣାଳୀ ଗ୍ରହଣରେ ଏକ ଉଲ୍ଲେଖନୀୟ ମାଇଲଖୁଂଟ ହାସଲ କରିଛି ଯାହା ଭାରତୀୟ ରେଳବାଇରେ ଡିଜିଟାଲ୍ ପରିବର୍ତନ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ମୋବାଇଲ୍ ପ୍ଲାଟଫର୍ମରେ ୟୁଟିଏସ ବ୍ୟବହାର କରି, ଯାତ୍ରୀମାନେ ଏବେ ସିଧାସଳଖ ସେମାନଙ୍କ ସ୍ମାର୍ଟ ଫୋନ୍‌ରୁ ଯାତ୍ରା ଟିକେଟ୍, ସିଜନ୍ ଟିକେଟ୍ ଏବଂ ପ୍ଲାଟଫର୍ମ ଟିକେଟ୍ ବୁକ୍ କରୁଛନ୍ତି ଯାହା ଦ୍ୱାରା ଛପା କାଗଜ ଟିକେଟର ଆବଶ୍ୟକତାକୁ ଦୂର କରାଯାଇ ପାରୁଅଛି।

ଯାତ୍ରୀ ସୁବିଧା ଉପରେ ଗୁରୁତ୍ୱ ଦେଇ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୟୁଟିଏସ୍ (ଅଣସଂରକ୍ଷିତ ଟିକେଟିଂ ସିଷ୍ଟମ୍) ମୋବାଇଲ୍ ଆପ୍ଲିକେସନ୍ ବ୍ୟବହାରରେ ଏକ ପ୍ରଭାବଶାଳୀ ବୃଦ୍ଧି ଆଣିପାରିଛି। ଏହି ପଦକ୍ଷେପ କେବଳ ଟିକେଟିଂ ପ୍ରକ୍ରିୟାକୁ ସରଳ କରୁ ନାହିଁ ବରଂ ଡିଜିଟାଲ୍ ଏବଂ ସମ୍ପର୍କହୀନ ସେବାକୁ ପ୍ରୋତ୍ସାହିତ କରିବାର ଭାରତୀୟ ରେଳବାଇର ବ୍ୟାପକ ଲକ୍ଷ୍ୟ ସାଧନ କରିପାରୁଛି। ୨୦୨୪-୨୫ ଆର୍ଥିକ ବର୍ଷରେ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ମୋବାଇଲ୍ ଆପ୍ ଉପରେ ୟୁଟିଏସ ମାଧ୍ୟମରେ ୫,୩୫,୭୦୧ ଟିକିଟ୍ ଜାରି କରିଥିଲା, ଯାହା ୨୨,୪୧,୬୯୦ ରୁ ଅଧିକ ଯାତ୍ରୀଙ୍କୁ ସେବା ଯୋଗାଇଥିଲା ଏବଂ ଏହି ବାବଦରେ ପ୍ରାୟ ୪,୭୬,୬୭,୭୧୦ ଟଙ୍କା ରାଜସ୍ୱ ଆୟ କରିଥିଲା। ଚଳିତ ୨୦୨୫-୨୬ ଆର୍ଥିକ ବର୍ଷ (ଏପ୍ରିଲରୁ ଜୁନ୍) ର ପ୍ରଥମ ତ୍ରୈମାସିକରେ, ରେଳମଣ୍ଡଳ କାହାଜ ବିହୀନ ଅଣ ସଂରକ୍ଷିତ ଟିକେଟ ବାବଦରେ କ୍ରମାଗତ ବୃଦ୍ଧିର ଯଥେଷ୍ଟ ଉନ୍ନତି ଆଣିପାରିଛି : ୨୦୨୪-୨୫ରେ ଜାରି ହୋଇଥିବା ଟିକେଟ ୯୦,୦୦୫ ରୁ ବୃଦ୍ଧି ପାଇ ୨୦୨୫-୨୬ ଆର୍ଥିକ ବର୍ଷରେ ୧,୮୩,୨୫୧ ରେ ପହଂଚିଛି ଯାହା ୧୦୩.୬% ବୃଦ୍ଧି ପାଉଥିବା ଜଣାପଡିଛି।

ଏହି ସମୟ ମଧ୍ୟରେ, ଯାତ୍ରୀ ସଂଖ୍ୟା ୪, ୪୨, ୪୧୩ ରୁ ବୃଦ୍ଧି ପାଇ ୬, ୭୦, ୩୦୨ ରେ ପହଞ୍ଚିଛି, ଯାହା ୫୧.୫% ବୃଦ୍ଧି ପାଇଛି। ସେହିପରି, ରାଜସ୍ୱ ବାବଦରେ ଗତ ଆର୍ଥିକ ବର୍ଷର ପ୍ରଥମ ତିନି ମାସର ଆୟ ୮୫, ୧୭, ୦୨୫ ଟଙ୍କାରୁ ବୃଦ୍ଧି ପାଇଁ ୧, ୫୫, ୪୪, ୮୨୦ ଟଙ୍କା ରେ ପହଂଚିଛି ଯାହାକି ଏହି ବାବଦରେ ୮୨.୫% ରୁ ଅଧିକ ବୃଦ୍ଧିକୁ ପ୍ରତିଫଳିତ କରୁଛି।

୨୦୦ କିଲୋମିଟରରୁ ଅଧିକ ଯାତ୍ରା ପାଇଁ ତିନି ଦିନ ପୂର୍ବରୁ ଅଣସଂରକ୍ଷିତ ଯାତ୍ରା ଟିକେଟ୍ ବୁକ୍ କରିପାରିବେ। ଅର୍ଦ୍ଧ-ବାର୍ଷିକ ଏବଂ ବାର୍ଷିକ ସିଜନ୍ ଟିକେଟ୍ କ୍ରୟ ମଧ୍ୟ କରାଯାଇ ହେବ। ସହଜରେ ପ୍ଲାଟଫର୍ମ ଟିକେଟ୍ ବୁକ୍ କରାଯାଇପାରିବ। ଆପ୍ ଏକାଧିକ ଡିଜିଟାଲ୍ ପେମେଂଟ ପଦ୍ଧତିକୁ ଯଥା ଆଣ୍ଡରଏଡ୍, ଆଇଓଏସ ଏବଂ ଵିଣ୍ଡୋଜ୍ ସ୍ମାର୍ଟ ଫୋନ୍ ସହିତ ସୁସଙ୍ଗତାସମର୍ଥନ କରୁଅଛି। ପେପରଲେସ୍ ଟିକେଟ୍ ବୁକ୍ କରିବା ପାଇଁ ସ୍ମାର୍ଟଫୋନ୍ ଜିପିଏସ୍ -ସକ୍ଷମ ହେବା ଆବଶ୍ୟକ। ବୁକିଂର ଗୋଟିଏ ଘଂଟା ମଧ୍ୟରେ ଯାତ୍ରା ଆରମ୍ଭ ହେବା ଆବଶ୍ୟକ। ପେପରଲେସ୍ ଟିକେଟ୍ ବାତିଲ୍ କରାଯାଇପାରିବ ନାହିଁ, ଯେତେବେଳେ ପ୍ରିଂଟେଡ୍ ଟିକେଟ୍ ପ୍ରିଂଟେଡ୍ ପୂର୍ବରୁ କିମ୍ବା ପରେ କାଉଂଟରରେ ବାତିଲ୍ କରାଯାଇପାରିବ।

# ସହରର ଆଇନ୍‌ଶୃଙ୍ଖଳା ସୁଧାର ପାଇଁ ଏସ୍‌ପିଙ୍କ ସହ ଓକିଲ ସଂଘର ଆଲୋଚନା

ବ୍ରହ୍ମପୁର(ପିପିଏସ୍): ବ୍ରହ୍ମପୁର ପୁଲିସ୍ ଜିଲ୍ଲା ସମେତ ବ୍ରହ୍ମପୁର ସହରରେ ଦିନକୁ ଦିନ ଅପରାଧିମାନେ ଖୁଲାମ ଖୁଲା ଅପରାଧ କରୁଛନ୍ତି। ପୁଲିସ୍‌ର ଢ଼ିଲା ପାଟ୍ରୋଲିଂ ଓ ଅପରାଧ ଘଟାଇବା ପରେ ଅପରାଧିଙ୍କୁ ଚିହ୍ନଟ କରିବାରେ ବିଳମ୍ବ ଯୋଗୁ ଦିନକୁ ଦିନ ସହରରେ ଆଇନଶୃଙ୍ଖଳା ବିଗିଡିବାରେ ଲାଗିଛି। ତେଣୁ ସହରରେ



ଆଇନ୍‌ଶୃଙ୍ଖଳାକୁ ସୁଧାର ଆଣିବା ପାଇଁ ପୁଲିସ୍ ତ୍ୱରିତ ପଦକ୍ଷେପ ନେବାକୁ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ବ୍ରହ୍ମପୁର ଏସ୍‌ପି ଡା.ଶ୍ରବଣା ବିବେକ ଏମ୍‌ଙ୍କୁ ଭେଟି ୩ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଥାଉକି, ସହର ତଥା ସହର ଆଖପାଖ ଅଞ୍ଚଳରେ ବିଶେଷକରି ଗୋବିନ୍ଦ ବିହାର, ବ୍ୟାଙ୍କ କଲୋନୀ ଅଞ୍ଚଳରେ ଅପରାଧିମାନେ ଅପରାଧ ଘଟାଇ ଚାଲିଛନ୍ତି। ଏପରିକି ଲୁଟେରାମାନେ ତାଲା ବନ୍ଦ ଘରୁ ଲୁଟ୍ କରୁଥିବା ବେଳେ ଯାତାୟାତ କରୁଥିବା ବରିଷ୍ଠ ନାଗରିକ ଓ ମହିଳାଙ୍କ ଠାରୁ ସୁନା ଚେନ୍ ଝାମ୍ପି ନେଉଛନ୍ତି ଲୁଟେରା ଗ୍ୟାଙ୍ଗ। ତେଣୁ ଥାନାରେ ଅଭିଯୋଗ ପରେ ଥାନା ବାବୁମାନେ ତ୍ୱରିତ ପଦକ୍ଷେପ ଗ୍ରହଣ କରୁନାହାଁନ୍ତି। ତେଣୁ ଏଥିପ୍ରତି ଦୃଷ୍ଟିଦେଇ ବିହିତ ପଦକ୍ଷେପ ନେବାକୁ ଓକିଲ ସଂଘ ପକ୍ଷରୁ ଏସ୍‌ପିଙ୍କୁ ଅନୁରୋଧ କରାଯାଇଛି। ସେହିଭଳି ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା, ସ୍ୱତନ୍ତ୍ର ପୁଲିସ୍ ଟିମ୍ ଗଠନକରି ଆଇନ୍‌ଶୃଙ୍ଖଳାକୁ ସୁଧାର ଆଣିବା ଆଦି ବିଷୟ ଉପରେ ଆଇନ୍‌ଜୀବୀମାନେ ଏସ୍‌ପିଙ୍କ ସହ ଆଲୋଚନା କରିଥିଲେ। ଓକିଲ ସଂଘ ସମ୍ପାଦକ ଭେଙ୍କେଟ ରାଓ, ଉପସଭାପତି ବି.ତିରୁମଲା ରେଡ୍ଡି, ଯୁଗ୍ମ ସମ୍ପାଦକ ଅସୀତ୍ ସାବତ, ବରିଷ୍ଠ ଆଇନ୍‌ଜୀବୀ କୁନାଲ ସାହୁ, ପ୍ରଦୀପ ବେହେରା, ତାପସ ସାହୁ, ସୂର୍ଯ୍ୟନାରାୟଣ ଚୌଧୁରୀ, ସୁଧିର ମିଶ୍ର, ଶ୍ରୀନିବାସ ରାଓ, ପ୍ରମିତ୍ ରଞ୍ଜନ ମହାପାତ୍ର, ସରୋଜ ଦାସଙ୍କ ସମେତ ବହୁ ଆଇନ୍‌ଜୀବୀ ଉପସ୍ଥିତ ଥିଲେ।


**NOTICE**

It is for information of all concerned that the partnership firm "M/S: **Abhiram Caretaking & Expert Services**" bearing Registration! 338/2012 of district Khurda has been reconstituted w.e.f 01.04.2021 follows:
1. Sri Dipak Kumar Bihara (Managing Partner)
2. Sri Rupak Kumar Bihara (Existing Partner)
3. Smt. Puspita Patra (Incoming Partner)
4. Smt. Souvagini Bihara (Incoming Partner)
5. Smt. Kanchana Bihara (Incoming Partner)

Place:
Date:
**Sri Dipak Kumar Bihara (M/S Abhiram Caretaking & Expert Services**


# ମହିଳାଙ୍କୁ ନ୍ୟାୟଦାବିରେ ରାଜ୍ୟପାଳଙ୍କୁ ଭେଟିଲେ ମିଳିତ ବିରୋଧୀଦଳ

ଭୁବନେଶ୍ୱର : ରାଜ୍ୟପାଳଙ୍କୁ ଭେଟି ମହିଳାଙ୍କୁ ନ୍ୟାୟ ଦାବି କରି ରାଜ୍ୟର ୮ଟି ବିରୋଧୀ ଦଳ ତରଫରୁ ଗୁରୁବାର ଅପରାହ୍ନରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ସ୍ମାରକପତ୍ରରେ ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି। ମହିଳା ବିଚାରପତିଙ୍କ ନେତୃତ୍ୱରେ ଏକ ବିଚାର ବିଭାଗୀୟ ତଦନ୍ତ କମିଶନ ଗଠନ କରାଯାଉ, ଯାହା ମହିଳାଙ୍କ ବିରୁଦ୍ଧରେ ଅପରାଧର କାରଣ ଓ ବ୍ୟବସ୍ଥାଗତ ବିଫଳତା ସମ୍ପର୍କ ରେ ତଦନ୍ତ କରି ୬୦ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପାଇଁ ଦାବି କରାଯାଇଛି।

ଏହାସହ ପୁଲିସ୍ ବ୍ୟବସ୍ଥାରେ ରାଜନୈତିକ ହସ୍ତକ୍ଷେପ ବନ୍ଦ କରିବା ପାଇଁ ମିଳିତ ବିରୋଧୀ ଦଳ ଦାବି କରିଛନ୍ତି। ସଂସ୍ଥାଗତ ସୁଧାର ଆଣିବା ପାଇଁ ଓଡ଼ିଶା ରାଜ୍ୟ ମହିଳା ଆୟୋଗରେ ତୁରନ୍ତ ଅଧ୍ୟକ୍ଷା ନିଯୁକ୍ତି କରିବା ପାଇଁ ଦାବି କରାଯାଇଛି। ଓଡ଼ିଶା ରେ ପଡ଼ି ରହିଥିବା ମହିଳା ସଂପର୍କୀୟ ୧୧,୦୦୦ରୁ ଅଧିକ ଅଭିଯୋଗର ତୁରନ୍ତ ସମାଧାନ କରାଯାଉ। ମହିଳା ପୁଲିସ ଷ୍ଟେସନ ଓ ଟୋଲ-ଫ୍ରି ହେଲପଲାଇନ ଆରମ୍ଭ କରାଯାଉ। ମହିଳାଙ୍କ ବିରୁଦ୍ଧରେ ହେଉଥିବା ଅପରାଧିକ ମାମଲା ୬ ମାସ ସମୟ ସୀମା ମଧ୍ୟରେ ସମାଧାନ କରିବା ପାଇଁ ଦାବି କରାଯାଇଛି। ମହିଳା ଅପରାଧିକ ମାମଲା ରେ ଓଡ଼ିଶାରେ ଦୋଷୀ ସାବ୍ୟସ୍ତ ହାର ୮.୩%ରୁ ବଢ଼ାଇ ଜାତୀୟ ହାର ୨୬.୬% ପର୍ଯ୍ୟନ୍ତ ପହଞ୍ଚିବା ପାଇଁ କୁହା ଯାଇଛି। ମାଦକ ଦ୍ରବ୍ୟ ସେବନ ଜନିତ ଅପରାଧ ରୋକିବା ପାଇଁ ରାଜ୍ୟବ୍ୟାପୀ ସଚେତନତା ଅଭିଯାନ ଓ ସ୍କୁଲ-କଲେଜରେ ଯୌନ ନିର୍ଯାତନା ରୋକିବା ପାଇଁ ନିୟମିତ ସଚେତନ ଏବଂ ତଦାରଖ ବ୍ୟବସ୍ଥା କରାଯାଉ। ସାର୍ବଜନୀନ ସ୍ଥାନରେ ସୁନିଶ୍ଚିତ ବିଦ୍ୟୁତ ବ୍ୟବସ୍ଥା,ସିସିଟିଭି, ପୁଲିସ୍ ପେଟ୍ରୋଲିଂ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଉ। ଜଷ୍ଟିସ ବର୍ମା କମିଟିର ସୁପାରିଶ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରାଯାଉ। ପୁଲିସକୁ ଯୌନ ଅପରାଧ ମାମଲାରେ ସମ୍ବେଦନଶୀଳ ତଦନ୍ତ ପାଇଁ ତାଲିମ ଦିଆଯାଉ। କମ୍ୟୁନିଟି ପୁଲିସ୍ ବ୍ୟବସ୍ଥା ପ୍ରଚଳନ କରିବା ପାଇଁ ଦାବି କରାଯାଇଛି।

ମହିଳାଙ୍କ ବିରୁଦ୍ଧରେ ହିଂସା ରୋକିବା ପାଇଁ କଡ଼ା ଆଇନ ପ୍ରଣୟନ କରାଯାଉ। ମହିଳାଙ୍କୁ ଦକ୍ଷତା ବିକାଶ ଓ ରୋଜଗାର ଯୋଗାଇ ଅର୍ଥନୈତିକ ଭାବେ ସଶକ୍ତ ଏବଂ ସ୍ୱାବଲମ୍ବନ କରାଯାଉ। ପୋଲିସ ଷ୍ଟେସନରେ ଦୁଷ୍କର୍ମ ଏବଂ ଯୌନ ଅପରାଧ ରେକର୍ଡ ପାଇଁ ସ୍ୱତନ୍ତ୍ର ସେଲ୍ ଓ ଅନଲାଇନ ଏଫଆଇଆର ବ୍ୟବସ୍ଥା ଆରମ୍ଭ କରାଯାଉ। ମହିଳାଙ୍କ ବିରୋଧ ରେ ବୃଦ୍ଧି ପାଉଥିବା ସଙ୍ଗୀନ ଅପରାଧ ରୋକିବା ପାଇଁ ସକଳ ସ୍ତରର ଜନସାଧାରଣ, ମହିଳା ସଂଗଠନ,ମହିଳା ଅଧିକାର କର୍ମୀ, ସାମାଜିକ କର୍ମୀ ଓ ପୀଡ଼ିତା ପରିବାରଙ୍କ ସହ ନିୟମିତ ଆଲୋଚନା କରିବା ପାଇଁ ମିଳିତ ବିରୋଧୀ ଦଳ ପକ୍ଷରୁ ଦାବି କରାଯାଇଛି। ଟ୍ରାଫିକିଂ ଏବଂ ବିଭିନ୍ନ ଆବାସିକ ବିଦ୍ୟାଳୟ ରେ ନାବଳିକା ମାନଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ରୋକିବା ପାଇଁ ସୁନିଶ୍ଚିତ ବ୍ୟବସ୍ଥା ସହିତ ଅଭିଯୁକ୍ତ ମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ଶାସ୍ତି ବିଧାନ କରିବା ପାଇଁ ଦାବି କରାଯାଇଛି।

ଏହି ପ୍ରତିନିଧି ଦଳରେ କଂଗ୍ରେସର ରାଜ୍ୟ ସଭାପତି ଭକ୍ତ ଚରଣ ଦାସ,କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପି ସି ସି ରାଜ୍ୟ ସଭାପତି ଜୟଦେବ ଜେନା, ମହିଳା କଂଗ୍ରେସ ରାଜ୍ୟ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି,ସିପିଆଇ ରାଜ୍ୟ ସହ ସମ୍ପାଦକ ଡାକ୍ତର ପ୍ରଶାନ୍ତ କୁମାର ମିଶ୍ର, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ସିପିଆଇ(ଏମ) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପଣିଗ୍ରାହୀ, ସିପିଆଇ(ଏମଏଲ)-ଲିବେରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏନସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଏସପି ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ବାରିକ, ଆରଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ଏହି ପ୍ରତିନିଧି ଦଳ ରେ ନେତୃତ୍ୱ ନେଇଥିଲେ।



କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

**ସୂଚନା**

[illegible]

ସ୍ୱାକ୍ଷର: ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)

CAD-1251 OIPR- 13037/11/0327/2526



# ଚତୁର୍ଥ ଟେଷ୍ଟ: ଯଶସ୍ୱୀ, ସୁଦର୍ଶନଙ୍କ ଅର୍ଦ୍ଧଶତକ; ଭାରତ ୩୫୪/୯

## ଭାରତ ଲଗାତର ୧୪ଥର ଟସ୍ ହାରିଲା



ମାଞ୍ଚେଷ୍ଟର: ବୁଧବାରଠାରୁ ଓଲ୍ଡ ଟ୍ରାଫୋର୍ଡରେ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫି ଶୃଙ୍ଖଳାର ଚତୁର୍ଥ ଟେଷ୍ଟ ଆରମ୍ଭ ହୋଇଛି। ପୂରା ଶୃଙ୍ଖଳା ପରି ଏହି ମ୍ୟାଚ୍ ରେ ପ୍ରଥମ ଦିନ ବେଶ୍ ସଂଘର୍ଷପୂର୍ଣ୍ଣ ମୁକାବିଲା ଦେଖିବାକୁ ମିଳିଛି। ଉଭୟ ଦଳ ପ୍ରଥମ ଦିନରେ ସମ୍ମାନ ଭାଗ କରିଛନ୍ତି । ଦୁଇ ଯୁବ ବ୍ୟାଟ୍ସମ୍ୟାନ୍ ଯଶସ୍ୱୀ ଜୟସୱାଲ ଓ ସାଇ ସୁଦର୍ଶନଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମଦିନରେ ଭାରତ ପ୍ରଥମ ଇନିଂସରେ ୪ ୱିକେଟ୍ ହରାଇ ୨୬୪ ରନ୍ କରିପାରିଛି। ଋଷଭ ପନ୍ତ ରିଟାୟର୍ଡ ହର୍ଟ ହୋଇ ଫେରି ଯାଇଛନ୍ତି। ଶୃଙ୍ଖଳାରେ ଘରୋଇ ଇଂଲଣ୍ଡ ୨-୧ରେ ଆଗୁଆ ଥିବାରୁ ଏହି ମ୍ୟାଚ୍ ଭାରତ ପାଇଁ ଏହି ମ୍ୟାଚ୍ 'କର ବା ମର' ହୋଇଯାଇଛି। ମେଘୁଆ ପାଗ ଦେଖି ଘରୋଇ ଇଂଲଣ୍ଡ ଟସ୍ ଜିତି ଫିଲ୍ଡିଂ କରିଥିଲା । ଦୁଇ ଭାରତୀୟ ଓପନର କେ.ଏଲ୍ ରାହୁଲ ଓ ଯଶସ୍ୱୀ ଜୟସଖଲ ସତର୍କତାର ସହ ଇନିଂସ ଆରମ୍ଭକରିଥିଲେ। ଆକ୍ରମଣାତ୍ମକ ବ୍ୟାଟିଂ ପାଇଁ ଖ୍ୟାତ ବାମହାତୀ ଯଶସ୍ୱୀ ଜଗିରଖି ଖେଳିଥିଲେ। ତେବେ ଫର୍ମରେ ଥିବା କେ ଏଲ ରାହୁଲ ଦୁର୍ବଳ ବଲ୍‌ରେ ଷ୍ଟ୍ରୋକ୍ ଖେଳିଥିଲେ। ଭୋଜନ ବିରତି ପୂର୍ବରୁ ଭାରତ କୌଣସି ୱିକେଟ୍ ନ ହରାଇ ୭୮ ରନ୍ କରିଥିଲା। ଏକ ଦଶନ୍ଧି ପରେ ଇଂଲଣ୍ଡ ମାଟିରେ ପ୍ରଥମ ଓପନିଂ ଯୋଡ଼ି ଭାବେ ରାହୁଲ ଓ ଯଶସ୍ୱୀ ପ୍ରଥମ ଅଧିବେଶନରେ ଅପରାଜିତ ରହିଥିଲେ। ବିରତି ପରେ ଇଂଲଣ୍ଡକୁ ପ୍ରଥମ ସଫଳତା ମିଳିଥିଲା। କ୍ରିସ୍ ୱିକ୍‌ସଙ୍କ ଆଉଟ୍ ସ୍ୱିଙ୍ଗରକୁ ଖେଳି ସ୍ଲିପ୍‌ରେ କ୍ୟାଚ୍ ଦେଇଥିଲେ ରାହୁଲ। ୯୮ ବଲ୍‌ରୁ ରାହୁଲ ୪ଟି ଚୌକା ସହ ୪୬ ରନ୍ ଦେଇଥିଲେ। ପରେ ଯଶସ୍ୱୀ ଜୟଓ୍ୱାଲ ଓ ସାଇ ସୁଦର୍ଶନ ଧୀରେ ସୁସ୍ଥ ଖେଳି ଇନିଂସକୁ ଆଗେଇ ନେଇଥିଲେ।

ତେବେ ୨୯୨୯ ଦିନ ପରେ ଟେଷ୍ଟମ୍ୟାଚ୍‌ରେ ବୋଲିଂ କରିଥିବା ବାମହାତି ସ୍ପିନର ଲିଆମ୍ ଡସନ୍ ଘରୋଇ ଇଂଲଣ୍ଡକୁ ୨ୟ ସଫଳତା ଦେଇଥିଲେ। ଯଶସ୍ୱୀ ଜୟସଓ୍ୱାଲ ସ୍ଲିପ୍‌ରେ କ୍ୟାଚ୍ ଦେବା ପୂର୍ବରୁ ୧୦୭ ବଲ୍‌ରୁ ଗୋଟିଏ ଛକା ଓ ୧୦ଟି ଚୌକା ସହ ୫୮ ରନ୍ କରିଥିଲେ। ଦୀର୍ଘ ୮ ବର୍ଷ ପରେ ଡସନ୍ ଟେଷ୍ଟ ୱିକେଟ୍ ହାସଲ କରିଥିଲେ। ଅଧିନାୟକ ଶୁଭମନ ଗିଲ୍ ବେଶି ସମୟ ରହି ପାରିନଥିଲେ। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍‌ସଙ୍କ ଇନ୍‌ସିଙ୍ଗରକୁ ଛାଡ଼ିବା ପ୍ରୟାସରେ ଗିଲ୍ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ୨୩ ବଲ୍‌ରୁ ଗିଲ୍ ୧୨ ରନ୍ କରିଥିଲେ। ଋଷଭ ପନ୍ତ କିଛି ଅଣପାରମ୍ପରିକ ସଟ୍ ଖେଳିଥିଲେ। ଏହିପରି ସଟ୍ ପନ୍ତଙ୍କ ପାଇଁ କାଳ ହୋଇଥିଲା। କ୍ରିସ୍ ୱିକ୍‌ସଙ୍କ ବଲ୍ କୁ ରିଭର୍ସ ସ୍କ୍ରିପ୍ ମାରିବା ପ୍ରୟାସରେ ପନ୍ତଙ୍କ ପାଦରେ ବଲ୍ ବାଜିଥିଲା। ଫଳରେ ପନ୍ତ ରିଟାୟର୍ଡ ହର୍ଟ ହୋଇ ଫେରି ଯାଇଥିଲେ। ତାଙ୍କ ପାଦ ତୁରନ୍ତ ଫୁଲି ଯାଇଥିଲା। ଋଷଭ ପନ୍ତ ୪୮ ବଲ୍‌ରୁ ଗୋଟିଏ ଛକା ଓ ୨ଟି ଚୌକା ସହ ୩୭ରନ୍ କରିଛନ୍ତି। ମାତ୍ର ୨୦ ରନ୍ କରିଥିବା ବେଳେ ଜୀବନଦାନ ପାଇଥିବା ସାଇ ସୁଦର୍ଶନ ଅଦ୍ଧଶତକ ହାସଲ ପରେ ୱିକେଟ୍ ଫିଙ୍ଗିଥିଲେ। ବେନ୍ ଷ୍ଟୋକ୍‌ସଙ୍କ ବାଉନ୍ସକୁ ପୁଲ୍ ମାରି ବାମହାତି ସୁଦର୍ଶନ ଲଲେଟ୍‌ରେ କ୍ୟାଚ୍ ଦେଇଥିଲେ। କରୁଣ ନାୟାରଙ୍କ ସ୍ଥାନରେ ଖେଳୁଥିବା ସୁଦର୍ଶନ ୧୫୧ ବଲ୍‌ରୁ ୭ଟି ଚୌକା ସହ ୬୧ ରନ୍ କରିଥିଲେ। ଷ୍ଟମ୍ପ୍ ଅପସାରଣ ବେଳକୁ ଦୁଇ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡ଼େଜା ଓ ସାଳ ଠାକୁର ୧୯ ରନ୍ ଲେଖାଏଁ କରି ଅପରାଜିତ ଅଛନ୍ତି। ଡେନ୍ ଷ୍ଟୋକ୍‌ସ ୨ଟି ୱିକେଟ୍ ନେଇଛନ୍ତି।

ଅଧିନାୟକ ଶୁବମନ୍ ଗିଲ୍ (୧୨) ପୁଣି ଥରେ ବିଫଳ ହୋଇଥିଲେ ମଧ୍ୟ ମାଞ୍ଚେଷ୍ଟର୍ ଟେଷ୍ଟ୍‌ରେ ଭାରତୀୟ ଶୀର୍ଷକ୍ରମ ଲଢୁଆ ବ୍ୟାଟିଂ କରିଛି। ପ୍ରତିକୂଳ ପରିବେଶ ଓ ମେଘାଚ୍ଛନ୍ନ ପାଗରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇବାର ଚାପକୁ ଦୁଇ ଓପନର୍ କେଏଲ୍ ରାହୁଲ (୪୬) ଓ ଯଶସ୍ୱୀ ଜୟସ୍ୱାଲ (୫୮) ସଫଳତାର ସହ ପ୍ରତିହତ କରିବା ପରେ ସାଇ ସୁଦର୍ଶନ (୬୧)ଙ୍କ ପ୍ରଥମ ଅର୍ଦ୍ଧଶତକ ବଳରେ ଟିମ୍ ଇଣ୍ଡିଆ ପ୍ରଥମ ଦିନରେ ୪ ୱିକେଟ୍ ହରାଇ ୨୬୪ ରନ୍ କରି ନେଇଛି। ଉପଅଧିନାୟକ ଋଷଭ ପନ୍ତ ଆହତ ହେବା କିନ୍ତୁ ଦଳର ଚିନ୍ତା ବଢ଼ାଇଛି। ରାହୁଲ-ଜୟସ୍ୱାଲ ମଧ୍ୟାହ୍ନଭୋଜନ ବିରତି ପର୍ଯ୍ୟନ୍ତ ଅପୂର୍ବ ଏକାଗ୍ରତାର ପରିଚୟ ଦେବାରୁ ଭାରତ ବିନା କ୍ଷତିରେ ୭୮ ରନ୍ କରିନେଇଥିଲା। ଏହି କାରଣରୁ ଇଂଲଣ୍ଡ ଉପରେ ପାଲଟା ଚାପ ସୃଷ୍ଟି ହୋଇଥିଲା। ବିରତି ପରେ କିନ୍ତୁ ଘରୋଇ ଦଳ ଅଚାନକ ଫର୍ମକୁ ଫେରିଥିଲା। ଅର୍ଦ୍ଧଶତକର ୪ ରନ୍ ପୂର୍ବରୁ ରାହୁଲଙ୍କୁ କ୍ରିସ୍ ଓକ୍ସ ଆଉଟ୍ କରି ଇଂଲଣ୍ଡକୁ ପ୍ରଥମ ସଫଳତା ଉପହାର ଦେଇଥିଲେ। ୯୪ ରନ୍‌ର ଦଳୀୟ ସ୍କୋରରେ ରାହୁଲ-ଜୟସ୍ୱାଲ ଅଲଗା ହୋଇଥିଲେ। ଜୟସ୍ୱାଲ ଅବଶ୍ୟ ଧୈର୍ଯ୍ୟର ସହ ଖେଳି ନିଜ ଦ୍ୱାଦଶ ଏବଂ ଇଂଲଣ୍ଡ ବିପକ୍ଷରେ ପଞ୍ଚମ ଅର୍ଦ୍ଧଶତକ ପୂରଣ କରିଥିଲେ।

ସ୍ପିନର ଲିଆମ ଡ'ସନ୍ ଅର୍ଦ୍ଧଶତକର ଠିକ୍ ୮ ରନ୍ ପରେ ତାଙ୍କୁ ଆଉଟ୍ କରିବା ଇଂଲଣ୍ଡକୁ ଉତ୍ସାହିତ କରିଥିଲା। ମାତ୍ର ୨୦ ରନ୍ ପରେ ଗିଲ୍ ପ୍ରତିପକ୍ଷ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ଇନ୍ ସୁଇଂ ବଲ୍‌କୁ ସଟ୍ ପ୍ରଦାନ ନକରି ଏଲବିଡ୍‌ଲ୍ୟୁ ହେବା ଭାରତୀୟ ପ୍ରଶଂସକଙ୍କୁ କିନ୍ତୁ ନିରାଶ କରିଥିଲା। ଦ୍ୱିତୀୟ ଅଧିବେଶନରେ ଇଂଲଣ୍ଡ ୭୧ ରନ୍ ଖର୍ଚ୍ଚ କରି ୩ ୱିକେଟ୍ ଅକ୍ତିଆର କରିଥିଲା। ତୃତୀୟ ତଥା ଶେଷ ଅଧିବେଶନର ପ୍ରଥମ ୪୫ ମିନିଟ୍‌ରେ ସୁଦର୍ଶନଙ୍କ ଲଢୁଆ ଖେଳ ଏବଂ ପନ୍ତଙ୍କ ପ୍ରତିଆକ୍ରମଣ ଆକର୍ଷଣ ପାଲଟିଥିଲା। ତେବେ ୬୮ତମ ଓଭରର କ୍ରିସ୍ ଓକ୍ସଙ୍କ ୟର୍କର ଲେନ୍ଥ ବଲ୍‌କୁ ରିଭର୍ସ ସୁଇପ୍ କରିବାକୁଯାଇ ପନ୍ତ ଆହତ ଅବସର ହେବା ଭାରତ ପାଇଁ ବଡ଼ ଝଟ୍‌କା ଥିଲା। ଏହା ପୂର୍ବରୁ ସୁଦର୍ଶନ ଓ ପନ୍ତ ଚତୁର୍ଥ ୱିକେଟ୍‌ରେ ଯୋଡ଼ିଥିବା ୭୨ ରନ୍ ଟିମ୍ ଇଣ୍ଡିଆ ପାଇଁ ଦ୍ୱିତୀୟ ସର୍ବାଧିକ ଭାଗୀଦାରି ଥିଲା। ପନ୍ତ ପଡ଼ିଆ ଛାଡ଼ିବାକୁ ବାଧ୍ୟ ହେବା ପରେ ସୁଦର୍ଶନ ଓ ରବୀନ୍ଦ୍ର ଜାଡ଼େଜା ଭାରତୀୟ ପାଳିକୁ ଆଗେଇ ନେବାକୁ ଚେଷ୍ଟା କରିଥିଲେ। ହେଲେ ଷ୍ଟୋକ୍ସ କୌଳକ୍ରମେ ସୁଦର୍ଶନଙ୍କୁ ଶିକାର କରି ଭାରତ ପାଇଁ ସବୁଠୁ ବଡ଼ ଅଡୁଆ ଭାବେ ଉଭା ହୋଇଥିଲେ।

ଅଧିନାୟକ ବଦଳିଲେ, ହେଲେ ଟସ୍‌ରେ ଭାରତୀୟ କ୍ରିକେଟ୍‌ର ଭାଗ୍ୟ ବଦଳିଲାନି। ରୋହିତ ଶର୍ମାଙ୍କ ଅମଳରୁ ଯେଉଁ ଧାରା ଆରମ୍ଭ ହୋଇଥିଲା ଗିଲ୍‌ଙ୍କ ନେତୃତ୍ୱରେ ସେହି ଧାରା ଲଗି ରହିଛି। ଭାରତୀୟ କ୍ରିକେଟ୍ ଦଳ ବୁଧବାର ସବୁ ଫର୍ମାଟ୍‌କୁ ମିଶାଇ ଲଗାତାର ୧୪ ଟସ୍ ହାରିବାର ଆଲୋଡ଼ା ରେକର୍ଡ କରିଛି। କ୍ରିକେଟ୍‌ରେ ଏଭଳି ସମ୍ଭାବନା ୧୬୩୮୪ରେ ଥରେ ଘଟିଥାଏ। ପୁଣି ଚଳିତ ଆଣ୍ଡରସନ୍-ତେନ୍ଦୁଲକର ଶୃଙ୍ଖଳାରେ ଚାରିଟିରୁ ଚାରିଟି ଟସ୍ ହାରିଛି ଟିମ୍ ଇଣ୍ଡିଆ। ଗିଲ୍ ନିଜ ଅଧିନାୟକତ୍ୱର ୪ ଟେଷ୍ଟ୍ ମଧ୍ୟରୁ ଗୋଟିଏ ହେଲେ ବି ଟସ୍ ଜିତିବାରେ ବିଫଳ ହେବାରୁ ଘରୋଇ ଇଂଲଣ୍ଡ ଫାଇଦାରେ ରହୁଛି। ମେଘାଚ୍ଛନ୍ନ ମାଞ୍ଚେଷ୍ଟର୍ ପାଗର ସଦୁପଯୋଗ କରି ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ କହିଛି। ଏହା ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳ ଲର୍ଡସରେ ଖେଳାଯାଇଥିବା ଏହି ଶୃଙ୍ଖଳାର ତୃତୀୟ ଟସ୍ ହାରିବା ପରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଲଗାତାର ସର୍ବାଧିକ ଟସ୍ ହାରିଥିଲା। ଏହିକ୍ରମରେ ଭାରତୀୟ କ୍ରିକେଟ୍ ଦଳ ୱେଷ୍ଟଇଣ୍ଡିଜ୍‌ର ରେକର୍ଡ ଭାଙ୍ଗିଥିଲା। ଇଣ୍ଡିଜ୍ ୧୯୯୯ ମସିହାରେ ଲଗାତାର ୧୨ ଟସ୍ ହାରିଥିଲା।

କମ୍ବୋଜଙ୍କ ପଦାର୍ପଣ : ଓଲ୍ଡ ଟ୍ରାଫୋର୍ଡ ଟେଷ୍ଟ୍ ପାଇଁ ଅପ୍ରତ୍ୟାଶିତ ଭାବେ ଭାରତୀୟ ଦଳରେ ସାମିଲ ହେବା ସହ ହରିୟାଣାର ୨୪ବର୍ଷୀୟ ଡାହାଣହାତୀ ଦ୍ରୁତ ବୋଲର ଅଂଶୁଲ କମ୍ବୋଜ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ଭାରତ-ଇଂଲଣ୍ଡ ଚତୁର୍ଥ ଟେଷ୍ଟ୍ ଆରମ୍ଭ ହେବା ପୂର୍ବରୁ ତାଙ୍କୁ ଭାରତୀୟ ଟୋପି ପ୍ରଦାନ କରାଯାଇଥିଲା। ୬ ଫୁଟ ୨ ଇଞ୍ଚ ଉଚ୍ଚତା ବିଶିଷ୍ଟ କମ୍ବୋଜ ୨୪ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୭୯ ୱିକେଟ୍ ନେଇଛନ୍ତି। ଗତ ରଣଜୀ ଋତୁରେ ୬ ମ୍ୟାଚ୍‌ରୁ ୩୪ ୱିକେଟ୍ ନେଇଥିଲେ ସେ। କମ୍ବୋଜ ମଧ୍ୟ ୨୦୨୪-୨୫ ଋତୁରେ ଦଲୀପ ଟ୍ରଫିର ସର୍ବାଧିକ ୱିକେଟ୍ ସଂଗ୍ରହକାରୀ ଥିଲେ। ସେ ମଧ୍ୟ ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପରକିଙ୍ଗ୍ସ ପକ୍ଷରୁ ଆଇପିଏଲ୍ ଖେଳିଛନ୍ତି। ୨୦୨୨ରେ ତ୍ରିପୁରା ବିପକ୍ଷରେ ରଣଜୀ କ୍ୟାରିୟର୍ ଆରମ୍ଭ କରିଥିବା କମ୍ବୋଜ ଗତବର୍ଷ ନଭେମ୍ବର ମାସରେ ତୃତୀୟ ଭାରତୀୟ ବୋଲର ଭାବେ କେରଳର ସମସ୍ତ ୧୦ଟି ଯାକ ୱିକେଟ୍ ନେଇ ଚର୍ଚ୍ଚାକୁ ଆସିଥିଲେ। ସିମ୍ ଓ ସୁଇଂ ଦକ୍ଷତା ଲାଗି ତାଙ୍କୁ କିଂବଦନ୍ତି ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ଓ ପୂର୍ବତନ ଅଫ୍‌ସ୍ପିନର ଆର ଅଶ୍ୱିନ ଉଚ୍ଚ ପ୍ରଶଂସା କରିସାରିଛନ୍ତି।





### କ୍ରିକେଟ୍ ମଇଦାନରେ ବାପ-ପୁଅ ଲଢେଇ

# ବାପାଙ୍କ ବଲ୍‌କୁ ଛକା ମାରିଲେ ପୁଅ



ନୂଆଦିଲ୍ଲୀ : କ୍ରିକେଟ ଇତିହାସର ସବୁଠାରୁ ଅନନ୍ୟ ମୁହୂର୍ତ୍ତ ଶପାଗିଜା କ୍ରିକେଟ ଲିଗ ୨୦୨୫ରେ ଦେଖିବାକୁ ମିଳିଥିଲା। ଆଫଗାନିସ୍ତାନର କିମ୍ବଦନ୍ତୀ ଅଲରାଉଣ୍ଡର ମହମ୍ମଦ ନବିଙ୍କୁ ତାଙ୍କ ନିଜ ପୁଅ ହାସନ ଇସାଖିଲ ପ୍ରଥମ ବଲରେ ଏକ ଚମତ୍କାର ଛକା ମାରିଥିଲେ। ଆମୋ ସାର୍କସ ଏବଂ ମିସ ଆଇନକ ନାଇଟ୍ସ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚରେ ଏହି ଦୃଶ୍ୟ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଏବଂ ଏହି ପିତା-ପୁତ୍ରଙ୍କ ସଂଘର୍ଷ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ଜୁଲାଇ ୨୨ରେ ଖେଳାଯାଇଥିବା ମ୍ୟାଚରେ, ଆମୋ ସାର୍କସ ଏବଂ ମିସ ଆଇନକ ନାଇଟ୍ସ ଦଳ ମୁହାଁମୁହିଁ ହୋଇଥିଲେ। ମହମ୍ମଦ ନବି ମିସ ଆଇନକ ପାଇଁ ବୋଲିଂ କରିବାକୁ ଆସିଥିଲେ, ସେତେବେଳେ ତାଙ୍କ ନିଜ ପୁଅ ହାସନ ଇସାଖିଲ ତାଙ୍କ ସମ୍ମୁଖରେ ବ୍ୟାଟିଂ କରୁଥିଲେ। ନବିଙ୍କ ପ୍ରଥମ ବଲରେ ହାସନ ଲଙ୍ଗ ଅନ ଉପରେ ଏକ ଚମତ୍କାର ଛକା ମାରିଥିଲେ ଏବଂ ତା'ପରେ ତାଙ୍କୁ ଟିକିଏ ହସୁଥିବାର ଦେଖାଯାଇଥିଲା। ମହମ୍ମଦ ନବିଙ୍କ ସେହି ଓଭରରେ ମୋଟ ୧୨ ରନ ହୋଇଥିଲା, ଯାହା ଯୋଗୁ ଅଧିନାୟକ ତାଙ୍କୁ ତୁରନ୍ତ ବୋଲିଂରୁ ହଟାଇ ଦେଇଥିଲେ।

ହାସନ ଏଠାରେ ରୋକି ନ ଥିଲେ। ସେ ଉତ୍କୃଷ୍ଟ ବ୍ୟାଟିଂ ପ୍ରଦର୍ଶନ କଲେ ଏବଂ ୩୬ ବଲରେ ୫୨ ରନର ଏକ ଧମାକାଦାର ଇନିଂସ ଖେଳିଲେ। ଏଥିରେ ୫ ଚୌକା ଏବଂ ୨ ଚମତ୍କାର ଛକା ଅନ୍ତର୍ଭୁକ୍ତ ଥିଲା। ପିତାଙ୍କ ବୋଲିଂକୁ ନଷ୍ଟ କରି, ପୁଅ ସ୍ପଷ୍ଟ କରିଦେଲେ ଯେ, ଏବେ ନୂତନ ପିଢ଼ି ପ୍ରସ୍ତୁତ ଏବଂ ତାହା ମଧ୍ୟ ଏକ ଦୃଢ଼ ଶୈଳୀରେ। ଛକା ମାରିବା ପରେ ମହମ୍ମଦ ନବିଙ୍କ ମୁହଁ ସେତେବେଳେ ଦେଖିବା ଯୋଗ୍ୟ ଥିଲା। ତାଙ୍କ ମୁହଁରେ ଏକ ହାଲୁକା ହସ ଏବଂ ଟିକେ ଆଶ୍ଚର୍ଯ୍ୟ ସ୍ପଷ୍ଟ ଭାବରେ ଦେଖାଯାଉଥିଲା।

ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପ୍ରଶଂସକମାନେ ଏହାକୁ କ୍ରିକେଟର ଏକ ଐତିହାସିକ ବୋଲି କହୁଛନ୍ତି। ଯେଉଁଠାରେ ପୁଅ ପଡ଼ିଆରେ ତାଙ୍କ ବାପାଙ୍କ ସହ ପ୍ରତିଯୋଗିତା କରେ ଏବଂ ଖେଳକୁ ନୂତନ ଉଚ୍ଚତାକୁ ନେଇଯାଏ।

ହାସନ ଇସାଖୀଲ ୨୮ ଜୁଲାଇ ୨୦୦୬ରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ଡାହାଣହାତୀ ଆକ୍ରମଣାତ୍ମକ ବ୍ୟାଟସମ୍ୟାନ ଯିଏ ଆଫଗାନିସ୍ତାନ ଯୁ-୧୯, ଆମୋ ସାର୍କସ ଏବଂ ସ୍ପିଙ୍ଗର ଟାଇଗର ଭଳି ଦଳ ପାଇଁ ଖେଳନ୍ତି। କମ ବୟସରେ, ସେ ତାଙ୍କର କୌଶଳ, ସ୍ୱଭାବ ଏବଂ ପାଓ୍ୱାର-ହିଟିଂ ପାଇଁ ନିଜ ପାଇଁ ଏକ ନାଁ ସୃଷ୍ଟି କରିଛନ୍ତି।

# ଇଂଲଣ୍ଡରେ ଭାରତୀୟ ମହିଳାଙ୍କ ଯୁଗଳ ଧମାକା




ଲଣ୍ଡନ: ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ସେଠାରେ ଯୁଗଳ ଧମାକା କରିଛି। ଘରୋଇ ଦଳ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାକୁ ୩-୨ରେ ଜିତିଥିବା ଭାରତ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାକୁ ୨-୧ରେ କରାୟତ୍ତ କରିଛି। ଅଧିନାୟକ ହର୍ମନପ୍ରୀତ୍ କୌରଙ୍କ ଶତକ ଏବଂ କ୍ରାନ୍ତି ଗୌଡ଼ଙ୍କ ୬ ୱିକେଟ୍ ସଫଳତା ବଳରେ ଭାରତ ଶେଷ ଦିନିକିଆକୁ ୧୩ ରନ୍‌ରେ ଜିତି ନେଇଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫ ୱିକେଟ୍ ହରାଇ ୩୧୮ ରନ୍ କରିଥିଲା। ହର୍ମନପ୍ରୀତ ୧୦୨ ରନ୍ ପାଳି ଖେଳିଥିଲେ। ଏଥିସହ ସେ ପ୍ରଥମ ଭ୍ରମଣକାରୀ ମହିଳା ବ୍ୟାଟର ଭାବେ ଇଂଲିସ୍ ମାଟିରେ ଶତକ ଅର୍ଜନ କରିବାର ଗୌରବ ଅର୍ଜନ କରିଥିଲେ। ହର୍ମନପ୍ରୀତ ମଧ୍ୟ ଶତକୀୟ ପାଳି ସହ ତୃତୀୟ ଭାରତୀୟ ମହିଳା ଭାବେ ୪୦୦୦ ଦିନିକିଆ ରନ୍ ପୂରଣ କରିଥିଲେ। ତାଙ୍କ ପୂର୍ବରୁ ମିତାଲି ରାଜ ଓ ସ୍ମୃତି ମନ୍ଧାନା ଏହି କ୍ଲବ୍‌ରେ ସାମିଲ ହୋଇଥିଲେ। ହର୍ମନପ୍ରୀତଙ୍କ ବାଦ୍ ଶେଷ ଦିନିକିଆରେ ଜେମିମା ରଡ୍ରିଗ୍ସ ୫୦, ସ୍ମୃତି ମନ୍ଧାନା ୪୫, ହର୍ଲିନ ଦେଓଲ ୪୫ ଏବଂ ରିଚା ଘୋଷ ୩୮ ରନ୍ ଉପଯୋଗ ପାଳି ଖେଳିବାରୁ ଦଳ ୩୦୦ ରନ୍ ପାର କରିଥିଲା। ଜବାବରେ ଇଂଲଣ୍ଡ ଗୋଟିଏ ବଲ୍ ପୂର୍ବରୁ ସମସ୍ତ ୱିକେଟ୍ ହରାଇ ୩୦୫ ରନ୍‌ରେ ଅଟକିଯାଇଥିଲା। ଅଧିନାୟିକା ନାଟ୍ ଶ୍ଚିଭର ବ୍ରଣ୍ଟ ୯୮, ଇମା ଲାମ୍ବ ୬୮, ଏଲିସ ଡେଭିସନ୍-ରିଚାର୍ଡ ୪୪ ରନ୍ କରିଥିଲେ। ହର୍ମନପ୍ରୀତ ମ୍ୟାଚ୍ ଓ ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।


## ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

## ପ୍ରଜାତନ୍ତ୍ର ସାପ୍ତାହିକୀ

୨୧ - ୨୭ ଜୁଲାଇ ୨୦୨୫




### ମୋଦୀ-ମୋହନ-ମନମୋହନ

ମୋଦୀ-ମୋହନ-ମନମୋହନ ବା ୩ ଏମ୍ ହିଁ ଏବେ ଭରସାର କେନ୍ଦ୍ର। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଇତିମଧ୍ୟରେ ୧୧ବର୍ଷ ପୂରଣ କରିଛି ଏନ୍‌ଡିଏ ସରକାର। ଏଠି ଓଡ଼ିଶାରେ ୧ବର୍ଷ ପୂରଣ କରିଛନ୍ତି ମୋହନ। ଆଉ ସଙ୍ଗଠନରେ ମନମୋହନଙ୍କ ଆବିର୍ଭାବ କାର୍ଯ୍ୟକର୍ତ୍ତାଙ୍କ ଭିତରେ ଭରିଛି ଯୋଶ୍। ନୂଆ ସଭାପତିଙ୍କୁ ନେଇ ଚଳଚଞ୍ଚଳ ରାଜ୍ୟ ବିଜେପି କ୍ୟାମ୍ପ୍। ଖୁବ୍‌ଶୀଘ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଏବଂ ବୋର୍ଡ, ନିଗମରେ ନିଯୁକ୍ତି ନେଇ ଲବିରେ ଥିବା ନେତାଙ୍କ ଭିତରେ ବଢ଼ିଛି ଆଶା। ନୂଆ ମୋଡ଼ ନେଇଛି ଓଡ଼ିଶା ରାଜନୀତି।

**ଜାତୀୟ:** ଅପେକ୍ଷା ବ୍ଲଡମନି
**ଅନ୍ତର୍ଜାତୀୟ:** ଏଠି ନକାବ ପିନ୍ଧିବା ମନା
**ବିଶେଷ ପ୍ରସଙ୍ଗ:** କିଏ ସଫଳ
**ନାରୀ:** : ଟ୍ୟାନ୍‌ରୁ ମୁକ୍ତି ଦେବ ମୁଲତାନି ମାଟି
**କ୍ଷୁଦ୍ରଗଳ୍ପ:** ସେଇ ଦିନଟା
**ଚଳଚ୍ଚିତ୍ର:** ସୁନ୍ଦରୀ ନଥିଲେ ପ୍ରିୟଙ୍କା, **ଚଳଚ୍ଚିତ୍ର:** ବିଜଲାନିଙ୍କ ପାର୍ଟିରେ ସଲମାନ
**ଖେଳ:** ଅଟକିଲା ବାଜ୍‌ବଲ୍, ସୁଶୀଲଙ୍କୁ ଆଶ୍ୱସ୍ତି
**ମୀନାବଜାର:** ମୀନାବଜାର: ଗୁରୁଭକ୍ତ ରାମଶର୍ମା **ଚର୍ଚ୍ଚାରେ :** ୨୦୨୫ କ୍ୟାଲେଣ୍ଡର ସହ ମିଶୁଛି ୧୯୪୧ ମସିହା **ବିଜ୍ଞାନ:** ସ୍ମାର୍ଟ ଟିଭି ସ୍କ୍ରିନକୁ ସଫା କରୁଥିଲେ ସାବଧାନ! **ପର୍ଯ୍ୟଟନ:** ହସ୍ରଲିଙ୍ଗର ପବିତ୍ରସ୍ଥଳ, **ସତନ୍ତ୍ର ପ୍ରସଙ୍ଗ:** ଅନୁଶାସନ ପାଇଁ ଚେତାବନୀ, **ଆଞ୍ଚଳିକ:** କେମିତି ହେବ ବନ୍ୟା ମୁକାବିଲା ?, **ଧର୍ମ:** ଶୁଭମୟ ଶ୍ରାବଣ, **କବିତା:** ଝରିଲା ପାଣି, **ଜାଣନ୍ତି କି ? :** ଜୀବନ ହେଲାଣି ପ୍ଲାଷ୍ଟିକ୍ **ସାସ୍ଥ୍ୟ:** ଡାଲଚିନି ପାଣିର ବ୍ୟବହାର ଏତଦ୍‌ବ୍ୟତୀତ ଆହୁରି ଅନେକ ଉପାଦେୟ ବିଷୟ ଏଥିରେ ଅଛି।

**ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ**


# ଇତିହାସ ରଚିଲେ ଯଶସ୍ୱୀ ଜୟସ୍ୱାଲ



ମାଞ୍ଚେଷ୍ଟର : ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ଚତୁର୍ଥ ମ୍ୟାଚ ଖେଳାଯାଉଛି। ଏହି ମ୍ୟାଚ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଅନୁଷ୍ଠିତ ହେଉଛି। ଏହି ମ୍ୟାଚରେ ଭାରତୀୟ ବ୍ୟାଟ୍ସମ୍ୟାନ ଯଶସ୍ୱୀ ଜୟସ୍ୱାଲ ଇତିହାସ ସୃଷ୍ଟି କରିଛନ୍ତି। ଜୟସ୍ୱାଲ ଏକ ଚମତ୍କାର ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହା ସହିତ ଜୟସ୍ୱାଲ ମାଞ୍ଚେଷ୍ଟର ଗ୍ରାଉଣ୍ଡରେ ଅର୍ଦ୍ଧଶତକ ହାସଲ କରିବାରେ ୫୧ ବର୍ଷ ପରେ ପ୍ରଥମ ଭାରତୀୟ ଓପନର ହୋଇଥିଲେ। ଜୟସ୍ୱାଲଙ୍କ ପୂର୍ବରୁ, ୧୯୭୪ ମସିହାରେ ସୁନୀଲ ଗାଭାସ୍କର ମାଞ୍ଚେଷ୍ଟର ଗ୍ରାଉଣ୍ଡରେ ୫୦ କିମ୍ବା ତା' ଠାରୁ ଅଧିକ ରନ କରିଥିଲେ।

ଜୟସ୍ୱାଲ ଲର୍ଡସ ଟେଷ୍ଟରେ ବିଶେଷ କିଛି କରିପାରି ନ ଥିଲେ। ଏହି ମ୍ୟାଚ୍‌ରେ ଜୟସ୍ୱାଲ ପ୍ରଶଂସକମାନଙ୍କୁ ନିରାଶ କରି ନ ଥିଲେ। ଜୟସ୍ୱାଲ ତାଙ୍କ ଟେଷ୍ଟ କ୍ୟାରିୟରର ୧୨ତମ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୫୮ ରନର ଇନିଂସ ଖେଳିଥିଲେ। ଏହି ଇନିଂସରେ ଜୟସ୍ୱାଲ ୧୦ ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ଏହି ଇନିଂସ ସହିତ ଜୟସ୍ୱାଲ ୫୧ ବର୍ଷର ମରୁଡ଼ିର ଅନ୍ତ ଘଟାଇଛନ୍ତି। ଜୟସଓ୍ୱାଲ ୫୧ ବର୍ଷ ମଧ୍ୟରେ ମାଞ୍ଚେଷ୍ଟର ଗ୍ରାଉଣ୍ଡରେ ଅର୍ଦ୍ଧଶତକ ହାସଲ କରିଥିବା ପ୍ରଥମ ଭାରତୀୟ ଓପନର ହୋଇଥିଲେ। ଏହା ପୂର୍ବରୁ ଶେଷ ଥର ପାଇଁ ଗାଭାସ୍କର ୧୯୭୪ ମସିହାରେ ଏହି ସଫଳତା ପାଇଥିଲେ।

ଜୟସ୍ୱାଲ ୫୮ ରନର ଏକ ଇନିଂସ ସାହାଯ୍ୟରେ ଆଉ ଏକ ସଫଳତା ହାସଲ କରିଛନ୍ତି। ଜୟସ୍ୱାଲ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ମ୍ୟାଚରେ ୧୦୦୦ ରନଭ ପୂରଣ କରିଛନ୍ତି। ଜୟସ୍ୱାଲ ୯ଟି ଟେଷ୍ଟ ମ୍ୟାଚରେ ପ୍ରାୟ ୬୭ ହାରରେ ୧୦୦୩ ରନ କରିଛନ୍ତି। ଜୟସ୍ୱାଲ ଇଂଲଣ୍ଡ ବିପକ୍ଷରେ ୫ଟି ଅର୍ଦ୍ଧଶତକ ଏବଂ ତିନୋଟି ଶତକ ହାସଲ କରିଛନ୍ତି। ଜୟସ୍ୱାଲ ଏହି ସଫଳତା ହାସଲ କରିଥିବା କେବଳ ୨୦ ତମ ଭାରତୀୟ ବ୍ୟାଟସମ୍ୟାନ ହୋଇଛନ୍ତି। ସେହି ସମୟରେ, ଜୟସ୍ୱାଲ ଏପରି କରିବାରେ କେବଳ ଚତୁର୍ଥ ଭାରତୀୟ ଓପନର ହୋଇଛନ୍ତି। ଜୟସ୍ୱାଲ ମାତ୍ର ୧୬ ଇନିଂସରେ ଏହି ସଫଳତା ହାସଲ କରିଛନ୍ତି। କେବଳ ସଚିନ ତେନ୍ଦୁଲକର ଏବଂ ରାହୁଲ ଦ୍ରାବିଡ ଜୟସ୍ୱାଲଙ୍କଠାରୁ ଆଗରେ ଅଛନ୍ତି। ଦୁହେଁ ମାତ୍ର ୧୫ ଇନିଂସରେ ଇଂଲଣ୍ଡ ବିପକ୍ଷରେ ୧୦୦୦ ରନ ପୂରଣ କରିଥିଲେ।

# ପନ୍ତ ଅସୁସ୍ଥ: ଖେଳି ପାରିବେ ନାହିଁ ଟେଷ୍ଟ ସିରିଜ



ନୂଆଦିଲ୍ଲୀ: ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଚାଲିଥିବା ଚତୁର୍ଥ ଟେଷ୍ଟ ମ୍ୟାଚ୍ ସମୟରେ ଭାରତୀୟ ଦଳର ଷ୍ଟାର ୱିକେଟକିପର-ବ୍ୟାଟସମ୍ୟାନ୍ ରିଷଭ ପନ୍ତ ଆହତ ହେବାପରେ ଖେଳ ମଝିରୁ ତାଙ୍କୁ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା। ସମ୍ପ୍ରତି ଖବର ମିଳିଛି କି ରିଷଭ ପନ୍ତଙ୍କୁ ସୁସ୍ଥ ହେବା ପାଇଁ ଅତି କମରେ ୨ ମାସର ସମୟ ଲାଗିବ। ଏହାର ଅର୍ଥ ପନ୍ତ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ଟେଷ୍ଟ ସିରିଜରୁ ସମ୍ପୂର୍ଣ୍ଣ ଭାବେ ବାହାରି ଯାଇଛନ୍ତି।

ସୂଚନାଯୋଗ୍ୟ, ଭାରତୀୟ ଇନିଂସର ୬୮ତମ ଓଭରରେ ପନ୍ତ ଇଂଲଣ୍ଡର ଦ୍ରୁତ ବୋଲର କ୍ରିସ୍ ଓ୍ୱକ୍ସଙ୍କ ସାମ୍ନା କରି ରିଭର୍ସ-ସ୍ୱାଇପ୍ ଖେଳିବାକୁ ଚେଷ୍ଟା କରୁଥିବା ବେଳେ ବଲଟି ସିଧାସଳଖ ତାଙ୍କ ଜୋତାରେ ଆସି ବାଜିଥିଲା। ଏହି ଆଘାତ ପରେ ପନ୍ତଙ୍କ ଡାହାଣ

## ସୁସ୍ଥ ହେବାକୁ ଲାଗିବ ୨ ମାସରୁ ଅଧିକ ସମୟ

ଗୋଡ଼ରୁ ରକ୍ତ ବାହାରିବା ସହିତ ଫୁଲି ଯାଇଥିଲା। ସେ ଚାଲି ପାରି ନଥିଲେ। ଏହାପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନିଆଯାଇଥିଲା। ବିସିସିଆଇର ଏକ ସୂତ୍ରରୁ ପ୍ରକାଶ, 'ସ୍କାନ ରିପୋର୍ଟରେ ପନ୍ତଙ୍କ ଗୋଡ଼ରେ ଫ୍ରାକ୍ଚର ନିଶ୍ଚିତ ହୋଇଛି। ସେ ଛଅ ସପ୍ତାହ ପାଇଁ ପଡ଼ିଆରୁ ଦୂରରେ ରହିବେ। ପେନକିଲର ଖାଇବା ପରେ ସେ ପୁଣି ବ୍ୟାଟିଂ କରିପାରିବେ କି ନାହିଁ ତାହା ଦେଖିବାକୁ ଡାକ୍ତରୀ ଦଳ ଚେଷ୍ଟା କରୁଛନ୍ତି। ତଥାପି ପନ୍ତଙ୍କ ବ୍ୟାଟିଂର ସମ୍ଭାବନା ବହୁତ କମ୍ ଦେଖାଯାଉଛି।' ପନ୍ତ ଆହତ ହେବା ପରେ ପଞ୍ଚମ ଟେଷ୍ଟ ପାଇଁ ରିଷଭ ପନ୍ତଙ୍କ ସ୍ଥାନରେ ଇଶାନ କିଶନଙ୍କୁ ଦଳରେ ସାମିଲ କରାଯାଇପାରେ ବୋଲି କୁହାଯାଉଛି।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583